ଚତୁର୍ଥପାଠ ।

ପରିବର୍ଦ୍ଧିତ ଅଷ୍ଟମ ସଂସ୍କରଣ ।

ଶ୍ରୀ ସୀତାନାଥ ରାୟଙ୍କଦ୍ୱାରା ସଂକଳିତ ।

CHATURTHAPATH

OR

ORIA READER No. IV.

Enlarged Eight Edition.

Compiled and Published by S. RAY.

RAY PRESS,

CUTTACK.

1899.

Price 8 Annas, ମୂଲ୍ୟ ଅଠଅଣା ।

ସୂଚୀପତ୍ର ।

ଆର୍ଯ୍ୟମାନଙ୍କ ପ୍ରାଚୀନ ଅବସ୍ଥା ୧

ଉଷାବର୍ଣ୍ଣନା ୫

ସୌରଜଗତ ୭

ପୁରୀର ସମୁଦ୍ର ସନ୍ନିକଟ ମହୋଦଧି ତୀରରେ ପ୍ରଦୋଷ ବର୍ଣ୍ଣନା ୧୦

ଈଶ୍ୱରସ୍ତବ (ପ୍ରଥମପାଠ) ୧୨

ବର୍ଷା ୧୬

ସୂର୍ଯ୍ୟ ୨୨

ଚୋଡଗଙ୍ଗଦେବଙ୍କ ଶିବିର ବର୍ଣ୍ଣନା ୨୬

ମାତୃଗୁପ୍ତ ୨୮

ଚନ୍ଦ୍ରାଲୋକରେ କଟକ ସନ୍ନିକଟସ୍ଥ କାଠଯୋଡି ତୀର ୩୫

ବ୍ରହ୍ମାଣ୍ଡର ଅସୀମତ୍ୱ ୩୬

ଶରତ୍ ବର୍ଣ୍ଣନା ୪୩

ପର୍ଯ୍ୟଟନ ୪୮

ପୁଷ୍ପନଗରରେ ବସନ୍ତ ବର୍ଣ୍ଣନା ୫୦

ଈଶ୍ୱରସ୍ତବ (ଦ୍ୱିତୀୟପାଠ) ୫୨

ଗଙ୍ଗେଶ୍ୱର ଦେବଙ୍କ ଦରବାର ବର୍ଣ୍ଣନା ୫୬

ଫରାସି ରାଷ୍ଟ୍ରବିପ୍ଲବ ୬୦

କାଳ ସର୍ବଗ୍ରାସୀ ୬୯

ଅଲେକଜାଣ୍ଡରଙ୍କ ବାଲ୍ୟୋପାଖ୍ୟାନ ୬୩

ଅଦ୍ଭୁତ ପ୍ରଭୁଭକ୍ତି ଏବ ଆତ୍ମତ୍ୟାଗ ୬୫

ଔରଙ୍ଗଜେବଙ୍କ ଅନ୍ତିମ ଦଶା ୬୬

ମହାପ୍ରଭା ୬୯

ଚିଲିକାହ୍ରଦ ୭୮

ନିସ୍ୱାର୍ଥପରତା ୮୫

ତୃଣାବୃଗ ଓ ସତ୍ୟକଥନ ୮୯

ରକ୍ତବୀଜର ପରିଣାମ ୯୧

ରବର୍ଟ ବ୍ରୁସ ୯୪

ଈଶ୍ୱରସ୍ତବ (ତୃତୀୟପାଠ) ୯୬

ଚିଲିକାକୁ ଉଦ୍ଦେଶ୍ୟ କରି ଅନନ୍ତଶଯ୍ୟା ସମ୍ବନ୍ଧରେ ଉକ୍ତି ୧୦୩

ଦସ୍ୟୁ ଓ ଦିଗ୍ବିଜୟୀ ୧୦୪

ଭାରତୀୟ ପ୍ରାଚୀନ ଧର୍ମାଧିକରଣ ଓ ବ୍ୟବହାରଶାସ୍ତ୍ର ୧୦୬

ଶ୍ରୀକୃଷ୍ଣଙ୍କ ମୃତ୍ୟୁସମ୍ବାଦରେ ଯୁଧିଷ୍ଠିରଙ୍କ ଖେଦୋକ୍ତି ୧୧୦

କେନଡା ଏବଂ ପାରସ୍ୟଦେଶ ୧୧୩

ମହାନୁଭବର ପ୍ରତିହିଂସା ୧୧୫

ଦୁରାଶା ୧୨୦

ଗ୍ର ବଜାର ୧୨୬

ଋଷି ଓ ଅଲେକଜାଣ୍ଡର ୧୩୩

ଚତୁର୍ଥ ପାଠ ।

ଆର୍ଯ୍ୟମାନଙ୍କ ପ୍ରାଚୀନ ଅବସ୍ଥା ।

ପ୍ରାଚୀନ ଆର୍ଯ୍ୟଜାତି ମଧ୍ୟ-ଆସିଆର ଅଧିବାସୀ ଥିଲେ । ଏହି ଭୂଖଣ୍ଡର ଉତ୍ତର ଦିଗରେ ଖଟ୍ଟଲକମ୍ ପ୍ରଭୃତି ବାଲୁକାମୟ ମରୁଭୂମି, ପୂର୍ବ ଦିଗରେ କୈଲାସ ପର୍ବତ, ଦକ୍ଷିଣରେ ହିନ୍ଦୁକୁଶ, ଏବଂ ପଶ୍ଚିମ ଦିଗରେ କାସ୍ପିଅନ ସାଗର ବିସ୍ତୃତ । ଏହି ବିସ୍ତୃତ ପ୍ରଦେଶ ଆର୍ଯ୍ୟମାନଙ୍କ ଆଦିମ ବାସସ୍ଥାନ ଅଟେ । ହିନ୍ଦୁ, ଅଫଗାନ, ପାରସିକ, ଆରବ, ତୁର୍କ ପ୍ରଭୃତି ଆସିଆର ଅଧିବାସିମାନଙ୍କ; ଗ୍ରୀକ, ରୋମକ, ଫରାସି, ଜର୍ମାନ, ଇଂରାଜ ପ୍ରଭୃତି ଇଉରୋପୀୟମାନଙ୍କ; ଏବଂ ମୁର, ଆରବ ପ୍ରଭୃତି ଆଫ୍ରିକାର ଉତ୍ତରସ୍ଥଳ ନିବାସିମାନଙ୍କ ପୂର୍ବପୁରୁଷମାନେ ଅତି ପ୍ରାଚୀନକାଳରେ ମଧ୍ୟ-ଆସିଆର ଏହି ସମୁନ୍ନତ ମାଳଭୂମିରୁ ଭିନ୍ନ ଭିନ୍ନ ଦିଗକୁ ଯାଇ [illegible] ସ୍ୱତ୍ୱ ଅଧିକାରପୂର୍ବକ ଉପନିବେଶ ସ୍ଥାପନ କରିଥିଲେ ।

ସୁତରାଂ ଆର୍ଯ୍ୟମାନେ ବର୍ତ୍ତମାନ ଅନେକାନେକ ଜାତିର ଆଦର୍ଶସ୍ଥାନୀୟ ହେଲେହେଁ, ଆଦିମାବସ୍ଥାରେ ଏମାନେ ସେପରି ସଭ୍ୟ ନ ଥିଲେ । ଆଦିମ ଆର୍ଯ୍ୟମାନେ ମୃଗୟାଲବ୍ଧ ବନ୍ୟପଶୁମାଂସ ଭୋଜନ ଏବଂ ସୋମରସ ନାମକ ମଦିରା ପାନ କରୁଥିଲେ । ବନ୍ୟଜନ୍ତୁର ସମାଗମସ୍ଥାନ ପରିସ୍ତୃତ କ୍ଷେତ୍ରରେ ଆର୍ଯ୍ୟମାନେ ଦଳବଦ୍ଧ ହୋଇ ବାସ କରୁଥିଲେ । ଆର୍ଯ୍ୟମାନଙ୍କ ଏହି ପ୍ରଥମାବସ୍ଥାରେ କୌଣସି ପ୍ରକାର ଧର୍ମଭାବ ସେମାନଙ୍କ ହୃଦୟାଧିକାର କରି ନ ଥିଲା, କିମ୍ବା କୌଣସି ପ୍ରକାର ଦେବାର୍ଚ୍ଚନା ସେମାନଙ୍କ ମଧ୍ୟରେ ପ୍ରଚଳିତ ହୋଇ ନ ଥିଲା । ଆଦିମ

ସୂଚୀପତ୍ର ।

ଆର୍ଯ୍ୟମାନଙ୍କ ପ୍ରାଚୀନ ଅବସ୍ଥା	୧
ଉଷାବର୍ଣ୍ଣନା	୫
ସୌରଜଗତ	୭
ପୁରୀର ସମୁଦ୍ର ସନ୍ନିକଟ ମହୋଦଧି ତୀରରେ ପ୍ରଦୋଷ ବର୍ଣ୍ଣନା	୧୦
ଜୀବନୋତ୍ସବ (ପ୍ରଥମପାଠ)	୧୨
ବର୍ଷା	୧୭
ସୂର୍ଯ୍ୟ	୨୨
ଶ୍ୱେତଗଙ୍ଗଦେବଙ୍କ ମନ୍ଦିର ବର୍ଣ୍ଣନା	୨୭
ମନ୍ତ୍ରଗୁପ୍ତ	୨୮
ଚନ୍ଦ୍ରାଲୋକରେ କଟକ ସନ୍ନିକଟସ୍ଥ କାଠଯୋଡ଼ି ତୀର	୩୫
ବ୍ରହ୍ମାଣ୍ଡର ଅସୀମତ୍ୱ	୩୭
ଶରତ୍ ବର୍ଣ୍ଣନା	୪୩
ପର୍ଯ୍ୟଟନ	୪୮
ପୁରୀନଗରରେ ବସନ୍ତ ବର୍ଣ୍ଣନା	୫୦
ଜୀବନୋତ୍ସବ (ଦ୍ୱିତୀୟପାଠ)	୫୨
ଗଙ୍ଗେଶ୍ୱର ଦେବଙ୍କ ବିଭବ ବର୍ଣ୍ଣନା	୫୬
ପଶ୍ଚିମ ସମୁଦ୍ରବକ୍ଷ	୬୦
କାଳ ସର୍ବଗ୍ରାସୀ	୬୫
ଅଲେକ୍ଜାଣ୍ଡରଙ୍କ ବାଲ୍ୟୋପାଖ୍ୟାନ	୭୩
ଅଦ୍ଭୁତ ପ୍ରଭୁଭକ୍ତି ଏବଂ ଆତ୍ମତ୍ୟାଗ	୭୪
ଔରଙ୍ଗଜେବଙ୍କ ଅନ୍ତିମ ପତ୍ର	୭୭
ମହାତ୍ମା	୭୯
ଚିଲିକାହ୍ରଦ	୨୮
ନିଃସ୍ୱାର୍ଥପରତା	୮୪
ବ୍ରଣାଙ୍କୁରଗ ଓ ସତ୍ୟକଥନ	୮୯
ରକ୍ତପାତର ପରିଣାମ	୯୧
ଚର୍ବ୍ବି ବାସ୍ତୁ	୯୪
ଜୀବନୋତ୍ସବ (ତୃତୀୟପାଠ)	୯୭
ଶ୍ରୀଲଙ୍କାରୁ ଉତ୍ଥିତ କରି ଅନନ୍ତଶଯ୍ୟା ସମ୍ମୁଖରେ ଉକ୍ତି	୧୦୩
ଦମ୍ଭ ଓ ଦାମ୍ଭିକତା	୧୦୪
ଭାରତୀୟ ପ୍ରାଚୀନ ଧର୍ମାଧିକରଣ ଓ ବ୍ୟବହାରଶାସ୍ତ୍ର	୧୦୭
ଶ୍ରୀକୃଷ୍ଣଙ୍କ ମୃତ୍ୟୁସମ୍ବାଦରେ ଯୁଧିଷ୍ଠିରଙ୍କ ଶୋକୋକ୍ତି	୧୧୦
କେନନ୍ୟୁଟ ଏବଂ ପାରିଷଦବର୍ଗ	୧୧୩
ମହାନୁଭବତା ପ୍ରତିହିଂସା	୧୧୫
ଦୁରାଶା	୧୨୦
ଗ୍ରୀକଜାତି	୧୨୨
ଋଷି ଓ ଆଲେକଜାଣ୍ଡର	୧୩୩

ଚତୁର୍ଥ ପାଠ ।

ଆର୍ଯ୍ୟମାନଙ୍କ ପ୍ରାଚୀନ ଅବସ୍ଥା ।

ପ୍ରାଚୀନ ଆର୍ଯ୍ୟଜାତି ମଧ୍ୟ-ଅସିଆର ଅଧିବାସୀ ଥିଲେ । ଏହି ଭୂଖଣ୍ଡର ଉତ୍ତର ଦିଗରେ କଜ୍ଜଲକମ୍ ପ୍ରଭୃତି ବାଲୁକାମୟ ମରୁଭୂମି, ପୂର୍ବ ଦିଗରେ କୈଲାସ ପର୍ବତ, ଦକ୍ଷିଣଦିଗରେ ହିନ୍ଦୁକୁଷ, ଏବଂ ପଶ୍ଚିମ ଦିଗରେ କାସ୍ପିଅନ ସାଗର ବିସ୍ତୃତ । ଏହି ବିସ୍ତୃତ ପ୍ରଦେଶ ଆର୍ଯ୍ୟମାନଙ୍କ ଆଦିମ ବାସସ୍ଥାନ ଅଟେ । ହିନ୍ଦୁ, ଅଫଗାନ, ପାରସିକ, ଆରବ, ତୁର୍କ ପ୍ରଭୃତି ଅସିଆର ଅଧିବାସିମାନଙ୍କ; ଗ୍ରୀକ, ରୋମକ, ଫରାସି, ଜର୍ମାନ, ଇଂରାଜ ପ୍ରଭୃତି ଇଉରୋପୀୟମାନଙ୍କ; ଏବଂ ମୁର, ଆରବ ପ୍ରଭୃତି ଆଫ୍ରିକାର ଉତ୍ତରାଞ୍ଚଳ ନିବାସିମାନଙ୍କ ପୂର୍ବପୁରୁଷମାନେ ଅତି ପ୍ରାଚୀନକାଳରେ ମଧ୍ୟ-ଅସିଆର ଏହି ସମୁନ୍ନତ ମାଳଭୂମିରୁ ଭିନ୍ନ ୨ ଦିଗକୁ ଯାତ୍ରା କରି ଭିନ୍ନ ୨ ରାଜ୍ୟ ଅଧିକାରପୂର୍ବକ ଉପନିବେଶ ସ୍ଥାପନ କରିଥିଲେ ।

ସୁତରାଂ ଆର୍ଯ୍ୟମାନେ ବର୍ତ୍ତମାନ ଅନ୍ୟାନ୍ୟ ଜାତିର ଆଦର୍ଶସ୍ଥାନୀୟ ହେଲେହେଁ, ଆଦିମାବସ୍ଥାରେ ଏମାନେ ସେପରି ସଭ୍ୟ ନ ଥିଲେ । ଆଦିମଆର୍ଯ୍ୟମାନେ ମୃଗୟାଲବ୍ଧ ବନ୍ୟପଶୁମାଂସ ଭୋଜନ ଏବଂ ସୋମରସ ନାମକ ମଦିରା ପାନ କରୁଥିଲେ । ବନ୍ୟଜନ୍ତୁର ସମାଗମସ୍ଥାନ ପରିବୃତ କ୍ଷେତ୍ରରେ ଆର୍ଯ୍ୟମାନେ ଦଳବଦ୍ଧ ହୋଇ ବାସ କରୁଥିଲେ । ଆର୍ଯ୍ୟମାନଙ୍କ ଏହି ପ୍ରଥମାବସ୍ଥାରେ କୌଣସି ପ୍ରକାର ଧର୍ମଭାବ ସେମାନଙ୍କ ହୃଦୟାଧିକାର କରି ନ ଥିଲା, କିମ୍ବା କୌଣସି ପ୍ରକାର ଦେବାର୍ଚ୍ଚନା ସେମାନଙ୍କ ମଧ୍ୟରେ ପ୍ରଚଳିତ ହୋଇ ନ ଥିଲା । ଆଦିମ

ଆର୍ଯ୍ୟମାନଙ୍କ ଏହି ବନ୍ୟଭାବ କ୍ରମଶଃ ତିରୋହିତ ହେଲା । ସେମାନେ ଆରଣ୍ୟ ପଶୁମାନଙ୍କୁ ବଶୀଭୂତ କରି ପାଳନ କରିବାକୁ ଶିକ୍ଷା କଲେ । ଭୂମିକର୍ଷଣରେ ଗବାଦି ପଶୁର ପ୍ରୟୋଜନ ହେବାରୁ ସେମାନେ ଯତ୍ନପୂର୍ବକ ଉକ୍ତ ପଶୁମାନଙ୍କ ରକ୍ଷଣାବେକ୍ଷଣ କଲେ । ଏହି ସମୟରୁ ଆର୍ଯ୍ୟମାନଙ୍କ ମଧ୍ୟରେ ଏକାଧିକ ଦାରପରିଗ୍ରହଣ ରୀତି ପ୍ରଚଳିତ ହେଲା । ଏହି ଦ୍ୱିତୀୟାବସ୍ଥାରେ ଆର୍ଯ୍ୟମାନେ ପରିବାରବଦ୍ଧ ହୋଇ ଶାନ୍ତିଭାବରେ କାଳାତିପାତ କରିବାରେ ପ୍ରବୃତ୍ତ ହେଲେ । ଏହି ସମୟରେ ଗବାଦି ପଶୁର ଚରଣଭୂମି ସେମାନଙ୍କ ରାଜ୍ୟ ଏବଂ ଗୃହପାଳିତ ପଶୁମାନ ସମ୍ପତ୍ତିରୂପେ ପରିଗଣିତ ହେଲା । ପ୍ରଥମାବସ୍ଥାର ମାଂସ ପରିବର୍ତ୍ତରେ ଦ୍ୱିତୀୟାବସ୍ଥାରେ ଦୁଗ୍ଧ ସେମାନଙ୍କ ପ୍ରଧାନ ପାନୀୟ ହେଲା । ଏହି ସମୟରୁ ସେମାନଙ୍କର ପ୍ରାକୃତିକ କାର୍ଯ୍ୟପ୍ରତି ମନୋନିବେଶ ହେବାର ଆରମ୍ଭ ହେଲା । ପୃଥିବୀ ଓ ଆକାଶର ବିଭିନ୍ନ ପରିବର୍ତ୍ତନ ଦେଖି ସ୍ୱୀୟ ସମ୍ପତ୍ତିର ରକ୍ଷଣାବେକ୍ଷଣରେ ସତର୍କ ହେଲେ, ଏବଂ ଚନ୍ଦ୍ର ସୂର୍ଯ୍ୟର ଗତିଦ୍ୱାରା କାଳ ନିରୂପଣ ଅଭ୍ୟାସ କଲେ । ଏହି ପଶୁପାଳକ ସମ୍ପ୍ରଦାୟ ମଧ୍ୟରେ ସମଧିକ ଧୀଶକ୍ତିସମ୍ପନ୍ନ ଏବଂ କ୍ଷମତାଶାଳୀ ବ୍ୟକ୍ତି ସ୍ୱୀୟ ବଳ ଉପରେ ପ୍ରାଧାନ୍ୟ ସ୍ଥାପନ କଲେ ।

ବନ୍ୟ ମୃଗୟାଜୀବୀ ଅବସ୍ଥାରୁ ଅପେକ୍ଷାକୃତ ଉନ୍ନତ ପଶୁପାଳକ ଅବସ୍ଥାକୁ ଉନ୍ନତି ଲଭି, ତଦନନ୍ତର ଆର୍ଯ୍ୟମାନେ ତଦପେକ୍ଷା ଉନ୍ନତତର କୃଷିବ୍ୟବସାୟ ଆରମ୍ଭ କଲେ । ଏହି ତୃତୀୟାବସ୍ଥାରେ ଦୁଗ୍ଧ ଓ ଗୋଧୂମ ସେମାନଙ୍କର ସର୍ବପ୍ରଧାନ ପାନୀୟ ଓ ଖାଦ୍ୟ ହୋଇ ଏବଂ କୃଷିକ୍ଷେତ୍ର ସ୍ଥାନୀୟ ସମ୍ପତ୍ତି ବୋଲି ପରିଗଣିତ ହେଲା । ଏହା ହେତୁରୁ ଆର୍ଯ୍ୟମାନେ ଆତ୍ମପ୍ରାଧାନ୍ୟ ଏବଂ ସମ୍ପତ୍ତିରକ୍ଷା ସକାଶେ କ୍ରମରେ ସାହସୀ ଓ ରଣନିପୁଣ ହେଲେ । ଏହି ସମୟରେ ଆଦିମ ଆର୍ଯ୍ୟଭୂମି କ୍ଷୁଦ୍ର୨ ରାଜ୍ୟରେ ବିଭକ୍ତ ହୋଇ ଏକ୨ ଜଣ ରାଜାଙ୍କ କର୍ତ୍ତୃତ୍ୱାଧୀନ ହେଲା । ଏହି ରାଜାମାନେ ସ୍ୱ୨ ରାଜ୍ୟର ମଙ୍ଗଳସାଧନ

ଉଦ୍ଦେଶ୍ୟରେ ସୈନ୍ୟରକ୍ଷା ଏବଂ ବର୍ତ୍ତମାନ ସ୍ଥାପନ କଲେ । ଏହି ସମୟରେ ଯୁଦ୍ଧସମ୍ବନ୍ଧୀୟ ଗୀତିକବିତା ରଚିତ ହେବାର ଆରମ୍ଭ ହେଲା । କବିମାନେ ସୈନ୍ୟମାନଙ୍କ ଯୁଦ୍ଧଯାତ୍ରା କାଳରେ ଉତ୍ତେଜକ ଗୀତିକବିତାମାନ ଆବୃତ୍ତି କରୁଥିଲେ । ପ୍ରଜାମାନେ ଯଥାନିୟମରେ ରାଜାଙ୍କୁ କର ପ୍ରଦାନ କରୁଥିଲେ । ଯତଗୁଡ଼ାମାନଙ୍କ ଜାତୀୟତା ମଧ୍ୟ ଏହି ସମୟରେ ଏମାନଙ୍କ ମଧ୍ୟରେ ପ୍ରଚଳିତ ହୋଇଥିଲା । ଏହାକୁ ଆର୍ଯ୍ୟମାନଙ୍କ ଚତୁର୍ଥାବସ୍ଥା କହନ୍ତି ।

ଚତୁର୍ଥାବସ୍ଥାରେ ଆର୍ଯ୍ୟମାନଙ୍କ ମଧ୍ୟରୁ ଅନେକେ ସମୁନ୍ନତ ହୋଇଥିଲେ ସତ୍ୟ, ମାତ୍ର କୌଣସି ସମ୍ପ୍ରଦାୟ ମୃଗୟାଜୀବିକା ଏବଂ ପଶୁପାଳନବୃତ୍ତି ପରିତ୍ୟାଗ କରି ନ ଥିଲେ । ମୃଗୟାଜୀବିମାନେ ବନ୍ୟପଶୁର ଅଭାବ ହେଲେ ଏବଂ ପଶୁପାଳକମାନେ ଚାରଣଭୂମିର ଅଭାବ ହେଲେ, ଏକସ୍ଥାନରୁ ସ୍ଥାନାନ୍ତରକୁ ଗମନ କରି ବାସ କରୁଥିଲେ । ଏଣୁ ଏହି ଉଭୟ ସମ୍ପ୍ରଦାୟର ସ୍ଥାୟୀ ଗୃହ କିମ୍ବା ନିର୍ଦ୍ଦିଷ୍ଟ ବାସସ୍ଥାନ ନ ଥିଲା । ଏମାନେ ସର୍ବଦା ଚର୍ମ କିମ୍ବା ବସ୍ତ୍ରାବାସରେ ବାସ କରୁଥିଲେ, ମାତ୍ର କୃଷିଜୀବିମାନଙ୍କ ଅବସ୍ଥା ସ୍ୱତନ୍ତ୍ର ଥିଲା । ସେମାନେ ଏକସ୍ଥାନରେ ରହି କୃଷିକାର୍ଯ୍ୟ ନିର୍ବାହ ଏବଂ ସ୍ଥାୟୀ ତୃଣଗୃହ ନିର୍ମାଣପୂର୍ବକ ବାସ କରୁଥିଲେ । ଅତଏବ ଏହି ସମ୍ପ୍ରଦାୟଠାରୁ ଏମାନଙ୍କ ଧର୍ମ ଓ ନୀତିଜ୍ଞାନ ଉନ୍ନତତର ଥିଲା । ଦେଶର ଅଭ୍ୟନ୍ତରିକ ଉନ୍ନତି ଏହି ସମ୍ପ୍ରଦାୟଠାରୁ ସୂତ୍ରପାତ ହେବାର ଆରମ୍ଭ ହେଲା ।

ଆର୍ଯ୍ୟମାନଙ୍କ ମଧ୍ୟରେ ବହୁବିବାହ ନିଷିଦ୍ଧ ନ ଥିଲା ପୂର୍ବେ ଉଲ୍ଲେଖ ହୋଇଅଛି । ସମସ୍ତେ ପରିବାରବଦ୍ଧ ହୋଇ ବାସ କରୁଥିଲେ । ସେମାନଙ୍କ ମଧ୍ୟରେ ଉତ୍ତରାଧିକାରିତ୍ୱ ଏବଂ ସମ୍ପତ୍ତି ରକ୍ଷାର ସୁବନ୍ଦୋବସ୍ତ ପ୍ରଚଳିତ ଥିଲା । କେହି ଉକ୍ତ ବିଧି ଲଙ୍ଘନ କଲେ ଦଣ୍ଡପ୍ରାପ୍ତ ହେଉଥିଲେ । ପରିବାର ରକ୍ଷାର ଭାର ପିତାଙ୍କ ଉପରେ, ସାଂସାରିକ କାର୍ଯ୍ୟର ଭାର ମାତାଙ୍କ ଉପରେ, ଏବଂ ଆବଶ୍ୟକୀୟ ଦ୍ରବ୍ୟାଦି ସଂଗ୍ରହ ଭାର

କନ୍ୟା ଉପରେ ନ୍ୟସ୍ତ ଥିଲା । ଗୃହକର୍ତ୍ତା ଭକ୍ତିଭାବରେ ଦେବାର୍ଚ୍ଚନା ଏବଂ ପୁରୋହିତର କାର୍ଯ୍ୟ ସମ୍ପାଦନ କରୁଥିଲେ । ପ୍ରାଚୀନ ଆର୍ଯ୍ୟ-ମାନେ ଶିଳ୍ପକାର୍ଯ୍ୟରେ ଅନଭିଜ୍ଞ ନ ଥିଲେ । ପଶୁଚର୍ମ ଓ ଲୋମରେ ବସ୍ତ୍ର ପ୍ରସ୍ତୁତ, ବ୍ୟବହାର୍ଯ୍ୟ ଅସ୍ତ୍ରଶସ୍ତ୍ର ନିର୍ମାଣ, ସ୍ୱର୍ଣ୍ଣ ରୌପ୍ୟାଦିର ଅଳ-ଙ୍କାର ଧାରଣ, ଏବଂ ତାମ୍ର ଓ ଲୌହାଦି ନିର୍ମିତ ଧାତୁପାତ୍ର ବ୍ୟବହାର କରୁଥିଲେ ।

ପ୍ରାଚୀନ ଆର୍ଯ୍ୟମାନଙ୍କ ସମ୍ପ୍ରଦାୟ ଅନୁସାରେ ଖାଦ୍ୟ ମଧ୍ୟ ଭିନ୍ନ ପ୍ରକାର ଥିଲା । ମୃଗୟାଜୀବିମାନେ ମାଂସାହାର କରୁଥିଲେ । ପଶୁପା-ଳକ ଓ କୃଷିଜୀବିମାନେ କେବଳ ମାଂସାହାର ନ କରି କ୍ଷେତ୍ରୋତ୍ପନ୍ନ ଶସ୍ୟ ଭୋଜନ ଓ ଗବାଦି ଜନ୍ତୁର ଦୁଗ୍ଧପାନ କରୁଥିଲେ । ସୋମରସ ମୃଗୟାଜୀବୀ ଏବଂ ପଶୁପାଳକମାନଙ୍କ ଅତ୍ୟନ୍ତ ଆଦରଣୀୟ ଥିଲା । ନମ୍ର ଏବଂ ମିତାଚାରୀ କୃଷିଜୀବିମାନେ ଅତ୍ୟଳ୍ପ ପରିମାଣରେ ସୋମରସ ପାନ କରୁଥିଲେ ।

ପ୍ରାଚୀନ ଆର୍ଯ୍ୟମାନେ କେଉଁ ସମୟ ପର୍ଯ୍ୟନ୍ତ ଏହି ଆଦିମସ୍ଥାନରେ ଏକତ୍ର ବାସ କରିଥିଲେ, କିମ୍ବା କେଉଁ ସମୟରେ ପରସ୍ପର ବିଚ୍ଛିନ୍ନ ହୋଇ ଦେଶାନ୍ତରରେ ଉପନିବେଶ ସ୍ଥାପନ କଲେ ତାହା ନିର୍ଣ୍ଣୟ କରିବା ଦୁଃସାଧ୍ୟ ଅଟେ । ବୋଧହୁଏ ଅଧିବାସିସଂଖ୍ୟା ବୃଦ୍ଧି, କୃଷି କ୍ଷେତ୍ରର ଅଭାବ, ଏବଂ ସମ୍ପ୍ରଦାୟବିଶେଷର ଧର୍ମସମ୍ବନ୍ଧୀୟ ମତାନୈକ୍ୟ ହେତୁ ସେମାନେ ମଧ୍ୟ-ଆସିଆର ଜନ୍ମଭୂମି ପରିତ୍ୟାଗ କରି ଦେଶାନ୍ତରକୁ ଗମନ କରିଥିଲେ ।



ଉଷା ବର୍ଣ୍ଣନା ।

କୁକ୍କୁଟପକ୍ଷୀର ପବିତ୍ର ନିସ୍ୱନ,
ଜଗତେ ଦୂରନ୍ତ ଉଷା ଆଗମନ ।
କ୍ରମେ କ୍ରମେ ହେଲେ ଚନ୍ଦ୍ରମା ନିଷ୍ପ୍ରଭ,
ଉଷାସ୍ପର୍ଶେ ରକ୍ତ ହେଲ ପ୍ରାଚୀନଭ ।
ଗଙ୍ଗାଙ୍କ ପ୍ରବାହ ଯଥା ସିନ୍ଧୁଜଳେ,
ଉଜ୍ଜ୍ୱଳ ପ୍ରଭା ନୀଳ ନଭସ୍ଥଳେ ।
ନୀଳକାନ୍ତିବ୍ୟୋମ ଅନ୍ତସ୍ଥଳେ ଝଳ,
ବିସ୍ତରିଲ ବିମ୍ବ ଯେସ୍ତେ ଅରାବଳୀ ।
କୁଅଟସ୍କ ଉତ୍ସି ମଧ୍ୟେ ବିସ୍ତରିତା,
ପ୍ରାଚୀ କରନ୍ତି କି ସମାନନ୍ଦୀ ଚିତା ।
କୁମ୍ଭାଟୁଆ ଖଗ ପ୍ରଭାତଗଗରା
ତଙ୍କେ ବଜାଇଲ କାହଳ-ନାଗରା;
ବସିଲେ ଶାଖାରେ କୁକ୍କୁଟ, କୌଶିକ,
ଚଷାପୁଏ* ମେଳ ଉଷାଭୌର୍ଯ୍ୟବିକ ।



* ଚଷାପୁଅ—ପକ୍ଷୀବିଶେଷ ।

ସୌରଜଗତ ।

ସୂର୍ଯ୍ୟ, ଗ୍ରହ, ଉପଗ୍ରହ, ଧୂମକେତୁ ପ୍ରଭୃତି ସୌରଜଗତର ଅନ୍ତର୍ଗତ ଅଟେ । ସୂର୍ଯ୍ୟ ସୌରଜଗତର କେନ୍ଦ୍ରସ୍ଥାନରେ ଅବସ୍ଥିତ । ସୌରଜଗତରେ କେତେ ଗ୍ରହ, ଉପଗ୍ରହ ଏବଂ ଧୂମକେତୁ ଅଛି ତାହା ଏପର୍ଯ୍ୟନ୍ତ ନିର୍ଣ୍ଣୀତ ହୋଇ ନାହିଁ । ଆଜିପର୍ଯ୍ୟନ୍ତ ପ୍ରଥମ ଏବଂ ନିମ୍ନଶ୍ରେଣୀର ଯେତେ ଗ୍ରହ ଆବିଷ୍କୃତ ହୋଇଅଛି ସେମାନଙ୍କ ସଂଖ୍ୟା ତିନିଶତରୁ ଅଧିକ ଅଟେ । ପ୍ରଥମଶ୍ରେଣୀର ଗ୍ରହମାନଙ୍କ ମଧ୍ୟରେ ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ଉରେନସ୍, ନେପଚ୍ୟୁନ ପ୍ରଧାନ ଏମାନଙ୍କ ମଧ୍ୟରେ ବୁଧଗ୍ରହ ସର୍ବାପେକ୍ଷା ସୂର୍ଯ୍ୟର ନିକଟବର୍ତ୍ତୀ ଏବଂ ନେପଚ୍ୟୁନ ସର୍ବାପେକ୍ଷା ଦୂରବର୍ତ୍ତୀ । ଏହି ଗ୍ରହମାନେ ସୂର୍ଯ୍ୟର ଚତୁର୍ଦ୍ଦିଗରେ ପରିଭ୍ରମଣ କରୁଅଛନ୍ତି ।

ବୁଧଗ୍ରହ ସୂର୍ଯ୍ୟଠାରୁ ତିନିକୋଟି ପଚାଶଲକ୍ଷ ମାଇଲ ଦୂରରେ ଅବସ୍ଥିତ । ବୁଧଗ୍ରହଠାରୁ ପୃଥିବୀ ୧୭ ଗୁଣ ବୃହତ୍ତର ଅଟେ । ବୁଧଗ୍ରହ ତିନିମାସରେ ଥରେ ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରେ । ବୁଧଗ୍ରହର ଏକ ସୌରବର୍ଷ ଆମ୍ଭମାନଙ୍କ ତିନିମାସ ସଙ୍ଗେ ସମାନ ଅଟେ ।

ଚନ୍ଦ୍ର ବ୍ୟତୀତ ଜ୍ୟୋତିଷ୍କମାନଙ୍କ ମଧ୍ୟରେ ଶୁକ୍ରଗ୍ରହ ସର୍ବାପେକ୍ଷା ଆମ୍ଭମାନଙ୍କ ନିକଟବର୍ତ୍ତୀ ଅଟେ । ସୂର୍ଯ୍ୟଠାରୁ ଶୁକ୍ରର ଦୂରତ୍ୱ ୬କୋଟି ୬୦ ଲକ୍ଷ ମାଇଲ ଅଟେ । ଆମ୍ଭମାନଙ୍କ ୭ ମାସ ୧୫ ଦିନରେ ଶୁକ୍ରଗ୍ରହର ଏକବର୍ଷ ହୁଏ, ଅର୍ଥାତ୍ ଏହି ସମୟରେ ଶୁକ୍ରଗ୍ରହ ଥରେ ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରେ ।

ପୃଥିବୀ ସୂର୍ଯ୍ୟଠାରୁ ୯ କୋଟି ୨୦ ଲକ୍ଷ ମାଇଲ ଦୂରରେ ଅବସ୍ଥିତ । ପୃଥିବୀର ବ୍ୟାସ ୭୯୧୨ ମାଇଲ ଏବଂ ପରିଧି ୨୪୮୫୬ ମାଇଲ ଅଟେ । ପୃଥିବୀ ସ୍ୱୀୟ କକ୍ଷରେ ପରିଭ୍ରମଣ କରି ୩୬୫ ଦିନ ୬ଘଣ୍ଟାରେ ସୂର୍ଯ୍ୟଙ୍କୁ ଥରେ ପ୍ରଦକ୍ଷିଣ କରେ; ଏହାକୁ ଏକ ସୌରବର୍ଷ କହନ୍ତି ।

ପୃଥିବୀର ଏହି ଗତିର ନାମ ବାର୍ଷିକ ଗତି । ପୃଥିବୀର ଏହି ବାର୍ଷିକ ଗତି ହେତୁ ଋତୁପରିବର୍ତ୍ତନ ହୁଏ । ପୃଥିବୀ ସ୍ୱୀୟ କକ୍ଷରେ ଭ୍ରମଣ କରୁ କରୁ ୨୪ ଘଣ୍ଟାରେ ସ୍ୱୀୟ ମେରୁଦଣ୍ଡ ଉପରେ ଥରେ ଆବର୍ତ୍ତନ କରେ । ପୃଥିବୀର ଏହି ଗତିକୁ ଦୈନିକ ଗତି କହନ୍ତି । ଚନ୍ଦ୍ର ପୃଥିବୀର ଏକମାତ୍ର ଉପଗ୍ରହ ଅଟେ । ପୃଥିବୀ ଚନ୍ଦ୍ରଠାରୁ ପ୍ରାୟ ୫୦ ଗୁଣ ବୃହତ୍ତର । ପୃଥିବୀରୁ ଚନ୍ଦ୍ରର ଦୂରତ୍ୱ ୨ ଲକ୍ଷ ୫୦ ସହସ୍ର ମାଇଲ ଅଟେ ।

ଉପଗ୍ରହମାନେ ଗ୍ରହମାନଙ୍କୁ ପ୍ରଦକ୍ଷିଣ କରନ୍ତି । ସବୁ ଗ୍ରହର ଉପଗ୍ରହ ନାହିଁ । ବୃହସ୍ପତିର ଚାରିଗୋଟି, ଶନିର ଆଠଗୋଟି, ଉରେନସର ଚାରିଗୋଟି, ଏବଂ ନେପଚ୍ୟୁନର ଗୋଟିଏ, ମଙ୍ଗଳର ଦୁଇଗୋଟି ଉପଗ୍ରହ ଅଦ୍ୟ ପର୍ଯ୍ୟନ୍ତ ଆବିଷ୍କୃତ ହୋଇଅଛି । ଉପଗ୍ରହମାନଙ୍କର ସ୍ୱୀୟ ଆଲୋକ ନାହିଁ, ସୂର୍ଯ୍ୟକିରଣଦ୍ୱାରା ଗ୍ରହ ଏବଂ ଉପଗ୍ରହମାନେ ଆଲୋକିତ ହୁଅନ୍ତି ।

ମଙ୍ଗଳଗ୍ରହର ଆକୃତି ପୃଥିବୀର ଆକୃତିର ଏକ ଅଷ୍ଟମାଂଶ ଅଟେ । ଏହାର ଉପଗ୍ରହଦ୍ୱୟ ଅତ୍ୟନ୍ତ କ୍ଷୁଦ୍ର ଅଟେ ।

ସୌରଜଗତରେ ଯେତେ ଗ୍ରହ ଅଛି ତନ୍ମଧ୍ୟରେ ବୃହସ୍ପତି ସର୍ବାପେକ୍ଷା ବୃହତ୍ତମ । ସୂର୍ଯ୍ୟଠାରୁ ଏହା ୨୩ କୋଟି ୭୫ ଲକ୍ଷ କ୍ରୋଶ ଦୂରରେ ଅବସ୍ଥିତ । ପ୍ରତିମିନିଟରେ ଏହି ଗ୍ରହ ସ୍ୱୀୟ କକ୍ଷରେ ୨୫୦ କ୍ରୋଶ ଭ୍ରମଣ କରେ । ବୃହସ୍ପତିର ଦିନକ ଆମ୍ଭମାନଙ୍କ ଦଶଘଣ୍ଟା ସଙ୍ଗେ ସମାନ ଅଟେ । ଦଶ ହଜାର ଦିନରେ ଏହାର ଏକବର୍ଷ ହୁଏ । ବୃହସ୍ପତିର ବର୍ଷକ ଆମ୍ଭମାନଙ୍କର ବାରବର୍ଷ ସଙ୍ଗେ ସମାନ ଅଟେ । ଏହାର ବ୍ୟାସ ୪୪୦୦୦ କ୍ରୋଶ । ସୌରଜଗତରେ ଯେତେ ଗ୍ରହ ଅଛନ୍ତି, ସମସ୍ତଙ୍କୁ ଏକତ୍ରିତ କଲେ ଯେତେ ବଡ଼ ହେବ, ବୃହସ୍ପତିର ଆକାର ତାହାଠାରୁ ବୃହତ୍ତର ଅଟେ । ପୃଥିବୀଠାରୁ ଚନ୍ଦ୍ର ଯେତେ ଦୂରରେ ଅବସ୍ଥିତ, ବୃହସ୍ପତି ତେତେ ଦୂରରେ ଅବସ୍ଥିତ ଥିଲେ

ଚନ୍ଦ୍ରଠାରୁ ଏହା ୧୬୦୦ ଗୁଣ ବୃହତ୍ତର ଦୃଷ୍ଟ ହୁଅନ୍ତା । ବୃହସ୍ପତି ପୃଥିବୀ ଅପେକ୍ଷା ୧୩୦୦ ଗୁଣ ବୃହତ୍ତର ଅଟେ ।

ଶନିଗ୍ରହ ସୂର୍ଯ୍ୟଠାରୁ ୪୭ କୋଟି ୬୦ ଲକ୍ଷ କ୍ରୋଶ ଦୂରରେ ଅବସ୍ଥିତ । ପ୍ରତିଘଣ୍ଟାରେ ଏହା ସ୍ୱୀୟ କକ୍ଷରେ ୧୦୫୦୦ କ୍ରୋଶ ଭ୍ରମଣ କରେ । ଏହାର ଦିନକ ଆମ୍ଭମାନଙ୍କ ୧୦ ଘଣ୍ଟା ୩୦ ମିନିଟ ସଙ୍ଗେ ତୁଲ୍ୟ ଅଟେ । ୨୫୦୯୦ ଦିନରେ ଏହାର ବର୍ଷେ ହୁଏ । ଏହାର ବର୍ଷକ ଆମ୍ଭମାନଙ୍କ ୩୦ ବର୍ଷ ସଙ୍ଗେ ସମାନ । ଶନିଗ୍ରହର ବ୍ୟାସ ୩୬ ସହସ୍ର କ୍ରୋଶ । ଶନି ପୃଥିବୀ ଅପେକ୍ଷା ୭୫୦ ଗୁଣ ବୃହତ୍ତର ଅଟେ । ପୃଥିବୀରେ ଯେତେ ସୂର୍ଯ୍ୟାଲୋକ ପତିତ ହୁଏ, ଶନିଗ୍ରହରେ ତାହାର ୯୦ ଭାଗର ଏକାଂଶ ପତିତ ହୁଏ । ଶନିଗ୍ରହର ଚତୁର୍ଦ୍ଦିଗରେ ଚକ୍ରାକାର ତିନିଗୋଟି ଅଙ୍ଗୁରୀୟତୁଲ୍ୟ ରେଖା ଅଛି । ଏହାର ୮ ଗୋଟି ଚନ୍ଦ୍ର ମଧ୍ୟରେ ବୃହତ୍ତମ ଚନ୍ଦ୍ର ମଙ୍ଗଳଗ୍ରହଠାରୁ ବୃହତ୍ତର ।

ଉରେନସ୍ ସୂର୍ଯ୍ୟଠାରୁ ୧୭୫ କୋଟି ମାଇଲ ଦୂରରେ ଅବସ୍ଥିତ । ଏହାର ଆକୃତି ପୃଥିବୀର ଆକୃତି ଅପେକ୍ଷା ୭୦ ଗୁଣ ବୃହତ୍ତର ଅଟେ । ଆମ୍ଭମାନଙ୍କ ୮୪ ବର୍ଷରେ ଏହାର ଏକବର୍ଷ ହୁଏ ଅର୍ଥାତ୍ ଆମ୍ଭମାନଙ୍କ ୮୪ ବର୍ଷରେ ଉରେନସ୍ ଥରେ ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରେ ।

ନେପଚ୍ୟୁନ ସୂର୍ଯ୍ୟର ଦୂରତମ ଗ୍ରହ । ଏହା ସୂର୍ଯ୍ୟଠାରୁ ୧ ଶହ ୩୭ କୋଟି ୫୦ ଲକ୍ଷ କ୍ରୋଶ ଦୂରରେ ଅବସ୍ଥିତ । ନେପଚ୍ୟୁନର ବର୍ଷକ ଆମ୍ଭମାନଙ୍କ ୧୬୫ ବର୍ଷ ସଙ୍ଗେ ସମାନ ଅଟେ । ସ୍ୱୀୟ କକ୍ଷରେ ନେପଚ୍ୟୁନ ପ୍ରତିଘଣ୍ଟାରେ ୬୦୦୦ କ୍ରୋଶ ଭ୍ରମଣ କରେ । ଏହି ଗ୍ରହର ବ୍ୟାସ ୧୮୫୦୦ କ୍ରୋଶ । ପୃଥିବୀଠାରୁ ଏହା ପ୍ରାୟ ୧୦୮ ଗୁଣ ବୃହତ୍ତର ଅଟେ । ପୃଥିବୀରେ ପତିତ ସୂର୍ଯ୍ୟାଲୋକର ସହସ୍ରାଂଶର ଏକାଂଶ ନେପଚ୍ୟୁନରେ ପତିତ ହୁଏ । ନେପଚ୍ୟୁନର ଚନ୍ଦ୍ର ଛଅ ଦିନରେ ଏହାକୁ ପ୍ରଦକ୍ଷିଣ କରେ ।

ଗ୍ରହ ଉପଗ୍ରହ ବ୍ୟତୀତ ସୌରଜଗତରେ ଧୂମକେତୁ ନାମକ କେତେଗୁଡ଼ିଏ ଜ୍ୟୋତିଷ୍କ ଅଛି । କୌଣସି ଧୂମକେତୁର ଏକ ପୁଚ୍ଛ, କୌଣସି ଧୂମକେତୁର ଦୁଇ ପୁଚ୍ଛ ଏବଂ କୌଣସି ଧୂମକେତୁର ଆଦୌ ପୁଚ୍ଛ ନାହିଁ । କୌଣସି ଧୂମକେତୁ ପୂର୍ବରୁ ପଶ୍ଚିମ ଦିଗକୁ, କୌଣସି ଧୂମକେତୁ ପଶ୍ଚିମରୁ ପୂର୍ବଦିଗକୁ ଭ୍ରମଣ କରେ । ଧୂମକେତୁ ଅତ୍ୟନ୍ତ ଲଘୁପଦାର୍ଥ, ଗ୍ରହ ପରି ଘନ ନୁହନ୍ତି । ଏମାନଙ୍କ ଶିରୋଭାଗ ସ୍ୱଚ୍ଛ ବାଷ୍ପରାଶିରେ ପରିବେଷ୍ଟିତ । ସୌରଜଗତରେ ଲକ୍ଷ ଲକ୍ଷ ଧୂମକେତୁ ପରିଭ୍ରମଣ କରୁଅଛନ୍ତି । କୌଣସି କୌଣସି ଧୂମକେତୁର ସୂର୍ଯ୍ୟକୁ ପ୍ରଦକ୍ଷିଣ କରିବାକୁ ସହସ୍ରାଧିକ ବର୍ଷ ଅତିବାହିତ ହୁଏ । କୌଣସି କୌଣସି ଧୂମକେତୁ ଏପରି ଦ୍ରୁତଗାମୀ ଯେ ଘଣ୍ଟାରେ ପ୍ରାୟ ତ୍ରିଶଲକ୍ଷ ମାଇଲ ଭ୍ରମଣ କରେ ।

ସୌରଜଗତରେ ଯେତେ ଗ୍ରହ ଉପଗ୍ରହାଦି ଅଛି ସୂର୍ଯ୍ୟ ସର୍ବାପେକ୍ଷା ବୃହତ୍ତମ । ଏହା ଏତେ ବୃହତ ଯେ ପୃଥିବୀ ତୁଲ୍ୟ ୧୨୫୦୦୦୦ ଗ୍ରହ ଏହା ଗର୍ଭମଧ୍ୟରେ ନିବିଷ୍ଟ ହୋଇପାରେ । ସୂର୍ଯ୍ୟର ଆକୃତି ସମୁଦାୟ ଗ୍ରହର ଏକତ୍ରୀକୃତ ଆକୃତିଠାରୁ ୭୦୦ ଗୁଣ ବଡ଼ହୋଇ ଅଛି । ଏହାର ବ୍ୟାସ ୮୬୬୦୦୦ ମାଇଲ । ସୂର୍ଯ୍ୟାଲୋକ ଏବଂ ଉତ୍ତାପର ୨୦୭ କୋଟି ଅଂଶର ଏକ ଅଂଶ ମାତ୍ର ପୃଥିବୀରେ ପତିତ ହୁଏ । ସୂର୍ଯ୍ୟମଣ୍ଡଳରେ ଉତ୍ତାପାତିଶଯ୍ୟ ହେତୁ ଏହାର ଉପାଦାନର ସମସ୍ତ ପଦାର୍ଥ ବାଷ୍ପାକାରରେ ଅବସ୍ଥିତ ।

ପୁଷ୍କର ସରହ୍ରଦ ସନ୍ନିକଟେ

ମନ୍ଦୋଦଧିଖଣ୍ଡରେ ପ୍ରଦୋଷ ବର୍ଣ୍ଣନା ।

ମଧୁର ପ୍ରଦୋଷ ସମୟ
ସ୍ୱର୍ଣ୍ଣ-କିରଣ ହେଲା,
କାଦମ୍ବିନୀ ଖେଳେ ଗଗନେ
ଧୀର ସମୀର ଖେଳା ।

ଗୋଧୂଳି-ଗଗନ ସୁରଞ୍ଜ
ଦିଶେ ଷଢବରଣେ,
ଖଚି ମନୋରଥ ଝଲକେ
ଯେସନ୍ତେ ଅଷ୍ଟା-ଭାଜନେ ।

କଳିଙ୍ଗାଚଲଭାସ୍କଂମଳ
ବାଲସ୍ମୃତର ସ୍ଥାୟୀ,
ଛାୟାବନାଳ ନିଦେଶି
କ୍ରମେ ବସ୍ତ୍ରେ ଢାୟୁ ।

ତରୁଣୀ-ଦର୍ପଣ ପଲ୍ଲବେ
ଝଳେ ସର ସଲିଳ,
ସୁବର୍ଣ୍ଣ-ଲିପ୍ସା କୃଜିଳ
ଭିଙ୍ଗି ମନ୍ଦ ଅନିଳ ।

ନୀଳ ପାଲ୍ଲବାର ଅଦୂରେ
ଗାଏ ଅମରଗୀତ,
ଅମରଭ୍ରମରଙ୍କ କର୍ଣ୍ଣେ
ହେଲା ସୁଏ ଧ୍ୱନିତ ।

ଶୁଭ୍ର-ଭାସ୍କର-ତେଜରେ
　　　　ଯେହ୍ନଚନ୍ଦ୍ର ଲକ୍ଷଣ,
ତହ୍ନେ ଚନ୍ଦ୍ରଚୂଡ଼* ଚରଣ
　　　　ସ୍ତରେ ସ୍ତରେ ସଜ୍ଜିତ ।
ନାନାଜାତି ପୁଷ୍ପଗନ୍ଧଗ
　　　　ଧୀରେ ଝୁରେ ସମୀର,
ଗୁଞ୍ଜକର ଯେନ କନ୍ଦୁକ—
　　　　କ୍ରୀଡ଼ା କରେ ଗମ୍ଭୀର ।
ଯୂଥ ଯୂଥ ହୋଇ ଭ୍ରମନ୍ତି
　　　　ନାନାରଙ୍ଗେ ହରିଣ,
ଭରଙ୍ଗ ଗୃହାଁ ଗୃହାନ୍ତି
　　　　ଗ୍ରହୁ ଗ୍ରୀବା ତୋଳଣ ।

* ମହାଦେବ ।

ଦେଖ କୋଟିଏ ନଦୀ ଦେଖ ଶିଖରେ,
ତ୍ରିବର୍ଣ୍ଣ-କେଶ୍ୟାଦି-ସ୍ରୋତ ଝୁଳି ଅମ୍ବରେ,
ମଣ୍ଡେ ଜିମୂତ-ଜାଲ ଶକ୍ର-କାର୍ମୁକ,
ଆଶା ଉଜ୍ଜଳେ ଯଥା ଆସ୍ତିକ-ମୂର୍ତ୍ତି ।

ଠାବେ ଠାବେ ଶଇଳ ନୀଳବସ୍ତ୍ରସ୍କନ୍ଧେ
ଧବଳ ଅଭ୍ରଖଣ୍ଡ ଏ ଶୋଭା ବନ୍ଧେ !
ରତ୍ନେ ନୂଅର ସ୍ତରେ ପଡ଼ିଛିଟିକ
କ୍ଷୀରୋଦ-ଫେଣ ବସ୍ତ୍ର ଅଙ୍ଗେ ଛୁଟିକ ।

ଜଳପ୍ରପାତ ଗର୍ଜି ଗମ୍ଭୀର ରବେ
ତୁଙ୍ଗ ଶୃଙ୍ଗରୁ ଡେଇଁ ପଡ଼େ ଭୈରବେ,
ସେ ସ୍ୱନେ ପ୍ରତିରାବ ଦିଅଇ ଦରୀ,
ଧର୍ମ୍ମଶାସନେ ହୁହୁଁ ବଦେକ ପର ।

ସହନ୍ତି ଧାରାପାତ ଶଇଳଗଣ,
ଖଳ ବଚନ ଯଥା ସହନ୍ତେ ସୁଜନ;
ଫିଟିଛି ଝର ବେଶ ଠାଙ୍ଗର ଅଙ୍ଗେ,
ପାଷଣ୍ଡେ ବନ୍ଧୁ-ପ୍ରେମ ଯଥା ସୁସଙ୍ଗେ ।

ଗଳନ୍ତି କୂଳ ଲଙ୍ଘି ଗିରି-ସରିତେ,
ମତ୍ତ ପାମର ଯଥା ଅଳପ ବିତ୍ତେ;
ଗୋଦାବରୀକି ସର୍ବେ କରନ୍ତି ଗତି,
ମହନ୍ତ ଆଶ୍ରା ବିନୁ କାହିଁ ମୁକତି ?

ଅଚଳ ନବଜଳ ପରଶି ମଞ୍ଜି,
ମାୟାରେ ଜୀବ ଯଥା ଜଡ଼ି ହୁଅଇ;
ନିରତେ ନୀର-ଧାରେ ପୂରନ୍ତ ସର,
ସାତ୍ତ୍ୱିକ-ଗୁଣେ ଯଥା ସାଧୁ ଅନ୍ତର !

ନିମ୍ନଗା-ନୀର ବେଗେ ସାଗରେ ଧାଏ,
ଶାଶ୍ୱତେ ଭକ୍ତ-ଜନ-ମନ ପଶ୍ଚେ; (୧)
ସାଗରେ ନିଜ ଗୋତ୍ର ଯାଏ ବିସ୍ମରି,
ଭକ୍ତ ଭଗବତ୍ତ୍ୱ ଯଥା ଲଭିଲେ ସ୍ମରି ।

ଲଂଘଇ ନଦୀସ୍ରୋତ ସେତୁବନ୍ଧନ,
ରାଜଦ୍ରୋହୀ ଯେସନ ରାଜଶାସନ;
ବନ୍ଧି ଯାଉଛି ବାଉ ବେଢି ଜଆଡ଼ି,
ମର୍ଯ୍ୟାଦା ଲଙ୍ଘେ ଯଥା ସ୍ୱତନ୍ତ୍ର ନାରୀ।

ଦର୍ଦ୍ଦୁର ରବ ଶୁଣି ନୀରବ ପିକ,
ମୂଢ଼ସଭାରେ ମୂକ ଯଥା ଧାର୍ମିକ;
ଡାହୁକ ବଣ-କୁଞ୍ଜେ ନାଚନ୍ତି ରାବେ,
ବନ୍ଧୁଦ୍ୱେଷୀ ଯେସନେ ଜନ୍ମେ ସ୍ୱଭାବେ ।

ହରିତ ଦୂର୍ବାଦଳେ ହୋଇ ମଣ୍ଡନ,
ଜବାପୁଷ୍ପ ମଣ୍ଡି ବିଶେ ଯତନ,
ପରସ ପ୍ରାପ୍ତ ହୃଦ ହୁଏ ଯେପରି
ଶୁଷ୍କବୈରାଗ୍ୟ ଭକ୍ତିରସ ସଞ୍ଚରି !

ପଲ୍ଲବ ଜଅଁଳିଲା ବୃକ୍ଷେ ଅନେକ,
ସାଧକ-ହୃଦେ ଯଥା ଉଦେ ବିବେକ;
ଅର୍କ ପାଦପ ହେଲା ପତ୍ରବିହୀନ,
ସୌରାଜ୍ୟେ ଖଳେ ଯଥା ହୁଅନ୍ତି ଦୀନ ।

କଦମ୍ବ ବିକଶିଲା ଗିରି-କାନନେ
କଦମ୍ବବନ୍ଧୁ ମେଘ ମନ୍ଦ୍ର ନିସ୍ୱନେ,

---

(୧) ଶାଶ୍ୱତେ—ଭଗବାନଙ୍କ ପ୍ରତି ।

ଭକତଭବନ୍ତି ହରି ନାମ କୀର୍ତ୍ତନ
ହର୍ଷେ ପୁଲକେ ଯଥା ଭକତ ତନୁ

ତୃଣଗଣ୍ଡଳେ ପଥ ଗଲାଟି ହଜ ,
ବଧର୍ମି-ଗ୍ରନ୍ଥପଠଣେ ଶାସ୍ତ୍ର ଯେପଟ ;
ଷଟପଦ ବସୁଧା ହେଉଛେ ଶୋଭା-ପ୍ରଦ !
ଉପକାରି-ଜନର ଯେସନେ ସମ୍ପଦ .

ଉଡେଇ ଗଲେ ନଦୀଁ ଖେଦାଡିବିଚାରଣ,
ଯେପାଡି ଦେଖାଇ ହେଲେ ଖେଦାଡିରିଙ୍ଗଣ,
ନର୍ତ୍ତନ୍ତକେ ଯେସନ ବଢେ ଆଦର
ନର୍ତ୍ତନେ, ଗୁଣୀଜନେ ହୁଅନ୍ତ ପର !

କୃଷକେ ଉପାଡନ୍ତି ବାଳୁଙ୍କା ଝେରୁଁ,
ସାଧୁ ଯେସନ ଅସ୍-ବଞ୍ଚିମା ଠରୁଁ;
ଧନ୍ୟିକୁଁ ଦୋଷରେ ଖୋଜେ ହୃଦୟେ,
ଅହଙ୍କାରୀ ସ୍ରଜ୍ଞ ଯଥା ପଣ୍ଡିତେ ।

ନ ତଟେ ନୀର-ଦେବୀ ଭୂଣ ଉପରେ,
ବଜାରେ ନାମ ଧ୍ୟାନେ ଯତ୍ନ-ଅନ୍ତରେ;
ଜନ୍ତୁ-ସଂକୁଳ ବନସ୍ଥଳୀ ସମ୍ପ୍ରତି,
ପୌରଜନେ ପ୍ରଜା-ପୂର୍ଣ୍ଣ ରାଷ୍ଟ୍ର ଯେମତି ।

ବ ଟେ ଇ ଠାବେ ଠାବେ ଅଛନ୍ତି ରହେ,
ଇନ୍ଦ୍ରିୟ ଯଥା ବିବେ-ଜ୍ଞାନ ଉଦୟେ;
ପ୍ରବଳବାୟୁ ହେବେ ଉଡେ ଜଳଦ,
କୁପୁତ୍ର ଯଥା କୁଳଧର୍ମ, ସମ୍ପଦ ।

କ୍ଷଣେ ନିବିଡ଼-ତମ ଗ୍ରାସଇ ଧରା,
କ୍ଷଣେ ଉପୁଜଇ ପୁଣି ପ୍ରଚଣ୍ଡ ଖରା;
ମୂଢ଼ଙ୍କ ଏହିପରି ସୁଜ୍ଞାନ ନାଶେ,
ସୁଧୀଙ୍କ ଏହିପରି ଜ୍ଞାନ ପ୍ରକାଶେ ।
ଦେଖ ମଳିନ ହେ'ଉ ଆଶ୍ରମ-ତରୁ
ନ ବହେ ଦୂରେ ଛୁଟି ଖର ପବନରୁ,
ମଳିନ କଳୁଷିତ ହେଲେ ଯେସନେ
ଅଧମ ଜନେ ପର ତୃଣ ଗ୍ରହଣେ ।
ଦେଖ ଦେଖ ଅଗ୍ରତେ ସରସୀକୂଳେ
ଚଢ଼ି ମଣ୍ଡୂକ କରୁ ଅଟ୍ଟ-ରବରେ
ସକଳେ ଘଣ୍ଟି ଘଣ୍ଟି, ଉଚ୍ଚେ ଉଚ୍ଚାରିନ
ଉଚ୍ଚରି ଶିଷ୍ୟ କରି ବେଦ ଗାୟନ !
କାଳବଶେ ହୀନ ଏରୂପେ, ଭାଇ,
ଅଧମେ ନର ଡାକ ହେଉଣିଥାଇ,
ଦେବଦେବେଙ୍କ ମନାଦର ଲଭି ଏ ଦଶା
ମେଣ୍ଟାଇବାକୁ ଭବ-କ୍ଲେଶ-ଭଳିଆ ।
ବରଷାକାଳ ଅଟେ ଉଚିତ-ମନ୍ତ୍ର,
ମାତ୍ର ପଙ୍କିଳ ମାର୍ଗ, ନୋହେ ବସନ୍ତ !
ଜଳ-ଗହଳ ହେଲେ ଘାସରେ ଯମ,
ଅତି ଦୁର୍ଗନ୍ଧ, ବାୟୁ, ମହାବିଷମ" ।

ସୂର୍ଯ୍ୟ ।

ସୂର୍ଯ୍ୟ ଜ୍ୟୋତିଷ୍କମାନଙ୍କ ମଧ୍ୟରେ ଦେଖିବାକୁ ସର୍ବଶ୍ରେଷ୍ଠ ବୃହତ୍ । ସୂର୍ଯ୍ୟର ଆଲୋକ ଓ ତେଜଃ ପୃଥିବୀର ଉତ୍ତାପ ଓ ଆଲୋକର ଏକମାତ୍ର କାରଣ ଅଟେ । ସୂର୍ଯ୍ୟଦ୍ୱାରା ଗ୍ରହ ଉପଗ୍ରହମାନଙ୍କର ଯେତେ ଉପକାର ହେଉଅଛି ତାହା ନିର୍ଣ୍ଣୟ କରିବା ଅନାୟାସସାଧ୍ୟ ନୁହେଁ । ଏହାର ମହାକର୍ଷଣରେ ଗ୍ରହ ଏବଂ ଉପଗ୍ରହମାନେ ଗୋଟିଏ ନିର୍ଦ୍ଦିଷ୍ଟ କକ୍ଷରେ ପରିଭ୍ରମଣ କରୁଅଛନ୍ତି ।

ଦୂର ତିନିଗୋଟି ଗ୍ରହ ବ୍ୟତୀତ ଗ୍ରହ ଅବା ଉପଗ୍ରହମାନଙ୍କର ସ୍ୱୀୟ ଆଲୋକ କିମ୍ବା ତାପ ନାହିଁ । ସୂର୍ଯ୍ୟ ସେମାନଙ୍କ ତାପ ଓ ଆଲୋକର ପ୍ରଧାନ କାରଣ । ତାପ ଓ ଆଲୋକ ବ୍ୟତୀତ କୌଣସି ଜୀବ ଅବା ଉଦ୍ଭିଦ ତିଷ୍ଠି ରହି ନ ପାରେ । ସୂର୍ଯ୍ୟରଶ୍ମି ପାର୍ଥିବ ସମସ୍ତ ପ୍ରକାର ଗତିର ପ୍ରତ୍ୟକ୍ଷ ଅବା ଅପ୍ରତ୍ୟକ୍ଷ କାରଣ ଅଟେ । ସୂର୍ଯ୍ୟ କିରଣ ବ୍ୟତୀତ ବାୟୁ ଓ ସମୁଦ୍ରର ଗତି ଏବଂ ମେଘର ସୃଷ୍ଟି ହୋଇ ନ ପାରେ । ଆଲୋକ ଓ ତାପ ସଂଯୁକ୍ତ, ସୂର୍ଯ୍ୟକିରଣରୁ ଉଦ୍ଭିଦମାନେ ରାସାୟନିକ ଶକ୍ତି ପ୍ରାପ୍ତ ହୁଅନ୍ତି । ରାସାୟନିକ ଶକ୍ତିଦ୍ୱାରା ଅଙ୍ଗାରକ ବାଷ୍ପ ଏହି ପ୍ରକାର ବିଯୁକ୍ତ ନ ହେଲେ କୌଣସି ଜୀବ ପ୍ରାଣଧାରଣ କରି ପାରନ୍ତା ନାହିଁ । ସୂର୍ଯ୍ୟରୁ ପୃଥିବୀ ଚୌମ୍ବକାକର୍ଷଣଶକ୍ତି ପ୍ରାପ୍ତ ହୁଏ । ସୂର୍ଯ୍ୟଗତି ସମସ୍ତ ବିଚ୍ୟୁପଣର ଏକମାତ୍ର ପ୍ରଧାନ କାରଣ ଅଟେ । ବୈଜ୍ଞାନିକମାନେ ଅନୁମାନ କରୁଅଛନ୍ତି ସମୟରେ ସୂର୍ଯ୍ୟକିରଣଦ୍ୱାରା ଯନ୍ତ୍ରାଦି ଚାଳିତ ହେବ । ପ୍ରାଚୀନ ଆର୍ଯ୍ୟମାନେ ସୂର୍ଯ୍ୟର ଉପକାରିତା ଓ ପ୍ରୟୋଜନୀୟତା ଉତ୍ତମରୂପେ ହୃଦୟଙ୍ଗମ କରିଥିଲେ । ସଂସ୍କୃତ, ଗ୍ରୀକ୍, ଲାଟିନ, ପାରସି ପ୍ରଭୃତି ଆର୍ଯ୍ୟଭାଷାର ଗ୍ରନ୍ଥମାନଙ୍କରେ ଆର୍ଯ୍ୟ

ମାନଙ୍କର ସୂର୍ଯ୍ୟୋପାସନାର ଅନେକ ପ୍ରମାଣ ରହିଅଛି । ସବିତୃ, ମିତ୍ର, ହିଲିଅସ୍ ଫିବସ୍, ଏପଲୋ ପ୍ରଭୃତି ନାମରେ ସୂର୍ଯ୍ୟ ଆର୍ଯ୍ୟମାନଙ୍କ ଉପାସ୍ୟ ଦେବତା ଥିଲେ; ମାତ୍ର ସୂର୍ଯ୍ୟ କେବଳାଗ୍ନିମୟ ଜଡ଼ପଦାର୍ଥ ଅଟେ ।

ବୈଜ୍ଞାନିକମାନେ ଦୂରବୀକ୍ଷଣ ଯନ୍ତ୍ରାଦି ସାହାଯ୍ୟରେ ସୂର୍ଯ୍ୟମଣ୍ଡଳର ନାନାବିଧ ତତ୍ତ୍ୱ ଆବିଷ୍କାର କରିଅଛନ୍ତି । ମନୁଷ୍ୟ ପୃଥିବୀରୁ ୫।୬ ମାଇଲ ଦୂରକୁ ଗଲେ ପ୍ରାଣଧାରଣ କରିବାକୁ ଅକ୍ଷମ ହୁଏ, ମାତ୍ର ବିଜ୍ଞାନ, ୯ କୋଟି ୨୦ ଲକ୍ଷ ମାଇଲ ଦୂରସ୍ଥିତ ସୂର୍ଯ୍ୟର ଗତି, ଆକାର, ତେଜଃ ଓ ଅନେକର ପରିମାଣ ନିର୍ଦ୍ଧାରଣ କରିଅଛି ।

ଅନ୍ୟାନ୍ୟ ନକ୍ଷତ୍ର ପରି ସୂର୍ଯ୍ୟ ମଧ୍ୟ ଗୋଟିଏ ନକ୍ଷତ୍ର ଅଟେ । ଅନ୍ୟାନ୍ୟ ନକ୍ଷତ୍ରାପେକ୍ଷା ସୂର୍ଯ୍ୟ ଅସମ୍ଭବ ସମୀପସ୍ଥ ବୋଲି ଏହାର ଆକୃତି ଏତେ ବୃହତ୍ ଦେଖାଯାଏ । ମାତ୍ର ଏହା ବୃହତ୍ତମ ନକ୍ଷତ୍ର ନୁହେଁ, ସୂର୍ଯ୍ୟଠାରୁ ଅନେକ ବୃହତ୍ତର ନକ୍ଷତ୍ର ଆବିଷ୍କୃତ ହୋଇଅଛି । ସୂର୍ଯ୍ୟର ଉପରିଭାଗ ସମତଳ ନୁହେଁ । ଏହା ଅତ୍ୟନ୍ତ ବନ୍ଧୁର ଏବଂ କ୍ରମାନ୍ୱୟରେ ଉନ୍ନତାବନତ । ଅତ୍ୟନ୍ତ ତାପ ପ୍ରଯୁକ୍ତରେ ସୂର୍ଯ୍ୟମଣ୍ଡଳସ୍ଥ ଧାତୁସମୂହ ବାଷ୍ପୀୟ ଓ ତରଳାକାର ଧାରଣ କରିଅଛି । ପୃଥିବୀ ଯେଉଁ ଉପାଦାନରେ ନିର୍ମିତ, ସୂର୍ଯ୍ୟ ଏବଂ ଅନ୍ୟାନ୍ୟ ନକ୍ଷତ୍ରରେ ପ୍ରାୟ ଉକ୍ତ ଧାତବୀୟ ପଦାର୍ଥ ବାଷ୍ପାକାରରେ ବିଦ୍ୟମାନ ରହିଅଛି । ସୂର୍ଯ୍ୟରୁ ଯେଉଁ ତାପ ପ୍ରତିବର୍ଷ ଅସୀମ ସ୍ଥାନରେ ବିକୀର୍ଣ୍ଣ ହେଉଅଛି ତାହାର ୨୧୩ କୋଟି ୮୦ ଲକ୍ଷ ଅଂଶର ଏକ ଅଂଶ ମାତ୍ର ପୃଥିବୀକର୍ତ୍ତୃକ ଅନୁଭୂତ ହୁଏ ।

ଚନ୍ଦ୍ରରେ କଳଙ୍କ ଅଛି ଏହା ସମସ୍ତେ ଅବଗତ ଅଛନ୍ତି, ମାତ୍ର ସୂର୍ଯ୍ୟରେ କଳଙ୍କ ଅଛି ଏହା ଅନେକେ ବିଶ୍ୱାସ କରନ୍ତି ନାହିଁ । ଦୂରବୀକ୍ଷଣ ଯନ୍ତ୍ରଦ୍ୱାରା ଦୃଷ୍ଟି କଲେ ଅତିବେଗରେ ଘୂର୍ଣ୍ଣମାନ ମେଘମାଳା

ପରୁ ଅନେକ କୃଷ୍ଣବର୍ଣ୍ଣ ପଦାର୍ଥ ସୂର୍ଯ୍ୟର ଉପରସ୍ଥଳରେ ଦୃଷ୍ଟିଗୋଚର ହୁଏ । ଏହି କଳଙ୍କମାନ ଅତ୍ୟନ୍ତ ବୃହତ୍ । ସ୍ଥୂଳତମ କଳଙ୍କମାନଙ୍କ ବର୍ଗଫଳ ୫୦ ସହସ୍ର ମାଇଲରୁ ନ୍ୟୂନ ନୁହେ । ଏହି ସମସ୍ତ ବୃହଦାକୃତିର କଳଙ୍କର ଅବସ୍ଥିତି, ଆକାରପରିବର୍ତ୍ତନ ଓ ତିରୋଭାବ ଅଳ୍ପ ସମୟ ମଧ୍ୟରେ ସଂଘଟିତ ହୁଏ । ଏମନ୍ତ କି ୫୦ ସହସ୍ର ବର୍ଗମାଇଲ କଳଙ୍କ ନିମେଷ ମଧ୍ୟରେ ଉଦିତ ଏବଂ ତିରୋହିତ ହେବାର ଦେଖା ଯାଏ । ଏହି କଳଙ୍କମାନ କି ପଦାର୍ଥ, ଏମାନଙ୍କ ଉତ୍ପତ୍ତିର କାରଣ କି, ଏହି ବିଷୟରେ ଜ୍ୟୋତିର୍ବିଦମାନେ ଐକ୍ୟମତାବଲମ୍ବୀ ନୁହନ୍ତି । ସୂର୍ଯ୍ୟମଣ୍ଡଳରେ ଉପରୋକ୍ତ କୃଷ୍ଣବର୍ଣ୍ଣ କଳଙ୍କ ପରି କେତେ ଗୁଡ଼ିଏ ଅତି ଉଜ୍ଜ୍ୱଳ ଶ୍ୱେତବର୍ଣ୍ଣ ରେଖା ଦୃଷ୍ଟିଗୋଚର ହୁଏ । ଏହି ରେଖାମାନଙ୍କ ବିଷୟ ମଧ୍ୟ ନିର୍ଣ୍ଣୀତ ହୋଇ ନାହିଁ ।

ସୂର୍ଯ୍ୟମଣ୍ଡଳରୁ ଏକପ୍ରକାର ଉଜ୍ଜ୍ୱଳ ଶ୍ୱେତାଲୋକ ନିଃସୃତ ହେବାର ଦେଖାଯାଏ । ପୃଥିବୀର ଉତ୍ତର ମେରୁମଣ୍ଡଳରେ ସେହିପରି ଅନେକ ଦୃଷ୍ଟିଗୋଚର ହୁଏ, ତାହାକୁ ଅରୋରାବରିଆଲିସ୍ ଅବା ମେରୁଜ୍ୟୋତିଃ କହନ୍ତି । ସୂର୍ଯ୍ୟର ଅନତିଦୂରରେ ସୂର୍ଯ୍ୟ ତୁଲ୍ୟ ଭ୍ରମଣଶୀଳ ଅସଂଖ୍ୟ ଉଲ୍କାପିଣ୍ଡ ଉପରେ ଅନୁକୂଳ ସୂର୍ଯ୍ୟରଶ୍ମି ପ୍ରତିଫଳିତ ହୋଇ ସୂର୍ଯ୍ୟମଣ୍ଡଳରେ ଉକ୍ତ ଅଦ୍ଭୁତ ଦୃଶ୍ୟ ଉତ୍ପାଦନ କରେ ବୋଲି କେହି୨ ଅନୁମାନ କରନ୍ତି । ବର୍ଷେ ଯନ୍ତ୍ର ସାହାଯ୍ୟ ବ୍ୟତୀତ କେବଳ ଚକ୍ଷୁରେ ୨୭୦୦ କୋଟି ଉଲ୍କାପିଣ୍ଡ ପୃଥିବୀରେ ପତିତ ହେବାର ଦେଖା ଯାଇଥାଏ । ଉଲ୍କାପିଣ୍ଡମାନେ ଗ୍ରହ ଅଥବା ଧୂମକେତୁର କକ୍ଷରେ ପରିଭ୍ରମଣ କରନ୍ତି । ସୂର୍ଯ୍ୟମଣ୍ଡଳ ସମୀପରେ ଲକ୍ଷ୨ କୋଟି ଉଲ୍କା ମେଘାକାରରେ ଦୃଷ୍ଟ ହେବା ଅଯୁକ୍ତିସିଦ୍ଧ ବୋଲି ବୋଧ ହେଉ ନାହିଁ । ସୂର୍ଯ୍ୟର ସମୀପସ୍ଥ ବୋଲି ସେମାନଙ୍କ ଉପରେ ସୂର୍ଯ୍ୟରଶ୍ମି ଅତ୍ୟନ୍ତ ଉଜ୍ଜ୍ୱଳଭାବରେ ପ୍ରତିଫଳିତ ହେବାର ସମ୍ଭାବନା । ସୂର୍ଯ୍ୟକେନ୍ଦ୍ରରେ ଉକ୍ତ ଉଲ୍କାମେଘମାନ ଧୂମରେ ପରିଣତ ନ ହେଲେ

ସେମାନେ ନଷ୍ଟପ୍ରାୟ ଦୃଶ୍ୟମାନ ଅବସ୍ଥା ପ୍ରାପ୍ତ ହେବେ; ସୁତରାଂ ସେମା-ନଙ୍କରୁ ସତ୍ତ୍ୱରେ ବହୁଂଶ୍ ନିଃସରଣ ହୋଇ ପାରେ ।

ସୂର୍ଯ୍ୟ ନିଶ୍ଚଳ ନୁହେ । ବୃହସ୍ପତି, ପୃଥିବୀ, ଚନ୍ଦ୍ର ପ୍ରଭୃତି ଗ୍ରହ ଉପଗ୍ରହମାନଙ୍କ ଆହ୍ନିକଗତି ପରି ସୂର୍ଯ୍ୟର ମଧ୍ୟ ଆହ୍ନିକଗତି ଲକ୍ଷିତ ହୋଇଅଛି । ଚବିଶ ଘଣ୍ଟାରେ ପୃଥିବୀ ସ୍ୱୀୟ ମେରୁଦଣ୍ଡ ଉପରେ ଥରେ ଆବର୍ତ୍ତନ କରେ; ସୂର୍ଯ୍ୟ ପଚିଶ ଦିନରେ ଥରେ ସ୍ୱୀୟ ମେରୁ-ଦଣ୍ଡ ଉପରେ ଆବର୍ତ୍ତନ କରେ । ପୃଥିବୀର ସ୍ୱୀୟ କକ୍ଷରେ ପରିଭ୍ରମଣ ତୁଲ୍ୟ, ସୂର୍ଯ୍ୟ ସ୍ୱୀୟ କକ୍ଷରେ ପରିଭ୍ରମଣ କରୁଅଛି । ସୂର୍ଯ୍ୟ ସ୍ୱୀୟ କକ୍ଷରେ ପରିଭ୍ରମଣ କରୁ କରୁ ଦକ୍ଷିଣଦିଗସ୍ଥ ନକ୍ଷତ୍ରପୁଞ୍ଜ ସ୍ଥାନରୁ ଉତ୍ତରଦିଗସ୍ଥ ନକ୍ଷତ୍ରପୁଞ୍ଜ ଆକାଶର ସମୀପସ୍ଥ ହେଉଅଛି । ସୂର୍ଯ୍ୟର ଗତି ପରି ଅନ୍ୟାନ୍ୟ ନକ୍ଷତ୍ରର ମଧ୍ୟ ଗତି ଲକ୍ଷିତ ହୋଇଅଛି । ଗ୍ରହମାନେ ଯେପରି ଉପଗ୍ରହ, ଉଲ୍କା ପ୍ରଭୃତି ଘେନି ସୂର୍ଯ୍ୟକୁ ପ୍ରଦକ୍ଷିଣ କରୁଅଛନ୍ତି, ସେହିପରି ସୂର୍ଯ୍ୟ ଗ୍ରହ, ଉପଗ୍ରହ, ଧୂମକେତୁ ପ୍ରଭୃତିଙ୍କୁ ଘେନି ମହାଗତି କରୁଅଛି । ସୂର୍ଯ୍ୟ ପ୍ରତ୍ୟହ ୪,୧୦,୦୦୦ ମାଇଲ, ଏବଂ ବର୍ଷରେ ୧୫ କୋଟି ମାଇଲ ଅଗ୍ରସର ହେଉଅଛି ।



ଚୌଡ଼ଗଙ୍ଗଦେବଙ୍କ ଶିବିର ବର୍ଣ୍ଣନା * ।

(ଭଟବାଣୀ ବୃତ୍ତ)

କାଠଯୋଡ଼ୀ ତଟରେ ଶୋଭଇ ଶିବିର,
କୋଳାହଳପୂର୍ଣ୍ଣ କାଠଯୋଡ଼ୀ ତୀର ।
ଧାଡ଼ି ଧାଡ଼ି ହୋଇ ମହାନଦୀଯାଏ,
ଶୁଭ୍ର ତମ୍ବୁ ଶୋଭେ ଗଡ଼ି ଶୈଳ ପ୍ରାୟେ ।
ଉଡ଼ଇ କେତନ ମନ୍ଦସମୀରଣେ,
ଝକଝକେ ଅସ୍ତ୍ର ପ୍ରଦୋଷକିରଣେ ।
ବାଦ୍ୟର ଶବଦେ କମ୍ପଇ ଅବନୀ,
ନଦୀଗର୍ଭୁଁ ଉଠେ ଶତ ପ୍ରତିଧ୍ୱନି !
ଲକ୍ଷ୍ୟବିନ୍ଧୁଛନ୍ତି କାହିଁ ଯୋଧଦଳ,
କ୍ଷଣେ କ୍ଷଣେ ଉଠେ ହର୍ଷକୋଳାହଳ ।
କାହିଁ ତଲବାର ଖେଳବାଡ଼ି କରେ,
ବିଜୁଳି ପରାଏ ଝଲେ ସୌରକରେ ।
ମଲ୍ଲଯୁଦ୍ଧେ କାହିଁ କମ୍ପେ ରଙ୍ଗସ୍ଥଳୀ,
ତାଳି ଦେଉଛନ୍ତି ଦର୍ଶକମଣ୍ଡଳୀ ।
କାହିଁ ଅଶ୍ୱାରୋହୀ ଦୌଡ଼ ଅଶ୍ୱବର,
କଦମ୍ବେ ବୁଲାଇ ଦେଖାଇ ଚତୁର ।
କାହିଁ ବସି ଅସ୍ତ୍ର ମାଜୁଛନ୍ତି କେହେ,
କାହିଁ ଅବା ଗଳ୍ପ କରୁଛନ୍ତି ଥୋକେ ।

---

* ଗଙ୍ଗାବଂଶର ପ୍ରଥମ ନୃପତି ଚୌଡ଼ଗଙ୍ଗ ବା ଚୂଡ଼ଗଙ୍ଗଦେବ କେଶରୀବଂଶର ଶେଷ ନୃପତି ସୁବର୍ଣ୍ଣକେଶରୀଙ୍କୁ ପରାସ୍ତ କରି ଓଡ଼ିଶା ଅଧିକାର କରିଥିଲେ । ଯୁଦ୍ଧକାଳରେ ସେ କାଠଯୋଡ଼ୀ କୂଳରେ ଶିବିର ସନ୍ନିବେଶ କରିଥିଲେ ।

ଅବଗାହୁଛନ୍ତି ହଂସ ଦଳେ ଦଳେ,
କଷମ ପରାଗେ ଦିଶି ହୋଇଜଳେ ।
ଦାସେରକ* ଅଶ୍ରା ହଷ ଘରୁଭଳ
ଖେଳାଉଛୁ ଗ୍ରୀବା ଟେକ କମ୍ବଳ ।
ସ୍ୱରବାଗ୍ମି ଯେଉଁ ଗର୍ଦ୍ଦଭାଦି ଭଳ
ଭ୍ରମୁଛନ୍ତି ଦୂରେ ଦଳେ ଦଳେ ଚର ।
ବିପଣି ବସିଛୁ ହାଠଯୋନୀ ତନ୍ତ୍ର,
ହଟ୍ଟ ହଣା ଲାଗିଅଛୁ ନାନାଛନ୍ଦେ ।
ନବୀଣଯଂ ନଦୀବନ୍ଧ ନଦୀକୂଳ,
ସ୍ତବ୍ଧଠାରେ ଖେଳେ ହୋଇଛନ୍ତି ଠୁଳ ।
କୁଷକଦ୍ରା-ଦଶୀ-ପ୍ରଭୃତି ସ୍ୱର୍ଗବୀ
ହାଠଯୋଡ଼ୀଠାରୁ ପଦ୍ମୀ ଜନ୍ମ ଲଭ ।
ବହୁଛୁ ଦକ୍ଷିଣେ, ବିପରୀତେ ଭାର,
ଗୌରସଙ୍ଗଙ୍କର ଖୋଳେ ସ୍ତମ୍ଭାବାର ।



* ଦାସେରକ—ଉଷ୍ଟ୍ର ।

ମାତୃଗୁପ୍ତ ।

ମାତୃଗୁପ୍ତ କାଳିଦାସଙ୍କ ନାମାନ୍ତର ଅଟେ । ଉଜ୍ଜୟିନୀପତି ବିକ୍ରମାଦିତ୍ୟଙ୍କ ଏ ପ୍ରଧାନ ସଭାସଦ୍ ଏବଂ ତାଙ୍କର ନବରତ୍ନ ମଧ୍ୟରେ ଉତ୍କୃଷ୍ଟତମ ରତ୍ନ ଥିଲେ । ଏହି ସୁପ୍ରସିଦ୍ଧ କବି ମହୀମଣ୍ଡଳରେ ଅମରତା ଲାଭ କରି ଅଛନ୍ତି । ମାତୃଗୁପ୍ତ ଅବା କାଳିଦାସଙ୍କ ସମ୍ବନ୍ଧରେ ଭାରତବର୍ଷର ନାନା ପ୍ରଦେଶରେ ନାନା ଅଲୌକିକ ପ୍ରବାଦ ପ୍ରଚଳିତ ଏବଂ ନାନା ଆଖ୍ୟାୟିକା କଥିତ ଅଛି । ମାତ୍ର ତତ୍ସମସ୍ତ ପ୍ରକୃତ ଐତିହାସିକ ସତ୍ୟ ବୋଲି ଗୃହୀତ ହୋଇ ନ ପାରେ । ତାହାଙ୍କ ଜୀବନର ନିମ୍ନ ଚରିତାଂଶ ଖଣ୍ଡିଏ ସଂସ୍କୃତ ଇତିହାସ ଗ୍ରନ୍ଥରୁ ଗୃହୀତ ହୋଇଅଛି ।

ମାତୃଗୁପ୍ତ ଭାରତବର୍ଷର ନାନାସ୍ଥାନ ପର୍ଯ୍ୟଟନ କରି ଅନେକ ରାଜସଭା ସନ୍ଦର୍ଶନ କରିଥିଲେ । ମାତ୍ର କୌଣସିଠାରେ ସେ ପ୍ରୀତିଲାଭ କଲେ ନାହିଁ । ଅବଶେଷରେ ବିକ୍ରମାଦିତ୍ୟଙ୍କ ଯଶଃସୌରଭରେ ଆକୃଷ୍ଟ ହୋଇ, ଅବଶିଷ୍ଟ ଜୀବନ ବିକ୍ରମାଦିତ୍ୟଙ୍କ ରାଜସଭାସଦ୍ ଏବଂ ଆଶ୍ରିତ ହୋଇ ଅତିବାହିତ କରିବାର ସଙ୍କଳ୍ପ କଲେ । ମାତୃଗୁପ୍ତ ଉଜ୍ଜୟିନୀରେ ଉପସ୍ଥିତ ହୋଇ ବିକ୍ରମାଦିତ୍ୟଙ୍କ ସଦ୍‌ଗୁଣମାନ ସ୍ୱଚକ୍ଷୁରେ ସନ୍ଦର୍ଶନପୂର୍ବକ ଚକ୍ଷୁ କର୍ଣ୍ଣର ବିବାଦ ଭଞ୍ଜନ କରି ଚିନ୍ତା କଲେ— "ମୋର ଆଉ ନାନା ରାଜ୍ୟ ପର୍ଯ୍ୟଟନ ପ୍ରୟୋଜନ ନାହିଁ । ମୁଁ ସୌଭାଗ୍ୟବଶତଃ ଏହିଠାରେ ଉପନୀତ ହୋଇଅଛି । ଏହିଠାରେ ମୋହୋର ଆଶା ସଫଳ ହେବ ।"

ମାତୃଗୁପ୍ତ ରାଜାଦେଶ ପ୍ରାପ୍ତ ହୋଇ ରାଜସଭାରେ ପ୍ରବେଶଲାଭ କଲେ ସତ୍ୟ, କିନ୍ତୁ ରାଜସଭାର ପଣ୍ଡିତମଣ୍ଡଳୀରେ ସ୍ଥାନପ୍ରାପ୍ତ ହେଲେ ନାହିଁ । ରାଜା ମାତୃଗୁପ୍ତଙ୍କ ଗୁଣର ବିଶେଷ ପରିଚୟ ନ ପାଇ ତାହାଙ୍କପ୍ରତି କୌଣସି ପ୍ରକାର ଅନୁଗ୍ରହ ପ୍ରଦର୍ଶନ କଲେ ନାହିଁ ।

ମାତୃଗୁପ୍ତ ଏଥିରେ ଅପ୍ରୀତ ନ ହୋଇ କାର୍ଯ୍ୟ ଓ ଶ୍ରଦ୍ଧାର ଏକତ୍ର ସମାଗମ ତୁଲ୍ୟ ରାଜାଙ୍କ ଅନୁସରଣ କରି ପରିଚର୍ଯ୍ୟା କରିବାକୁ ଲାଗିଲେ । ଏକବର୍ଷ ଉତ୍ତାରୁ ଦିନେ ରାଜା ପ୍ରାସାଦରୁ ବହିର୍ଗମନକାଳରେ ଶୀର୍ଣ୍ଣଦେହ ଏବଂ ଜୀର୍ଣ୍ଣବସ୍ତ୍ର ମାତୃଗୁପ୍ତଙ୍କୁ ଦେଖି ବ୍ୟଥିତ ହୋଇ ଚିନ୍ତା କଲେ—"ହାୟ, ମୁଁ କି ଅନ୍ୟାୟ କାର୍ଯ୍ୟ କରୁଅଛି ! ଗୁଣ ପରୀକ୍ଷା କରି, ଏହି ସଦ୍‌ଗୁଣଶାଳୀ ବ୍ୟକ୍ତିଙ୍କୁ ପ୍ରବାସରେ ଏପରି କଷ୍ଟ ଦେଲି । ଏ କେଉଁଠାରେ ରହିଲେ, କଅଣ ଖାଇଲେ, କଅଣ ପିନ୍ଧିଲେ, ଏ ସମ୍ବନ୍ଧରେ କୌଣସି ତତ୍ତ୍ୱ ନେଲି ନାହିଁ । ଏହି କଠିନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ମୁଁ ଏହାଙ୍କୁ କି ପୁରସ୍କାର ଦେବ ?" ଏହିପରି ଚିନ୍ତା କରି ମାତୃଗୁପ୍ତଙ୍କ ସମ୍ବନ୍ଧରେ କି କର୍ତ୍ତବ୍ୟ ରାଜା କିଛି ସ୍ଥିର କରି ପାରିଲେ ନାହିଁ । ଏହା ଉତ୍ତାରୁ କେତେକ ମାସ ଅତୀତ ହେଲା ।

ଦିନେ ଶୀତକାଳର ରାତ୍ରିରେ ରାଜା ଶଯ୍ୟାରୁ ଉଠି ଦେଖିଲେ ଗୃହର ପ୍ରଦୀପ ଆଲୋକହୀନ ହୋଇଅଛି । ପ୍ରଦୀପକୁ ଆଲୋକିତ କରିବା ନିମନ୍ତେ ସେ ପ୍ରହରୀମାନଙ୍କୁ ପଚାରିଲେ—"ବାହାରେ କିଏ ଅଛି ?" ଶୀତକାଳର ସେହି ଘୋର ନିସ୍ତବ୍ଧ ରଜନୀରେ ରାଜପ୍ରାସାଦର ସମସ୍ତେ ବିରାମଦାୟିନୀ ନିଦ୍ରାଦେବୀଙ୍କ ବିରାମପ୍ରଦ ଅଙ୍କରେ ବିଶ୍ରାମ ଲଭୁଥିଲେ । ରାଜାଙ୍କ ପ୍ରଶ୍ନୋତ୍ତରରେ—"ଆଜ୍ଞା ମୁଁ ମାତୃଗୁପ୍ତ", ଏହା ବ୍ୟତୀତ ଅନ୍ୟ କାହାରି ସ୍ୱର ଶ୍ରୁତିଗୋଚର ହେଲା ନାହିଁ । ରାଜାଦେଶ ପ୍ରାପ୍ତ ହୋଇ ରାଜାଙ୍କ ଶୟନଗୃହରେ ପ୍ରବେଶପୂର୍ବକ ମାତୃଗୁପ୍ତ ପ୍ରଦୀପକୁ ଆଲୋକିତ କଲେ । ଗୃହରୁ ପ୍ରତ୍ୟାଗମନ ସମୟରେ ରାଜା ତାହାଙ୍କୁ ପ୍ରଶ୍ନ କଲେ—"ବର୍ତ୍ତମାନ ରାତ୍ରି କେତେ ?" ମାତୃଗୁପ୍ତ ଉତ୍ତର କଲେ—"ଏକପ୍ରହର ଅବଶିଷ୍ଟ ଅଛି ।" ରାଜା କହିଲେ—"ପ୍ରହରେ ରାତ୍ରି ଅଛି ତୁମ୍ଭେ କିପରି ଅବଗତ ହେଲ ? ତୁମ୍ଭେ କାହିଁକି ଶୋଇ ନାହଁ ।" ସ୍ୱୀୟ ଦୁରବସ୍ଥା ଜ୍ଞାପନଦ୍ୱାରା ଅବସ୍ଥା ପରିବର୍ତ୍ତନର ଏହି ଉପଯୁକ୍ତ ସୁଯୋଗ ମଣି ମାତୃଗୁପ୍ତ ତତ୍କ୍ଷଣାତ୍

ଗୋଟିଏ ଶ୍ଳୋକ ରଚନା କରି ରାଜାଙ୍କ ନିକଟରେ ଅର୍ପଣ କଲେ । ତାହାର ମର୍ମ ଏହି—"ମୁ ଚିନ୍ତାସାଗରରେ ନିମଗ୍ନ, ଶୀତରେ ଦନ୍ତ କମ୍ପୁଅଛି, କ୍ଷୁଧାରେ ଉଦର ଜଳୁଅଛି, ତିରସ୍କୃତା ଭାର୍ଯ୍ୟା ପରି ନିଦ୍ରା ମୋତେ ପରିତ୍ୟାଗ କରିଅଛନ୍ତି ।"

ରାଜା ଏହା ଶୁଣି ତାହାଙ୍କୁ ସାନ୍ତ୍ୱନା ପ୍ରଦାନପୂର୍ବକ ବିଦାୟ ଦେଲେ; ଏବଂ ଆପଣାକୁ ମାତୃଗୁପ୍ତଙ୍କ ସେହି ଦୁର୍ଦ୍ଦଶାର ମୂଳ ମଣି ଅତ୍ୟନ୍ତ ଅନୁତପ୍ତ ହେଲେ । ସେ ମନେ ମନେ ଚିନ୍ତା କଲେ—"ଅଜି ମୁ ଏହାଙ୍କୁ କୌଣସି ପ୍ରକାର ଆଶା ଦେଲି ନାହିଁ, ନ ଜାଣି ଏ ମନରେ କ'ଣ ଚିନ୍ତା କରୁଥିବେ; ବହୁଦିବସରୁ ଏହାଙ୍କୁ ପୁରସ୍କୃତ କରିବି ବୋଲି ଚିନ୍ତା କରୁଅଛି, କିନ୍ତୁ ଏ ପର୍ଯ୍ୟନ୍ତ ସେ ସମ୍ବନ୍ଧରେ କିଛି ସ୍ଥିର କଲି ନାହିଁ । ବର୍ତ୍ତମାନ କାଶ୍ମୀରସିଂହାସନ ଶୂନ୍ୟ ଅଛି; ସେଥି ସକାଶେ କେତେକ ଜଣ ରାଜବଂଶୀୟ ସାମନ୍ତ ପ୍ରାର୍ଥୀ ହୋଇଅଛନ୍ତି ସତ୍ୟ, ମାତ୍ର ମୁ ଉକ୍ତ ସିଂହାସନ ଏହାଙ୍କୁ ପ୍ରଦାନ କରିବି ।" ସେହି ରାତ୍ରିରେ ରାଜା କାଶ୍ମୀରବାସୀଙ୍କୁ ଏହି ଆଦେଶ ପ୍ରଦାନ କରି ଦୂତ ପ୍ରେରଣ କଲେ ଯେ ମାତୃଗୁପ୍ତ ନାମକ ଯେଉଁ ବ୍ୟକ୍ତି ତାହାଙ୍କ ଆଦେଶଲିପି ଘେନି ଯିବେ କ୍ଷଣମାତ୍ର ବିଳମ୍ବ ନ କରି ତାହାଙ୍କୁ ସିଂହାସନାଭିଷିକ୍ତ କରିବେ । ଦୂତମାନଙ୍କୁ ଗୋପନରେ ବିଦାୟ ପ୍ରଦାନ କରି ସେହି ଚହ୍ନରେ ଆଦେଶଲିପି ଲେଖି ରଖିଲେ ।

ଏଣେ ମାତୃଗୁପ୍ତ ରାଜାଙ୍କ ସମ୍ମୁଖରୁ ନିର୍ଗତ ହୋଇ, ସ୍ୱୀୟ ଗୃହରେ ଦୁଃଖ ନିବେଦନ ନିଷ୍ଫଳ ହେଲା ଜାଣି ମନେ ମନେ ଚିନ୍ତା କଲେ —"ମୁ ମୋର ଜୀବନ ବ୍ୟର୍ଥ କରିଅଛି । ମୋର ଆଉ ଆଶା କରି-ବାକୁ କିଛି ନାହିଁ । ବର୍ତ୍ତମାନ ମୁ ଆଶା ତ୍ୟାଗ କରି ନିରୁଦ୍ବେଗରେ ପର୍ଯ୍ୟଟନ କରିବି । ଅନ୍ୟ ଲୋକଠାରୁ ଏହି ରାଜାଙ୍କ ସୁଖ୍ୟାତି ଶୁଣି ଏହାଙ୍କୁ ପରିସେବନୀୟ ଜ୍ଞାନ କରିଥିଲି, ମାତ୍ର ଜନଶ୍ରୁତି ସର୍ବଦା ସତ୍ୟ ଘୋଷଣା କରେ ନାହିଁ । ଏହି ପ୍ରାଜ୍ଞ ନୃପ ଅନୁଗୃହୀତ ବ୍ୟକ୍ତିମା-

ନଙ୍କୁ ଧନଦାନ କରୁଅଛନ୍ତି, ମାତ୍ର ମୋର କର୍ମଦୋଷରୁ ମୁଁ ଏପରି ହୀନଭାଗ୍ୟ ହୋଇଅଛି, ଏଥି ନିମନ୍ତେ ଧନୀଙ୍କୁ ଦୋଷ କି ଦେବି ? ପ୍ରତିକୂଳ ପବନଯୋଗୁଁ ସାଗରତରଙ୍ଗାଘାତ ଜନିତ ନୌକାରେ ପତିତ ନ ହେଲେ ମନୁଷ୍ୟର ମନ୍ଦଭାଗ୍ୟକୁ ଦୋଷ ନ ଦେଇ କେହି ସମୁଦ୍ରର ଦୋଷ ଦିଅନ୍ତି ନାହିଁ । ନରପତିଠାରୁ ପୁରସ୍କାରପ୍ରାର୍ଥୀ ବ୍ୟକ୍ତିମାନଙ୍କର, ନରପତିଙ୍କ ପାର୍ଶ୍ୱବର୍ତ୍ତୀ ରାଜାନୁଚରମାନଙ୍କୁ ପ୍ରୀତ କରିବା କର୍ତ୍ତବ୍ୟ ଅଟେ; କାରଣ ସେମାନଙ୍କୁ ପ୍ରୀତ କରିବା ଅନାୟାସସାଧ୍ୟ ନୁହେ । ସେମାନଙ୍କଠାରେ ମୁଁ କି ଅପରାଧ କରିଅଛି ଜାଣେ ନାହିଁ । କୌଣସି ମାନ୍ୟ ବ୍ୟକ୍ତି ସାଧାରଣରେ ପ୍ରଶଂସିତ ନ ହେଲେ ରାଜାନୁଗ୍ରହ ପ୍ରାପ୍ତ ହୁଅନ୍ତି ନାହିଁ, ମାତ୍ର ନୀଚ ବ୍ୟକ୍ତି ସାଧାରଣରେ ପ୍ରଶଂସିତ ହେଲେ ରାଜପ୍ରସାଦ ଲାଭ କରେ । ସମୁଦ୍ରର ଜଳକଣାପ୍ରତି କେହି ଦୃକ୍‌ପାତ କରନ୍ତି ନାହିଁ, ମାତ୍ର ତାହା ମେଘମାନଙ୍କ ଆଗତ ହୋଇ ବୃଷ୍ଟିବିନ୍ଦୁରୂପେ ପତିତ ହେଲେ ମୁକ୍ତା ହୋଇ ବିକେ ।" ଏହିପରି ଚିନ୍ତା କରି ସେ ସମସ୍ତ ଆଶା ଭରସା ବିସର୍ଜନ ଦେଲେ ।

ରାତ୍ରି ପ୍ରଭାତ ହେବାରୁ ରାଜା ସଭାସୀନ ହୋଇ ମାତୃଗୁପ୍ତଙ୍କୁ ଆହ୍ୱାନ-କରଣ ନିମନ୍ତେ ଦୂତ ପ୍ରେରଣ କଲେ । ସେ ସଭାରେ ଉପସ୍ଥିତ ହେବା କ୍ଷଣି, ରାଜା ମାତୃଗୁପ୍ତଙ୍କୁ ଅପେକ୍ଷାଲିପି ପ୍ରଦାନ ନିମନ୍ତେ କର୍ମଚାରୀଙ୍କୁ ଇଙ୍ଗିତ କଲେ । ତଦନନ୍ତର ରାଜା ମାତୃଗୁପ୍ତଙ୍କୁ କହିଲେ—"ତୁମ୍ଭେ ଲିପି ନେଇ କାଶ୍ମୀରଦେଶକୁ ଗମନପୂର୍ବକ ସେଠାରେ ସର୍ବପ୍ରଧାନ କର୍ମଚାରୀଙ୍କୁ ପ୍ରଦାନ କରିବ, ମାତ୍ର ତୁମ୍ଭେ ଏହା ପାଠ କରିବ ନାହିଁ । "ତୁମ୍ଭଙ୍କ ଆଜ୍ଞା ଶିରୋଧାର୍ଯ୍ୟ" କହି ମାତୃଗୁପ୍ତ ସଭାରୁ ନିର୍ଗତ ହେଲେ ଏବଂ ତାଙ୍କ ପ୍ରାତାହ୍ନିକ କାର୍ଯ୍ୟରେ ନିଯୁକ୍ତ ହେଲେ । ନଗରବାସୀମାନେ ମାତୃଗୁପ୍ତଙ୍କୁ ଅନ୍ତରୁହିତ ହୋଇ ଦୂରଦେଶକୁ ଗମନ କରୁଥିବାର ଦେଖି ବ୍ୟଥିତ ହେଲେ । ପୁଣି ତାହାଙ୍କୁ ସାମାନ୍ୟ ପତ୍ରବାହକର କାର୍ଯ୍ୟରେ ନିଯୁକ୍ତ ହେବାର ଦେଖି ରାଜାଙ୍କୁ ନିନ୍ଦା କଲେ ।

ମାତୃଗୁପ୍ତ ମାର୍ଗରେ କୌଣସି କଷ୍ଟାନୁଭବ ନ କରି ତୁଷାରୋଜ୍ଜ୍ୱଳ କାଶ୍ମୀରରାଜ୍ୟର ଅନ୍ତର୍ଗତ କ୍ରମବର୍ତ୍ତ ନାମକ ସ୍ଥାନରେ ଉପନୀତ ହେଲେ । କ୍ରମବର୍ତ୍ତରେ କାଶ୍ମୀରରାଜ୍ୟର ମନ୍ତ୍ରୀ ପ୍ରଭୃତି ପ୍ରଧାନ ରାଜପୁରୁଷମାନେ କୌଣସି ବିଶେଷ କାରଣ ହେତୁ ଉପସ୍ଥିତ ଥିଲେ । ମାତୃଗୁପ୍ତ କର୍ମଚାରୀମାନଙ୍କ ନିକଟରେ ଉପନୀତ ହେବାକ୍ଷଣି ସେମାନେ ତାହାଙ୍କୁ ବିଶେଷ ସମ୍ମାନ ପ୍ରଦର୍ଶନ କଲେ । କର୍ମଚାରୀମାନେ ବିନୀତଭାବରେ ତାହାଙ୍କଠାରୁ ଲିପି ଗ୍ରହଣ ଏବଂ ପାଠ କରି ମହାସମାରୋହପୂର୍ବକ କାଶ୍ମୀରସିଂହାସନରେ ତାହାଙ୍କୁ ଅଭିଷିକ୍ତ କଲେ । ମାତୃଗୁପ୍ତ ରାଜାସନରେ ଉପବିଷ୍ଟ ହୋଇ ଦରିଦ୍ରମାନଙ୍କୁ ଧନ ବିତରଣ କଲେ । ଏହା ଉତ୍ତାରୁ ସେ ବିକ୍ରମାଦିତ୍ୟଙ୍କଠାକୁ ବହୁମୂଲ୍ୟ ଉପହାର ପଦାର୍ଥମାନ ପ୍ରେରଣ କଲେ । ଉକ୍ତ ଉପହାରଦ୍ରବ୍ୟସହ ନିମ୍ନଲିଖିତ ମର୍ମରେ ଏକ ଶ୍ଳୋକ ରଚନା କରି ପ୍ରେରଣ କରିଥିଲେ । ଯଥା;—

"ଚାତକ ଜଳ ମାଗେ, ପ୍ରତିଉତ୍ତର
ନ ଦେଇ ନୀର ମେଘ ଦିଏ ସତ୍ୱର ।
ମହତଜନର ଏ ରୀତି ଅଟେ—
ଅସ୍ପଷ୍ଟ ଦାନ ପ୍ରତିବାଣୀ କେବଳ ।"

ମାତୃଗୁପ୍ତ ୪ ବର୍ଷ ୮ ମାସ ୧ ଦିନ କାଶ୍ମୀରରାଜ୍ୟ ଶାସନ କଲେ । ଏହା ଉତ୍ତାରୁ ପ୍ରବରସେନ ନାମକ କାଶ୍ମୀରରାଜ୍ୟର ଏକ ଉତ୍ତରାଧିକାରୀ କାଶ୍ମୀରରେ ଉପସ୍ଥିତ ହେବାରୁ କର୍ମଚାରୀମାନେ ତଦୀୟ ପକ୍ଷାବଲମ୍ବନ କରି ମାତୃଗୁପ୍ତଙ୍କ ବିରୁଦ୍ଧରେ ବିଦ୍ରୋହ କରିବାକୁ ଉଦ୍ୟତ ହେଲେ । ପ୍ରବରସେନ ସେମାନଙ୍କୁ କହିଲେ "ମୁଁ ଦୁର୍ବଳ ସହିତ ବିରୋଧ କରିବି ନାହିଁ । ବିକ୍ରମାଦିତ୍ୟ ଏହି ଅନର୍ଥର ମୂଳ ଅଟନ୍ତି, ମୁଁ ତାହାଙ୍କୁ ପ୍ରତିଫଳ ଦେବି ।" ଏହା କହି ସେ ସୈନ୍ୟସହ ବିକ୍ରମାଦି-

ତାଙ୍କ ଚକ୍ଷୁରେ ଉଲ୍ଲିଖିତ ଅଭିମୁଖରେ ଯାତ୍ରା କଲେ । ମାତ୍ର ତ୍ରିଗର୍ତ୍ତଠାରେ ଉପସ୍ଥିତ ହୋଇ ଅବଗତ ହେଲେ ବିକ୍ରମାଦିତ୍ୟ ମାନବଲୀଳା ସମ୍ବରଣ କରିଅଛନ୍ତି । ପ୍ରବରସେନ ଶତ୍ରୁକୁ ପ୍ରତିଫଳଦାନରେ ଅସମର୍ଥ ହୋଇ ଅତ୍ୟନ୍ତ ବିଷାଦିତ ହେଲେ । ସେ ତ୍ରିଗର୍ତ୍ତରୁ ଆଉ ଅଗ୍ରସର ହେଲେ ନାହିଁ । ମାତୃଗୁପ୍ତ କାଶ୍ମୀରରାଜସିଂହାସନ ପରିତ୍ୟାଗ କରି ଅଳ୍ପଦୂରରେ ଅବସ୍ଥାନ କରୁଥିବାର ପରଦିବସ ଅବଗତ ହୋଇ, ପ୍ରବରସେନ ତାହାଙ୍କ ନିକଟରେ ଉପନୀତ ହୋଇ, ସିଂହାସନ ତ୍ୟାଗର କାରଣ ଜିଜ୍ଞାସା କଲେ । ମାତୃଗୁପ୍ତ ଦୀର୍ଘନିଶ୍ୱାସ ତ୍ୟାଗ କରି ନମ୍ରିତମୁଖରେ କହିଲେ—"ରାଜନ୍, ଯେଉଁ ମହାତ୍ମା ମତେ ସିଂହାସନ ଦାନ କରିଥିଲେ ସେ ମାନବଲୀଳା ସମ୍ବରଣ କରିଅଛନ୍ତି; ସୂର୍ଯ୍ୟକାନ୍ତମଣି ଯେପରି ସୂର୍ଯ୍ୟକିରଣରେ ପ୍ରତିଭାତ ହୁଏ, ମାତ୍ର ସୂର୍ଯ୍ୟାସ୍ତ ହେଲେ ସାମାନ୍ୟ ପ୍ରସ୍ତର ମଧ୍ୟରେ ପରିଗଣିତ ହୁଏ, ମୋର ବର୍ତ୍ତମାନ ସେହି ଦଶା ।" ପ୍ରବରସେନ କହିଲେ—"କେହି ଆପଣଙ୍କର ଅନିଷ୍ଟସାଧନ କରିଅଛି, ଆପଣ ବୋଧ ହୁଏ ବିକ୍ରମାଦିତ୍ୟଙ୍କ ଅଭାବରେ ତାହାର ପ୍ରତିହିଂସା ଗ୍ରହଣରେ ଅସମର୍ଥ ।" ମାତୃଗୁପ୍ତ ସଗର୍ବରେ କହିଲେ—"ମୋର ଅନିଷ୍ଟସାଧନକ୍ଷମ ଏପରି କୌଣସି ବ୍ୟକ୍ତି ମୋର ଦୃଷ୍ଟିଗୋଚର ହୋଇ ନାହିଁ । ବିକ୍ରମାଦିତ୍ୟ ଉଷରରେ ଅନୁଚିତଦାନ କମ୍ବା ମରୁଭୂମିରେ ବୀଜରୋପଣ କରି ନ ଥିଲେ । ବିକ୍ରମାଦିତ୍ୟଙ୍କ ଅନ୍ତେ ଏହି ଜଗତ୍ ମତେ ଶ୍ମଶାନତୁଲ୍ୟ ପ୍ରତୀୟମାନ ହେଉଅଛି, ମୁଁ ସନ୍ନ୍ୟାସଧର୍ମାବଲମ୍ବନ କରି ବାରାଣସୀରେ ଅବସ୍ଥାନ କରିବି ।" ମାତୃଗୁପ୍ତଙ୍କ ଏହି ଉକ୍ତିରେ ପ୍ରବରସେନ ଚମତ୍କୃତ ଏବଂ ମୋହିତ ହୋଇ କହିଲେ—"ବିକ୍ରମାଦିତ୍ୟ ଅଯୋଗ୍ୟପାତ୍ରରେ ସମର୍ପଣ କରି ନ ଥିଲେ, ଆପଣ ପୃଥିବୀର ଉତ୍କୃଷ୍ଟତମ ରତ୍ନ ଅଟନ୍ତି । ମୋର ଆପଣଙ୍କଠାରେ ବିନୀତ ପ୍ରାର୍ଥନା ଆପଣ ସିଂହାସନ ତ୍ୟାଗ ନ କରି ପୁନର୍ଗ୍ରହଣ କରନ୍ତୁ । ଆପଣଙ୍କଦ୍ୱାରା ମୋର ଏହି ପ୍ରାର୍ଥନା ରକ୍ଷିତ ହେଲେ ବିକ୍ର-

ମାଦିତ୍ୟଙ୍କ ତୁଲ୍ୟ ମୁଁ ମଧ୍ୟ ସତ୍ତ୍ୱଶାଳୀ ବ୍ୟକ୍ତିର ବିଶେଷ ପକ୍ଷପାତୀ ବୋଲି ସାଧାରଣରେ ଗଣ୍ୟ ହେବ । ଏହି ରାଜ୍ୟ ପ୍ରଥମ ବିକ୍ରମାଦିତ୍ୟ ଆପଣଙ୍କୁ ପ୍ରଦାନ କରିଥିଲେ । ବର୍ତ୍ତମାନ ମୁଁ ତାହା ପୁନଃ ପ୍ରଦାନ କରୁଅଛି, ଗ୍ରହଣ କରିବା ହେଉନ୍ତୁ ।" ମାତୃଗୁପ୍ତ ଏହା ଶ୍ରବଣ କରି ସସ୍ମିତବଦନରେ ଉତ୍ତର କଲେ—"କ୍ଷମା କରନ୍ତୁ । ମୁଁ ଆପଣଙ୍କ ଦାନ ଗ୍ରହଣ କରି ପାରିବି ନାହିଁ । ମୁଁ ତାହା ହୋଇ କପରି ଅନ୍ୟର ଦାନ ଗ୍ରହଣ କରିବି ? ମୁଁ କି ସ୍ୱୀୟ ସ୍ୱାର୍ଥ ନିମନ୍ତେ, ବର୍ତ୍ତମାନ କର୍ତ୍ତବ୍ୟକାର୍ଯ୍ୟ ତ୍ୟାଗ କରି, ବିକ୍ରମାଦିତ୍ୟଙ୍କ ଦାନର ଅଯୋଗ୍ୟ ପାତ୍ର ବୋଲି ଆପଣାକୁ ଘୋଷଣା କରିବି ? ସେ ମୋର ଯେଉଁ ଉପକାର କରିଅଛନ୍ତି, ତହିଁର ପ୍ରତ୍ୟୁପକାର କରି ପାରିବି ନାହିଁ, ତାହା ମୋର ହୃଦୟରେ ଜାଗ୍ରତ ରହିଲା । ମୁଁ ବର୍ତ୍ତମାନ ସମସ୍ତ ସୁଖଭୋଗ ପରିତ୍ୟାଗ କରି କର୍ତ୍ତବ୍ୟପରାୟଣ ହେବି ।" ପ୍ରବରସେନ କହିଲେ—"ଆପଣ ଜୀବିତ ଥିବା ପର୍ଯ୍ୟନ୍ତ ଆପଣଙ୍କ ସମ୍ପତ୍ତିରୁ ମୁଁ ଏକ କପର୍ଦ୍ଦକ ଗ୍ରହଣ କରିବି ନାହିଁ ।" ମାତୃଗୁପ୍ତ ବାନପ୍ରସ୍ଥ ଗ୍ରହଣ କରି ବାରାଣସୀରେ ଅବସ୍ଥାନ କାଳରେ ପ୍ରବରସେନ ପୂର୍ବପ୍ରତିଶ୍ରୁତିକ୍ରମେ କାଶ୍ମୀରରାଜ୍ୟର ସମସ୍ତ ଆୟ ପ୍ରତିବର୍ଷ ତାହାଙ୍କଠାକୁ ପଠାଇ ଦେଉଥିଲେ । ମାତୃଗୁପ୍ତ ଉକ୍ତ ଧନରାଶି ଦରିଦ୍ରମାନଙ୍କୁ ବିତରଣ କରୁଥିଲେ । ପ୍ରବରସେନଙ୍କ ସଙ୍ଗେ ବନ୍ଧୁତ୍ୱସୂତ୍ରରେ ଆବଦ୍ଧ ହୋଇ ପ୍ରବରସେନଙ୍କ ଗୁଣକୀର୍ତ୍ତନ ପୂର୍ବକ ମାତୃଗୁପ୍ତ ସେତୁକାବ୍ୟ ରଚନା କଲେ । ସେ ଦଶବର୍ଷ ଏହିରୂପେ କାଳହରଣ କରି ମାନବଲୀଳା ସମ୍ବରଣ କଲେ । ମାତୃଗୁପ୍ତ ସ୍ତ୍ରୀବିରହରେ କାତର ହୋଇ ମେଘଦୂତ ରଚନା କରିଥିଲେ । ତାହାଙ୍କ ସ୍ତ୍ରୀଙ୍କ ନାମ କମଳା ଥିଲା । ମାତୃଗୁପ୍ତ ଖ୍ରୀଷ୍ଟ ଷଷ୍ଠଶତାବ୍ଦୀରେ ବର୍ତ୍ତମାନ ଥିଲେ । ପୂର୍ବୋକ୍ତ ଦୁଇଖଣ୍ଡ ଗ୍ରନ୍ଥ ବ୍ୟତୀତ ମାତୃଗୁପ୍ତ ରଘୁବଂଶ, କୁମାରସମ୍ଭବ, ଋତୁସଂହାର, ଅଭିଜ୍ଞାନଶକୁନ୍ତଳ ନାଟକ, ବିକ୍ରମୋର୍ବଶୀ

ନାଟକ, ମାଳବିକାଗ୍ନିମିତ୍ର ନାଟକ, ନଳୋଦୟ, ଶୃଙ୍ଗାରତିଳକ, ଶ୍ରୁତବୋଧ ଗ୍ରନ୍ଥମାନ ରଚନା କରିଥିଲେ ।

——:*:——

ଚନ୍ଦ୍ରଶେଖରେ କଟକ ସନ୍ନିକଟସ୍ଥ ନାଟଯୋଗୀଶ୍ୱର ।

ପ୍ରାଚୀନଭେ ଏବେ ରାଜହଂସବନ*
ଦେଖି ଉଚ୍ଛଳଇ ପ୍ରେମପ୍ରସ୍ରବଣ,
ଉଦ୍ୟାନଙ୍କୁ କିବା ଭେଦିଣ ଧରଣୀ
ଉର୍ଦ୍ଧ୍ୱେ ଉଠେ ଫଣିପତି-ଫଣାମଣି,
ଦୂରେ ସ୍ତମ୍ଭକାର କ୍ଷେତ୍ରନିକୁଞ୍ଜଲେ
ଚନ୍ଦ୍ରମାମୂରତି ଶୋଭେ ପ୍ରାନ୍ତାଞ୍ଚଳେ,
ଅନ୍ଧକାରେ ଇନ୍ଦୁ- କିରଣ ପଡ଼ିଲା,
ଅଗଣ୍ଡି† ଓ ଶ୍ୟାମ ତମାଳେ ଭଜିଲା;
ଧବଳ କୁସୁମେ ଭୂଷିଲା କବରୀ
ଧରେ ଅବା ଶୋଭା- ମୟୀ ବଲ୍ଲବରୀ ।
ଛେଡ଼ିଲା ତିମିର ନିଜ ରାଜ୍ୟପାଟ
ନବୋଦିତ ଦେଖି ସୁଧାଂଶୁସମ୍ରାଟ,
ପାଚେଲୁଦେ, ପୁଣି ପର୍ବତକନ୍ଦରେ
ଆଶ୍ରୟ ଲଭିଲା ଯାଇ ଡରଭରେ,

---

* ରାଜହଂସବନ କଟକର ପୂର୍ବବର୍ତ୍ତୀ । ପୂର୍ବକାଳରେ ଏ ଗୋଟିଏ ବୃହତ୍ ବନ ଥିଲା ।

† ଅଗଣ୍ଡି—ଶୁଭ୍ରପତ୍ରବିଶିଷ୍ଟ ବନଲତାବିଶେଷ

ଧୂର୍ଜଟିଜଟାରୁ ଯେସନେ ଗଙ୍ଗାଜଳ
ଜ୍ୟୋତ୍ସ୍ନାପୁର ପୂରୁ- ଅଛି ଧରାତଳ,
ବିସ୍ତାରଇ ଜ୍ୟୋତ୍ସ୍ନା- ହାସିନୀ ଯାମିନୀ
ଶ୍ୱେତଦ୍ୱୀପ ପ୍ରାୟେ ଦିଶଇ ମେଦିନୀ,
ଝଳେ କାଠଯୋଡ଼ୀ ନୀଳଜଳରାଶି
କୌତୁକେ ଚନ୍ଦ୍ରିକା ତହିଁ ବୁଲେ ଭାସି,
ରଜତସ୍ତୂପ ସମ କରେ ଝକମକ
ପ୍ରତିବୀଚିବକ୍ଷେ ଚନ୍ଦ୍ରମା-ପଦକ,
ଜ୍ୟୋତ୍ସ୍ନା ଧୋଳା ହୋଇ ଝଲୁଛି ସୈକତ
ରଜତ ପ୍ରାୟେ ଦୂରେ ଦିଶୁଛି ପର୍ବତ ।
ତରୁଣିରେ ବସି ଚକୋର ଚକୋରୀ*
ନବେ ଢାଳୁଛନ୍ତି ସଙ୍ଗୀତଲହରୀ,
ଜ୍ୟୋତ୍ସ୍ନାମୃତ ସଙ୍ଗେ ପ୍ରେମାମୃତ ପାନ
କରି କ୍ଷଣେ କ୍ଷଣେ ଧରୁଛନ୍ତି ତାନ,
ଦୂରଁ ଦିଗନ୍ତରେ ହୋଇ ଝଙ୍କାରିତ
ଚନ୍ଦ୍ରାଲୋକେ ମିଶି ଯାଉଛି ସେ ଗୀତ ।



* ପାଣିଅପକ୍ଷୀ ।

ବ୍ରହ୍ମାଣ୍ଡର ଅସୀମତ୍ୱ ।

ବ୍ରହ୍ମାଣ୍ଡର ଅସୀମତ୍ୱ ହୃଦୟରେ ଉପଲବ୍ଧି କରିବା କାହାର ସାଧ୍ୟାୟତ୍ତ ନୁହେ । ମାନବ ଚିନ୍ତା, ଜ୍ଞାନ ଓ କଳ୍ପନା ଏକତ୍ର ହୋଇ କାର୍ଯ୍ୟ କଲେ ମଧ୍ୟ ଏହି ଅସୀମତ୍ୱ ନିରୂପଣ କରିବାକୁ ସକ୍ଷମ ହେବ ନାହିଁ । କୌଣସି ପର୍ବତଶିଖରୋପରି ଦଣ୍ଡାୟମାନ ହୋଇ ଚତୁର୍ଦ୍ଦିଗକୁ ଦୃଷ୍ଟି ନିକ୍ଷେପ କଲେ ଦିଗ୍‌ବଳୟବେଷ୍ଟିତ ଯେଉଁ ଦୃଶ୍ୟ ଆମ୍ଭମାନଙ୍କ ନେତ୍ରଗୋଚର ହୁଏ, ସେହିପ୍ରକାର [illegible] ଦୃଶ୍ୟ ଏକତ୍ରିତ କରି ପୃଥିବୀର ଉପରିସ୍ଥଳରେ ସ୍ଥାପନ କଲେ [illegible] ସମଗ୍ର ପୂର୍ଣ୍ଣ ହୋଇଯିବ । କେହି ପ୍ରତ୍ୟହ ଦଶ କୋଶ ଭ୍ର[illegible]ର ପୃଥିବୀ ବେଷ୍ଟନ କଲେ ତାହାଙ୍କର ସାର୍ଦ୍ଧ ତିନିବର୍ଷରୁ ଅଧିକ [illegible] ଅତିବାହିତ ହେବ । ପୃଥିବୀ ଏତେ ବୃହତ୍ ହେଲେହେଁ ଆମ୍ଭମାନଙ୍କ [illegible] ଜଗତସ୍ଥ ଅନ୍ୟାନ୍ୟ ଗ୍ରହାଦି ସହ ତୁଳନାରେ ଏହା କ୍ଷୁଦ୍ରରୁ କ୍ଷୁଦ୍ରତର ପ୍ରତୀୟମାନ ହେବ ।

ସୌରଜଗତର ଏହି ଗ୍ରହମାନଙ୍କ ମଧ୍ୟରୁ ଗୋଟିକ ମଧ୍ୟରେ ଆମ୍ଭମାନଙ୍କ ପୃଥିବୀ ତୁଲ୍ୟ ୯ ଶତ ପୃଥିବୀ ଏବଂ ଅନ୍ୟ ଗୋଟିକ ମଧ୍ୟରେ ୧୪ ଶତ ପୃଥିବୀ ଅବସ୍ଥାନ କରି ପାରେ । ଶନିଗ୍ରହର ଚତୁର୍ଦ୍ଦିଗରେ ଯେଉଁ ଅଙ୍ଗୁରୀୟକ ବେଷ୍ଟିତ ରହିଅଛି ତାହା ଏତେ ବୃହତ୍ ଯେ, ଆମ୍ଭମାନଙ୍କ ପୃଥିବୀ ତୁଲ୍ୟ ୫୦୦ ପୃଥିବୀ ଶନିଗ୍ରହୋପରି ଅବସ୍ଥାପିତ ହେଲେ ମଧ୍ୟ, ଉକ୍ତ ଅଙ୍ଗୁରୀୟକର ପରିଧି ଅତିକ୍ରମ କରିବ ନାହିଁ । ଏହି ଅଙ୍ଗୁରୀୟକର ପରିଧି ୬ଲକ୍ଷ ୪୩ ସହସ୍ର ମାଇଲ ଅଟେ । ମାତ୍ର ସୂର୍ଯ୍ୟସହ ତୁଳନାରେ ଏହି ସମସ୍ତ ଗ୍ରହର ଆକୃତି ଯାତ୍ସାମାନ୍ୟ ପ୍ରତୀୟମାନ ହେବ । ଯେଉଁ ସମସ୍ତ ସ୍ୱପ୍ରକାଶ ଗ୍ରହ, ଉପଗ୍ରହ, ଧୂମ-

କେବଳ ଅନ୍ୟ ସୂର୍ଯ୍ୟକୁ ଅନବରତ ପ୍ରଦକ୍ଷିଣ କରୁଅଛୁ, ସେମାନଙ୍କ ମଧ୍ୟରୁ ଯେଉଁ ଗୋଟିକ ବୃହତ୍ତମ, ସୂର୍ଯ୍ୟ ତାହାଠାରୁ ୫୦୦ ଗୁଣ ବୃହତ୍ତର । ସୂର୍ଯ୍ୟର ପରିଧି ମଧ୍ୟରେ ଅସ୍ମମାନଙ୍କ ପୃଥିବୀ ତୁଲ୍ୟ ୧୩ ଲକ୍ଷ ପୃଥିବୀ ଅବସ୍ଥିତ ହୋଇ ପାରେ । ଯଦ୍ୟପି ପ୍ରତିଘଣ୍ଟାରେ ସୂର୍ଯ୍ୟମଣ୍ଡଳସ୍ଥ ୫ ସହସ୍ର ବର୍ଗମାଇଲ ପରିମିତ ସ୍ଥାନ ଅସ୍ମମାନଙ୍କ ଦୃଷ୍ଟିମାର୍ଗ ଅତିବାହିତ କରି ଯାଏ, ତାହା ହେଲେ ସମସ୍ତ ସୂର୍ଯ୍ୟମଣ୍ଡଳ ୫୫ ସହସ୍ର ବର୍ଷରେ ଅସ୍ମ-ମାନଙ୍କ ଦୃଷ୍ଟିମାର୍ଗର ବହିର୍ଭୂତ ହୋଇ ପାରବ । ଅଶିକ୍ଷିତ ଲୋକେ ଯେଉଁ ପୃଥିବୀକୁ ଅସୀମ ବୋଲି ଜ୍ଞାନ କରନ୍ତି, ସେହିପରି ୩୫ ନିୟୁତ ପୃଥିବୀ ସୌରଜଗତ୍ ସଙ୍ଗେ ଯୋଗ ଅବା ବିଯୋଗ କଲେ ସୌରଜ-ଗତର ବିଶେଷ ହ୍ରାସ ବୃଦ୍ଧି ହେବ ନାହିଁ ।

ସୂର୍ଯ୍ୟ ଏବଂ ସୌରଜଗତସ୍ଥ ଅନ୍ୟାନ୍ୟ ଗ୍ରହାଦି ଏତେ ବୃହତ୍ ହେଲେ ମଧ୍ୟ ଅସୀମ ଓ ଅଗଣ୍ୟ ନକ୍ଷତ୍ରଖଚିତ୍ୟପନ୍ଥ ତୁଳନାରେ ଏମାନେ ସର୍ବସମେତ ଗୋଟିଏ କ୍ଷୁଦ୍ର ବିନ୍ଦୁ ତୁଲ୍ୟ ଅନୁମିତ ହେବେ । ଅସ୍ମମାନଙ୍କ ସୌରଜଗତ୍ ନକ୍ଷତ୍ରସଙ୍ଘର ଗୋଟିଏ ଯତ୍ସାମାନ୍ୟ ଅଂଶ ଅଟେ । ପୃଥିବୀର ସର୍ବ ନିକଟସ୍ଥ ନିଶ୍ଚଳ ନକ୍ଷତ୍ର ପୃଥିବୀଠାରୁ ବିଂଶତି ଲକ୍ଷ କୋଟି ମାଇଲ ଦୂରରେ ଅବସ୍ଥିତ । କମାଣର ଦ୍ରୁତଗାମୀ ଗୋଳାର୍ ଅନବରତ ଗତି ସମ୍ଭବପର ହେଲେ, ପୃଥିବୀରୁ ଉକ୍ତ ନକ୍ଷତ୍ରକୁ ଗମନ କରିବାକୁ ୪୦ ଲକ୍ଷ ବର୍ଷ ଅତିବାହିତ ହେବ । ଏହି ଦୂରତ୍ୱ କଳ୍ପନା-ରେ ଧାରଣ କରିବା ଅନାୟାସସାଧ୍ୟ ନୁହେ । ଖଣ୍ଡିଏ ମାନଚିତ୍ରରେ ଏହି ଦୂରତ୍ୱ ପ୍ରଦର୍ଶିତ ହେଲେ ପୃଥିବୀଠାରୁ ସୂର୍ଯ୍ୟର ଦୂର-ତ୍ୱକୁ ଏକ ଇଞ୍ଚ ବୋଲି ଧାର୍ଯ୍ୟ କଲେ, ୧୧ ମାଇଲ ଦୀର୍ଘ ଖଣ୍ଡିଏ କାଗଜ ପ୍ରୟୋଜନ ହେବ ।

ନିର୍ମଳ ରଜନୀରେ ସହସ୍ର ସହସ୍ର ଉଜ୍ଜ୍ୱଳ ତାରକା ଅସ୍ମମାନଙ୍କ ନେତ୍ରଗୋଚର ହୁଏ । ଏହି ତାରକାମାନଙ୍କ ଆକୃତି ଏବଂ ଅବସ୍ଥିତିର ଦୂରତ୍ୱ ଧାରଣ କରିବା ଅନାୟାସ ସାଧ୍ୟ ନୁହେ । ଯେଉଁ ସମସ୍ତ କ୍ଷୁଦ୍ର

ତାରକା ଆକାଶର ଦୂରପ୍ରଦେଶରେ ଦୃଷ୍ଟିଗୋଚର ହୁଅନ୍ତି, ସେହି ତାରକାମାନେ କୌଣସି ଅଂଶରେ ଆମ୍ଭମାନଙ୍କ ସୂର୍ଯ୍ୟଠାରୁ କ୍ଷୁଦ୍ରତର ନୁହନ୍ତି । ଏମାନଙ୍କ ପ୍ରତ୍ୟେକେ ଗ୍ରହ ଉପଗ୍ରହାଦି ପରିବେଷ୍ଟିତ ଗୋଟିଏ ଗୋଟିଏ ସୌରଜଗତର କେନ୍ଦ୍ର ଅଟେ । ଉକ୍ତ ତାରକାମାନଙ୍କ ମଧ୍ୟରୁ କୌଣସି ତାରକା ସୂର୍ଯ୍ୟଠାରୁ ଶତଗୁଣ, କୌଣସି ତାରକା ସହସ୍ର-ଗୁଣ ବୃହତ୍ତର । ଏହି ସହସ୍ର ସହସ୍ର ତାରକା ଅବା ସୂର୍ଯ୍ୟ ବହୁସହସ୍ର ସଂଖ୍ୟକ ଗ୍ରହ ଉପଗ୍ରହାଦି ଘେନି ଅନବରତ ଶୂନ୍ୟମାର୍ଗରେ ପରିଭ୍ରମଣ କରୁଅଛନ୍ତି ।

ବ୍ରହ୍ମାଣ୍ଡ ଯେ ଏହି କେତେଗୁଡ଼ିଏ ସୂର୍ଯ୍ୟ ଏବଂ ସୌରଜଗତ ଘେନି ସୃଜିତ ତାହା ନୁହେ । ସୂର୍ଯ୍ୟସମୂହ ଅନନ୍ତ ଦୂରବର୍ତ୍ତୀ ଅନ୍ୟାନ୍ୟ ଅଗଣ୍ୟ ସୂର୍ଯ୍ୟ ଚତୁର୍ଦ୍ଦିଗରେ, ସୌରଜଗତସମୂହ ସୁଦୂରସ୍ଥିତ ଶତ ଶତ ସୌରଜଗତର ଚତୁର୍ଦ୍ଦିଗରେ ସର୍ବଦା ଭ୍ରମିତ ହେଉଅଛି । ଏହି ସୌ-ରଜଗତ ମଧ୍ୟରୁ କୌଣସି ସୌରଜଗତ ଆମ୍ଭମାନଙ୍କ ସୌରଜଗତଠାରୁ ଦ୍ୱିଗୁଣ, କୌଣସି ସୌରଜଗତ ଚତୁର୍ଗୁଣ, କୌଣସି ସୌରଜଗତ ଅବା ଶତସହସ୍ର ଗୁଣ ବୃହତ୍ତର । ଏମାନେ ଅନବରତ ଦ୍ରୁତବେଗ-ରେ ଭ୍ରମଣ କରୁଅଛନ୍ତି । କେହି ପ୍ରତିଘଣ୍ଟାରେ ଲକ୍ଷମାଇଲ ଭ୍ରମଣ କରି ୩୦ ବର୍ଷରେ, କେହି ୩୦୦ ବର୍ଷରେ, କେହି ଅବା ୧୬୦୦ ବର୍ଷରେ ସ୍ୱ ସ୍ୱ କେନ୍ଦ୍ର ଚତୁର୍ଦ୍ଦିଗ ପ୍ରଦକ୍ଷିଣ କରିବାକୁ ସମର୍ଥ ହେଉଅଛି ।

ପୂର୍ବୋକ୍ତ ବର୍ଣ୍ଣନା ପାଠ କରି କେହି ହୁଏତ ମନରେ କରିବେ ଆମ୍ଭେମାନେ ସୃଷ୍ଟିର ଏକ ପ୍ରାନ୍ତରେ ଉପସ୍ଥିତ ହୋଇଅଛୁଁ, ମାତ୍ର ତାହା ନୁହେ । ଏପର୍ଯ୍ୟନ୍ତ ଯାହା ବର୍ଣ୍ଣିତ ହେଲା ତାହା ସୁବୃହତ୍ ତାରକାପୁଞ୍ଜ ମଧ୍ୟସ୍ଥିତ କେତେଗୁଡ଼ିଏ ବିକ୍ଷିପ୍ତ ତାରକାର ବର୍ଣ୍ଣନ ମାତ୍ର । ଉକ୍ତ ପୁଞ୍ଜ କେତେ ବୃହତ୍, କେତେ ଦୂରରେ ଅବସ୍ଥିତ ତାହା ଧାରଣା କରିବାକୁ ଦୁର୍ବଳ ମାନବବୁଦ୍ଧି ସକ୍ଷମ ନୁହେ ।

ଆକାଶର ଯେଉଁ ସ୍ଥାନରେ ଖାଲି ଆଖିରେ ଆମ୍ଭେମାନେ ଯେଉଁ ପରିମାଣ ତାରକା ଦୃଷ୍ଟିଗୋଚର କରୁଁ, ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ

ସେହି ସ୍ଥାନରେ ଅନ୍ୟୂନ ବଂଶସହସ୍ର ଗୁଣ ତାରକା ଦୃଷ୍ଟିମାର୍ଗରେ ପତିତ ହୁଏ । ଆକାଶର ସକଳସ୍ଥଳରେ ତାରକାସମୂହ ଏହିପରି ଅବସ୍ଥିତ ଅଟେ । ଛାୟାପଥର ସାମାନ୍ୟ ଗୋଟିଏ ଅଂଶ ଗଣନାଦ୍ୱାରା ଯେଉଁ ତାରକାରାଶିର ସଂଖ୍ୟା ନିର୍ଣ୍ଣୀତ ହୋଇଅଛି, ଛାୟାପଥରେ ସର୍ବତ୍ର ସେହି ପରିମାଣ ତାରକାଗୁଣି ବିଦ୍ୟମାନ ଥିଲେ, ଛାୟାପଥରେ ସର୍ବସମେତ ୨୦୧୮୧୦୦୦ ତାରକା ଅଛି, ଏବଂ ଏହି ତାରକାର ପ୍ରତ୍ୟେକେ ଗୋଟିଏ୨ ପ୍ରକାଣ୍ଡ ସୂର୍ଯ୍ୟ । ଯଦ୍ୟପି ପ୍ରତ୍ୟେକ ସୂର୍ଯ୍ୟର ଚତୁର୍ଦ୍ଦିଗରେ ଅନ୍ୟୂନ ୫୦ ଗୋଟି ଗ୍ରହ ଉପଗ୍ରହାଦି ତାହାକୁ ଅବେଷ୍ଟନପୂର୍ବକ ଭ୍ରମଣ କରୁଥାଏ, ତାହା ହେଲେ ଛାୟାପଥରେ ଅନ୍ୟୂନ ଏକଶତକୋଟି ପଞ୍ଚାନବେ ଲକ୍ଷ ପଚାଶ ସହସ୍ର ଗ୍ରହାଦିର ଅବସ୍ଥିତି ଅଛି । ଏହି ସମସ୍ତ ବର୍ଣ୍ଣନା ଲିପିବଦ୍ଧକରଣ ସମ୍ଭବ ହେଲେହେଁ, ହୃଦୟରେ ଧାରଣ କରିବା ଆମ୍ଭମାନଙ୍କ ପକ୍ଷରେ ଅସମ୍ଭବ ଅଟେ । ଏପର୍ଯ୍ୟନ୍ତ ଯାହା ବର୍ଣ୍ଣିତ ହେଲା ସେହି ସମସ୍ତ ସମଗ୍ର ବ୍ରହ୍ମାଣ୍ଡସହ ତୁଳନାରେ ଅକିଞ୍ଚିତ୍କର ଅଟେ । ଏହି ସମସ୍ତ ଏକତ୍ର ରକ୍ଷିତ ହେଲେ ସମଗ୍ର ବ୍ରହ୍ମାଣ୍ଡର ତୁଳନାରେ, ଗୋଟିଏ କ୍ଷୁଦ୍ର ବିନ୍ଦୁତୁଲ୍ୟ ପ୍ରତୀୟମାନ ହେବ ।

ଛାୟାପଥ ତ୍ୟାଗ କରି ଆମ୍ଭେମାନେ ଯେତେ ଅଧିକ ଦୂରକୁ ଦୃଷ୍ଟିଶକ୍ତିର ପରିଚାଳନ କରବୁଁ, ତେତେ ସହସ୍ର୨ ସଂଖ୍ୟାରେ ଅନେକବିନ୍ଦୁତୁଲ୍ୟ ସ୍ଥାନ ଆମ୍ଭମାନଙ୍କ ଦୃଷ୍ଟିଗୋଚରରେ ପତିତ ହେବ । ଅତ୍ୟୁତ୍କୃଷ୍ଟ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପ୍ରମାଣିତ ହୋଇଅଛି ଏହି ସମସ୍ତ ଅନେକବିନ୍ଦୁର ଅଧିକାଂଶ ସୁପ୍ରକାଣ୍ଡ ତାରକାଗୁଚ୍ଛ ବ୍ୟତୀତ ଅନ୍ୟ କିଛି ନୁହେଁ । ଏହି ସମସ୍ତ ତାରକାଗୁଚ୍ଛକୁ ନେବଉଲୀ କହନ୍ତି । ନେବଉଲୀର ପ୍ରତ୍ୟେକେ ଗୋଟିଏ୨ ଛାୟାପଥ; ଏବଂ ଏମାନଙ୍କ ମଧ୍ୟରୁ ଅଧିକାଂଶ ଆମ୍ଭମାନଙ୍କ ଛାୟାପଥରୁ ଶତଗୁଣ ଉତ୍କୃଷ୍ଟ । ଦୂରବୀକ୍ଷଣ ଯନ୍ତ୍ରଦ୍ୱାରା ଏହିପରି ତିନିସହସ୍ରାଧିକ ନେବଉଲୀ ଅବା ଛାୟାପଥ ଆବିଷ୍କୃତ ହୋଇଅଛି । ଏହି ତିନି ସହସ୍ର ମଧ୍ୟରୁ ଯଦ୍ୟପି ଦୁଇ

ସହସ୍ର ଛାୟାପଥ ଅମ୍ଭମାନଙ୍କ ଛାୟାପଥ ତୁଲ୍ୟ ସୁବିସ୍ତୃତ ହୁଏ, ଏବଂ ପ୍ରତ୍ୟେକରେ ଯଦ୍ୟପି ଅମ୍ଭମାନଙ୍କ ଛାୟାପଥର ତୁଲ୍ୟସଂଖ୍ୟକ ତାରକାର ଅବସ୍ଥିତି ଥାଏ, ତାହା ହେଲେ ଏହି ସମସ୍ତ ଛାୟାପଥରେ ଅନ୍ୟୂନ ୨୦୧୯୧୦୦୦ ର ଦୁଇ ସହସ୍ର ଗୁଣ କିମ୍ବା ୪୦୩୮୨୦୦୦୦୦୦ ଚାଳିଶ ବୃନ୍ଦ ଅଠତିଶକୋଟି କୋଡ଼ିଏଲକ୍ଷ ତାରକା ଅବା ସୂର୍ଯ୍ୟର ଅବସ୍ଥିତି ଅଛି ; ଏବଂ ଦ୍ୱିତୀୟର ଯଦ୍ୟପି ୫୦ ଗୋଟି ଗ୍ରହର ପ୍ରତ୍ୟେକ ସୂର୍ଯ୍ୟ ସଙ୍ଗେ ସମ୍ବନ୍ଧ ଅଛି ବୋଲି ଗ୍ରହଣ କରୁଁ, ତାହାହେଲେ ଉକ୍ତ ୨ ସହସ୍ର ଛାୟାପଥରେ ୨୦୧୯୧୦୦୦୦୦୦୦୦ ଦୁଇଶଙ୍ଖ ଊଣାଇଶବୃନ୍ଦ ଦଶକୋଟି ସଂଖ୍ୟକ ଗ୍ରହର ଅବସ୍ଥିତି ଅଛି ।

ଯଦ୍ୟପି ପ୍ରତ୍ୟେକ ମିନିଟରେ ଗୋଟିଏ୨ ଗ୍ରହ କ୍ରମାନ୍ୱୟରେ ଅମ୍ଭମାନଙ୍କ ଦୃଷ୍ଟିସମ୍ମୁଖରେ ଉପସ୍ଥିତ ହୋଇ ସ୍ଥାନାନ୍ତରିତ ହେବା ସମ୍ଭବପର ହୁଏ, ସମସ୍ତ ଗ୍ରହର ଅମ୍ଭମାନଙ୍କ ଦୃଷ୍ଟିର ବହିର୍ଭୂତ ହେବାକୁ କ୍ରମାନ୍ୱୟରେ ୩୮ ଲକ୍ଷ ୪୦ ସହସ୍ର ବର୍ଷରୁ ଅଧିକ ସମୟ ଅତୀତ ହେବ । ପ୍ରତ୍ୟେକ ଗ୍ରହ ବିଷୟ ଏକ ଘଣ୍ଟା ଚିନ୍ତା କଲେ, ସମସ୍ତ ଗ୍ରହମାନଙ୍କ ବିଷୟ ଚିନ୍ତା କରିବାକୁ ୨୩ କୋଟି ୪ ଲକ୍ଷ ବର୍ଷ ଆବଶ୍ୟକ ହେବ । ପ୍ରତ୍ୟେକ ଗ୍ରହରୁ ଗ୍ରହାନ୍ତରକୁ ଯେଉଁ ସ୍ଥାନ ବ୍ୟବଧାନ ରହିଅଛି ତାହାର ଦୂରତ୍ୱର ସଂଖ୍ୟାଲିଖନ ଅନାୟାସସାଧ୍ୟ ହେଲେହେଁ, ସେହି ଦୂରତ୍ୱ ହୃଦୟରେ ଧାରଣ କରିବା ମାନବକଳ୍ପନାର ସାଧ୍ୟାୟତ୍ତ ନୁହେ ।

ଅତ କେତେଗୁଡ଼ିଏ ନେବୁଲାର ବିଷୟ ଉଲ୍ଲେଖ କଲେ ବ୍ରହ୍ମାଣ୍ଡର ଅସୀମତ୍ୱ କେତେକ ପରିମାଣରେ ଧାରଣା ହୋଇ ପାରିବ । ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପ୍ରମାଣିତ ହୋଇଅଛି, ଏହି ନେବୁଲୀମାନ ତାରକାପୁଞ୍ଜ ନୁହେ, ମାତ୍ର ଅନ୍ୟପ୍ରକାର ଜ୍ୟୋତିର୍ମୟ ତରଳପଦାର୍ଥରେ ପୂର୍ଣ୍ଣ । ଏମାନଙ୍କ ମଧ୍ୟରୁ ଗୋଟିଏ୨ ନେବୁଲୀ ଏତେ ବୃହତ୍ ଯେ ସେମାନଙ୍କ ଆକୃତି ବିଷୟ ଚିନ୍ତା କଲେ ହୃଦୟ ସ୍ତମ୍ଭିତ

ହୋଇଯିବ । ଗୋଟିଏ ନେବୁଲାର ଆକୃତି ଆମ୍ଭମାନଙ୍କ ସୂର୍ଯ୍ୟର ଆକୃତିଠାରୁ ୬୮,୦୦,୦୦,୦୦,୦୦୦ ଥରଅପେକ୍ଷା ଅଠଷଠିକୋଟି ଗୁଣ ବୃହତ୍ତର । ଅଧିକ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଏହାଠାରୁ ମଧ୍ୟ ବୃହତ୍ତର ନେବୁଲା ଆବିଷ୍କୃତ ହୋଇଅଛି । ଗୋଟିଏ ନେବୁଲାର ପରିମାଣ ୨,୪୦,୦୦,୦୦,୦୦,୦୦,୦୦,୦୦,୦୦,୦୦,୦୦,୦୦,୦୦୦ ଦୁଇ ସହସ୍ର ଚାରିଶତ କୋଟି ପରାର୍ଦ୍ଧ ଘନମାଇଲ ।

ବ୍ରହ୍ମାଣ୍ଡରେ ନିଶ୍ଚଳ ତାରକା ଆଦୌ ନାହିଁ । ଯେଉଁମାନେ ଆମ୍ଭମାନଙ୍କ ଚକ୍ଷୁରେ ନିଶ୍ଚଳ ବୋଲି ପ୍ରତୀୟମାନ ହୁଅନ୍ତି ପ୍ରକୃତରେ ସେମାନେ ନିଶ୍ଚଳ ନୁହନ୍ତି । ବିଜ୍ଞାନବିତ୍ ପଣ୍ଡିତମାନେ ପ୍ରମାଣିତ କରିଅଛନ୍ତି ସେମାନେ ସୌରଜଗତର ଅନ୍ତର୍ଗତ ଗ୍ରହମାନଙ୍କଠାରୁ ଅଧିକତର ଦ୍ରୁତଗାମୀ । ଯେଉଁ କକ୍ଷରେ ଏହି ସୁପ୍ରକାଣ୍ଡ ଗୋଲକମାନ ପ୍ରତିମିନିଟରେ ସହସ୍ର ୨ ମାଇଲ ଆବର୍ତ୍ତନ କରୁଅଛନ୍ତି ସେମାନଙ୍କ ବିସ୍ତୃତିବିଷୟ ହୃଦୟରେ ଧାରଣ କରିବା ମାନବକଳ୍ପନାର ଅତୀତ ଅଟେ । ଏହି ତାରକାସମୂହ ଏତେ ଦ୍ରୁତଗାମୀ ଯେ ଏକ ତାରକା ପ୍ରତିବର୍ଷ ସ୍ୱୀୟ କକ୍ଷରେ ୧,୫୫,୦୦,୦୦,୦୦୦ ଏକଶହ ପଞ୍ଚାବନ କୋଟି ମାଇଲ, ଅମ୍ଭା ପ୍ରତିସେକେଣ୍ଡରେ ୫୦ ମାଇଲ ଭ୍ରମଣ କରୁଅଛି ।

ବ୍ରହ୍ମାଣ୍ଡର ଅସୀମତ୍ୱ ବିଷୟ ଧାରଣ କରିବା ଆମ୍ଭମାନଙ୍କ କଳ୍ପନାର ଅତୀତ ଅଟେ । ଆମ୍ଭେମାନେ ପ୍ରଥମ ଦିଗ୍‌ବଳୟବେଷ୍ଟିତ ଭୂଖଣ୍ଡର ଖଣ୍ଡିଏ ଦୃଶ୍ୟରୁ ଆରମ୍ଭ କରି ପୃଥିବୀ, ପୃଥିବୀଠାରୁ ବୃହତ୍ତର ଗ୍ରହମାନଙ୍କ ଆକୃତି, ବୃହତ୍ତମ ଗ୍ରହଠାରୁ ସୂର୍ଯ୍ୟର ଆକୃତି, ତଦନନ୍ତର ସୌରଜଗତ୍, ଏବଂ ସୌରଜଗତ୍‌ଠାରୁ ବହୁସଂଖ୍ୟକ ସୌରଜଗତ୍, ତଦନନ୍ତର ଛାୟାପଥ, ଛାୟାପଥରେ ଅସଂଖ୍ୟ ସୌରଜଗତ୍, ଅସଂଖ୍ୟ ଛାୟାପଥ, ଏକଗ୍ରହରୁ ଅନ୍ୟ ଗ୍ରହର ବ୍ୟବଧାନ ଦୂରତ୍ୱ ବିଷୟ ଯତ୍‌ସାମାନ୍ୟ ଆଲୋଚନା କଲୁଁ । ଏଥିରେ ମଧ୍ୟ ବ୍ରହ୍ମାଣ୍ଡର ଅସୀମତ୍ୱର କଣିକା ମାତ୍ର ବର୍ଣ୍ଣିତ ହୋଇ ପାରିଲା ନାହିଁ । ବର୍ତ୍ତମାନ କାଳରେ

ଏହା ବ୍ୟତୀତ ଅଧିକ ବର୍ଣ୍ଣନା ଅବା ଚିନ୍ତା କରିବାର ଅସ୍ମମାନଙ୍କର ଶକ୍ତି ନାହିଁ । ଭବିଷ୍ୟତରେ ବିଜ୍ଞାନର ଅଧିକ ଉନ୍ନତି ସାଧିତ ହେଲେ ବ୍ରହ୍ମାଣ୍ଡର ଅନେକ ନୂତନ ତତ୍ତ୍ୱ ଆବିଷ୍କୃତ ହୋଇ ପାରିବ ।

ଷଡ଼ଋତୁ ।

ବନବାସକାଳରେ ରାମଚନ୍ଦ୍ରଙ୍କର ଲକ୍ଷ୍ମଣଙ୍କୁ ଉକ୍ତି :

ଚିତ୍ର-ତଟେ ଶରତ୍ ଶୋଭାକୁ ଚାହିଁ,
କହିଲେ ଅନୁଜଙ୍କୁ କୋଦଣ୍ଡ-ପାଣି;—
"ବର୍ଷାଗତେ ଆସିଲ ଋତୁ ବିମଳ,
ଦିଗନ୍ତ କାନ୍ତି-ହାସେ ଦିଶେ ଉଜ୍ଜ୍ୱଳ ।
ଛଡ଼ିଣି ବରଷାର ଧବଳ-ଛଟା-
କାଶକୁସୁମେ ଶୁଭ୍ର ଭଙ୍ଗିମା ଘଟା;
ଅଗସ୍ତ୍ୟ ମାର୍ଗ ନୀର ଶୁଖାଇ ଦେଲେ, (୧)
ହେମନ୍ତ ଭଜେ ଯଥା କେବଳୁ ହେଲେ ।
ଦୁଃସହ ହେଲା ଖରରଶ୍ମି-କିରଣ,
ଦୁଃସହ ତୂଣୀ ଯଥା ଖଳେ ଯେସନ;

(୧) ଅଗସ୍ତ୍ୟ—ଦକ୍ଷିଣାକାଶରେ ଶରତରେ ଅଗସ୍ତ୍ୟ ତାରାର ଉଦୟ ହୁଏ । ଅଗସ୍ତ୍ୟ ଉଦୟରେ ପଙ୍କମୟ ମାର୍ଗ ଶୁଷ୍କ ଏବଂ ନଦୀ ଓ ପୁଷ୍କରିଣୀଜଳ ନିର୍ମଳ ହେବାର ପ୍ରସିଦ୍ଧି ଅଛି ।

ସର-ସଙ୍ଗତ ନୀର ପ୍ରସନ୍ନ ଅତି,
ମୋହ ଭୁଞ୍ଜିଲେ ଯଥା ସଜ୍ଜନ-ମତି ।
ସରସ୍ୱତ-ନୀର କମେ ତୁଟଇ,
ମମତା ଯଥା ସାଧୁ ମନୁଁ ତୁଟଇ;
ଅସିଲା ରମ୍ୟ ଋତୁ ଦେଖି ଖଞ୍ଜନ,
ସୁକୃତ ଫଳେ ଯଥା ପାଇ ସୁକ୍ଷଣ ।
ବ ରଙ୍ଗେ ସାର୍ ସ୍ୱର-ତରଙ୍ଗ ତୋଳେ (୧)
ପର୍ଣ୍ଣ-ଶ୍ୟାମଳ ଦୂର ଶଇଳ-କୋଳେ,
ମୂର୍ଚ୍ଛେ ସାଧୁ କର୍ଣ୍ଣେ ନାରଦ ବୀଣା-
ଝଙ୍କାର ପରି ଏହି ସଂଗୀତ ଧ୍ୱନି ।
କର୍ଦ୍ଦମ ରେଣୁ ବିନୁ ଶୋଭେ ଧରଣୀ,
ଯେସନ ନୀତିପଟୁ ନୃପ କରଣୀ, (୨)
ଜଳସଂକୋଚେ ହେଲେ ବିକଳ ମୀନ,
ବନ୍ଧୁକୁଟୁମ୍ବୀ ଯଥା ସମ୍ବଳହୀନ ।
ଧଳ ଘନ ଗର୍ଭ-ହେଲା ଆକାଶ,
ଭକତ ଛେଦେ ଯଥା ସଂସାର ପାଶ;
ହୁଅଇ ଅଳ୍ପବୃଷ୍ଟି କାହିଁ କ୍ୱଚିତ,
ଲକ୍ଷକେ ଭକ୍ତି ଯଥା ଏକର ଚିତ୍ତେ ।

---

(୧) ସାର—ମୟନା, ଯେଉଁମାନେ ମହାରଣ୍ୟରେ ଭ୍ରମଣ କରି ନାହାନ୍ତି ସାରର ସ୍ୱରର ମିଷ୍ଟତା ଏବଂ ବଚନତା ସେମାନେ ଉପଲବ୍ଧି କରି ପାରିବେ ନାହିଁ । ଶରତ୍‌କାଳରେ ମହାନଦୀର ସାତକୋଶିଆ ଗଣ୍ଡରେ ଅସଂଖ୍ୟ ସାରର ମଧୁରରବ ଶ୍ରୁତିଗୋଚର ହୁଏ । ଗୃହପାଳିତ ସାରର ସ୍ୱରରେ ସେ ମଧୁରତା ଅନୁଭୂତ ହୁଏ ନାହିଁ ।

(୨) ନୀତିନିପୁଣ ରାଜାମାନେ ଏକପକ୍ଷରେ ଅଭାବ ଏବଂ ଅପର ପକ୍ଷରେ ଆଧିକ୍ୟ ଏହି ଉଭୟ କୋଟିର ଅସୁବିଧା ପରିହାର କରିବାରେ ଯତ୍ନବାନ୍ ହୁଅନ୍ତି ।

ବଣିକ, ଭିକ୍ଷାଜୀବୀ, ନୃପ, ତାପସ (୧)
ସ୍ୱବାସୁଁ ବାହାରିଲେ ହୋଇ ହରଷ;
ସୁକୃତ ଫଳେ ଭକ୍ତି ଉଇଁଲେ ମନେ,
ମାୟା-ବନ୍ଧନ ତୁଟି ଯେହ୍ନେ ସୁଜନେ ।

ନିଃଶଙ୍କ ମୀନ ଯହିଁ ନୀର ଅଗାଧ,
ହରି-ଅଙ୍ଘ୍ରିରେ ଯଥା ନାହିଁ ପ୍ରମାଦ;
ନିର୍ମଳ ଧୂତ ବସ୍ତ୍ର ଶୋଭେ ତେସନ,
ନିର୍ଗୁଣ-ବସ୍ତ୍ର ଗୁଣ ଅର୍ପି ଯେସନ ।

ତଡ଼ାଗ ଭାରତର ଶ୍ୱେତ କୁମୁଦେ,
ତାମସ-ହ୍ରଦେ ସତ୍ତ୍ୱ-ଗୁଣ କି ଉଦେ ? (୨)
ପଦ୍ମବନେ ଶୁଭଇ ଅଳି-ଝଙ୍କାର,
ବ୍ରହ୍ମବାଦୀର କି ସେ ନାଦ ଓଁକାର ?

ଅଦୃଶ୍ୟେ ଯୋମଫୁଲ ବନରେ ବାସ,
ସାତ୍ତ୍ୱିକର ନ ଥାଏ ନାମେ ପ୍ରଦୃପ;
ସ୍ଥଳ-କମଳେ କେତେ ରୂପର ଖ୍ୟାତି !
ନିର୍ଗୁଣ ହେଲେ ଲୋକ ହୁଏ ଏ ଭାତି ।

ଠାବ ଠାବକେ ଦେଖ ଶ୍ୟାମ ଅଟବୀ,
ସପ୍ତଚ୍ଛଦ-ପ୍ରସୂନେ ଶବଳ ଛବି,

---

(୧) ଶରଦାରମ୍ଭରେ ବଳଦିଆମାନେ ପଣ୍ୟପୂରିତ ବଳଦ ଘେନି ବାଣିଜ୍ୟ ସକାଶେ ଗଡ଼ଜାତକୁ ଯାଆନ୍ତି । ପୂର୍ବେ ଭାରତୀୟ ରାଜାମାନେ ଶରତ୍କାଳରେ ଦିଗ୍‌ବିଜୟ ସକାଶ ବହିର୍ଗତ ହେଉଥିଲେ । ଅଦ୍ୟାପି ସୁଦ୍ଧା ଦଶହରାରେ ଗଡ଼ଜାତୀୟ ରାଜନ୍ୟମାନଙ୍କରେ ସେହି ପୂର୍ବପ୍ରଥା କେବଳ ବିଧିରକ୍ଷାସ୍ୱରୂପ ଅନୁଷ୍ଠିତ ହେଉଅଛି । ତାପସମାନେ ଚାତୁର୍ମାସ୍ୟ ଅନ୍ତେ ତୀର୍ଥାଟନ ସକାଶ ବହିର୍ଗତ ହୁଅନ୍ତି ।

(୨) କୃଷ୍ଣବର୍ଣ୍ଣ ହେବାରୁ ତଡ଼ାଗର ତାମସହୃଦୟ ସହିତ ଉପମା । ଶୁଭ୍ର କୁମୁଦ ସତ୍ତ୍ୱଗୁଣ ସହିତ ଉପମିତ ।

ଆଘ୍ରାଣ ଯାର ଷୌରଭ୍ୟ ଜନ୍ମାଏ,
ତୃଣଗଣୀର ଅନ୍ତସ୍ଥାଧା ପଲ୍ଲବୟ ।
   ସୁନଚଷାଳ-ତୃଣ ଏବେ କେଦାରେ,
ମଞ୍ଜୁଳ ପକ୍ୱଫଳଗୁଚ୍ଛର ଭରେ,
ଏହି ଏ ଦୀକ୍ଷା ଦିନା ଲଭେ ହୃଦୟ,
ପରୋପକୃଣ୍ଣୀଳର ଫଳ ଉଦୟ ।
   ନିର୍ମଳ ନୀଳାମ୍ବର ରମ୍ୟ ଶରଦେ,
ଶୋଭନ୍ତେ ପ୍ରକୃତି ଦୃଷ୍ଟି ଶୋଭା-ସମ୍ପଦେ,
ଚୂଡ଼ୁ ନ୍ତୁଚଶିଶୁର ସ୍ନେହେ ନିଃଶେଷ
ପ୍ରକୃତି ଦିଏ ଦେଖ ଅଧ୍ୟାତ୍ମଦେଶ ।
   ଶାରଦ ନୀଳିମା-ଲୁଷ୍ଠନେ ହୃଷ୍ଟ,
ପ୍ରାଣେ ଦେଏ ନିଜ ସତ୍ତାକୁ ତ୍ୟଜି,
... ଅନ୍ତ ହୃଦ ସ୍ତବଧ !
... ନିତେଜ କି ପ୍ରେମ ନିବେଦନ ?
   ପ୍ରଭାତ ତାଡିମ୍ବିନୀ ବାଲୁକାପଟେ
ଲୁଞ୍ଚନ୍ତ କେଉଁଠି ଛବି ପ୍ରକଟେ,
କି ... ଶ୍ରୁତିନିବ ବେଗେ ଛୁଏ ...
... ତୁଙ୍ଗ-ଅଙ୍ଗ-ଶୋଭିତ ଘରାଳ ।
   ... ଶ୍ରୀ ବିକ୍ଷୁବଳୀ ଦେଖି ହୃଦୟ,
... ଯଥା ଚିତ୍ତ-ମାଳିକ;
ନିଶା ଶୀତଳ ହିମେ ବିକଷ ଭାଗ,
ସ୍ୱାଧ୍ୟବର୍ଣ୍ଣ ଯଥା ଜୀବନ ପଥ ।
   ... ରେ ଉଜ୍ଜ୍ୱଳାଏ ...
ଚିକ୍କଣ ବୃଦ୍ଧି-ଦୌତ୍ୟ ଅକାଶ,
ସେ ଭୂଚର ସ୍ପର୍ଶ ତୋର ପାଥ ସ୍ନିଗ୍ଧ

ଘନେ ଚନ୍ଦ୍ରମା କି ଛଡ଼ ବସନ୍ତ ଚନ୍ଦ୍ର !
   ଚକୋର ବଧୂକୁଳ ଚନ୍ଦ୍ର ଉଷତ,
ଦୁରନ୍ତି ଧ୍ୟାନେ ଥିର ଯଥା ଭକତ;
ଶୀତେ ଉଭେଇ ଗଲେ ମଶକ, ଦଂଶ,
ସତ୍ଗୁରୁ ଯୋଗେ ଯଥା ଅବିଦ୍ୟା ଧ୍ୱଂସ ।
   ଉତ୍କଳ ଗ୍ରାମ୍ୟପଥ ନାସ୍ତି କ୍ରମେ,
ଧରମଦାଣ୍ଡ କି ସେ ପାପ-କର୍ଦ୍ଦମେ ?
ଜ୍ୟୋତିଷ୍କ-ବିମ୍ବ କିବା ଉତ୍କଳ ଦିଶେ ?
ଜ୍ୟୋତିଧାମର କୋଟି ଗବାକ୍ଷ କି ସେ ?
   ବସ୍ତ୍ରଦେଦୀପ୍ତିନୀ, ଦିବ୍ୟଦୂର୍ବ୍ୟମାଳିନୀ,
ମୌକ୍ତିକ-ନିନ୍ଦ ହିମ-ବିନ୍ଦୁଶାଳିନୀ,
କେତେ ସୁନ୍ଦର, ଅମ୍ବା, ଶରତ-ଉଷା !
ସୁନ୍ଦର ଗୋଦାବରୀ ଶରତ-ଭୂଷା ।
   ଦେଖିଲୁ କାଲି ଉଠି ଏ ଗିରି-ଶିରେ
ପ୍ରଶସ୍ତ ଚାରୁ ମୂର୍ତ୍ତି ଗୋଦାବରୀରେ,
ସରତେବାଳିର ପ୍ରସୂ ଭଲ୍ଲୁ ମାନରେ,
ପ୍ରାନ୍ତେ ଯା ସ୍ଥିର ସ୍ୱଚ୍ଛ-ସ୍ରୋତରେ ଚଳନ୍ତେ ।
   ସୁନୀଳ କୁନ୍ତଳକା ଶୋଭା ପ୍ରକଟି,
କଦମ୍ବ ଅଙ୍କିତ ଶ୍ୟାମ ଶିଖର-ତଟି,
ତାଳାବନେ ଭିନ୍ନ ଯ ଏ ତା କାନ୍ତି,
ଚନ୍ଦ୍ର-ଅଙ୍କେ ଯଥା ସଂସାରମାନ୍ତି ।”

ପର୍ଯ୍ୟଟନ ।

ପର୍ଯ୍ୟଟନ ତରୁଣ ବ୍ୟକ୍ତିମାନଙ୍କ ଶିକ୍ଷାର ଏବଂ ପରିଣତ ବ୍ୟକ୍ତି-ମାନଙ୍କ ଦୂରଦର୍ଶିତାର ଏକ ଅଂଶ ଅଟେ । କୌଣସି ଦେଶ ପର୍ଯ୍ୟଟନ କରିବାକୁ ଗଲେ ସେହି ଦେଶର ଭାଷା ଶିକ୍ଷା କରିବା ଉଚିତ । ଯେଉଁ ଦେଶ ପର୍ଯ୍ୟଟନ କରିବାକୁ ଯିବ ସେହି ଦେଶର ଭାଷାଭିଜ୍ଞ ଓ ପୂର୍ବ-ପ୍ରବାସୀ କୌଣସି ବ୍ୟକ୍ତି ସମଭିବ୍ୟାହାରରେ ଥିଲେ କେଉଁ୨ ପଦାର୍ଥ ଦ୍ରଷ୍ଟବ୍ୟ, କେଉଁ୨ ବ୍ୟକ୍ତିସଙ୍ଗ ପରିଚୟ ପ୍ରାର୍ଥନୀୟ ଇତ୍ୟାଦି ବିଷୟ ଅନାୟାସରେ ଅବଗତ ହୋଇ ପାରିବ । ଦେଶପର୍ଯ୍ୟଟନ କାଳରେ ପ୍ରାତ୍ୟହିକ କାର୍ଯ୍ୟବିବରଣ ପୁସ୍ତକରେ ଲିପିବଦ୍ଧ କରିବା ଉଚିତ । ଭିନ୍ନଦେଶ ରାଜାମାନଙ୍କ ଧର୍ମାଧିକରଣ, ବିଚାରକର୍ତ୍ତାମାନଙ୍କ ଆପନୋ-ପଦେଶନପୂର୍ବକ ବିବାଦ ଶ୍ରବଣ କାଳରେ ସେମାନଙ୍କ ଧର୍ମାଧିକରଣ, ଧର୍ମ୍ମମଣ୍ଡଳୀର ପୁରୋହିତମାନଙ୍କ ସଭା, ଧର୍ମମଣ୍ଡଳୀର ଉଦାସୀନମାନଙ୍କ ମଠ, ମହାତ୍ମାମାନଙ୍କ ସମାଧିସ୍ତମ୍ଭ, ନଗରପ୍ରାଚୀର, ପୁରଦୁର୍ଗ, ବନ୍ଦର, ପୋ-ତାଶ୍ରୟ, ପୁରାକାଳର ବସ୍ତୁ, ଉଚ୍ଛିନ୍ନ ସ୍ଥାନ, ଗ୍ରନ୍ଥାଗାର, ବିଦ୍ୟାଳୟ, ବକ୍ତୃତାଗୃହ, ପୋତସମୂହ, ଯୁଦ୍ଧପୋତ, ସୁନ୍ଦର ଅଟ୍ଟାଳିକା, ଉପବନ, ଅସ୍ତ୍ରାଗାର, ସଂଗ୍ରାମଦ୍ରବ୍ୟାଗାର, ଭଣ୍ଡାର, ବାଣିଜ୍ୟାର୍ଥ ମହାଜନମାନଙ୍କ ବଣିକସମାଗମ ସ୍ଥାନ, ବନ୍ଦ୍ୟଦ୍ରବ୍ୟାଗାର, ପଦାତିକ ଅଶ୍ୱାରୋହିମା-ନଙ୍କ ବ୍ୟାୟାମ ସ୍ଥାନ, ଅସ୍ତ୍ରଶସ୍ତ୍ରପଟ୍ଟିକ୍ରୀଡ଼ାଶାଳ, ସୈନ୍ୟପ୍ରସ୍ତୁତ ସ୍ଥାନ, ନାଟ୍ୟଗୃହ, ରଙ୍ଗାଗାର, ରାଜବସ୍ତ୍ରାଗାର, ହଟ୍ଟ, ପଶୁବାଟିକା, ଅପୂର୍ବ-ଦୁର୍ଲ୍ଲଭଦ୍ରବ୍ୟାଗାର ପ୍ରଭୃତି ଦର୍ଶନୀୟ ପଦାର୍ଥ ଅଟେ । ଅନ୍ୟ ଦେଶର ଲୋକମାନଙ୍କ ଆଡ଼ମ୍ବରୀ ଉଲ୍ଲାସ, ଛଦ୍ମବେଶ, ପର୍ବ, ବିବାହ, ଅନ୍ତ୍ୟେ-

ଷ୍ଟିକ୍ରିପ୍ସା ପ୍ରାଣବଧ ପ୍ରଭୃତି ବିଷୟମାନ ମଧ୍ୟ ଉପେକ୍ଷଣୀୟ ନୁହେ । ପର୍ଯ୍ୟଟକ ସ୍ୱୀୟ ଦ୍ରଷ୍ଟବ୍ୟ ଏବଂ ଜିଜ୍ଞାସ୍ୟବିଷୟଜ୍ଞାପକ ଖଣ୍ଡିଏ ମାନଚିତ୍ର ଏବଂ ବୃତ୍ତାନ୍ତସୂଚକ ଖଣ୍ଡିଏ ପୁସ୍ତକ ସମଭିବ୍ୟାହାରରେ ରଖିବେ । ପ୍ରୟୋଜନୀୟ ସମୟ ବ୍ୟତୀତ ପର୍ଯ୍ୟଟକ ଏକ ନଗର କିମ୍ବା ଏକ ଗୃହରେ ଦୀର୍ଘକାଳ ଅବସ୍ଥାନ କରିବେ ନାହିଁ । କାରଣ ବାସ ପରିବର୍ତ୍ତନ କଲେ ବନ୍ଧୁସଂଗ୍ରହ କରି ପାରିବେ । ସ୍ଥାନାନ୍ତର ଗମନ କାଳରେ ଗନ୍ତବ୍ୟସ୍ଥାନର କୌଣସି ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ଉପରୋଧପତ୍ର ଘେନ ଯିବେ । ଏପରି କଲେ ତାହାଙ୍କ ସାହାଯ୍ୟରେ ଦର୍ଶନୀୟ ଏବଂ ଜ୍ଞାତବ୍ୟ ବିଷୟମାନ ଅବଗତ ହୋଇ ପାରିବେ । ଏହି ରୀତିରେ ପର୍ଯ୍ୟଟକ ସ୍ୱଳ୍ପ ପର୍ଯ୍ୟଟନଦ୍ୱାରା ସମଧିକ ଜ୍ଞାନ ଲାଭ କରିବେ । ପର୍ଯ୍ୟଟନକାଳରେ କଲହ ଓ ବିବାଦ ପରିହାର କରିବା ଏବଂ ସତର୍କ ଓ ପରିଣାମଦର୍ଶୀ ହେବା କର୍ତ୍ତବ୍ୟ । କ୍ରୋଧସ୍ୱଭାବୀ ଏବଂ ବିବାଦପରାୟଣ ବ୍ୟକ୍ତିମାନଙ୍କ ସହ କପଟ ସଂସର୍ଗ ରକ୍ଷା କରିବାକୁ ହୁଏ ପର୍ଯ୍ୟଟକ ସେହି ବିଷୟରେ ସାବଧାନ ହେବେ । ପର୍ଯ୍ୟଟକ ସ୍ୱଦେଶକୁ ପ୍ରତ୍ୟାଗମନକାଳରେ ସ୍ୱପର୍ଯ୍ୟଟିତ ଦେଶମାନଙ୍କ ବିଷୟ ବିସ୍ମୃତ ନ ହୋଇ ଯୋଗ୍ୟତମ ପରିଚିତ ବ୍ୟକ୍ତିମାନଙ୍କ ସହ ପତ୍ରଦ୍ୱାରା ଆଳାପ ରଖିବେ । ବିଦେଶୀୟ ରୀତିନୀତିର ଅନୁକରଣ ନ କରି ବିଦେଶୀୟ ରୀତିନୀତି ଶିକ୍ଷାପୂର୍ବକ, ତାହାର ସାରଭାଗ ଗ୍ରହଣ କରି, ସ୍ୱଦେଶର ରୀତିନୀତିର ଶୋଭା ବର୍ଦ୍ଧନ କରିବେ ।



ପୁରୀ ନଗରୀରେ ବସନ୍ତ ବର୍ଣ୍ଣନା ।

ନୀଳାଚଳେ ଆଜ ଦୋଳମହୋତ୍ସବେ
ମତ୍ତ ସର୍ବେ ପୁରବାସୀ,
ବାଦିତ୍ର-ରବର ସ୍ରୋତେ ପକାଉଛି
ଦିଗ୍ କୋଳାହଳ ରାଶି ।
ଶ୍ରୀଖଣ୍ଡ ଶଇଳୁଁ ମୃଦୁଳେ ସମୀର
ପାରାବାର-ବକ୍ଷେ ବସି,
ଶ୍ରୀକ୍ଷେତ୍ର-ଲଳନା- କପୋଳେ ଅଳକ
କମ୍ପାଉଛି ରହି ରହି ।
ଉଡୁଛନ୍ତି ପୌର- କରେ ପ୍ରଜାପତି
ସାଜି ଇନ୍ଦ୍ରଧନୁ-ବର୍ଣ୍ଣେ,
ଉଡୁ ଉଡୁ ଧୀରେ ବସିପଡୁଛନ୍ତି
କେବେ ପୁଷ୍ପେ, କେବେ ପର୍ଣ୍ଣେ ।
ଲଇଡିଆ (୧) କାଜ ପ୍ରିୟା ସଙ୍ଗେ ନାଟ୍ୟ-
ତରଙ୍ଗେ ମଗ୍ନ ନାଟୁଆ,
ଇନ୍ଦ୍ରଧନୁଖଣ୍ଡ ପ୍ରାୟେ ଖଣ୍ଡି ଉଡ଼ା
ଦେଇ ବୁଲେ ବାଳଶୁଆ (୨) ।
ସ୍ତନରୁ ପୁଷ୍ପିତ— ଭୁରଅନା ଗନ୍ଧେ
ବାସିତ ଉଦ୍ୟାନମାନ,
ଭ୍ରମୁଛନ୍ତି ଯୂଥେ— ଯୂଥେ ମଧୁକର
ସୌରଭେ ହୋଇ ଅଜ୍ଞାନ ।

---

(୧) ପକ୍ଷୀବିଶେଷ । (୨) ପକ୍ଷୀବିଶେଷ ।

ସ୍ୱର୍ଣ୍ଣଦୀ ନନ୍ଦନୀ ଘାଟେ ନୀଳାକାଶେ
ଦୋଳଇ ରଙ୍ଗଶାଲ୍ମଳୀ,
ନବୁଲ କିଂଶୁକ— କୁସୁମ ମଣ୍ଡନେ
ସିନ୍ଦୂରିତ ବନସ୍ଥଳୀ ।
କରୁଛନ୍ତି ସଜ୍ଜ ଧରାଧାମେ ଅଜ
ରତି ସଙ୍ଗେ ରତିପତି,
ଫୁଟିଅଛି ନାଗ- କେଶର କେତନ
ଶିରେ ହେମ-ପୁଷ୍ପ-ଛବି ।
ବର୍ଣ୍ଣ ଅନୁରୂପେ ବନୀ ବେନଙ୍କର
ଫୁଲଦିବସନ୍ତ ପିକ (୧)
ପଥିକ ମାନସେ ପ୍ରୀତି ଆଣିବାକୁ
କେ ଜଣା ହେବା ଅଧିକ ।
ଡାକଇ ସୁରଭି— ଭ୍ରମର ଶିଞ୍ଜିତ
ସଙ୍ଗ-ପଲ୍ଲବର-ସ୍ୱବେ,
ପ୍ରବାଳ-ପତାକା ଧରଣ ଭିନ୍ଦୁକ
ଭଗ୍ନ ଦେଖ ଠାବେ ଠାବେ ।
ଦିଶୁଅଛି ଯାହା ଶ୍ୟାମଳ ଚମ୍ପକ-
ପାଦପେ ହେମକଳିକା,
ସଜା ସଣୀଙ୍କର ନୀରଜଜା ପାଇଁ
ଯେସିନା ପ୍ରଦୀପଶିଖା ।
ମଲ୍ଲିକାକୋରକ— ଶଙ୍ଖ ବଜାଉଛୁ
ଷଟ୍‌ପଦ ପୁଷ୍ପଲକ୍ଷ୍ମୀଠ,

---

(୧) ରକ୍ତ ଗୌରାଙ୍ଗୀ, ମଦନ ଶ୍ୟାମବର୍ଣ୍ଣ ।

ହେମଗୋରୀ ସୂର୍ଯ୍ୟ- ମୁଖୀ ଧରଅଛୁ
ସ୍ତମ୍ଭରେ ସ୍ୱର୍ଣ୍ଣ ଅଳଙ୍କ ।
ମନ୍ଦାନିଳେ ନାନା ଅଙ୍ଗଭଙ୍ଗୀ ଭରେ
ବଧୂର ଧୈର୍ଯ୍ୟଘାତକୀ,
ପତ୍ରଗଣ ପୃଷ୍ଠ କିଙ୍କିଣୀଧାରିଣୀ
ଧାତକୀ ରାଜନର୍ତ୍ତକୀ ।
ରାଜ-ଅସ୍ତାଗାର ପତ୍ରପୂର୍ଣ୍ଣ ଏବେ
ଛବା ଜଳେ ଛବା ସ୍ଥଳେ,
ଅଶୋକ କଦଳୀ ଚୂତେ ପୂର୍ଣ୍ଣ ବନ
ସର ଉତ୍ପଳ କମଳେ ।

ଜୀବ ରହସ୍ୟ ।

(ଦ୍ୱିତୀୟପାଠ) ।

ପୃଥିବୀରେ ଆଶ୍ଚର୍ଯ୍ୟଜନକ କେତେକ ଜୀବ ଅଛନ୍ତି, ଯେମାନଙ୍କ ବିବରଣ ଅତ୍ୟନ୍ତ କୌତୂହଳଜନକ ଅଟେ । ଦକ୍ଷିଣ-ଆମେରିକାରେ ଏକପ୍ରକାର ପକ୍ଷୀ ଅଛନ୍ତି ସେମାନଙ୍କୁ ଘଣ୍ଟାପକ୍ଷୀ କହନ୍ତି । ଘଣ୍ଟାପକ୍ଷିର ଆକୃତି କାକତୁଲ୍ୟ, ଏହାର ଦୈର୍ଘ୍ୟ ଏକଫୁଟରୁ ଅଧିକ ନୁହଇ । ଏହାର ସ୍ୱର ଅତ୍ୟନ୍ତ ଗମ୍ଭୀର, ଦୂରରୁ ଘଣ୍ଟାଶବ୍ଦ ତୁଲ୍ୟ ବୋଧ ହୁଏ । ଦୁଇ କ୍ରୋଶ ଦୂରରୁ ଏହାର ଶବ୍ଦ ଶୁଣାଯାଏ । ଆମେରିକାର ବହୁପକାରୀ ପକ୍ଷୀ ମନୁଷ୍ୟ ଓ ନାନାପ୍ରକାର ପଶୁ ପକ୍ଷିର ସ୍ୱର ଅବିକଳ ଅନୁକରଣ କରି ପାରେ । ଏ ଦେଶରେ ଭୀମରାଜ, ଶ୍ୟାମା, ଶୁକ, ହରବୋଲ ପ୍ରଭୃତି ପକ୍ଷୀ ଅନ୍ୟାନ୍ୟ ପଶୁ ପକ୍ଷିର ସ୍ୱର ଅନୁକରଣ କରି ପାରନ୍ତି । ଦକ୍ଷିଣ ଆମେରିକାରେ ଏକଜାତୀୟ ପକ୍ଷିକୁ ଛତ୍ରପକ୍ଷୀ କହନ୍ତି । ଏମାନଙ୍କ

ମସ୍ତକ ଉପରେ କେତେଗୁଡ଼ିଏ ସୂକ୍ଷ୍ମ ପକ୍ଷ ଛତ୍ରାକୃତିରେ ଥାଏ, ଏମାନେ ତାହାକୁ ଇଚ୍ଛାନୁସାରେ ମୁଦ୍ରିତ ଅବା ବିସ୍ତାରିତ କରନ୍ତି । ଅଷ୍ଟ୍ରେଲିଅରେ ଏମିଉ ନାମକ ବୃହଦାକୃତି ପକ୍ଷିର ଉଡ୍ଡା ନାହିଁ, ଏଣୁ ଏମାନେ କୌଣସି ପ୍ରକାର ଶବ୍ଦ କରି ପାରନ୍ତି ନାହିଁ । ହଂସତୁଲ୍ୟ ବୃହଦାକୃତି ଭୂଚରପକ୍ଷୀ ଏପରି ନିର୍ବୋଧ ଯେ କେହି ଏମାନଙ୍କୁ ଧାରଣ କିମ୍ବା ଆଘାତ କରିବାକୁ ଚେଷ୍ଟା କଲେ ଏମାନେ ପଳାୟନପର ହୁଅନ୍ତି ନାହିଁ । ଦକ୍ଷିଣ ଆଫ୍ରିକାରେ ଏକପ୍ରକାରର କ୍ଷୁଦ୍ରପକ୍ଷୀ ଅଛନ୍ତି ସେମାନଙ୍କୁ ଗଣ୍ଡାର ପକ୍ଷୀ କହନ୍ତି । ଏମାନେ ସବୁବେଳେ ଗଣ୍ଡାରମାନଙ୍କ ସଙ୍ଗେ ରହନ୍ତି । ଦକ୍ଷିଣ-ଆଫ୍ରିକାର କୃଷ୍ଣଗଣ୍ଡାର ଅତ୍ୟନ୍ତ ନିଦ୍ରାଳୁ ପଶୁ । ନିଦ୍ରାବସ୍ଥାରେ କୌଣସି ଶତ୍ରୁ ଉପସ୍ଥିତ ହେଲେ ଉକ୍ତ ପକ୍ଷୀ ଚିତ୍କାର କରି ଗଣ୍ଡାରକୁ ଜାଗରିତ କରେ । ଦକ୍ଷିଣଆଫ୍ରିକାର ମହିଷ-ପକ୍ଷୀ ମଧ୍ୟ ଏହିପରି ମହିଷମାନଙ୍କ ଉପକାର କରେ । ଏ ଦେଶର ଗୃଧ୍ରମାନେ ଜନ୍ତୁର ଶବ ଭକ୍ଷଣ କରନ୍ତି, ଏମାନେ କୌଣସି ଜୀବର ହିଂସା କରନ୍ତି ନାହିଁ । ଦକ୍ଷିଣ-ଆମେରିକାର ବୃହଦାକାର କଣ୍ଡାର ନାମକ ଗୃଧ୍ରମାନେ ହରିଣ, ମେଷ, ଛାଗ ପ୍ରଭୃତି ବଧ କରି ଭକ୍ଷଣ କରନ୍ତି । ଅଷ୍ଟ୍ରେଲିଆର ଏକପ୍ରକାରର ବୃହତ୍‌ପକ୍ଷୀ ବଲ୍ମୀକତୁଲ୍ୟ ମୃତ୍ତିକାରେ ବାସଗୃହ ନିର୍ମାଣ କରନ୍ତି । ଚୀନ ଦେଶର ଲୋକେ ଏକପ୍ରକାରର ମତ୍ସ୍ୟଧାରୀ ପକ୍ଷୀ ପାଳନ କରି ମତ୍ସ୍ୟ ଧାରଣ କରନ୍ତି । ପକ୍ଷିମାନେ ମତ୍ସ୍ୟ ଧାରଣପୂର୍ବକ ଭକ୍ଷଣ କରିବାକୁ ଅକ୍ଷମ ହେବେ ବୋଲି ଚୀନାମାନେ ଏମାନଙ୍କ ଗଳାରେ ଖଣ୍ଡିଏ୨ ଫିତା ବାନ୍ଧି ଦିଅନ୍ତି । ମତ୍ସ୍ୟ ଧାରଣ ଶେଷ ହେଲେ ଗଳାରୁ ଫିତା ଖୋଲିଦେଇ ଏମାନଙ୍କୁ ମତ୍ସ୍ୟାହାର କରିବାକୁ ଦିଅନ୍ତି । କୌଣସି୨ ଜାତିର ହଂସ ସହସ୍ର୨ ସଙ୍ଖ୍ୟାରେ ଦଳବଦ୍ଧ ହୋଇ ରହନ୍ତି । ଋତୁଭେଦରେ ଏହି ହଂସମାନେ ଏକ ଦେଶରୁ ଦେଶାନ୍ତରକୁ ଗମନ କରନ୍ତି । ଆମେରିକାର ବନ୍ୟପାରାବତମାନଙ୍କ ତୁଲ୍ୟ ଅନ୍ୟ କୌଣସି ପକ୍ଷିଙ୍କୁ ବୃହତ୍ ଦଳବଦ୍ଧ ହେବାର ଦେଖା-

ଯାଏ ନାହିଁ । ଏମାନେ କୋଟି୨ ସଂଖ୍ୟାରେ ଦଳବଦ୍ଧ ହୋଇ ଏକ ପ୍ରଦେଶରୁ ପ୍ରଦେଶାନ୍ତରକୁ ଗମନ କରନ୍ତି । ଏମାନଙ୍କ ଯୋଗୁଁ ଅନେକବାର କୌଣସି୨ ପ୍ରଦେଶରେ ଦୁର୍ଭିକ୍ଷ ଉପସ୍ଥିତ ହୁଏ । କୌଣସି୨ ପକ୍ଷୀ ଏପରି ଦ୍ରୁତଗାମୀ ଯେ ଘଣ୍ଟାରେ ୧୫୦ ମାଇଲ ଗମନ କରି ପାରନ୍ତି । ଗ୍ରୀଷ୍ମମଣ୍ଡଳରେ ଏକପ୍ରକାର ପକ୍ଷୀ ଅଛନ୍ତି ସେମାନଙ୍କୁ ଦସ୍ୟୁପକ୍ଷୀ କହନ୍ତି । ଦସ୍ୟୁପକ୍ଷିର ଦେହଭର ଅଧସେରରୁ ଅଧିକ ନୁହେଁ; ମାତ୍ର ଉଭୟପକ୍ଷର ବିସ୍ତାର ୭ ଫୁଟରୁ ଅଧିକ ଅଟେ । ଏମାନେ ସୁଦୂର ଆକାଶପ୍ରଦେଶରେ ଇତସ୍ତତଃ ଭ୍ରମଣ କରୁଁ୨ ଆପଣାଠାରୁ ଅପେକ୍ଷାକୃତ ଦୁର୍ବଳ କୌଣସି ପକ୍ଷିକୁ ମତ୍ସ୍ୟ ନେଇ ଯାଉଥିବାର ଦେଖିଲେ, ବଜ୍ରବତ୍ ବେଗରେ ଅଧଃପତିତ ହୋଇ ତାହାକୁ ଆକ୍ରମଣ କରନ୍ତି । ଭୟରେ ଉକ୍ତ ପକ୍ଷୀ ମତ୍ସ୍ୟ ତ୍ୟାଗ କରି ପଳାୟନ କଲେ, ମତ୍ସ୍ୟ ଜଳରେ ପତିତ ନ ହେଉଣୁ ଦସ୍ୟୁପକ୍ଷୀ ଅତ୍ୟନ୍ତ ବେଗରେ ଅତି ଶୂନ୍ୟରୁ ତାହା ନେଇ ଯାଏ । ଏମାନେ କୂଳ ତ୍ୟାଗ କରି ସହସ୍ର୨ ମାଇଲ ଦୂରକୁ ଗମନ କରନ୍ତି । ସମୁଦ୍ରରେ ପ୍ରବଳ ଝଟିକା ଉପସ୍ଥିତ ହେଲେ ଦସ୍ୟୁପକ୍ଷିମାନେ ଶୂନ୍ୟମାର୍ଗରେ ଊର୍ଦ୍ଧ୍ୱ ଗମନ କରି ଝଟିକା-ପ୍ରଦେଶର ସୀମା ଅତିକ୍ରମ କରନ୍ତି । ଦସ୍ୟୁପକ୍ଷିର ଦୃଷ୍ଟିଶକ୍ତି ଅତ୍ୟନ୍ତ ପ୍ରଖର । କୌଣସି ମତ୍ସ୍ୟକୁ ସମୁଦ୍ରରେ ଭାସୁଥିବାର ଦେଖିଲେ ଏମାନେ ଅଦୃଶ୍ୟ ଆକାଶ-ପ୍ରଦେଶରୁ ଏପରି ବେଗରେ ଅବତରଣ କରି ମତ୍ସ୍ୟ ଉପରେ ପତିତ ହୁଅନ୍ତି ଯେ ମତ୍ସ୍ୟ ପଳାୟନ କରିବାର ଅବସର ସୁଦ୍ଧା ପାଏ ନାହିଁ । ଅନ୍ୟ ପକ୍ଷୀମାନଙ୍କୁ ଶାବକ ହରଣ କରି ଭକ୍ଷଣ କରିବାକୁ ଏମାନେ ଅତ୍ୟନ୍ତ ସୁଖ ମଣନ୍ତି । ନୀଡ଼ନିର୍ମାଣ ଏବଂ ଶାବକପାଳନାକ୍ଷମ କୋକିଳମାନେ କପଟ୍ କାକଦ୍ୱାରା ପ୍ରତିପାଳିତ ହୁଅନ୍ତି ତାହା କାହାର ଅବିଦିତ ନାହିଁ । ଶୁକମାନେ ସାଧାରଣତଃ ନିରାମିଷଭୋଜୀ ଅଟନ୍ତି । ଅଷ୍ଟ୍ରେଲିଆରେ ଏକପ୍ରକାର ଶୁକ ଅଛନ୍ତି ସେମାନଙ୍କୁ ମାଂସାଶୀ ଶୁକ କହନ୍ତି । କେତେଟିଏ ମାଂସାଶୀ ଶୁକ

ଏକତ୍ରିତ ହୋଇ ଜୀବିତ ମେଷ ଅବା ଛାଗକୁ ନିହତ କରି ତାହାର ମାଂସ ଭକ୍ଷଣ କରନ୍ତି ।

ଅଷ୍ଟ୍ରିଆରେ ଏକଜାତୀୟ ବାନର ଅଛନ୍ତି ଏମାନେ ବୃକ୍ଷପତ୍ର ଏବଂ ଶାଖାରେ ସୁନ୍ଦର ବାସଗୃହ ନିର୍ମାଣ କରନ୍ତି । ଏମାନେ ଏହା ନିର୍ମାଣରେ ଯେପରି ନିପୁଣତା ପ୍ରକାଶ କରନ୍ତି ମନୁଷ୍ୟ ବ୍ୟତୀତ ଅନ୍ୟ କୌଣସି ଜୀବ ପକ୍ଷରେ ତାହା ସମ୍ଭବପର ନୁହଇ । ଆମେରିକାର ଅପୋସମ ଏବଂ ଅଷ୍ଟ୍ରେଲିଆର କଙ୍ଗାରୁ ଜୀବର ଦୁଇଗୋଟି ଗର୍ଭ ଅଛି ; ଅଷ୍ଟ୍ରେଲିଆରେ ୮୦ ଜାତୀୟ ଦ୍ୱିଗର୍ଭଜନ୍ତୁ ଅଛନ୍ତି । କାମସ୍କଟ୍କା ଉପଦ୍ୱୀପରେ ଅରଗେଲି ନାମକ ବନ୍ୟଛାଗ ପର୍ବତର ଏକ ଶୃଙ୍ଗରୁ ଅନ୍ୟ ଶୃଙ୍ଗକୁ ଏବଂ ଊର୍ଦ୍ଧ୍ୱରୁ ନିମ୍ନକୁ ଅବଲୀଳାକ୍ରମେ ଲମ୍ଫ ପ୍ରଦାନ କରିପାରେ । ଏମାନେ ଶିକାରୀମାନଙ୍କୁ ଦେଖିଲାକ୍ଷଣି ନିମିଷ ମଧ୍ୟରେ ଅଦୃଶ୍ୟ ହୋଇ ଯାନ୍ତି । ଅଷ୍ଟ୍ରିଆର ସ୍ପ୍ରିଂବକ୍ ହରିଣ ୯ ହସ୍ତ ଉଚ୍ଚ ପ୍ରାଚୀର ଉଲ୍ଲଙ୍ଘନ କରିପାରେ । ଯବଦ୍ୱୀପରେ ଯେଉଁ ବୃହଦାକୃତିର ବାଦୁଡ଼ି ଅଛନ୍ତି ସେମାନଙ୍କ ପକ୍ଷବିସ୍ତୃତି ୪ ହସ୍ତରୁ ଅଧିକ ଅଟେ । ଅଷ୍ଟ୍ରେଲିଆର ଡିଙ୍ଗୋ ନାମକ ବନ୍ୟକୁକ୍କୁରମାନେ ଅନ୍ୟ ପଶୁକୁ ଆକ୍ରମଣ କରି ଜୀବନ୍ତ ଥାଉଁ ଥାଉଁ ତାହାକୁ ଭକ୍ଷଣ କରନ୍ତି । ଅନ୍ୟାନ୍ୟ ଜୀବ ପ୍ରାଣତ୍ୟାଗ କଲେ ତାହାର ମାଂସ ଭକ୍ଷଣ ନ କରି ତାହାକୁ ତ୍ୟାଗ କରନ୍ତି । ଏ ଦେଶର ଗଡ଼ଜାତରେ ବଣଆ ନାମକ ଯେଉଁ ପଶୁ ଅଛନ୍ତି ସେମାନେ ମଧ୍ୟ ଏହି ଧର୍ମାକ୍ରାନ୍ତ ଅଟନ୍ତି । ଏମାନେ ବ୍ୟାଘ୍ର, ଭଲ୍ଲୁକ, ହସ୍ତୀ, ହରିଣାଦି ସମସ୍ତ ପଶୁକୁ ଆକ୍ରମଣ କରନ୍ତି । ଆର୍ମେଡିଲୋ ନାମକ ଜୀବର ଶରୀର ସୁକଠିନ ଶଳ୍କରେ ଆଚ୍ଛାଦିତ ଥାଏ, ଏମାନେ ଶତ୍ରୁଦ୍ୱାରା ପଶ୍ଚାଦ୍ଧାବିତ ହେଲେ ନିମିଷ ମଧ୍ୟରେ ଗର୍ତ୍ତ କରି ତନ୍ମଧ୍ୟରେ ଲୁକ୍କାୟିତ ହୁଅନ୍ତି । ଏମାନଙ୍କ ଦେହର ନିମ୍ନାଂଶ ଅତ୍ୟନ୍ତ କୋମଳ, ଏଣୁ ଶତ୍ରୁଦ୍ୱାରା ହଠାତ୍ ଆକ୍ରାନ୍ତ ହୋଇ ଗର୍ତ୍ତ କରିବାର ସୁବିଧା ପ୍ରାପ୍ତ ନ ହେଲେ, ପିଣ୍ଡାକୃତି ହୋଇ ଆତ୍ମରକ୍ଷା କରନ୍ତି ।

ପାର୍ବତ୍ୟପ୍ରଦେଶରେ ଏମାନେ ଅକ୍ରାନ୍ତ ହେଲେ ଦିଗ୍‌ଭୁଲା ହୋଇ ନିମ୍ନପ୍ରଦେଶକୁ ଗଡ଼ି ଆସନ୍ତି । ଏ ଦେଶର ବନ୍ୟଜାତି ଏହି ଶ୍ରେଣୀର ଅନ୍ତର୍ଗତ ଅଟେ ।

—○—

ଉତ୍କଳପତି ଦିଗ୍ବିଜୟୀ ଗଙ୍ଗେଶ୍ୱର ଦେବଙ୍କ ବିଭବ ବର୍ଣ୍ଣନା ।

ଋଷିକୁଲ୍ୟାଠାରୁ ସୁବର୍ଣ୍ଣରେଖା
ଯାଏ ସର୍ବଜନପଦ,
ନାନା ଉପାୟନେ ପୂଜୁଛନ୍ତି ଅଜ୍ଞ
ଧୀର ଗଙ୍ଗେଶ୍ୱର ପଦ ।
ସୁବର୍ଣ୍ଣରେଖା— ଶୁଭ୍ର କୋଳେ କୋଳେ
କରନ୍ତି ସ୍ୱର୍ଣ୍ଣ ସଞ୍ଚୟ,
ହେବା ପାଇଁ ସଜ୍ଜ- ମଞ୍ଜୁକେଶୀଙ୍କର
ପଦ୍ମରେ ଶିଞ୍ଜା ବଳୟ ।
ରାଜା ରାଣୀଙ୍କର କବରୀ ମଣ୍ଡନ
ପାଇଁ ଖଣି ଅନ୍ଧକାରେ ,
ଖନକେ ଖୋଳନ୍ତି ମଣି ମହାନଦୀ
ବିଷମ ଶିଳାଶ୍ରୟଧାରେ ।
କୌଶେୟବସନେ ଆବରିବେ ଅଙ୍ଗ
ନୀଳାଚଳେ ରାଜଯୋଷା,

ଷାଲୁକୀ ଷରଳେ (୧)　　ସେଥିପାଇଁ କୋଷ-
କୃମି ହେଉଛନ୍ତି ପୋଷା ।
ବିମ୍ବାଧରୀଙ୍କର　　ଚର୍ମକ ଅଙ୍କୁଳ
ଭର୍ମରେ ମଧୁଝଙ୍କାର,
ଉପୁଜିବା ଆଶେ　　କେନ୍ଦୁଝରେ ଗଢ଼ା
ହେଉଅଛୁ ଲୌହଭାର (୨) ।
ଚାନ୍ଦ୍ରୀଙ୍କର-ଗିର—　　ନଦରାବିହାରୀ
ଦନ୍ତାବଳ ଦନ୍ତେ ଗଢ଼ା,
ମହିଷୀଙ୍କ ଶେଯ　　ସର୍ବାଂଶେ ପଲଙ୍କ
ଯୋଗାଏ ଲଙ୍କେ ଲକ୍ଷ୍ମଣା ।
ଅଙ୍ଗଲଗି ପାଇଁ　　ଜନପଲ୍ଲୀଙ୍କର
ହରଦ୍ରା ଯୋଗାଏ ବୋଦ,
ଅଳକୂଳ ପାଳ—　　ଶୀରେ ହେଉଅଛୁ
ନଥରେ ଧୂପ-ଆମୋଦ ।
ନୀଳମାଧବଙ୍କ (୩)　　ଅଧିଷ୍ଠାନ ଚିତ୍ର
ଚଟବାସୀ କାରିଗର,
ଗଢ଼ୁଅଛୁ ଭବ୍ୟ　　ସ୍ୱଚ୍ଛ ତାମ୍ବୂଲ—
ଭରଣ ମହିଷୀଙ୍କର ।

---

(୧) ମୟୂରଭଞ୍ଜର ପ୍ରଧାନ ପର୍ବତ । ଏହି ପର୍ବତନିକଟବର୍ତ୍ତୀ ପ୍ରଦେଶ କୃମିକୋଷ ସକାଶେ ବିଖ୍ୟାତ ।

(୨) ସିତାରର ତାର ନିମନ୍ତେ କେନ୍ଦୁଝର ପ୍ରସିଦ୍ଧ ।

(୩) ଖଣ୍ଡପଡ଼ା ଅନ୍ତର୍ଗତ କଣ୍ଟିଲୋରେ ନୀଳମାଧବଙ୍କ ଦେଉଳ ପ୍ରତିଷ୍ଠିତ । ଏଠାରେ ପିତ୍ତଳ ବାସନ ପ୍ରସ୍ତୁତ ହୁଏ ।

ଭୁଜଙ୍ଗ ଯୋଗାଏ ହୃଶୀରବର୍ଦ୍ଧନ
କନକ ମୁକ୍ତା ପ୍ରବାଳ,
ମହୋଦଧି-ବକ୍ଷେ ବହି ଦ୍ୱୀପାନ୍ତରୁ
ଅଣନ୍ତି ଯା ପୋତମାଳ ।
ଲଳିତାଙ୍ଗୀଙ୍କର ଅଳକାମଣ୍ଡନ
ପାଇଁ ବନେ ଅମ୍ବରନ୍ଧ,
ଅଞ୍ଜନାଭ ଚୂର୍ଣ୍ଣା— ମାଳିଅ ପ୍ରାଚୁଅ (୧)
କରନ୍ତି ଜଡୁ ଯଗ୍ରନ୍ଥ ।
ଯୋଗାଏ ଚନ୍ଦନ— ସେପରି ମାଲଗିରି (୨)
ଲଳିତଗିରି ଚନ୍ଦନ (୩),
କଟକ ଯୋଗାଏ ଅମରୀବାଞ୍ଛିତ
ମଞ୍ଜୁ ରଜତଭୂଷଣ ।
ଗଞ୍ଜୁ ଚନ୍ଦ୍ରାତପ ପିପ୍ପୋଲରୁ (୪) ଅସି
ଚତ୍ୱରେ ହୋଇ ଲମ୍ବିତ,
ଚାନ୍ଦ-ଅବରୋଧେ ଯତ ଇନ୍ଦ୍ରଧନୁ
ଶୋଭା କରେ ସମ୍ପାଦିତ ।
ବାମଣ୍ଡାମଣ୍ଡନ (୫) ପ୍ରପାତ—ଶୀକର—
ସ୍ନାତ ଘନ ବନସ୍ଥଳୀ,
ଗୁଞ୍ଜି ଶ୍ୟାମା ଏବେ ସମ୍ରାଟ-ସଦନେ
କରୁଣେ କରେ କାକଳୀ ।

---

(୧) ଅରଣ୍ୟଜାତ ବିଶେଷ । (୨) ମାଲଗିରି ପଥରବାଟିନ ସକାଶେ ପ୍ରସିଦ୍ଧ ।

(୩) ଲଳିତଗିରିରେ ଅଦ୍ୟାପି ଶ୍ୱେତ ଚନ୍ଦନ ବୃକ୍ଷ ଦେଖାଯାଏ ।

(୪) ପିପ୍ପୋଲି ତାରମ୍ବ ସୂଚିକର୍ମ ସକାଶେ ପ୍ରସିଦ୍ଧ

(୫) ବାମଣ୍ଡା ନିସର୍ଗଲକ୍ଷ୍ମୀର ମୁକୁଟାଳଙ୍କାର ପ୍ରଧାନପାଟ ପ୍ରପାତ ।

ମଣିଭଦ୍ରା ଶୈଳେ (୧)   ମୁନିକୁମାରୀଙ୍କ
ତପାରମ୍ଭି ଅସ୍ୱାଦ,
ସ୍ମର ଶଙ୍କପନ୍ନେ   ଶିମୁଳରେ ବନ୍ଧ
ଭଜୁଛି ଶୁକ ବିଷାଦ ।
ପିଞ୍ଜରେ ଘୁମାଇ   ଘୁମାଇ ସାରିକା
ସ୍ମରୁଅଛି ଜନ୍ମସ୍ଥାନ,
ସ୍ୱପ୍ନେ କରୁଅଛି   ସପ୍ତକୋଶୀ ଗର୍ଭେ (୨)
କନ୍ୟାଛମ୍ଭୁରସ ପାନ ।
ମନ୍ଦର ଉଦ୍ୟାନେ   ସ୍ୱର୍ଣ୍ଣପକ୍ଷିପରେ
ବହି ମୟୂର ମୟୂରୀ,
ମଇନାକ ଶୈଳ (୩)   ମେଘାଗମ ସୁଖ
ସ୍ମରୁଛନ୍ତି ଝୁରି ଝୁରି ।

(୧) ଦଣ୍ଡଦେଶ ଅନ୍ତର୍ଗତ ମହାନଦୀତୀରବର୍ତ୍ତୀ ଅତି ସୁରମ୍ୟ ପର୍ବତ । ପୂର୍ବେ ଏଠାରେ ଅନେକ ଋଷି ଥିବାର କମ୍ବଦନ୍ତୀ ଅଛି ।

(୨) ମହାନଦୀର ସାତକୋଶିଆ ଗଣ୍ଡ ।

(୩) ରଣପୁର ରାଜଧାନୀର ନିକଟବର୍ତ୍ତୀ ବିଶାଳ ପର୍ବତ ।

ଫରାସି ରାଷ୍ଟ୍ରବିପ୍ଳବ ।

ଫ୍ରାନ୍ସର ଅଧିପତି ଚତୁର୍ଦ୍ଦଶ ଲୁଇ ସିଂହାସନାରୂଢ଼ ହେବା ଉତ୍ତାରୁ ନିମ୍ନଶ୍ରେଣୀର ସାମନ୍ତମାନଙ୍କୁ ଅପଦସ୍ଥ କରି ରାଜ୍ୟର ସମସ୍ତ ରାଜକୀୟ କ୍ଷମତା ଆତ୍ମସାତ୍ କରିବାରୁ, ଅଧିକାରଚ୍ୟୁତ ସାମନ୍ତବର୍ଗ କେହି ବାଣିଜ୍ୟ ବ୍ୟବସାୟ, କେହି ଅବା ଦସ୍ୟୁନାୟକ ହୋଇ କାଳହରଣରେ ପ୍ରବୃତ୍ତ ହେଲେ । ଲୁଇ ନିମ୍ନଶ୍ରେଣୀରୁ କେତେକଜଣଙ୍କୁ ସାମନ୍ତଶ୍ରେଣୀଭୁକ୍ତ କଲେ । ସୈନ୍ୟମାନେ ଲୁଇଙ୍କର ଅତ୍ୟନ୍ତ ଅନୁଗତ ଥିଲେ । ଏହି ସୈନ୍ୟମାନଙ୍କ ସହାୟତାରେ ଲୁଇ ରାଜ୍ୟ ମଧ୍ୟରେ ଯଥେଚ୍ଛାଚାର କରିବାକୁ ସାହସୀ ହୋଇଥିଲେ । ରାଜ୍ୟର ଶାନ୍ତିରକ୍ଷକ ପୁଲିସକର୍ମଚାରୀମାନେ ମଧ୍ୟ ରାଜାଙ୍କର ଅତ୍ୟନ୍ତ ଅନୁଗତ ଥିଲେ । ରାଜ୍ୟର ଯେ କୌଣସି ସ୍ଥାନରେ ଯେତେବେଳେ ଯେଉଁ ଘଟନା ହେଉଥିଲା, ପୁଲିସକର୍ମଚାରୀମାନେ ତାହା ଗୁପ୍ତଚରଦ୍ୱାରା ଅବଗତ ହୋଇ ରାଜାଙ୍କୁ ସମସ୍ତ ନିବେଦନ କରୁଥିଲେ । କୌଣସି ଗ୍ରାମର ସାମାନ୍ୟ ଘଟନା ସୁଦ୍ଧା ଗୁପ୍ତଚରମାନଙ୍କ ଅନୁସନ୍ଧିତ୍ସୁ ଚକ୍ଷୁକୁ ଅତିକ୍ରମ କରୁ ନ ଥିଲା ।

ଯଥେଚ୍ଛାଚାରୀ ଲୁଇ ମଠାଧିକାରୀମାନଙ୍କୁ ବିଦୂରିତ କରି ଦେବତ୍ର ସମ୍ପତ୍ତିମାନ ସ୍ୱୀୟ ପାରିଷଦବର୍ଗଙ୍କୁ ଯଥେଚ୍ଛା ବିତରଣ କଲେ । ସେ ନିର୍ଲଜ୍ଜଭାବରେ ପ୍ରଭୂତ ଅର୍ଥ ଗ୍ରହଣ କରି ରାଜକୀୟ ପଦମାନ ପ୍ରଦାନ କରୁଥିଲେ । କେତେ୨ ଉଚ୍ଚପଦମାନ ପ୍ରକାଶ୍ୟ ନିଲାମରେ ବିକ୍ରୀତ ହେଉଥିଲା । ବଂଶମର୍ଯ୍ୟାଦା ବା ଗୁଣମର୍ଯ୍ୟାଦା ପ୍ରତି ଦୃଷ୍ଟି ନ ରଖି, ଲୁଇ ଯାହାଠାରୁ ଅଧିକ ଅର୍ଥ ପ୍ରାପ୍ତ ହେଉଥିଲେ ତାହାକୁ ଉଚ୍ଚପଦ ଦାନ କରୁଥିଲେ ।

ରାଜାଙ୍କର ନାନାପ୍ରକାର ଅତ୍ୟାଚାରରେ ପ୍ରକୃତିବର୍ଗର ଦୁଃଖର

ପଡ଼ସୀମା ଉଚ୍ଚିନ୍ନ ନାହିଁ । ଲୁଇ ଏଥିରେ ମଧ୍ୟ ତୁଷ୍ଟ ନ ହୋଇ ନୂତନ କର ଓ ଶୁଳ୍କ ସ୍ଥାପନଦ୍ୱାରା ପ୍ରକୃତିପୁଞ୍ଜଙ୍କୁ ହୀନତମ ଶୋଚନୀୟ ଅବସ୍ଥାରେ ଅବସ୍ଥାପିତ କଲେ । ସମସ୍ତ କର ମଧ୍ୟରେ ଲବଣକର ନିମ୍ନଶ୍ରେଣୀର ଅତ୍ୟନ୍ତ କଷ୍ଟପ୍ରଦ ହେଲା । ମନୁଷ୍ୟମାନଙ୍କ ନିତ୍ୟବ୍ୟବହାର ସକାଶେ କରୁଣାମୟ ପରମେଶ୍ୱର ସମୁଦ୍ରଜଳରେ ପ୍ରଚୁରପରିମାଣରେ ଲବଣ ପ୍ରଦାନ କରିଅଛନ୍ତି । ସମୁଦ୍ରଜଳ ସାଧାରଣଙ୍କ ବ୍ୟବହାର୍ଯ୍ୟ ପଦାର୍ଥ ହେଲେହେଁ ଲୁଇ ଆପଣାକୁ ତାହାର ଏକମାତ୍ର ଅଧିକାରୀ ଜ୍ଞାନ କରି, ପ୍ରଜାମାନଙ୍କ ଉପରେ ଅଯଥାପରିମାଣରେ ଲବଣକର ସ୍ଥାପନ କଲେ । ରାଜ୍ୟର ପ୍ରତିଗୃହସ୍ଥଙ୍କୁ ବର୍ଷରେ ସାତଥର ଲବଣ କ୍ରୟ କରିବାକୁ ହେଉଥିଲା । ଗୃହସ୍ଥର କ୍ରୟ କରିବାର କ୍ଷମତା ଥାଉ ଅବା ନ ଥାଉ ରାଜପୁରୁଷମାନେ ଯାହାକୁ ଯେଉଁ ପରିମାଣ ଲବଣ କ୍ରୟ କରିବାର ଆବଶ୍ୟକ ବୋଲି ନିର୍ଦ୍ଧାରଣ କରି ଦେଉଥିଲେ, ବାଧ୍ୟ ହୋଇ ତାହାକୁ ସେହି ପରିମାଣ ଲବଣ କ୍ରୟ କରିବାକୁ ହେଉଥିଲା । ନିଃସ୍ୱ ପ୍ରଜାମାନେ ଅବୈଧ ଉପାୟରେ ଲବଣ ସଂଗ୍ରହାରମ୍ଭ କଲେ । ପଶ୍ଚାତ୍ ସୈନ୍ୟମାନେ ମଧ୍ୟ ଦରିଦ୍ର ପ୍ରଜାମାନଙ୍କ କାର୍ଯ୍ୟର ଅନୁକରଣ କଲେ ।

ରାଜା ଏବଂ ପ୍ରଧାନ ସାମନ୍ତବର୍ଗ, ଦରିଦ୍ର ପ୍ରଜାମାନଙ୍କ ଦୁରବସ୍ଥା ପ୍ରତି ଦୃକ୍‌ପାତ ସୁଦ୍ଧା ନ କରି ସର୍ବଦା ବିବିଧ ଆମୋଦପ୍ରମୋଦରେ କାଳ ହରଣ କଲେ । ଅସ୍ୱସମ କାହାକୁ କହନ୍ତି ଲୁଇ ଅବା ତାହାଙ୍କର ଚାଟୁକାର ପାରିଷଦ ଓ ସାମନ୍ତବର୍ଗ ତାହା ସ୍ୱପ୍ନରେ ସୁଦ୍ଧା ଜାଣି ନ ଥିଲେ । ଅଶ୍ୱାରୋହଣ, ବେଶବିନ୍ୟାସ, କ୍ରୀଡ଼ା, ମୃଗୟା, ପାଶବଅଭ୍ୟାସର ସେମାନଙ୍କ ନିତ୍ୟକର୍ମ ଥିଲା । ରାଜା ଏବଂ ପାରିଷଦବର୍ଗ ଅବୈଧ କରଦ୍ୱାରା ପ୍ରଜାମାନଙ୍କୁ ଶୋଷଣ କରି ଉକ୍ତ ଅର୍ଥରେ ସ୍ୱ ସ୍ୱ କୁସ୍ୱାର୍ଥର ବ୍ୟୟ ନିର୍ବାହ କରୁଥିଲେ । ଏମାନଙ୍କ ଏହିସବୁ ଉତ୍ପୀଡ଼ନରେ ପ୍ରଜାମାନେ ଯେଉଁ ମର୍ମଭେଦୀ ଆର୍ତ୍ତନାଦ କରୁ-

ଥିଲେ ପଶ୍ଚାତ୍ ତାହା ଜଗତ୍‌ପ୍ରଳୟକାରୀ ମହାବିଦ୍ରୋହରେ ପରିଣତ ହେଲା ।

ଲୁଇ ଅତ୍ୟନ୍ତ ଆଡ଼ମ୍ବରପ୍ରିୟ ଏବଂ ଅମିତବ୍ୟୟୀ ଥିଲେ । ସେ ଅନ୍ୟଜାତିଙ୍କ ସଙ୍ଗେ ଯୁଦ୍ଧ କରି ପ୍ରଚୁର ଧନ ବ୍ୟୟ କଲେ । ତାହାଙ୍କ ସାଂସାରିକ ବ୍ୟୟ ମଧ୍ୟ ଅତ୍ୟନ୍ତ ଅପରିମିତ ଥିଲା । ଉତ୍ସବାଦି ବ୍ୟତୀତ କୌଣସି ଦିନ ଅତିବାହିତ ହେଲେ ସେ ଅତ୍ୟନ୍ତ କଷ୍ଟାନୁଭବ କରୁଥିଲେ । ପୂର୍ବ ନୃପତିମାନଙ୍କ ପ୍ରାସାଦ ତାହାଙ୍କ ବାସର ଅଯୋଗ୍ୟ ବିବେଚିତ ହେବାରୁ ସେ କୋଟିଏ ଟଙ୍କା ବ୍ୟୟ କରି ଏକ ଅତି ବୃହତ୍ ପ୍ରାସାଦ ନିର୍ମାଣ କଲେ ।

ଅତ୍ୟାଚାରୀ ଚତୁର୍ଦ୍ଦଶ ଲୁଇ ୧୭୧୫ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କଲେ । ତାହା ଉତ୍ତାରୁ ପଞ୍ଚଦଶ ଲୁଇ ଫ୍ରାନ୍ସର ସିଂହାସନାରୋହଣ କଲେ । ଏହାଙ୍କ ରାଜତ୍ୱରେ ମଧ୍ୟ ପ୍ରଜାମାନଙ୍କ ଅବସ୍ଥା ଭଲ ହେବା ତେଣିକି ଥାଉ କ୍ରମଶଃ ମନ୍ଦରୁ ମନ୍ଦତର ହେଲା । ଏହାଙ୍କ ଅତ୍ୟାଚାରର କୌଣସି କମରେ ଚତୁର୍ଦ୍ଦଶ ଲୁଇଙ୍କ ଅତ୍ୟାଚାରରୁ ଊଣା ନ ଥିଲା । ଦୁଶ୍ଚରିତ୍ର ଯଥେଚ୍ଛାଚାରୀ ପଞ୍ଚଦଶ ଲୁଇ ଏବଂ ତାହାଙ୍କ ଅନୁରୂପ ପାରିଷଦମାନଙ୍କଦ୍ୱାରା ଉତ୍ପୀଡ଼ିତ ହୋଇ ଫ୍ରାନ୍ସର ଅଧୋଗତି ଆରମ୍ଭ ହେଲା । ଇଂରାଜମାନେ ଏହି ସମୟରେ ଆମେରିକାର ଫରାସି ଅଧିକୃତ କେନେଡ଼ା, ନୋଭାସ୍କୋଶିଆ ପ୍ରଭୃତି ବିସ୍ତୀର୍ଣ୍ଣ ଭୂଖଣ୍ଡମାନ ଅଧିକାର କଲେ । ଦେଶର ଦୁରବସ୍ଥା, ରାଜାଙ୍କର ଯଥେଚ୍ଛାଚାର, ବିଦେଶୀୟ ଅଧିକାର ବିନାଶାଦିରେ ଫରାସିମାନଙ୍କ ମନ ଏକାବେଳକେ ବିକୃତ ହୋଇ ଗଲା ।

୧୭୭୪ ଖ୍ରୀଷ୍ଟାବ୍ଦରେ ପଞ୍ଚଦଶ ଲୁଇଙ୍କ ଉତ୍ତାରୁ ଷୋଡ଼ଶ ଲୁଇ ଫ୍ରାନ୍ସର ଅଧିପତି ହେଲେ । ଏହି ସମୟରେ ଏହାଙ୍କର ବୟଃକ୍ରମ ବିଂଶତି ବର୍ଷ ହୋଇଥିଲା । ଷୋଡ଼ଶ ଲୁଇ ଏକ ସୁନ୍ଦରୀ ରାଜକନ୍ୟାଙ୍କ ପାଣିଗ୍ରହଣ କରିଥିଲେ । ମହାସମାରୋହରେ ଏହି ନବଦମ୍ପ-

ତିର ରାଜ୍ୟାଭିଷେକ ହେଲା । ରାଜ୍ୟର ସଙ୍କଟରୁ ଉଚ୍ଚପଦସ୍ଥ ବ୍ୟକ୍ତି ଏବଂ ସାମନ୍ତମାନେ ନିମନ୍ତ୍ରିତ ହୋଇ ଆସି ଏହି ମହୋତ୍ସବରେ ଉନ୍ନତିପ୍ରାପ୍ତ ହେଲେ; ମାତ୍ର ନିରନ୍ନ ପ୍ରଜାମାନଙ୍କ ମଧ୍ୟରୁ ଅନେକେ ଏମାନଙ୍କୁ ମୁଠାଏ ଅନ୍ନ ପ୍ରାର୍ଥନା କରି ସୁଦ୍ଧା ପ୍ରାପ୍ତ ହେଲେ ନାହିଁ ।

ପଞ୍ଚଦଶ ଲୁଇ ବହୁକୋଟି ଟଙ୍କା ଋଣ କରିଥିଲେ । ଷୋଡ଼ଶ ଲୁଇଙ୍କ ମନ୍ତ୍ରିବର୍ଗ ପୁନଃ ପୁନଃ ଚେଷ୍ଟା କରି ତାହା ପରିଶୋଧ ବା ରାଜାଙ୍କ ଅପରିମିତ ବ୍ୟୟ ନିଷ୍କାନ୍ତ କରି ପାରିଲେ ନାହିଁ । ସେହି ଅପରିମିତ ଋଣ ପରିଶୋଧ କରିବା ମଧ୍ୟ ସେମାନଙ୍କର ସାଧ୍ୟାୟତ୍ତ ନ ଥିଲା । ମନ୍ତ୍ରିମାନେ ପୁନଃ ପୁନଃ ଏହିପରି ଅସଙ୍ଗତ ଚେଷ୍ଟା କରି ଅପଦସ୍ଥ ହେଲେ । ଏହା ଉତ୍ତାରୁ ଯେତେବେଳେ ରାଜା ଅବା ରାଣୀଙ୍କ କୌଣସି ବହୁମୂଲ୍ୟ ଅଳଙ୍କାର, ବା ବହୁବ୍ୟୟସାଧ୍ୟ କୌଣସି ଉତ୍ସବ, ବା ଅନ୍ୟ କୌଣସି ବହୁବ୍ୟୟସାଧ୍ୟ କାର୍ଯ୍ୟରେ ପ୍ରଭୂତ ଅର୍ଥ ପ୍ରୟୋଜନ ହେଉଥିଲା, ମନ୍ତ୍ରିମାନେ ଋଣଦ୍ୱାରା ତାହା ସମ୍ପାଦନ କରୁଥିଲେ; ମାତ୍ର ଏହି ଋଣ ଆଉ ପରିଶୋଧ କରୁ ନ ଥିଲେ । ଏହି ଉପାୟରେ ମନ୍ତ୍ରିବର୍ଗ ଅଳ୍ପଦିନ ସକାଶେ କୃତକାର୍ଯ୍ୟ ହେଲେ । ଏହା ଉତ୍ତାରୁ ସେମାନେ ରାଜାଙ୍କ ବ୍ୟୟ ନିର୍ବାହ ସକାଶେ ନୂତନ କରର ପ୍ରସ୍ତାବ କଲେ, ମାତ୍ର ସେଥିରେ ସୁଦ୍ଧା କୃତକାର୍ଯ୍ୟ ହେଲେ ନାହିଁ ।

ତଦନନ୍ତର ମନ୍ତ୍ରୀମାନେ ଜାତୀୟ ସଭା ଆହ୍ୱାନ କଲେ, ପ୍ରାୟ ଦୁଇଶତବର୍ଷ ହେଲା ଫ୍ରାନ୍ସର ଅଧିପତିମାନେ ଏହି ସଭାର ଅସ୍ତିତ୍ୱ ଲୋପ କରିଥିଲେ । ବର୍ତ୍ତମାନ ଜାତୀୟ ସଭା ଆହୂତ ହେବାରୁ ପ୍ରଜାମାନେ ଆପଣା ମଧ୍ୟରୁ ଉପଯୁକ୍ତ ପ୍ରତିନିଧି ନିର୍ବାଚନପୂର୍ବକ ସଭାକୁ ପ୍ରେରଣ କଲେ । ଏମାନଙ୍କ ମଧ୍ୟରେ ଧର୍ମଯାଜକ, ଉକୀଲ, ଡାକ୍ତର, କୃଷିବ୍ୟବସାୟୀ, ବାଣିଜ୍ୟବ୍ୟବସାୟୀ, ସମ୍ବାଦପତ୍ର ସମ୍ପାଦକ ପ୍ରଭୃତି ନାନା ଶ୍ରେଣୀର ଲୋକ ମନୋନୀତ ହୋଇଥିଲେ । ଏହି ସଭା ସଙ୍ଗେ ଷୋଡ଼ଶ ଲୁଇଙ୍କର କୌଣସି ବିଷୟରେ ମତାନୈକ୍ୟ ହେବାରୁ ରାଜା

ସଭ୍ୟମାନଙ୍କୁ ବିଦୂରିତ କରିଦେବା ଉଦ୍ଦେଶ୍ୟରେ ରକ୍ଷିବର୍ଗଙ୍କୁ ପ୍ରେରଣ କଲେ । ସଭ୍ୟମାନେ ସଭାଗୃହରୁ ବହିର୍ଗତ ହୋଇ ଅନ୍ୟ ସ୍ଥାନରେ ସଭା ସ୍ଥାପନପୂର୍ବକ ଏହିପରି ପ୍ରତିଜ୍ଞାବଦ୍ଧ ହେଲେ ଯେ ଯେତେଦିନ ପର୍ଯ୍ୟନ୍ତ ସେମାନେ ରାଜ୍ୟରେ ଶୃଙ୍ଖଳା ସ୍ଥାପନ ନ କରିବେ ତେତେ-ଦିନ କୌଣସି କ୍ରମରେ ସଭା ଭଙ୍ଗ କରିବେ ନାହିଁ । ଗ୍ରେଭ୍ଏଲ, ମିରାବୋ, ରବସ୍‌ପିଏର ପ୍ରଭୃତି ମହାବାଗ୍ମୀମାନଙ୍କ ତେଜୋମୟୀ ବକ୍ତୃ-ତାରେ ସଭ୍ୟମାନେ ଅତ୍ୟନ୍ତ ଉତ୍ତେଜିତ ହେଲେ । ଏହି ସଭାର ପୁନଃ୨ ଅଧିବେଶନ ହେତୁରୁ ଏକ ଭୟାନକ କାଣ୍ଡ ଉପସ୍ଥିତ ହେଲା । ଦାରିଦ୍ର୍ୟଦଶାରେ ଜର୍ଜରିତ ଏବଂ ଉଦରଜ୍ୱାଳାରେ ପୀଡ଼ିତ କେତେକ ଜଣ ପ୍ୟାରିସନଗରବାସୀ ଏକତ୍ରିତ ହୋଇ ନଗର ମଧ୍ୟରେ ନାନା-ପ୍ରକାର ବିଶୃଙ୍ଖଳାଚରଣ କଲେ । ସେମାନଙ୍କ ଦମନ ସକାଶେ ରାଜସୈନ୍ୟ ଆସୁଅଛନ୍ତି ଅବଗତ ହୋଇ ସେମାନେ ରାଜବିଦ୍ରୋହୀ ହୋଇ ଉନ୍ମତ୍ତତୁଲ୍ୟ ହେଲେ । ସେମାନଙ୍କ ମଧ୍ୟରୁ କେହି୨ ରାଜ-ସୈନ୍ୟଙ୍କଦ୍ୱାରା ନିହତ ମଧ୍ୟ ହେଲେ ।

ବିଦ୍ରୋହୀମାନେ ଏହା ହେତୁରୁ ବାଷ୍ଟିଲ କାରାଗାର ପ୍ରତି ଅଗ୍ରସର ହେଲେ । ସେହି କାରାଗାରରେ ଶତ୨ ନିରପରାଧୀ ବ୍ୟକ୍ତି ଅବଗ୍ରହରେ ପଞ୍ଚଦଶ ଲୁଇଙ୍କ ଆଜ୍ଞାରେ ବନ୍ଦୀ ହୋଇଥିଲେ । ବିଦ୍ରୋହୀମାନେ ବଳପୂର୍ବକ କମାଣମାନ ଅଧିକାର କରି ସେହି କମାଣଦ୍ୱାରା ଦୁର୍ଗ ପ୍ରାଚୀର ଭଗ୍ନ କଲେ । ତଦନନ୍ତର ସେମାନେ ଦୁର୍ଗରକ୍ଷକଙ୍କୁ ହତ୍ୟା କରି କାରାଗାରରୁ ବନ୍ଦୀମାନଙ୍କୁ ମୁକ୍ତ କରି ଦେଲେ । ଏହି ଘଟଣା ପରେ ସମସ୍ତ ରାଜ୍ୟରେ ବିଦ୍ରୋହ ବ୍ୟାପ୍ତ ହେଲା । ସୈନ୍ୟମାନେ ମଧ୍ୟ ବିଦ୍ରୋ-ହରେ ଯୋଗ ଦାନ କଲେ । ଷୋଡ଼ଶ ଲୁଇଙ୍କ ରାଜତ୍ୱ ସମୟରେ ଇଉନାଇଟେଡ୍‌ଷ୍ଟେଟ୍‌ବାସୀମାନେ ଇଂରାଜମାନଙ୍କ ସଙ୍ଗେ ମହାସମର କରି ସ୍ୱଦେଶକୁ ସ୍ୱାଧୀନ କଲେ । ଲୁଇ ସୈନ୍ୟଦ୍ୱାରା ଇଉନାଇଟେ-ଡ୍‌ଷ୍ଟେଟ୍‌ବାସୀମାନଙ୍କୁ ବିଶେଷ ସାହାଯ୍ୟ କରିଥିଲେ । ସେହି ଫରାସି-

ସୈନ୍ୟ ଇଉନାଇଟେଡ୍‌ଷ୍ଟେଟ୍ସ ଯୁଦ୍ଧରେ ବୀରତ୍ୱ ଦେଖାଇ ପ୍ରତିଷ୍ଠାଲାଭ କରିଥିଲେ, ସେମାନେ ସ୍ୱଚକ୍ଷୁରେ ଇଉନାଇଟେଡ୍‌ଷ୍ଟେଟବାସିଙ୍କୁ ରାଜ୍ୟାନ୍ତର ଅଧୀନତାଶୃଙ୍ଖଳ ଭଗ୍ନପୂର୍ବକ ସ୍ୱାଧୀନ ହେବାର ଦେଖି ଆସିଲେ । ସେମାନେ ସ୍ୱଦେଶକୁ ପ୍ରତ୍ୟାଗମନ କଲାକ୍ଷଣି ସ୍ୱାଧୀନ ହେବା ସକାଶେ ସେମାନଙ୍କ ମନ ସ୍ୱତଃ ପ୍ରବର୍ତ୍ତିତ ହେଲା । ଏହି ସୈନ୍ୟମାନେ ସର୍ବପ୍ରଥମ ବିଦ୍ରୋହରେ ଯୋଗ ପ୍ରଦାନ କରି ବିଦ୍ରୋହର ପୁଷ୍ଟିସାଧନ ଓ ବଳବୃଦ୍ଧି କଲେ । ବିଦ୍ରୋହିମାନେ ସମ୍ପତ୍ତିଶାଳୀ ଉଚ୍ଚବଂଶୀୟମାନଙ୍କୁ ସର୍ବସ୍ୱାନ୍ତ କରିବାରେ ପ୍ରବୃତ୍ତ ହେଲେ । ଯେଉଁ ସାମନ୍ତମାନେ ଅଳ୍ପଦିନ ପୂର୍ବେ ଶ୍ରମଜୀବୀ ଓ କୃଷିଜୀବିଙ୍କୁ କ୍ରୀତଦାସତୁଲ୍ୟ ଜ୍ଞାନ କରି ସେମାନଙ୍କ ଉପରେ ଅକଥ୍ୟ ଅତ୍ୟାଚାର କରୁଥିଲେ ବର୍ତ୍ତମାନ ସେହି ଶ୍ରମଜୀବୀ ଓ କୃଷିଜୀବିମାନେ ସାମନ୍ତମାନଙ୍କ ସର୍ବସ୍ୱ ଲୁଣ୍ଠନ କରି ଦୁରବସ୍ଥାର ପରାକାଷ୍ଠା ରଖିଲେ ନାହିଁ ।

ବିଦ୍ରୋହର ଦ୍ୱିତୀୟ ବର୍ଷରେ ଫ୍ରାନ୍ସରାଜ୍ୟର ନାନାପ୍ରକାର ପରିବର୍ତ୍ତନ ହେଲା । ବିଦ୍ରୋହିମାନେ ମିରାବୋଙ୍କୁ ଅଧ୍ୟକ୍ଷ ପଦରେ ମନୋନୀତ କଲେ । ମିରାବୋ ଫ୍ରାନ୍ସରାଜ୍ୟକୁ ୮୪ ଭାଗରେ ବିଭକ୍ତ କରି ପ୍ରତିଭାଗରେ ସ୍ୱୀୟ ମନୋନୀତ ଶାସନକର୍ତ୍ତା ପ୍ରଭୃତି କର୍ମଚାରୀ ନିଯୁକ୍ତ କଲେ । ଏହି କାର୍ଯ୍ୟରେ ତାଙ୍କର କୌଣସି ସଦ୍ଭାବ ରହିଲା ନାହିଁ । ଅର୍ଥାଭାବରୁ ମିରାବୋଙ୍କ କାର୍ଯ୍ୟ ବିଶେଷ ଫଳଦାୟକ ହେଲା ନାହିଁ । ବିଦ୍ରୋହଭୟରେ ସାମନ୍ତମାନେ ରାଜତ୍ୱରୁ ସମସ୍ତ ଧନ ରତ୍ନାଦି ନେଇ ଅନ୍ୟ ଦେଶକୁ ପଳାୟନ କରିଥିଲେ । ଏଣୁ ଫ୍ରାନ୍ସର କୋଷ ସେହି ସମୟରେ ସମ୍ପୂର୍ଣ୍ଣ ନିଃସ୍ୱ ହୋଇଥିଲା । ଯେଉଁ ଦିନ ବିଦ୍ରୋହର ସାମ୍ବତ୍ସରିକ ଉତ୍ସବ ହେଲା ସେଦିନ ରାଜା, ସୈନ୍ୟବର୍ଗ, ପ୍ରଜାବର୍ଗ ଏବଂ ବିଦ୍ରୋହନେତାମାନେ ଏକତ୍ରିତ ହୋଇ ମିରାବୋଙ୍କ ପ୍ରତିଷ୍ଠିତ ଶାସନପ୍ରଣାଳୀର କୌଣସି ପରିବର୍ତ୍ତନ କରିବେ ନାହିଁ ବୋଲି ସମସ୍ତେ ପ୍ରତିଜ୍ଞାବଦ୍ଧ ହେଲେ । ମିରାବୋ ବିଦ୍ରୋହିମାନଙ୍କୁ ଆତ୍ମବଶରେ ରଖିଥିଲେ ।

ଷୋଡ଼ଶ ଲୁଇ ମନରେ କରିଥିଲେ ମିରାବୋଙ୍କ ଜୀବିତାବସ୍ଥାରେ ବିଦ୍ରୋହଦ୍ୱାରା ତାହାଙ୍କର କୌଣସି କ୍ଷତି ହେବ ନାହିଁ; ତାହାଙ୍କ ସାହାଯ୍ୟରେ ବିଦ୍ରୋହ ଏକାବେଳକେ ପ୍ରଶମିତ ହୋଇଯିବ, ମାତ୍ର ୧୭୯୧ ଖ୍ରୀଷ୍ଟାବ୍ଦରେ ମିରାବୋଙ୍କ ମୃତ୍ୟୁ ହେବାରୁ ଲୁଇ ହତାଶ ହୋଇ ରାଜପ୍ରାସାଦରୁ ପଳାୟନ କଲେ; ମାତ୍ର ଧୃତ ହୋଇ ପୁଣି ପାରିସ ରାଜଧାନୀକୁ ଆନୀତ ହେଲେ ।

ତିନବର୍ଷ ଉତ୍ତୀର୍ଣ୍ଣ ହେବାରୁ ଜାତୀୟ ସଭା ଭଙ୍ଗ ହୋଇ ନବଗଠିତ ହେଲା । ପ୍ରଥମ ସଭା ସାମନ୍ତମାନଙ୍କ ଭୂମି ଏବଂ କ୍ଷମତାଶୂନ୍ୟ, ରାଜ୍ୟର ସୈନ୍ୟସଂଖ୍ୟା ହ୍ରାସ, ଦଣ୍ଡବିଧିର ପରିବର୍ତ୍ତନ କରିଥିଲେ ଏବଂ କେତେ ଗୁଡ଼ିଏ ଅନ୍ୟାଯ୍ୟ କର ଏକାବେଳକେ ଉଠାଇ ଦେଇଥିଲେ ।

ଲୁଇଙ୍କ ଦୁରବସ୍ଥା ଦେଖି ପାର୍ଶ୍ୱବର୍ତ୍ତୀ ରାଜାମାନେ ତାହାଙ୍କ ପ୍ରତି ବିଶେଷ ସହାନୁଭୂତି ପ୍ରକାଶ କଲେ । ପ୍ରସିଆ ଏବଂ ଅଷ୍ଟ୍ରିଆର ରାଜାଦ୍ୱୟ ବିଦ୍ରୋହୀମାନଙ୍କ ବିପକ୍ଷରେ ଫ୍ରାନ୍ସକୁ ବହୁସଂଖ୍ୟକ ସୈନ୍ୟ ପ୍ରେରଣ କଲେ । ମାତ୍ର ଏହି ସୈନ୍ୟମାନେ ବିଦ୍ରୋହୀମାନଙ୍କୁ ପରାଜୟ କରି ପାରିଲେ ନାହିଁ । ଏହା ଉତ୍ତାରୁ ବିଦ୍ରୋହ ଭୟଙ୍କର ଆକାର ଧାରଣ କଲା । ଲୁଇ ପୁର୍ଣ୍ଣ ପଳାୟନ କଲେ । ମାତ୍ର ପୁଣି ଶପଟଦ୍ୱାରରେ ଧୃତ ଓ ବନ୍ଦୀ ହେଲେ ।

ତଦନନ୍ତର ରାଜାଙ୍କ ବିଚାର ଆରମ୍ଭ ହେଲା । ବିଦ୍ରୋହୀମାନଙ୍କ ମଧ୍ୟରୁ ତିନିଜଣ ନିର୍ବାଚିତ ହୋଇ ରାଜାଙ୍କ ବିଚାରକାର୍ଯ୍ୟ ଆରମ୍ଭ କଲେ । ଲୁଇ ପ୍ରଜାମାନଙ୍କ ଅନିଷ୍ଟସାଧନ ସ୍ୱକାଶେ ଚକ୍ରାନ୍ତାଦି କରିଥିଲେ ବୋଲି ବିଚାରକମାନଙ୍କଠାରେ ଅଭିଯୁକ୍ତ ହେଲେ । ଲୁଇ ଧୀର ଏବଂ ଗମ୍ଭୀରସ୍ୱରରେ ଉକ୍ତ ଅପବାଦ ଅସ୍ୱୀକାର କଲେ; ମାତ୍ର ତାହାଙ୍କ ବିନାଶପ୍ରାର୍ଥୀ ବିଚାରକମାନେ ତାହାଙ୍କ ବାକ୍ୟରେ କର୍ଣ୍ଣପାତ ସୁଦ୍ଧା କଲେ ନାହିଁ । ଦଶଦିନ ବିଚାର ଉତ୍ତାରୁ ବିଚାରପତିମାନେ ଲୁଇଙ୍କୁ ପ୍ରାଣଦଣ୍ଡାଜ୍ଞା ପ୍ରଦାନ କଲେ । ଏହି ସମୟରେ ଫରାସିରାଜ୍ଞୀ

ଲୁଇପତ୍ନୀଙ୍କର ପତିଶୋକରେ ଅନିର୍ବଚନୀୟ ପରିବର୍ତ୍ତନ ହେଲା । ଯେଉଁମାନେ ତାହାଙ୍କୁ ରାଜାଙ୍କ ବଧଦିବସ ପୂର୍ବଦିନରେ ଦେଖିଥିଲେ ସେମାନେ ତାହାଙ୍କୁ ବଧଦିବସରେ ଦେଖି ହଠାତ୍ ଚିହ୍ନି ପାରିଲେ ନାହିଁ । ଏକରାତ୍ରିର ଚିନ୍ତାରେ ତାହାଙ୍କ ମସ୍ତକର ସମସ୍ତ କେଶ ଶୁକ୍ଳବର୍ଣ୍ଣ ହୋଇଥିଲା । ବିଦ୍ରୋହନେତାମାନେ ହତ୍ୟା କରିବା ମାନସରେ ରାଜାଙ୍କୁ ପଞ୍ଚଦଶ ଲୁଇଙ୍କ ପ୍ରାସାଦକୁ ଘେନି ଆସିଲେ । ସେହିଠାରେ ଗିଲଟିନ ନାମକ ବଧଯନ୍ତ୍ର ପ୍ରସ୍ତୁତ ଥିଲା । ରାଜ୍ୟେଶ୍ୱରଙ୍କ ଏହି ଦାରୁଣ ଦୁର୍ଦ୍ଦଶା ଦେଖି ବିଦ୍ରୋହିମାନଙ୍କ ମଧ୍ୟରୁ କାହାରି ହୃଦୟ ଶୋକର ବଶୀଭୂତ ହେଲା । ମୃତ୍ୟୁର ଅବ୍ୟବହିତ ପୂର୍ବେ ଲୁଇ ଉପସ୍ଥିତ ବ୍ୟକ୍ତିମାନଙ୍କୁ କିଛି କହିବାର ଉଦ୍ୟମ କଲାକ୍ଷଣି ତାହା ଶ୍ରବଣ କରି କାଳେ ବିଦ୍ରୋହିମାନଙ୍କ ମନ ପରିବର୍ତ୍ତିତ ହୋଇଯିବ ଏହି ଭୟରେ ବିଦ୍ରୋହନେତାମାନେ ଉଚ୍ଚଶବ୍ଦରେ ଢକ୍କାବାଦନର ଆଦେଶ ଦାନ କଲେ । ବାଦ୍ୟଶବ୍ଦରେ ରାଜାଙ୍କର ବାକ୍ୟ କାହାରି କର୍ଣ୍ଣଗୋଚର ହେଲା ନାହିଁ ଏବଂ ମୁହୂର୍ତ୍ତ ଉତ୍ତାରୁ ଲୁଇଙ୍କ ମୁଣ୍ଡ ଦ୍ୱିଖଣ୍ଡିତ ଓ ରକ୍ତାପ୍ଲୁତ ହୋଇ ଭୂମିରେ ପତିତ ହେଲା । ତଦନନ୍ତର ଲୁଇପତ୍ନୀଙ୍କର ମଧ୍ୟ ତଦନୁରୂପ ଦୁର୍ଦ୍ଦଶା ହେଲା ।

ରାଜାଙ୍କ ବଧ ଉତ୍ତାରୁ ଅନେକ ସମ୍ଭ୍ରାନ୍ତ ଏବଂ ରାଜପକ୍ଷୀୟ ବ୍ୟକ୍ତି ଉକ୍ତ ବଧଯନ୍ତ୍ରରେ ନିହତ ହେଲେ । ବିଦ୍ରୋହିମାନଙ୍କ ମଧ୍ୟରେ ପରସ୍ପରର ମତଭେଦ ହେତୁ ଉତ୍ତରୋତ୍ତର ନାନାଦଳ ସଂଗଠିତ ହେଲା । ଏକଦଳର ପ୍ରାଧାନ୍ୟ ତତ୍ପରେ ଅନ୍ୟଦଳର ପ୍ରାଧାନ୍ୟ, ସେ ଦଳର ଲୋପ ପରେ ଆଉ ଏକଦଳର ନେତୃତ୍ୱ, ଏହି ପ୍ରକାରେ ନାନା ସମ୍ପ୍ରଦାୟର ସୃଷ୍ଟି ଏବଂ ଉଚ୍ଛେଦସାଧନ ହେଲା । କେତେ ମହାପ୍ରାଣୀ ବଧଦଣ୍ଡରେ ଦଣ୍ଡିତ ହେଲେ ତାହାର ସଂଖ୍ୟା ନାହିଁ । ଇଉରୋପର ନୃପତିବର୍ଗ ରାଷ୍ଟ୍ରବିପ୍ଳବକାରୀଙ୍କୁ ଏହିପରି ନୃଶଂସଭାବରେ ରାଜା ଏବଂ

ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ହତ୍ୟା କରିବାର ଦେଖି କ୍ରୋଧରେ ଅଧୀର ହୋଇ ଉଠିଲେ ।

ଫରାସିମାନେ ରାଜତନ୍ତ୍ରର ଉଚ୍ଛେଦସାଧନ କରି ଫ୍ରାନ୍ସ ଦେଶରେ ସାଧାରଣତନ୍ତ୍ର ଶାସନ ସ୍ଥାପିତ କରିଥିଲେ । ଅନ୍ୟାନ୍ୟ ରାଜ୍ୟର ପ୍ରଜାମାନେ ଫରାସିମାନଙ୍କ ଅନୁକରଣ କରି ରାଜତନ୍ତ୍ରର ଉଚ୍ଛେଦସାଧନ କରିବେ, ଏହି ଭୟରେ ଇଉରୋପର ସମସ୍ତ ନୃପତି ସମବେତ ଶକ୍ତିଦ୍ୱାରା ଫରାସିମାନଙ୍କୁ ପରାଜିତ କରି, ହତ ଲୁଇଙ୍କ ଭ୍ରାତାଙ୍କୁ ଫ୍ରାନ୍ସର ସିଂହାସନରେ ଅଧିଷ୍ଠିତ କରିବାକୁ ସଂକଳ୍ପ କଲେ ।

ଇଉରୋପ ନୃପତିବର୍ଗଙ୍କ ସମବେତ ରାଜସୈନ୍ୟ ଚତୁର୍ଦ୍ଦିଗରୁ ଫ୍ରାନ୍ସକୁ ଆକ୍ରମଣ କରି ଫରାସିମାନଙ୍କୁ ଅସ୍ଥିର କଲେ । ଏହି ସମୟରେ ଫରାସିମାନଙ୍କ ମଧ୍ୟରେ ଏକ ନବୀନ ସେନାପତିଙ୍କ ଅଭ୍ୟୁଦୟ ହେଲା, ତାହାଙ୍କ ନାମ ନେପୋଲିଅନ୍ ବନାପାର୍ଟ । ମହାବୀର ନେପୋଲିଅନ୍ ଅପୂର୍ବ ସମରକୌଶଳ ପ୍ରଦର୍ଶନ କରି ମହାସଂଗ୍ରାମରେ ବିପକ୍ଷମାନଙ୍କୁ ପୁନଃ ୨ ପରାଜିତ କଲେ । ଇଉରୋପର ରାଜନ୍ୟବର୍ଗ ନେପୋଲିୟନଙ୍କଦ୍ୱାରା ପୁନଃ ୨ ପରାଜିତ ହୋଇ ଫରାସିମାନଙ୍କ ସଙ୍ଗେ ସନ୍ଧିବନ୍ଧନ କଲେ । ମହାତ୍ମା ନେପୋଲିୟନ ସମରକ୍ଷେତ୍ରରେ ଯେପରି ଅଦ୍ୱିତୀୟ ବୀର ରାଜନୀତିରେ ମଧ୍ୟ ସେହିପରି ଅସାଧାରଣ ପଣ୍ଡିତ ଥିଲେ । ଫରାସିମାନେ ତାହାଙ୍କ ଗୁଣରେ ମୋହିତ ହୋଇ କନସୁଲ ଆଖ୍ୟା ପ୍ରଦାନ କରି ତାହାଙ୍କୁ ଫ୍ରାନ୍ସଦେଶ ଶାସନରେ ନିଯୁକ୍ତ କଲେ । ଅଳ୍ପଦିନ ଉତ୍ତାରୁ ଫରାସିମାନେ ନେପୋଲିଅନଙ୍କୁ ଫ୍ରାନ୍ସର ସମ୍ରାଟ୍ ବୋଲି ଘୋଷଣା କଲେ । ଏହା ଉତ୍ତାରୁ ଇଉରୋପର ରାଜନ୍ୟବର୍ଗ ପୁନଃ ୨ ଯୁଦ୍ଧ କରି ନେପୋଲିଅନଙ୍କଦ୍ୱାରା ପରାଜିତ ହେଲେ । ଅବଶେଷରେ ନେପୋଲିଅନ ୱାଟରଲୁର ସମରକ୍ଷେତ୍ରରେ ପରାଜିତ ହେବାରୁ ଇଂରାଜମାନେ ନେପୋଲିଅନଙ୍କୁ ମୃତ୍ୟୁପର୍ଯ୍ୟନ୍ତ ସେଣ୍ଟହେଲେନା ଦ୍ୱୀପରେ ବନ୍ଦୀ କରି ରଖିଲେ । ନେପୋଲିଅନଙ୍କ ମୃତ୍ୟୁ ଉତ୍ତାରୁ ଇଉ-

ରୋପୀୟ ସମବେତ ରାଜଶକ୍ତିର ସାହାଯ୍ୟରେ ଷୋଡ଼ଶ ଲୁଇଙ୍କ ଦୁଇ ଭ୍ରାତା କ୍ରମାନ୍ୱୟରେ ଅଳ୍ପଦିନ ବ୍ୟବଧାନେ ରାଜତ୍ୱ କଲେ । ମାତ୍ର ଏମାନଙ୍କ ଶାସନରେ ତୁଷ୍ଟ ନ ହୋଇ ଫରାସିମାନେ ପୁଣି ରାଷ୍ଟ୍ରବିପ୍ଳବ ଉପସ୍ଥିତ କରି ଅନ୍ୟ ଏକ ବ୍ୟକ୍ତିଙ୍କୁ ସିଂହାସନ ଦାନ କଲେ । ଏହି ଶେଷୋକ୍ତ ବ୍ୟକ୍ତିଙ୍କ କେତେକ ବର୍ଷ ରାଜତ୍ୱ ଉତ୍ତାରୁ ଫ୍ରାନ୍ସରେ ପୁଣି ରାଷ୍ଟ୍ରବିପ୍ଳବ ଉପସ୍ଥିତ ହୋଇ ସାଧାରଣତନ୍ତ୍ର ଶାସନ ସ୍ଥାପିତ ହେଲା । ଏହା ଉତ୍ତାରୁ ନେପୋଲିଅନଙ୍କ ଭ୍ରାତୃଷ୍ପୁତ୍ର, ତୃତୀୟ ନେପୋଲିଅନ ନାମରେ ଫ୍ରାନ୍ସର ସମ୍ରାଟ୍ ହେଲେ । ଏହାଙ୍କ ଶାସନ ପରେ ଫ୍ରାନ୍ସ ଦେଶରେ ସାଧାରଣତନ୍ତ୍ର ଶାସନ ଦୃଢ଼ଭାବରେ ସ୍ଥାପିତ ହୋଇଅଛି ।



ବାଳ ସମ୍ବାଦଗ୍ରାହୀ ।

କେହି ରହି ନାହିଁ ରହିବ ନାହିଁ ଟି
ଭବ-ରଙ୍ଗଭୂମି ତଳେ,
ସବେ ନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କାଳବଳେ ।
ସୁକୀର୍ତ୍ତି ଅର୍ଥେ ଯାର ନାମ ହୋଇଅଛି
ଅମର ବର୍ଣ୍ଣେ ଅଙ୍କିତ,

ପୁଣ୍ୟଶ୍ଳୋକ ବୀର (୧) ନରପତି ହେଲେ
କାଳକୁଣ୍ଡେ କବଳିତ ।
କାହିଁ ଗଲେ ଇନ୍ଦ୍ର— ଦ୍ୟୁମ୍ନ ମହୀପତି
ଉତ୍କଳଗୌରବରବି,
ନୀଳାଚଳେ ସ୍ଥାପି ଏହି କୀର୍ତ୍ତି କଳି-
କଲୁଷ-ପଙ୍କ-ପବି ?
କାଳଗର୍ଭେ ଭବେ ଲୀନ ହେଲେ କେତେ
ମହାରଥି ମହାଯଶା !
ହୋଇଅଛୁ ଯାଙ୍କ ଜୀର୍ଣ୍ଣ ସୌଧ ଏବେ
ବ୍ୟାଘ୍ର ଭଲ୍ଲୁକର ବସା !
ଦେବାଳ ପାଷାଣ— ଭେଦିରେ ପଉଧ
ହୋଇଛୁ ନୀଳବରଣ;
କୃମି-କିଟଜାଳ ହୋଇଅଛୁ ଏବେ
ଜବାଘର ଆସ୍ତରଣ ।
ସ୍ୱର୍ଣ୍ଣଦୀପାଲୋକେ ଉଠୁଥିଲା ଯହିଁ
ଅଗୁରୁଧୂପର ଘଟା,
ଛିଟିକିଛି ତହିଁ ଚଞ୍ଚୁ ବଦନେ
ପକ୍ଷବାଟେ ଚମଚଟା ।
ତେଜିଲେ ଅତୁଳ— ଦୁର୍ଗ (୨) ଯେଉଁ ବୀର
ବରୂଥ ଘଟିଣା ଝରେ,
ବରୂଥ ତରଙ୍ଗେ ବୁଦ୍ବୁଦ ସରାସେ
ମିଶିଗଲେ କାଳ-ନୀରେ ।

---

(୧) ଖଣ୍ଡଗିରିରେ ଖାରବେଳଙ୍କ କୀର୍ତ୍ତି ଅଛି ।

(୨) ଚୌଦ୍ୱାର ।

ଏବେ ସେହି ଦୁର୍ଗ ଭୀଷଣ ନିର୍ଘୋଷେ
ପାଷାଣ ହୋଇ ସ୍ଖଳଇ,
ଦୂର ଜନପଦେ ସୁପ୍ତଜନେ କରେ
କମ୍ପିଥେ ଭୀତ ଚକିତ ।
ମହାଅବତଂସ ଉତ୍କଳ କେଶରୀ–
ରାଜବଂଶ କାହିଁ ଗଲା ?
ବେଢ଼ିଥୁ ଉତ୍କଳ— କଳେବରେ ଯାର
ଅମଳ କୀର୍ତ୍ତି ମେଖଳା ।
"ସେହି ବଂଶ କାହିଁ ?" ଏହି କଥା ଯେବେ
ଏକାମ୍ରେ ପୁଛବ ଯାଇ (୧),
ପ୍ରତିଧ୍ୱନି ଛଳେ କାନନେ ଦେଉଳ
ପ୍ରତିବାଣୀ ଦେବ "କାହିଁ ?"

* * * * *

ବୃଥା ଦମ୍ଭ ମାତି ଦର୍ପି ଜୟୀ ବୀର
ଭ୍ରମୁଥାନ୍ତି ଦେଶେ ଦେଶେ,
ଜେତା ବିଜିତଙ୍କୁ କରାଳ କୃତାନ୍ତ
ପେଷିଦିଏ ନିର୍ବିଶେଷେ ।
ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ
ସମସ୍ତଙ୍କ ଭାଗ୍ୟ-ଡୋର,
ନିଜ ଭାଗ୍ୟ-ଡୋର କାଳ ହସ୍ତେ ଏହା
ପକାନ୍ତି ନହେଲେ ପାସୋରୁ ।

---

(୧) ଏକାମ୍ରକାନନ ଭୁବନେଶ୍ୱରର ନାମାନ୍ତର । ଏହିଠାରେ କେଶରୀବଂଶର ରାଜଧାନୀ ଥିଲା ।

ଅନ୍ଧକେ କଳ୍ପନା— ଉଦ୍ୟାନେ ବାମ୍ପିକ
ଗଢ଼େ ଆଶା—କୁଞ୍ଜମାନ,
ତା ଦେଖି ଅଲକ୍ଷେ ପାଖେ ପାଖେ ଥାଇ
ହସୁଥାଇ କସ୍ତୁରାଣ ।
କ୍ରୂର କାଳ-ଚକ୍ର ଘୂରୁଛି ମସ୍ତକେ
ଜାଣି ଲୋକେ ଭ୍ରାନ୍ତ କଣା,
କପାଇଁ ଲୋଡ଼ନ୍ତି ରଣଭୂମିରୂପ
କୃତାନ୍ତ ରଙ୍ଗ-ଅଗଣା ?
ଅଗ୍ରେ ବାତ୍ୟା ଦେଖି ଜଳେ ଜଳଦସ୍ୟୁ
ଅକ୍ରମେ ବଣିକ ତର,
ବହ୍ନି ଜନ୍ମ ବ୍ୟାଳେ ଯେହ୍ନେରୂପେ ପର-
ରାଜ୍ୟ ଅକ୍ରମେ ମସରୀ ।
ଦସ୍ୟୁ ବଣିକକୁ ମାରେ ବ୍ୟାଧ୍ୟା ଯଥା
ବୁଡ଼ାଇ ଜଳଧି ଜଳେ,
କାଳ ସେହ୍ନିରୂପେ କେତା ବଜିତକୁ
ପୂରଇ ନିଜ କବଳେ ।
ଏ ଭବସାଗରେ ସର୍ବଗ୍ରାସୀ କାଳ-
ବାତ୍ୟା ବହେ ଅବିରତ,
ଏହା ଜାଣି ଲୋକେ କେଉଁ ଲୋଭ ଆଶେ
କଳହେ ହୁଅନ୍ତ ରତ ?

ଅଲେକଜାଣ୍ଡରଙ୍କ ବାଲ୍ୟୋପାଖ୍ୟାନ ।

ଯେଉଁ ସୁପ୍ରସିଦ୍ଧ ଦିଗ୍‌ବିଜୟୀ ଅଲେକଜାଣ୍ଡରଙ୍କ ନାମରେ ଇଉରୋପ, ଆସିଆ, ଓ ଆଫ୍ରିକା କମ୍ପିତ ହେଉଥିଲା, ଏବଂ ଲୋକେ ଯାହାଙ୍କର ଜିଗୀଷାବୃତ୍ତିକୁ ଅସୀମ ମଣୁଥିଲେ, ସେହି ମହାବୀରଙ୍କ ବାଲ୍ୟକାଳର ଗୋଟିଏ ସାମାନ୍ୟ ବୃତ୍ତାନ୍ତ ନିମ୍ନରେ କଥିତ ହେଲା ।

ଅଲେକଜାଣ୍ଡରଙ୍କ ଜନକ ଫିଲିପ୍ ଗ୍ରୀସର ଅନ୍ତର୍ଗତ ମାସିଡୋନିଆ ପ୍ରଦେଶର ଅଧିପତି ଥିଲେ । ଯେତେବେଳେ ଅଲେକଜାଣ୍ଡର ଅଳ୍ପବୟସ୍କ ବାଳକ, ସେହି ସମୟରେ କୌଣସି ବ୍ୟକ୍ତି ଗୋଟିଏ ଘୋଟକ ବିକ୍ରୟ କରିବା ନିମନ୍ତେ ଫିଲିପଙ୍କ ନିକଟକୁ ଘେନି ଗଲେ । ଫିଲିପ ଏବଂ ତାହାଙ୍କ ସଭାସଦ୍‌ବର୍ଗ ସର୍ବାଙ୍ଗସୁନ୍ଦର ବୃହତ୍କାୟ ଘୋଟକ ସନ୍ଦର୍ଶନରେ ଅତ୍ୟନ୍ତ ପ୍ରୀତ ହୋଇ ଅଧିକ ମୂଲ୍ୟ ଦେଇ କ୍ରୟ କରିବାକୁ ସମ୍ମତ ହେଲେ । ଏହା ପରେ ସଭାସଦ୍‌ଗଣ ଏବଂ କୁମାର ଅଲେକଜାଣ୍ଡରଙ୍କୁ ସଙ୍ଗେ ଘେନି, ତାହାର ଅଶ୍ୱର ଗୁଣ ପରୀକ୍ଷା ନିମନ୍ତେ ନଗରପ୍ରାନ୍ତକୁ ଆସିଲେ । ସୁପ୍ରଧାନ ଅଶ୍ୱାରୋହୀମାନଙ୍କ ଅଶ୍ୱାରୋହଣ କରିବା ଚେଷ୍ଟିତ ଥାଇ ଉକ୍ତ ଦୁର୍ଦ୍ଦାନ୍ତ ଅଶ୍ୱ ସନ୍ନିକଟକୁ ସୁଦ୍ଧା କେହି ଯାଇ ପାରିଲେ ନାହିଁ । ଫିଲିପ ଅଶ୍ୱର ଏହି ଦୁର୍ଗୁଣ ଦେଖି ବିରକ୍ତ ହୋଇ ବଣିକଙ୍କୁ କହିଲେ—'ତୁମ୍ଭେ ଆମ୍ଭକୁ ବୃଥାରେ କଷ୍ଟ ଦେଇ ଏଠାକୁ ଆଣିଲ, ଆମ୍ଭେ କ୍ରୟ କରିବୁଁ ନାହିଁ, ତୁମ୍ଭେ ଅଶ୍ୱ ଘେନି ଯାଅ ।'

ଅଲେକଜାଣ୍ଡର ଅଶ୍ୱର ଗତିବିଧି ନିବିଷ୍ଟଚିତ୍ତରେ ଦର୍ଶନ କରୁଥିଲେ; ସେ ଜନକଙ୍କ ଉପରୋକ୍ତ କଥା ଶୁଣି କହିଲେ, "ହାୟ ! ଦୁଃଖର କଥା, ଅଦୃଢ଼ କର ନ ଜାଣି ଏପରି ସୁନ୍ଦର ଅଶ୍ୱକୁ ନେଉ ନାହାନ୍ତି ।" ରାଜା କୁମାରଙ୍କ ଏହି କଥାରେ ପ୍ରଥମ କର୍ଣ୍ଣ

କଲେ ନାହିଁ, ମାତ୍ର ପଶ୍ଚାତ୍ କୁମାରଙ୍କ ବିଷଣ୍ଣବଦନ ଦେଖି ଏବଂ ପୁନଃ ପୁନଃ ସେହିପରି ଉକ୍ତି ଶ୍ରବଣ କରି କହିଲେ—"ବତ୍ସ ! ତୁମ୍ଭେ ସୁଦକ୍ଷ ଅଶ୍ୱାରୋହିମାନଙ୍କୁ ନିନ୍ଦା କରୁଅଛ; ତୁମ୍ଭେ କଅଣ ଏ କାର୍ଯ୍ୟରେ ଅଧିକ ଦକ୍ଷ ? ତୁମ୍ଭେ କି ସେମାନଙ୍କ ବଳ ଅଶ୍ୱକୁ ଆୟତ୍ତ କରି ପାରିବ?" କୁମାର କହିଲେ—"ହଁ ପାରିବି ।" ରାଜା କହିଲେ —"ନ ପାରିଲେ କଅଣ ହେବ ?" କୁମାର କହିଲେ "ଅଶ୍ୱର ମୂଲ୍ୟ ଦେବି ।" ସଭାସଦ୍‌ବର୍ଗ ପିତାପୁତ୍ରଙ୍କର ଏହିପରି କଥୋପକଥନ ଶୁଣି ହାସ୍ୟସମ୍ବରଣ କରି ପାରିଲେ ନାହିଁ ।

କୁମାରଙ୍କ ଏହି କଥା ଶୁଣି ରାଜା କୌଣସି ଆପତ୍ତି କଲେ ନାହିଁ । ଅଲେକଜାଣ୍ଡର ଅଶ୍ୱନିକଟକୁ ଗମନ କରି ବଲ୍‌ଗା ଧାରଣପୂର୍ବକ ତାହାକୁ ସୂର୍ଯ୍ୟାଭିମୁଖରେ ଦଣ୍ଡାୟମାନ କରାଇଲେ । ଆପଣାର ଛାୟା ଦର୍ଶନରେ ଅଶ୍ୱକୁ ପୁନଃ ପୁନଃ ଚମକିତ ହେଉଥିବାର ସେ ନିବିଷ୍ଟମନରେ ଦର୍ଶନ କରିଥିଲେ । ତାହାକୁ ସୂର୍ଯ୍ୟାଭିମୁଖରେ ଅବସ୍ଥିତ କରାଇବାରୁ ଅଶ୍ୱର ଛାୟା ତାହା ସମ୍ମୁଖରେ ପଡ଼ିଲା ନାହିଁ । ତହିଁ ଉତ୍ତାରୁ ଅଶ୍ୱର ଉଗ୍ରତା ଶାନ୍ତ ହେବାରୁ ମିଷ୍ଟବଚନ ଏବଂ ଆଦରସୂଚକ କରାଘାତଦ୍ୱାରା ତାହାକୁ ବଶୀଭୂତ କଲେ । ତଦନନ୍ତର ଅଶ୍ୱୋପରି ଲମ୍ଫ ପ୍ରଦାନ କରି ମୁହୂର୍ତ୍ତକରେ ଅଶ୍ୱାରୋହଣପୂର୍ବକ ସତର୍କ ହୋଇ ଉପବେଶନ କଲେ । କଶାଘାତ ବା ଅନ୍ୟ କୌଣସି ପ୍ରକାର ଉତ୍ତେଜନା ନ କରି ପ୍ରଥମ ମୃଦୁବେଗରେ ସେ ଅଶ୍ୱକୁ ଧାବିତ କରାଇଲେ । ପଶ୍ଚାତ୍ ଅଶ୍ୱର କୌଣସି ପ୍ରକାର ଶୃଙ୍ଖଳା ନ ଦେଖି ତାହାକୁ କଶାଘାତ ଏବଂ ଉଚ୍ଚବାକ୍ୟଦ୍ୱାରା ଉତ୍ତେଜିତ କରି ପୂର୍ଣ୍ଣବେଗରେ ଧାବିତ କରାଇଲେ ।

ରାଜା ଏବଂ ପାରିଷଦ୍‌ବର୍ଗ ବିସ୍ମିତ ଏବଂ ନିସ୍ତବ୍ଧ ହୋଇ ରାଜକୁମାରଙ୍କ ଏହି ଦୁଃସାହସିକ କାର୍ଯ୍ୟ ଦର୍ଶନ କରୁଥିଲେ । କୁମାରଙ୍କ ବିପଦ ସମ୍ଭାବନାରେ ରାଜାଙ୍କ ମୁଖମଣ୍ଡଳ ବିବର୍ଣ୍ଣ ହୋଇ

ଗଲା । ମାତ୍ର ଯେତେବେଳେ କୁମାର ଅଶ୍ୱାରୋହଣପୂର୍ବକ ପୂର୍ଣ୍ଣ-ବେଗରେ ପ୍ରତ୍ୟାବର୍ତ୍ତନ କଲେ । ପାରିଷଦ୍‌ବର୍ଗ ମହାଆନନ୍ଦରେ କୋଳାହଳପୂର୍ବକ ତାହାଙ୍କୁ ଅଭ୍ୟର୍ଥନା କଲେ, ମାତ୍ର ରାଜାଙ୍କ ବାକ୍ୟସ୍ଫୁରଣ ହେଲା ନାହିଁ । ସେ ହର୍ଷବିହ୍ୱଳ ହୋଇ ଆନନ୍ଦାଶ୍ରୁ ବିସର୍ଜନ କଲେ । କୁମାର ଉପସ୍ଥିତ ହେଲାକ୍ଷଣି ରାଜା ତାହାଙ୍କୁ ଅଙ୍କରେ ଘେନି କହିଲେ—"ବତ୍ସ ! ଏହି ସାମାନ୍ୟ ମାସିଡୋନ ରାଜ୍ୟରେ ତୁମ୍ଭର ସ୍ଥାନ ହେବ ନାହିଁ, ତୁମ୍ଭେ ତୁମ୍ଭର ଗୁଣର ଅନୁରୂପ ରାଜ୍ୟାନ୍ୱେଷଣ କର ।" କେଉଁଠାରେ ବଳ ଏବଂ କେଉଁଠାରେ କୌଶଳ ପ୍ରୟୋଗ କରିବାକୁ ହେବ, ଅଲେକଜାଣ୍ଡର ଅଳ୍ପବୟସରେ ମଧ୍ୟ ତାହା ଉତ୍ତମରୂପେ ଅନୁଭବ କରି ପାରୁଥିଲେ ।

ଅଦ୍ଭୁତ ପ୍ରଭୁଭକ୍ତି ଏବଂ ଆତ୍ମତ୍ୟାଗ ।

ମିବାରରାଜ୍ୟର ସାମନ୍ତବର୍ଗ ଅକର୍ମଣ୍ୟ ନୃପତି ବିକ୍ରମଜିତଙ୍କୁ ପଦଚ୍ୟୁତ କରି ବୀରକୁଳକେଶରୀ ସଂଗ୍ରାମସିଂହଙ୍କ ପୁତ୍ର ଉଦୟସିଂହଙ୍କ ବୟଃପ୍ରାପ୍ତ ପର୍ଯ୍ୟନ୍ତ, ପୂର୍ବରାଜାଙ୍କ ବନବୀର ନାମକ ଏକ ଜାରଜ-ପୁତ୍ରଙ୍କୁ ଶାସନଦଣ୍ଡ ପରିଚାଳନାର୍ଥ ଅର୍ପଣ କଲେ । ବନବୀର ସିଂହାସନରେ ଉପବେଶନପୂର୍ବକ ଦୁରାକାଂକ୍ଷା ବୃତ୍ତିର ବଶବର୍ତ୍ତୀ ହୋଇ ଚିରଜୀବନ ନିମନ୍ତେ ଶାସନଦଣ୍ଡ ପରିଚାଳନାର ସଂକଳ୍ପ କଲେ । ଷଡ୍‌ବର୍ଷୀୟ ବାଳକ ଉଦୟସିଂହ ବ୍ୟତୀତ ତାହାଙ୍କ ଅଭୀଷ୍ଟସିଦ୍ଧିର ଅନ୍ୟ କେହି ଅନ୍ତରାୟ ନ ଥିଲେ । ବନବୀର ଏହି ଶିଶୁକୁ ହତ୍ୟା-

ପୂର୍ବକ ନିଷ୍କଣ୍ଟକ ରାଜତ୍ୱଭୋଗର ସଂକଳ୍ପ କରି ନିଶାଗମନର ପ୍ରତୀକ୍ଷା-ରେ ରହିଲେ । କ୍ରମେ ରାତ୍ରି ଉପସ୍ଥିତ ହେଲା । ଉଦୟସିଂହ ଭୋଜନାନ୍ତେ ନିଦ୍ରିତ ହୋଇଅଛନ୍ତି ଏବଂ ତାହାଙ୍କ ଧାତ୍ରୀ ପାର୍ଶ୍ୱରେ ଉପବେଶନପୂର୍ବକ ତାହାଙ୍କୁ ଶୁଶ୍ରୂଷା କରୁଅଛନ୍ତି, ଏମନ୍ତ ସମୟରେ ଅନ୍ତଃପୁର ମଧ୍ୟରେ ଘୋର ଆର୍ତ୍ତନାଦ ଶ୍ରବଣ କରି ଧାତ୍ରୀ ଭୟ ଏବଂ ବିସ୍ମୟରେ କମ୍ପିତ ହୋଇ ଉଠିଲେ । ସେହି ମୁହୂର୍ତ୍ତରେ ଭୃତ୍ୟ ରାଜ-କୁମାରଙ୍କ ଆହାରାବଶିଷ୍ଟ ସ୍ଥାନାନ୍ତରିତ କରିବାକୁ ଆସି ବନବୀରଙ୍କ-ଦ୍ୱାରା ବିକ୍ରମଜିତଙ୍କ ହତ୍ୟା ବୃତ୍ତାନ୍ତ ଜ୍ଞାପନ କଲା । ବିକ୍ରମଜିତଙ୍କ ହତ୍ୟା ବିବରଣ ଶ୍ରବଣ କରି ଧାତ୍ରୀ ଅତ୍ୟନ୍ତ ଶଙ୍କିତା ହେଲେ । ବନ-ବୀର ବିକ୍ରମଜିତଙ୍କୁ ନିହତ କରି ନିଜର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ଉଦୟ-ସିଂହଙ୍କୁ ହତ୍ୟା କରିବାକୁ ଆସିବେ ଏଥିରେ ତାହାଙ୍କର ଅଣୁ ସନ୍ଦେହ ରହିଲା ନାହିଁ । ଧାତ୍ରୀ ସେହି ମୁହୂର୍ତ୍ତରେ ଉଦୟସିଂହଙ୍କ ପ୍ରାଣରକ୍ଷାର ଉପାୟ ଉଦ୍ଭାବନ କରି, ନିଦ୍ରିତ ଉଦୟସିଂହଙ୍କୁ ଗୋଟିଏ ଝୁଡ଼ିରେ ସ୍ଥାପିତ କରି, ତଦୁପରି [illegible] ଏବଂ [illegible] ନିକ୍ଷେପପୂର୍ବକ ଭୃତ୍ୟକୁ କହିଲେ; "ତୁମ୍ଭେ ଏହି ଝୁଡ଼ି ନେଇ ଦୁର୍ଗ ବାହାରକୁ ଶୀଘ୍ର ଚାଲି ଯାଅ ।" ଭୃତ୍ୟ ଦ୍ୱିରୁକ୍ତି ନ କରି ଧାତ୍ରୀର ଆଦେଶ ପାଳନ କଲା । ଧାତ୍ରୀ ଉଦୟସିଂହଙ୍କ ଶଯ୍ୟାରେ ସ୍ୱୀୟ ଶିଶୁ ପୁତ୍ରକୁ ଶୟନ କରାଇ ସ୍ଥାନକୁ ନ ଆସୁଣୁ, ବନବୀର ପ୍ରଚଣ୍ଡମୂର୍ତ୍ତିରେ ଉକ୍ତ ଗୃହ ମଧ୍ୟରେ ପ୍ରବେଶ ହୋଇ ଧାତ୍ରୀଙ୍କୁ ଉଦୟସିଂହଙ୍କ କଥା ପଚାରିଲେ । ଭୟରେ ଧାତ୍ରୀର ବାକ୍ୟସ୍ଫୁରଣ ହେଲା ନାହିଁ, ସେ ନୀରବରେ କମ୍ପିତହସ୍ତରେ ରାଜକୁମାରଙ୍କ ଶଯ୍ୟାପ୍ରତି ଅଙ୍ଗୁଳି ନିର୍ଦ୍ଦେଶପୂର୍ବକ ସଙ୍କେତରେ ଦେଖାଇ ଦେଲେ । ବନବୀର ସେହି ମୁହୂର୍ତ୍ତରେ ଉକ୍ତ ବାଳକର ହୃଦୟରେ ଦୀର୍ଘଛୁରିକା ଆମୂଳ ବିଦ୍ଧ କରି ଦେଲେ । ଧାତ୍ରୀ ହୃଦୟ-ବିଦାରକ ଏହି ଶୋଚନୀୟ ଘଟନା ସ୍ୱଚକ୍ଷୁରେ ସନ୍ଦର୍ଶନପୂର୍ବକ, ପ୍ରକାଶ ଭୟରେ କ୍ରନ୍ଦନ ନ କରି କେବଳ ନିଃଶବ୍ଦରେ ଅଶ୍ରୁ ବିସର୍ଜ୍ଜନ କଲେ ।

ତହିଁ ଉତ୍ତାରୁ ସେ ପ୍ରାଣାଧିକ ପୁତ୍ରର ଅନ୍ତ୍ୟେଷ୍ଟିବିଧାନ ସମାପ୍ତ କରି ସନ୍ଧ୍ୟାସମୟରେ ଉଦୟସିଂହଙ୍କ ଉଦ୍ଦେଶ୍ୟରେ ଦୁର୍ଗରୁ ବହିର୍ଗତା ହେଲେ । ନଗରବାସୀମାନେ ସଂଗ୍ରାମସିଂହଙ୍କ ବଂଶ ଲୋପ ହେଲା ମନରେ କରି ବିଳାପ କଲେ । ଭୃତ୍ୟ ଉଦୟସିଂହଙ୍କୁ ଘେନି ଦୁର୍ଗପାର୍ଶ୍ୱସ୍ଥ ଏକ ନଦୀକୂଳରେ ଧାତ୍ରୀର ଅପେକ୍ଷା କରୁଥିଲା । ଧାତ୍ରୀ ଭୃତ୍ୟସହ ଉଦୟସିଂହଙ୍କୁ ଘେନି ଏକ ନିରାପଦ ସ୍ଥାନରେ ରଖି ଆସିଲେ । ଯେଉଁ ଧାତ୍ରୀ ଏହି ଅଦ୍ଭୁତ ପ୍ରଭୁଭକ୍ତି ଏବଂ ଅସାଧାରଣ ଆତ୍ମତ୍ୟାଗର ଉଦାହରଣ ପ୍ରଦର୍ଶନ କଲେ ତାହାଙ୍କ ନାମ ପାନ୍ନା ଅଟେ । ସେ ଉଚ୍ଚ ରାଜପୁତକୁଳରେ ଜନ୍ମଗ୍ରହଣ କରିଥିଲେ । ଏହାଙ୍କ ନାମ ରାଜପୁତ ଇତିହାସରେ ଚିରସ୍ମରଣୀୟ ହୋଇଅଛି ।

ଅଓରଙ୍ଗଜେବଙ୍କ ଅନ୍ତିମପତ୍ର ।

ଅତୁଳ କ୍ଷମତାପନ୍ନ ଭାରତସମ୍ରାଟ୍ ଯେଉଁ ଅଓରଙ୍ଗଜେବଙ୍କ ନାମରେ ସମସ୍ତ ଏସିଆ କମ୍ପିତ ହେଉଥିଲା, ଯାହାଙ୍କ ପ୍ରବଳ ପ୍ରତାପ ଏବଂ ଅତ୍ୟାଚାରରେ ଭାରତବାସୀ ହିନ୍ଦୁମାନେ ଜର୍ଜରିତ ହୋଇଥିଲେ, ଯେ ନୃଶଂସକରେ ସାମ୍ରାଜ୍ୟସୁଖଭୋଗ ବାସନାରେ ପିତାଙ୍କୁ ବନ୍ଦୀ, ଭ୍ରାତାମାନଙ୍କୁ ନିହତ କରି ସିଂହାସନାଧିକାର କରିଥିଲେ, ସେ ଅନ୍ତିମକାଳରେ ସ୍ୱୀୟ ପୁତ୍ରଙ୍କୁ ଯେଉଁ ପତ୍ର ଲେଖିଥିଲେ ତହିଁର କେତେକ ଅଂଶ ନିମ୍ନରେ ଉଦ୍ଧୃତ ହେଲା ।

" ବତ୍ସ !

ଆଶୀର୍ବାଦ କରୁଅଛି, ସୁଖୀ ଏବଂ ସୁସ୍ଥ ହୁଅ । ମୋର ହୃଦୟ

ନିୟତ ତୁମ୍ଭର ମଙ୍ଗଳକାମନାରେ ଅନୁରତ । ବର୍ତ୍ତମାନ ମୋର ବାର୍ଦ୍ଧକ୍ୟଦଶା ଉପସ୍ଥିତ, ଏଣୁ ମୁଁ ଜରାଜ୍ୱରରେ ଏକାବେଳକେ ସମାକ୍ରାନ୍ତ ଏବଂ ମୋର ସମସ୍ତ ଇନ୍ଦ୍ରିୟ ଦୁର୍ବଳ ହୋଇଅଛି । ଏହି ସଂସାରକୁ ମୁଁ ଏକା ଆସିଥିଲି ଏକା ଯାଉଅଛି । ମୁଁ କିଏ ଏବଂ କି କାର୍ଯ୍ୟ ସାଧନ ସକାଶେ ସୃଷ୍ଟ, ଏହି କଥାଟି ଅଦ୍ୟାବଧି ମୁଁ ଅବଗତ ନୁହେ । ସ୍ୱକପଦରେ ପ୍ରତିଷ୍ଠିତ ଥିବା ସମୟରେ ମୋର ଯେଉଁ ସମୟ ଅତିବାହିତ ହୋଇଅଛି, ଉକ୍ତ କାଳର କେବଳ ଶୋକମୟ ସ୍ମୃତିଚିହ୍ନ ହୃଦୟରେ ଅଙ୍କିତ ରହିଅଛି । ଯେଉଁ ରୀତି-ରେ ସାମ୍ରାଜ୍ୟ ପାଳନ ଏବଂ ରକ୍ଷା କରିବା କର୍ତ୍ତବ୍ୟ ଥିଲା, ତାହା ମୁଁ କରି ନାହିଁ । ମୋର ଅମୂଲ୍ୟ ସମୟ ବୃଥା ନଷ୍ଟ ହୋଇଅଛି । ମୋର ମନୋମନ୍ଦିରରେ ଅମୃତଦେବ ବସତି ଥିଲା, ମାତ୍ର ମୋର ଜ୍ଞାନରୂପ ବର୍ତ୍ତିକା ନିତାନ୍ତ ନିଷ୍ପ୍ରଭ ବୋଲି ମୁଁ ତାହାର ଉଜ୍ଜ୍ୱଳ ଆଲୋକ ଦର୍ଶନରେ ଅକ୍ଷମ ହୋଇଥିଲି । ଜୀବନ ନଶ୍ୱର, ଅତୀତ କାଳର କୌଣସି ପୁଣ୍ୟ ମୋର ସଞ୍ଚିତ ନାହିଁ । ମୋର ପାରଲୌକିକ ସମସ୍ତ ଆଶା ଭରସା ଏକାବେଳକେ ବିଲୁପ୍ତ । ଜ୍ୱରକ୍ଲେଶରୁ ମୁଁ ନିଷ୍କୃତି ଲଭୁଅଛି ସତ୍ୟ, ମାତ୍ର ଅସ୍ଥିମାଂସମୟ ଦେହପିଣ୍ଡ ବ୍ୟତୀତ ମୁଁ ସର୍ବସ୍ୱ ହରାଇଅଛି । * * * * *

ଏହି ଜଗତକୁ ଶୂନ୍ୟହସ୍ତରେ ଆସିଥିଲି, ବିଦାୟ କାଳରେ ପାପ-ରାଶି ବ୍ୟତୀତ ଅନ୍ୟ କିଛି ସମ୍ବଳ ନେଇ ଯାଉ ନାହିଁ । ମୃତ୍ୟୁ ନିମନ୍ତେ ମୋର ଆତ୍ମା ଅତ୍ୟନ୍ତ ଭୀତ, ମୁଁ କି ଭୟଙ୍କର ଯାତନାରେ ପତିତ ହେବି ତାହା ମୁଁ ଅବଗତ ନୁହେଁ । ଜଗଦୀଶ୍ୱରଙ୍କ କରୁଣାରେ ମୋର ଦୃଢ଼ବିଶ୍ୱାସ ଅଛି ସତ୍ୟ, ମାତ୍ର ସ୍ୱକୃତ ପାପର ବିଷମ ଭୁକ୍ତି ଦଣ୍ଡକ ସକାଶେ ଚିନ୍ତା ମତେ ତ୍ୟାଗ କରୁ ନାହିଁ । ଯାହା ହେବାର ହେଉ, ବର୍ତ୍ତମାନ ତରଙ୍ଗମୁଖରେ ମୋର ଦେହ-ତରୀ ଭାସୁଅଛି । * * *

* * ମୁ ଅମୂଜ୍ଞାନପରିଶୂନ୍ୟ, ଦୌର୍ବଲ୍ୟରେ ମୋର ମେରୁଦଣ୍ଡ ଅବନତ ଏବଂ ପଦଦ୍ୱୟ ଗତିଶକ୍ତିହୀନ ହୋଇଅଛି । * * * *

ଦାସ ଦାସୀ ଏବଂ ପାରିଷଦ୍‌ବର୍ଗ ଯେମନ୍ତ ପ୍ରବଞ୍ଚକ ହେଉନ୍ତୁ ପଛକେ ସେମାନଙ୍କ ପ୍ରତି ଅସଦ୍‌ବ୍ୟବହାର କରିବା କୌଣସିରୂପେ ଉଚିତ ନୁହଇ । କୌଶଳ ଏବଂ ଭଦ୍ରତାଦ୍ୱାରା ତୁମ୍ଭର ଅମ୍ଭ ଉଦ୍ଦେଶ୍ୟ ସାଧନ କରି ନେବ । ସୀମାଟିରୁ ନିମ୍ନସ୍ଥାନରେ ତୁମ୍ଭେ ପାଦସ୍ଖଳନ କରିବ ନାହିଁ । ବର୍ତ୍ତମାନ ମୁ ବିଦାୟ ହେଉଅଛି । ଏହି ଜଗତରେ ମୁ ଭଲ ମନ୍ଦ ଯାହା କରିଅଛି ତୁମ୍ଭ ସକାଶେ କରିଅଛି । ଏହାକୁ ମନ୍ଦଭାବରେ ଗ୍ରହଣ କରିବ ନାହିଁ । ମୁ ତୁମ୍ଭର ଯେଉଁ ଅନିଷ୍ଟସାଧନ କରିଅଛି, ତାହାର ସମ୍ପ୍ରୋପଶମନର ଉତ୍ତର ଏଣିକି ମତେ ଦେବାକୁ ନ ହେଲେ ସୁଦ୍ଧା, ତୁମ୍ଭେ ତାହା ସ୍ମରଣ କରିବ ନାହିଁ । ବର୍ତ୍ତମାନ ମୋର ଆତ୍ମା ଏହି ମାୟାମୟ ଦେହ ପରିତ୍ୟାଗ କରୁଅଛି ।"

ମରୀଚିକା ।

ଆମ୍ଭେମାନେ ଯେଉଁ ସ୍ଥାନକୁ ଶୂନ୍ୟ ବୋଲି ମନରେ କରୁଁ ପ୍ରକୃତରେ ତାହା ଶୂନ୍ୟ ନୁହଇ, ତାହା ବାୟୁଦ୍ୱାରା ପୂର୍ଣ୍ଣ ଅଟେ । ଜଳ ଏବଂ କାଚ ତୁଲ୍ୟ ବାୟୁ ସ୍ୱଚ୍ଛପଦାର୍ଥ ଅଟେ । ବାୟୁ ସ୍ୱଚ୍ଛ ବୋଲି ଆମ୍ଭେ-ମାନେ ତାହାର ଅଭ୍ୟନ୍ତର ଦେଇ ପଶୁ ପକ୍ଷୀ ବୃକ୍ଷ ପ୍ରଭୃତିକୁ ଅନା-ୟାସରେ ଦେଖି ପାରୁଁ । ବାୟୁ ସବୁବେଳେ ନିର୍ମଳ କିମ୍ବା ପରିଷ୍କୃତ ନ ଥାଏ । କେତେବେଳେ ବାଷ୍ପପୂର୍ଣ୍ଣ, କେତେବେଳେ କ୍ଷୁଦ୍ର କ୍ଷୁଦ୍ର ଜଳ-

କଣାରେ ପୂର୍ଣ୍ଣ, କେତେବେଳେ ଅବା ଧୂଳିପୂର୍ଣ୍ଣ ହୁଏ । ଏଣୁ ତାହାର ଅଭ୍ୟନ୍ତର ଦେଇ କୌଣସି ପଦାର୍ଥ ସବୁବେଳେ ସମାନଭାବରେ ଦେଖା ଯାଏ ନାହିଁ । ଏହାର ଅବସ୍ଥାଭେଦାନୁସାରେ ଆମ୍ଭମାନଙ୍କ ଦୃଷ୍ଟିକ୍ଷେପର ମଧ୍ୟ ବିଭିନ୍ନତା ହୁଏ ।

ଅବସ୍ଥାଭେଦରେ ବାୟୁ କୌଣସି୨ ସମୟରେ ଜଳରୂପ ଧାରଣ କରେ, ଏବଂ ଜଳରେ ଯେମନ୍ତ ସନ୍ନିକଟସ୍ଥ ବୃକ୍ଷ, ଲତା ପ୍ରଭୃତିର ପ୍ରତିବିମ୍ବ ଦେଖାଯାଏ, ସେଥିରେ ମଧ୍ୟ ସେହିପରି ଲକ୍ଷିତ ହୁଏ । ବାୟୁରେ ଜଳ କିମ୍ବା ଅନ୍ୟ ପଦାର୍ଥର ଭ୍ରମ ହେଲେ ତାହାକୁ ମରୀଚିକା କହନ୍ତି । ପଦାର୍ଥବିଦ୍ୟାବିତ୍ ପଣ୍ଡିତମାନେ କହିଅଛନ୍ତି ଯେ ଯେତେ-ବେଳେ ପ୍ରଚଣ୍ଡ ସୂର୍ଯ୍ୟକିରଣଦ୍ୱାରା ଉତ୍ତପ୍ତ ଭୂମିର ଜଳୀୟାଂଶ ବାଷ୍ପରେ ପରିଣତ ହୋଇଥାଏ, ସେହି ସମୟରେ ମରୀଚିକାର ଉତ୍ପତ୍ତି ହୁଏ । ମରୁଭୂମିରେ ଯେପରି ମରୀଚିକା ଦେଖାଯାଏ ଅନ୍ୟସ୍ଥାନରେ ସେପରି ଦେଖା ଯାଏ ନାହିଁ ।

ଆଫ୍ରିକା, ଆରବ କିମ୍ବା ରାଜପୁତାନାର ମରୁଭୂମିରେ ଯେତେବେଳେ ମରୀଚିକାର ଉତ୍ପତ୍ତି ହୁଏ, ସେତେବେଳେ ଅପୂର୍ବ ଶୋଭା ନୟନ-ଗୋଚର ହୁଅଇ । ସମସ୍ତ ମରୁପ୍ରଦେଶ ଗୋଟିଏ ବିସ୍ତୀର୍ଣ୍ଣ ସାଗର-ବୋଲି ପ୍ରତୀୟମାନ ହୁଏ, ଏବଂ ମରୁମଧ୍ୟସ୍ଥିତ କ୍ଷୁଦ୍ରଗ୍ରାମମାନ ସାଗର ବେଷ୍ଟିତ ଦ୍ୱୀପତୁଲ୍ୟ ଅନୁଭୂତ ହୁଏ । ତୃଷ୍ଣାତୁର ମୃଗମାନଙ୍କର ମରୀ-ଚିକାରେ ଜଳଭ୍ରମ ହେବାର ଯେଉଁ ପ୍ରବାଦ ଅଛି ତାହା ଅପ୍ରକୃତ ନୁହେ । ପର୍ଯ୍ୟଟକମାନେ ଯେତେବେଳେ ମରୁଭୂମିରେ ଏକସ୍ଥାନରୁ ସ୍ଥାନାନ୍ତରକୁ ଗମନ କରୁଥାନ୍ତି ସେତେବେଳେ ସେମାନଙ୍କର ଏହିପରି ଭ୍ରମ ଉପସ୍ଥିତ ହୁଏ । ପର୍ଯ୍ୟଟକମାନଙ୍କ ପଶ୍ଚାତ୍ କିମ୍ବା ପାର୍ଶ୍ୱରେ ମରୀଚିକା ଦେଖା ଯାଏ ନାହିଁ, କେବଳ ଦୂରସ୍ଥିତ ଭୂମିରେ ମରୀଚିକା ଦେଖାଯାଏ । ପର୍ଯ୍ୟଟକମାନେ ମରୀଚିକାଭିମୁଖରେ ଯେତିକି ଅଗ୍ରସର ହେଉଥାନ୍ତି, ମରୀଚିକା ସେତିକି ଦୂରକୁ ପ୍ରସ୍ଥାନ କରୁଥାଏ ।

ଯେଉଁ ପଥିକ କିମ୍ବା ବଣିକମାନେ ମରୀଚିକା ବିଷୟ ଅବଗତ ନୁହନ୍ତି, ସେମାନେ ଅନେକ ସମୟରେ ଏହାକୁ ଜଳ ବିଚାର ନାନା ପ୍ରକାର ବିପଦରେ ପତିତ ହୁଅନ୍ତି । ମରୀଚିକାଦ୍ୱାରା ଅକୃଷ୍ଟ ହୋଇ ଅନେକ ସମୟରେ ପର୍ଯ୍ୟଟକମାନଙ୍କୁ ପ୍ରାଣତ୍ୟାଗ କରିବା ଦେଖା-ଯାଏ ।

ଭାରତବର୍ଷରେ ମରୀଚିକାର କାରଣ ନିର୍ଣ୍ଣୀତ ହୋଇଅଛି; ତଦ୍ୱାରା ଏହା ନିରୂପିତ ହୋଇଅଛି ଯେ ସୂର୍ଯ୍ୟୋଦୟର କେତେକକ୍ଷଣ ପରଠୁ ମଧ୍ୟାହ୍ନର କିଞ୍ଚିତ୍ ପୂର୍ବ ପର୍ଯ୍ୟନ୍ତ, ସୂର୍ଯ୍ୟର ବିପରୀତ ଦିଗରେ ମରୀଚିକା ଦେଖାଯାଏ । ତାହାର କାରଣ ଏହି,—ସେହି ସମୟରେ ଯେଉଁ ସ୍ଥାନରେ ମରୀଚିକା ଦେଖାଯାଏ, ସେହି ସ୍ଥାନରେ ଭୂମିରୁ ୧୦୦ କିମ୍ବା ୧୫୦ ହସ୍ତ ଉର୍ଦ୍ଧ୍ୱରେ ସ୍ୱଚ୍ଛ ବାଷ୍ପରାଶି ଏକତ୍ରିତ ହେଉଥାଏ । ଉକ୍ତ ବାଷ୍ପରାଶିରେ ସୂର୍ଯ୍ୟାଲୋକ ପତିତ ହୋଇ ଦର୍ପଣର କାର୍ଯ୍ୟ କରେ । ଏଣୁ ତହିଁରେ ଉଭୟପାର୍ଶ୍ୱର ପଦାର୍ଥସମୂହ ପ୍ରତିବିମ୍ବିତ ହୋଇ ଦୃଷ୍ଟି-ଗୋଚର ହୁଏ । ସେହି ପ୍ରତିବିମ୍ବର କାରଣ ଅନୁସନ୍ଧାନଦ୍ୱାରା ଏହା ସ୍ଥିର ହୋଇଅଛି ଯେ ଦର୍ଶକଠାରୁ ବାଷ୍ପରାଶି ଯେତେ ଦୂରରେ ଥାଏ, ତାହା-ଠାରୁ ପଦାର୍ଥମାନ ତେତେ ଦୂରରେ ଥିଲେ ତାହା ଦର୍ଶକର ଦୃଷ୍ଟି-ପଥର ବହିର୍ଭୂତ ଏବଂ ବହୁଦୂର ହେଲେ ସୁଦ୍ଧା, ଉକ୍ତ ବାଷ୍ପୀୟଦର୍ପଣରେ ପ୍ରତିବିମ୍ବିତ ହୋଇ ଦୃଷ୍ଟିଗୋଚର ଏବଂ ନିକଟସ୍ଥ ବୋଧ ହୁଏ । ପୁଷ୍କ-ରିଣୀରେ ଚନ୍ଦ୍ର ପ୍ରଭୃତିର ଛାୟା ଜଳକମ୍ପନରେ ଯେପରି କମ୍ପିତ ହୁଏ, ଉକ୍ତ ବାଷ୍ପୀୟଦର୍ପଣ ବାୟୁଦ୍ୱାରା ଆନ୍ଦୋଳିତ ହୋଇ ତଦନ୍ତର୍ଗତ ମରୀଚିକାର ଛାୟା ମଧ୍ୟ ସେହିପରି କମ୍ପିତ ହେଉଥାଏ ।

ଏହି ହେତୁ ସମୁଦ୍ର ମଧ୍ୟରେ ଶତକୋଶ ଅନ୍ତରରେ କୌଣସି ଜାହାଜ ଥିଲେ ୫୦ କୋଶ ଦୂରସ୍ଥ ବାଷ୍ପରାଶିରେ ତାହା ପ୍ରତିବିମ୍ବିତ ଦେଖାଯାଏ । ବାଷ୍ପୀୟଦର୍ପଣର ବିକୃତିରେ ଛାୟା ମଧ୍ୟ ବିକୃତ ହୋଇ କେତେବେଳେ କ୍ଷୁଦ୍ରପଦାର୍ଥ ବୃହତ୍, ବୃହତ୍ ପଦାର୍ଥ କ୍ଷୁଦ୍ର, କେତେ-

ହେଲେ ଏକପଦାର୍ଥର କୌଣସି ଅଂଶ କ୍ଷୁଦ୍ର, କୌଣସି ଅଂଶ ବୃହତ୍ ଦେଖାଯାଏ । ମରୀଚିକାରେ ପର୍ବତ, ବୃକ୍ଷ, ନଦୀ, ହ୍ରଦ, ପୁଷ୍କରିଣୀ, ମନ୍ଦିର, ସ୍ତମ୍ଭ, ଅଟ୍ଟାଳିକା, ମନୁଷ୍ୟ, ପଶୁ, ପକ୍ଷୀ ପ୍ରଭୃତି ସମସ୍ତ ପଦାର୍ଥର ଆଦର୍ଶ ଲକ୍ଷିତ ହୁଏ । ଭ୍ରମଣକାରୀମାନେ ଏହି ସମସ୍ତ ପଦାର୍ଥର ପ୍ରତିକୃତି ଦର୍ଶନ କରିଅଛନ୍ତି ।



ଚଲ୍କାହ୍ରଦ ।

ସଙ୍ଗୀତ ଘୋଷର ଗରଜ୍ଜତର,
ନୀଳବକ୍ଷ ତୋର ସଙ୍ଗୀତେ ମୁଖର;
ଦ୍ୱୀପମାନ ଶ୍ୱେତ-ପ୍ରାସାଦ ଆକାରେ ।
ଗାଅନ୍ତି ବିହଙ୍ଗେ ତରଙ୍ଗ-ଦୋଳାରେ;
ନୀଳତର କରି ଛାୟାରେ ତୋ ଅଙ୍ଗ
ଊର୍ଦ୍ଧ୍ୱେ ମେଘାକାରେ ଉଡନ୍ତି ବିହଙ୍ଗ,
ପକ୍ଷ ଝାଡ଼ି, ଚଞ୍ଚୁଂ ସ୍ଥିରଲକ୍ଷ୍ୟ ହୋଇ,
ଜଳମଧ୍ୟେ ଡିଆଁ ମାରନ୍ତି ଗାଢ଼େଁଇ;
କଳା, ନୀଳ, ପୀତ, ଧବଳ, ଲୋହିତ
ବହୁରଙ୍ଗେ ଉର୍ମ୍ମି କାନ୍ତିଁ ବିମଣ୍ଡିତ,
ଜଳଦେବୀ କଳ କିଙ୍କିଣୀ–କଙ୍କଣ
ପ୍ରାୟ ଶୁଭୁଥାଇ ଶବଦ ନାଦନ,

ଯୂଥେ ଯୂଥେ ମତ୍ସ୍ୟ ନିଜ ଶୁଭ୍ରକାନ୍ତି
ନୀଳ-ନୀରେ ତେଜଇଁ ଉଲ୍ଲାସେ ଦେଖାନ୍ତି,
ଧକ୍କାରୀ ମୁକୁତା-ଶୁଭ୍ର-ବର୍ଣ୍ଣ-ଛଟା,
ଶଲ୍କାବୃତ ବପୁ ପ୍ରକଟେ ଭେକଟା; (୧)
ବିଷଦିଗ୍ଧ ଶଙ୍କୁ ପ୍ରାୟେ ବହ୍ନି ସୂକ୍ଷ୍ମ
ଶଙ୍କା ଉପୁଜାଏ କଣ୍ଟ ସାଂକୁଚ,
ଶିଶୁମାର ଖେଳେ ତରଙ୍ଗେ ଉଲଟି
ଉଠି ବୁଡଇ ନ ଯତ୍ନେ ହେଲେ ପଠୀ,
କଳାମୁଣ୍ଡ କଳେ ଛଟକେ ଦେଖାଇ
ବୁଲଇ ମଗର ଏଣେ ତେଣେ ଧାଇଁ ।
କୋଟି କୋଟି ଜୀବେ ଲଭନ୍ତି ଜୀବିକା
ତୋ ଦେହେ ଏରୂପେ ବଢଉ, ଚିଲିକା,
କୋଟି କୋଟି ଜୀବେ ଯୋଗାଉ ଅହାର
ନ ସରଇ ତୋର ଅକ୍ଷୟ ଭଣ୍ଡାର ।
    କମଳାକମଳାୟଭୂମି ତୋର ତୀର,
ଫଳ ଫୁଲ ଶସ୍ୟେ ସଦା ସୁରୁଚିର,
ନାରିକେଳ ପୂଗ, ପନସ, ରସାଳ,
ମୁଚୁକୁନ୍ଦ, ଚମ୍ପା, କେଶର, ତମାଳ,
ଅଶୋକ ବସନ୍ତ-ବିଭବ-ବିକାଶୀ,
କଦମ୍ବ କଳଦ-ଭ୍ରମର-ବିଳାସୀ,
ସଦାଶିବ ପ୍ରିୟ ପବିତ୍ର ଶ୍ରୀଫଳ,
ସଦାଚଳଦଳ ପବିତ୍ର ପିପ୍ପଳ,
ସୁରଙ୍ଗଶାଳ୍ମଳୀ, ସୁବିଶାଳକାୟ,
ଶୋଭନ ଶୋଭନା ଯହିଁ ରଚନ୍ତି କୁଳାୟ;

(୧) ଏହି ମତ୍ସ୍ୟ ନିମନ୍ତେ ଚିଲିକା ପ୍ରସିଦ୍ଧ ।

ଗ୍ରାମଦେବତାଙ୍କ ମଣ୍ଡପ-ବିତାନ
ଛିନ୍ନ ହିତ ପୁଷ୍ପବୃନ୍ତେ ଗୋଡ଼ିବାଣ;
ଶିବାଳୟ ଉପକଣ୍ଠେ ଜଳଧର
ସୁବର୍ଣ୍ଣତଟକ-ଧର ମଧୁପର,
କର୍ଣ୍ଣପୂର-ରୂପ ପୁଷ୍ପ ଯାର ଦୋଳେ
ପଲ୍ଲୀବିଳାସିନୀ ଅମଳ କପୋଳେ !
ବୈଦୂର୍ଯ୍ୟ-କିରୀଟ-ଧାରୀ ତୁଙ୍ଗ ତାଳ
ସରୋବର ତୀରେ ଶୋଭେ ମାଳ ମାଳ,
ମନ୍ଦାନନ୍ଦେ ଯାର ବାହୁଛାୟାଶ୍ରୟେ
ବାୟୁ ବାୟୁବଧୂ ହସନ୍ତି ନିର୍ଭୟେ,
ମୂଳେ କାଳରୂପୀ ଭୀଷଣ ଭୁଜଙ୍ଗ—
ଭ୍ରୂକୁଟି ନ କରି କରୁଥାନ୍ତି ରଙ୍ଗ,
ଡାଳୁଁ ବିଲମ୍ବିତ ସ୍ୱର୍ଣ୍ଣବର୍ଣ୍ଣ ଦୋଳେ
ଦୋଳାନ୍ତି ଶାବକକୁଳେ ସ୍ନେହବଶେ ।
ପଦାଶ୍ରିତ ଜୀବେ ଛାୟାପ୍ରଦାୟକ,
କଷ୍ଟ ସହି, ପରକଷ୍ଟସଂହାରକ,
ବଟଦ୍ରୁମ ଯାର, ଯୋଗୀପୁଙ୍ଗବତ
ଜୂଟଶୀର୍ଷୋଜ୍ଜ୍ୱଳ ସ୍କନ୍ଧେ ପରିଣତ,
ମରକତ ପର୍ଣ୍ଣ, ପଦ୍ମରାଗ ଫଳେ
ଯା ବିଭବ ଗ୍ରାମସୀମାନ୍ତ ଉଜ୍ଜ୍ୱଳେ;
ମଧ୍ୟାହ୍ନେ ସ୍ଫୁରଇ ଯହିଁ କଳଗିର
ଦ୍ୱଳଜୀବଯନ୍ତ୍ର ସଙ୍ଗେ ଚଞ୍ଚୁ ତର ।

ଏ ଅବି ପାଦପମାନେ ଅନ୍ଧାରତ
ଖର ପକ୍ଷୀ ତୋର ମୂର୍ତ୍ତି ସୁନ୍ଦରତ ।

* * * * * * *

ସ୍ୱାର୍ଥପରତା ।

ଯେଉଁ ସମୟରେ ମହାବୀର ପ୍ର[illegible] ମିବାର ସିଂହାସନରେ ଅଧିରୂଢ଼ ଥିଲେ, ସେହି ସମୟରେ [illegible] ସେନ ତାହାଙ୍କ କନିଷ୍ଠ ଭ୍ରାତା ଶୁକ୍ତସିଂହଙ୍କ ସଙ୍ଗେ ତାହାଙ୍କର ଯେଉଁ [illegible] ବିବାଦ ଉପସ୍ଥିତ ହେଲା । କାହାର ଲକ୍ଷ୍ୟରେ ବନ୍ୟଜନ୍ତୁ ବିଦ୍ଧ ହୋଇଅଛି, ଏହା ସେହି ଯେଉଁ ବିବାଦ ଉପସ୍ଥିତ ହେଲା, କୌଣସି ପ୍ରକାରେ ତାହାର ମୀମାଂସା ହେଲା ନାହିଁ । ଅବଶେଷରେ ପ୍ରତାପ ଖଡ୍ଗ ଭ୍ରୂକୁଟିବିକ୍ଷେପପୂର୍ବକ ସ୍ୱହସ୍ତ ଶେଳଦଣ୍ଡ ଉଦ୍ୟତ କରି ଗମ୍ଭୀରସ୍ୱରରେ କହିଲେ— "ଆସ, ଦେଖାଯିବ କାହାର ଲକ୍ଷ୍ୟ ଅବ୍ୟର୍ଥ ।" ଶୁକ୍ତ ମଧ୍ୟ ସେହିପରି ଗମ୍ଭୀରସ୍ୱରରେ କହିଲେ—"ଅଚ୍ଛା, ଦେଖାଯାଉ ।"

ବୀରପ୍ରଥାନୁସାରେ ଶୁକ୍ତସିଂହ ଅଗ୍ରଜଙ୍କ ଚରଣ ବନ୍ଦନା କରି ପଦଧୂଳି ଗ୍ରହଣ କଲେ, ଏବଂ ପ୍ରତାପ ମଧ୍ୟ ତାହାଙ୍କୁ ଆଶୀର୍ବାଦ କଲେ । ଏହା ଉତ୍ତାରୁ ଉଭୟେ ସ୍ୱୀୟ ଶେଳ ଉଦ୍ୟତ କରି ପରସ୍ପରଙ୍କୁ ଆକ୍ରମଣ କଲେ । ସମ୍ମୁଖରେ ମିବାରର ସର୍ବନାଶ ହେବାର ଉପକ୍ରମ ଦେଖି ଉପସ୍ଥିତ ବ୍ୟକ୍ତିମାନେ ବଜ୍ରାହତ ପ୍ରାୟ ହୋଇ ରହିଲେ; ନିବାରଣ କରିବାକୁ କିମ୍ବା ବାଧା ଦେବାକୁ କାହାର ସାହସ ହେଲା ନାହିଁ । ଅଦୂରରେ ମିବାରରାଜକୁଳର ପୁରୋହିତ ଦଣ୍ଡାୟମାନ ଥିଲେ; ସେ ଦୂରରୁ ଏହି ଭୀଷଣକାଣ୍ଡ ଦର୍ଶନ କରି— "ମହାରାଣା ! କ୍ଷାନ୍ତ ହେଉନ୍ତୁ, କ୍ଷାନ୍ତ ହେଉନ୍ତୁ," କହୁଁ ୨ ଉର୍ଦ୍ଧ୍ୱ-

ଘାତରେ ପଡ଼ନ୍ତି ଅସି ବବାଦମାନ ଭ୍ରାତୃଯୁଗଳଙ୍କ ମଧ୍ୟସ୍ଥଳରେ ଦଣ୍ଡାୟମାନ ହେଲେ, ଏବଂ ନାନାପ୍ରକାର ଅନୁନୟ ବିନୟ କରି ସେମାନଙ୍କୁ ପ୍ରକୃତିସ୍ଥ କରିବାକୁ ଚେଷ୍ଟା କଲେ; ମାତ୍ର ତାହାଙ୍କ ସମସ୍ତ ଚେଷ୍ଟା ବିଫଳ ହେଲା ।

ଏହି ସମୟରେ ମିବାରରାଜ୍ୟର କେତେକାଂଶ ଏବଂ ରାଜଧାନୀ ଯବନକରକବଳିତ ହୋଇଥିଲା । "ଭ୍ରାତୃଦ୍ୱୟ ଏକତ୍ରିତ ହୋଇ ଯବନମାନଙ୍କୁ ପରାଜୟପୂର୍ବକ କାହିଁ ଦେଶୋଦ୍ଧାର କରିବେ ନା, ପରସ୍ପରର ବିନାଶ ସାଧନରେ ପ୍ରବୃତ୍ତ ହେଉଅଛନ୍ତି", ହିତୈଷୀ ପୁରୋହିତ ଏହା ଚିନ୍ତା କରି ଅତ୍ୟନ୍ତ ମ୍ରିୟମାଣ ହେଲେ । ଅବଶେଷରେ ଉପାୟାନ୍ତର ନ ଦେଖି, ସ୍ୱୀୟ ହସ୍ତସ୍ଥିତ ଛୁରିକାଦ୍ୱାରା ସ୍ୱୀୟ ହୃତ୍ପିଣ୍ଡ ଛେଦନ କଲେ, ଏବଂ ଭ୍ରାତୃଯୁଗଳଙ୍କ ମଧ୍ୟସ୍ଥଳରେ ପତିତ ହୋଇ ସେହିକ୍ଷଣି ପ୍ରାଣତ୍ୟାଗ କଲେ । ଏହି ଘଟନା ଦର୍ଶନ କରି ମୋହାନ୍ଧ ଭ୍ରାତୃଦ୍ୱୟଙ୍କ ଜ୍ଞାନନେତ୍ର ଉନ୍ମୀଳିତ ହେଲା । କେବଳ ସେମାନଙ୍କ ଦୋଷରୁ ଏହି ଲୋମହର୍ଷଣକାଣ୍ଡ ସଂଘଟିତ ହେଲା ଏହା ସେମାନେ ହୃଦୟଙ୍ଗମ କଲେ ।

ପରମହିତକାରୀ କୁଳପୁରୋହିତଙ୍କ ଏହିପରି ଆତ୍ମବିନାଶ ଦର୍ଶନ କରି ଉଭୟେ ବିବାଦରୁ ନିରସ୍ତ ହେଲେ । ପ୍ରତାପ କ୍ରୁଦ୍ଧ ହୋଇ ଶକ୍ତସିଂହଙ୍କୁ ମିବାରରାଜ୍ୟ ପରିତ୍ୟାଗ କରି ଯିବାକୁ ଆଦେଶ ପ୍ରଦାନ କଲେ । ତେଜସ୍ୱୀ ଶକ୍ତସିଂହ ପ୍ରତିହିଂସା ଗ୍ରହଣର ଭୀତି ପ୍ରଦର୍ଶନ ପୂର୍ବକ ସେହି ମୁହୂର୍ତ୍ତରେ ମିବାରରାଜ୍ୟ ପରିତ୍ୟାଗ କରି, ପ୍ରତାପଙ୍କ ଘୋରଶତ୍ରୁ ଆକବରଙ୍କ ସହ ମିଳିତ ହେଲେ । ପ୍ରତାପ ଯଥାବିଧି ପୁରୋହିତଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମାଧା କରି, ଯେଉଁ ସ୍ଥାନରେ ସେ ଆତ୍ମୋତ୍ସର୍ଗ କରିଥିଲେ, ସେହି ସ୍ଥାନରେ ଏକ ସ୍ମାରକସ୍ତମ୍ଭ ନିର୍ମାଣ କରାଇ ଦେଲେ, ଏବଂ ତାହାଙ୍କ ପୁତ୍ରଙ୍କ ପ୍ରଚୁର ଭୂମିବୃତ୍ତି ପ୍ରଦାନ କଲେ ।

ଏହା ଉତ୍ତରୁ ୧୫୭୬ ଖ୍ରୀଷ୍ଟାବ୍ଦରେ ହଲଦିଘାଟର ଭୀଷଣ ଯୁଦ୍ଧ ହେଲା । ପ୍ରବଳ ପରାକ୍ରାନ୍ତ ସମ୍ରାଟ୍ ଆକବର ସ୍ୱୀୟ ପୁତ୍ର ସେଲିମ, ସେନାପତି ମାନସିଂହ ଏବଂ ମହାବତଖାଙ୍କୁ ଅଗଣ୍ୟ ସୈନ୍ୟ ପ୍ରଦାନ କରି ମିବାର ଆକ୍ରମଣ କରିବାକୁ ପ୍ରେରଣ କଲେ । ପ୍ରତିହିଂସା ଗ୍ରହଣ ଉଦ୍ଦେଶ୍ୟରେ ଶୁକ୍ତସିଂହ ଏହି ସୈନ୍ୟମାନଙ୍କ ସଙ୍ଗ ଆଗମନ କଲେ । ପ୍ରତାପ ଦ୍ୱାବିଂଶତିସହସ୍ର ରାଜପୁତ ସୈନ୍ୟସହ ମହାସଂଗ୍ରାମରେ ପ୍ରବୃତ୍ତ ହେଲେ । ତାହାଙ୍କ ଅମାନୁଷିକ ବିକ୍ରମ ପ୍ରଭାବରେ ଶତ୍ରୁବ୍ୟୂହ ବିଭିନ୍ନ, ଦଳିତ, ଓ ବିତ୍ରାସିତ ହେଲା ।

ଗଜାରୂଢ଼ ସମ୍ରାଟ୍‌ପୁତ୍ରଙ୍କୁ ପ୍ରତାପ ଭୀଷଣ ବେଗରେ ଆକ୍ରମଣ କରି ଗଜପାଳକୁ ନିହତ ଏବଂ ଗଜକୁ ଆହତ କଲେ । ଆହତ ଗଜରାଜ ସେଲିମଙ୍କୁ ଘେନି ତୀବ୍ରବେଗରେ ପଳାୟନ କଲା । ଅଶ୍ୱାରୂଢ଼ ପ୍ରତାପ ପଳାୟନମାନ ଗଜର ଅନୁସରଣ କରି ଶତ୍ରୁବ୍ୟୂହ ମଧ୍ୟରେ ପ୍ରବିଷ୍ଟ ହେଲେ । ମୋଗଲସୈନ୍ୟ ପୁନଃ ୨ ପ୍ରତାପଙ୍କୁ ବେଷ୍ଟନପୂର୍ବକ ତାହାଙ୍କ ବିନାଶସାଧନରେ ପ୍ରୟାସୀ ହେବାରୁ ପ୍ରତାପ ଉନ୍ମତ୍ତ କେଶରୀ ତୁଲ୍ୟ ଶତ୍ରୁସୈନ୍ୟ ମଧ୍ୟରେ ବିଚରଣ କରି ଅଗଣ୍ୟ ଶତ୍ରୁର ପ୍ରାଣନାଶ କଲେ । ତାହାଙ୍କ ମସ୍ତକୋପରି ମିବାର ରାଜଛତ୍ର ଶୋଭା ପାଉଥିଲା । ସେହି ଛତ୍ରକୁ ଲକ୍ଷ୍ୟ କରି ଦୁର୍ଦ୍ଧର୍ଷ ମୋଗଲମାନେ ଚତୁର୍ଦ୍ଦିଗରୁ ତାହାଙ୍କୁ ଆକ୍ରମଣ କଲେ; ଏହି ରାଜଚିହ୍ନ ହେତୁରୁ ତାହାଙ୍କ ଜୀବନ ତିନିଥର ବିପନ୍ନ ହେଲା । ପ୍ରତାପ ସ୍ୱୀୟ ଅମାନୁଷିକ ବିକ୍ରମଦ୍ୱାରା ତିନିଥର ଆତ୍ମରକ୍ଷା କଲେ; ମାତ୍ର ଶେଷଥର ବିଷମସଙ୍କଟରେ ପତିତ ହେଲେ । ଏହି ସମୟରେ ପ୍ରତାପ ଶତ୍ରୁସୈନ୍ୟର ମଧ୍ୟସ୍ଥଳରେ ଉପସ୍ଥିତ ହୋଇଥିଲେ । ସେ ଯେଉଁ ଦିଗରେ ଦୃଷ୍ଟି ନିକ୍ଷେପ କଲେ ସେହି ଦିଗରୁ ଅସଂଖ୍ୟ ଶତ୍ରୁ ବିକଟ ଭ୍ରୂକୁଟିସହ ଅସିହସ୍ତରେ ତାହାଙ୍କ ବିନାଶସାଧନ ଉଦ୍ଦେଶ୍ୟରେ ଧାବିତ ହେଉଥିବାର ଦୃଷ୍ଟିଗୋଚର ହେଲା । ଏହା ଦର୍ଶନ କରି ତାହାଙ୍କ ଆସନ୍ନକାଳ ନିକଟବର୍ତ୍ତୀ ବୋଲି ପ୍ରତାପ ହୃଦୟଙ୍ଗମ କଲେ ।

ମାତ୍ର ସେ ମୁହୂର୍ତ୍ତ ସକାଶେ ନିରୁତ୍ସାହ ନ ହୋଇ ଅପୂର୍ବ ଅହିଗ୍ରଜନା କରି ଅସଂଖ୍ୟ ଯବନମୁଣ୍ଡ ଧରାଲୁଣ୍ଠିତ କଲେ ।

ମେବାରର ଜଣେ ସାମନ୍ତ ଝାଲାପତି ମାନ୍ନା ଦୂରରୁ ପ୍ରତାପଙ୍କ ଉକ୍ତ ସଙ୍କଟାବସ୍ଥା ଦର୍ଶନରେ ଶଙ୍କିତ ହୋଇ ଉଲ୍ଲମ୍ଫନପୂର୍ବକ ସବଳରେ ତାହାଙ୍କ ସନ୍ନିକଟରେ ଉପସ୍ଥିତ ହେଲେ ଏବଂ ଆତ୍ମୋତ୍ସର୍ଗର ଜ୍ୱଳନ୍ତ ଉଦାହରଣ ରଖି ପ୍ରଭୁର ପ୍ରାଣରକ୍ଷା କଲେ । ବୀରପ୍ରଧାନ ମାନ୍ନା ହୃଦୟଙ୍ଗମ କଲେ ଯେ, ଏହି ଅଗଣ୍ୟ ଶତ୍ରୁସୈନ୍ୟ ମଧ୍ୟରୁ ପ୍ରାଣରକ୍ଷାର କୌଣସି ସମ୍ଭାବନା ନାହିଁ । ସେ ସ୍ୱୀୟ ପ୍ରାଣ ସକାଶେ ଚିନ୍ତା କଲେ ନାହିଁ, ମାତ୍ର ପ୍ରତାପସିଂହଙ୍କ ନିମନ୍ତେ ଅତ୍ୟନ୍ତ ଚିନ୍ତିତ ହେଲେ । ପରିଶେଷରେ ସେ ପ୍ରତାପଙ୍କ ପ୍ରାଣରକ୍ଷାର ଉପାୟ ଉଦ୍ଭାବନ କରି ରାଜଚିହ୍ନାଙ୍କପନ ରକ୍ତଛତ୍ର ପ୍ରତାପଙ୍କ ସନ୍ନିକଟରୁ ଗ୍ରହଣପୂର୍ବକ ସ୍ୱୀୟ ମସ୍ତକୋପରେ ଧାରଣ କଲେ । ଉକ୍ତ ରାଜଚିହ୍ନ ଦର୍ଶନ କରି ଯବନମାନେ ତାହାଙ୍କୁ ପ୍ରତାପସିଂହ ଜ୍ଞାନରେ, ତାହାଙ୍କ ବିନାଶସାଧନ ଉଦ୍ଦେଶ୍ୟରେ, ତାହାଙ୍କୁ ଚତୁର୍ଦ୍ଦିଗରୁ ପ୍ରଚଣ୍ଡ ବେଗରେ ବେଷ୍ଟନ କଲେ । ବୀରକୁଳଗୌରବ ମାନ୍ନା ସ୍ୱୀୟ ତେଜସ୍ୱୀ ସୈନ୍ୟଦଳରେ ପରିବୃତ ହୋଇ ଅଦ୍ଭୁତ ରଣନୈପୁଣ୍ୟ ପ୍ରକାଶପୂର୍ବକ ଅଗଣ୍ୟ ଯବନସୈନ୍ୟ ସଂହାର କରି ଅବଶେଷରେ ସଦଳରେ ନିପତିତ ହେଲେ । ଏହି ସୁଯୋଗରେ ପ୍ରତାପ ଶତ୍ରୁବ୍ୟୂହ ଭେଦ କରି ବହିର୍ଗତ ହେଲେ ।

ଗୁଣାନୁରାଗ ଓ ସତ୍ୟକଥନ ।

ହଲଦିଘାଟର ପ୍ରସିଦ୍ଧ ସଂଗ୍ରାମରେ ପରାଜିତ ହୋଇ ପ୍ରତାପସିଂହ ଅଶ୍ୱାରୋହଣ ପୂର୍ବକ ଦୁର୍ଗମ ପାର୍ବତ୍ୟପ୍ରଦେଶାଭିମୁଖରେ ପଳାୟନ କଲେ । ଭୀଷଣ ରଣଶ୍ରମରେ ସେ ଅତ୍ୟନ୍ତ ପରିଶ୍ରାନ୍ତ ହୋଇଥିଲେ । ତାହାଙ୍କ ସର୍ବାଙ୍ଗ କ୍ଷତବିକ୍ଷତ ଓ ରକ୍ତାକ୍ତ ହୋଇଥିଲା । ତାହାଙ୍କ ପ୍ରିୟତମ ଅଶ୍ୱ ଚୈତକ ମଧ୍ୟ ସ୍ୱୀୟ ପ୍ରଭୁତୁଲ୍ୟ ଆହତ ଓ କ୍ଳାନ୍ତ ହୋଇଥିଲା । ଏହି ସମୟରେ ଦୁଇଜଣ ମୋଗଲ ଅଶ୍ୱାରୋହୀ ପ୍ରତାପଙ୍କୁ ପଳାୟନପର ଦେଖି ତାହାଙ୍କ ପ୍ରାଣବିନାଶ ଉଦ୍ଦେଶ୍ୟରେ ଦ୍ରୁତବେଗରେ ତାହାଙ୍କ ଅନୁସରଣ କଲେ । ପ୍ରତାପଙ୍କ ଅଶ୍ୱ କ୍ଳାନ୍ତ ହୋଇଥିବାରୁ ତାହାର ବେଗ କ୍ରମଶଃ ମନ୍ଦ ହୋଇ ଆସିଲା, ଏବଂ ମୋଗଲ ଅଶ୍ୱାରୋହୀଦ୍ୱୟ କ୍ରମଶଃ ନିକଟବର୍ତ୍ତୀ ହେଲେ ।

ଶକ୍ତସିଂହ ପ୍ରତିହିଂସାଗ୍ରହଣ ମାନସରେ ଯବନମାନଙ୍କ ସଙ୍ଗ ମିଳିତ ହୋଇଥିଲେ । ହଲଦିଘାଟର ଭୀଷଣ ଯୁଦ୍ଧରେ ମଧ୍ୟ ସେ ଜ୍ୟେଷ୍ଠଭ୍ରାତାଙ୍କ ହୃଦୟଶୋଣିତପାତ କରି ବିଦ୍ୱେଷବହ୍ନି ନିର୍ବାପିତ କରିବାର ପ୍ରୟାସୀ ହୋଇଥିଲେ । ମାତ୍ର ପ୍ରତାପଙ୍କ ଅସାମାନ୍ୟ ବୀରତ୍ୱ, ଅଲୌକିକ ସ୍ୱଦେଶବାତ୍ସଲ୍ୟ ଦର୍ଶନ କରି ତାହାଙ୍କ କଠୋର ହୃଦୟ ଦ୍ରବୀଭୂତ ହେଲା । ତାହାଙ୍କ ପ୍ରଚଣ୍ଡ ଦ୍ୱେଷ ଓ ହିଂସା ଏକାବେଳକେ ପ୍ରଶମିତ ହେଲା । ଭୂତବୃତ୍ତାନ୍ତ ଚିନ୍ତା କରି ସେ ମର୍ମାହତ ହେଲେ । ସେ ଚିନ୍ତା କଲେ—"ମୁଁ କେଡ଼େ ନରାଧମ, ଏପରି ଦେବତୁଲ୍ୟ ଭାଇଙ୍କୁ ପରିତ୍ୟାଗ କରି ଦେଶବୈରୀ ଯବନମାନଙ୍କ ଆଶ୍ରୟ ନେଇଅଛି, ଏବଂ ସ୍ୱର୍ଗତୁଲ୍ୟ ଜନ୍ମଭୂମିର ସର୍ବନାଶ ସାଧନରେ ଉଦ୍ୟତ ହୋଇଅଛି ।" ଯେଉଁ ସମୟରେ ଶକ୍ତସିଂହଙ୍କ ହୃଦୟ ଅନୁତାପାନଳରେ ଦଗ୍ଧ ହେଉଥିଲା, ସେହି ସମୟରେ ସେ ପ୍ରତାପଙ୍କୁ ଦୁଇଜଣ ଅଶ୍ୱା

ରୋହୀଦ୍ୱାରା ଅନୁସୃତ ହେବାର ନେତ୍ରଗୋଚର କଲେ । ଏହି ବିଷମ ସଙ୍କଟରୁ ପ୍ରତାପଙ୍କୁ ମୁକ୍ତି ଲଭିବାର ଅସମ୍ଭବ ଜାଣି କରି, ତାହାଙ୍କ ସହାୟତା ସଙ୍କାଶେ ଅଶ୍ୱାରୋହଣପୂର୍ବକ ଦ୍ରୁତବେଗରେ ସେମାନଙ୍କ ଅନୁସରଣ କରି ପଥମଧ୍ୟରେ ମୋଗଲ ଅଶ୍ୱାରୋହୀଦ୍ୱୟର ବିନାଶ ସାଧନ କଲେ । ପ୍ରତାପ ଦୂରରୁ ଶୁକ୍ତଙ୍କୁ ଅନୁସରଣ କରୁଥିବାର ଦର୍ଶନ କରି ବିଷମ ସନ୍ଦିହାନ ହେଲେ । ସେ ମନରେ ଚିନ୍ତା କଲେ—"ଶୁକ୍ତ କି ପ୍ରତିହିଂସା ଗ୍ରହଣ କରିବାକୁ ଆସୁଅଛି ? ପାଷଣ୍ଡ କି ମୋର ଏହି ଦୁଃସହାୟ ଅବସ୍ଥାରେ ମଧ୍ୟ ସ୍ୱୀୟ ପ୍ରତିଜ୍ଞା ପାଳନ କରିବାକୁ ମାନସ କରିଅଛି ?" ପ୍ରତାପ ରୋଷ ଓ ଅଭିମାନରେ ଅଭିଭୂତ ହୋଇ, ଶରବିଦ୍ଧ କେଶରୀତୁଲ୍ୟ ଗର୍ଜ୍ଜନ କରି ଉଠିଲେ ଏବଂ ସ୍ୱୀୟ ତରବାରି ଉଦ୍ୟତ କରି ଶୁକ୍ତସିଂହଙ୍କ ପ୍ରତୀକ୍ଷାରେ ଦଣ୍ଡାୟମାନ ରହିଲେ । ମାତ୍ର ଶୁକ୍ତସିଂହଙ୍କୁ ମ୍ଳାନ, ବିଷଣ୍ଣ ଓ ଲଜ୍ଜାବନତବଦନ ଦର୍ଶନ କରି ତାହାଙ୍କ ସନ୍ଦେହ ବିଦୂରିତ ହେଲା । ଶୁକ୍ତ ଅଗ୍ରଜଙ୍କ ପଦତଳରେ ପତିତ ହୋଇ ଗଳଦଶ୍ରୁଲୋଚନ ଓ କରୁଣବଚନରେ କ୍ଷମା ପ୍ରାର୍ଥନା କଲେ । ପ୍ରତାପ ଆନୁପୂର୍ବିକ ସମସ୍ତ ଅବଗତ ହୋଇ ଆନନ୍ଦୋଚ୍ଛ୍ୱାସରେ ଅଶ୍ରୁବିସର୍ଜ୍ଜନପୂର୍ବକ ଭ୍ରାତାଙ୍କୁ ଆଲିଙ୍ଗନ କଲେ । ଏହି ସମୟରେ ପ୍ରତାପଙ୍କ ଅଶ୍ୱ ଚୈତକ ପ୍ରାଣତ୍ୟାଗ କରିବାରୁ ଶୁକ୍ତ ପ୍ରତାପଙ୍କୁ ସ୍ୱୀୟ ଅଶ୍ୱ ପ୍ରଦାନ କଲେ ଏବଂ ଅଗ୍ରଜଙ୍କ ଚରଣବନ୍ଦନାପୂର୍ବକ ଶୀଘ୍ର ବିଦାୟଗ୍ରହଣ କରି କହିଲେ—"ସୁବିଧା ହେଲାକ୍ଷଣି ମୁଁ ଆପଣଙ୍କ ସଙ୍ଗେ ମିଳିତ ହେବି ।"

ଶୁକ୍ତସିଂହ ମୋଗଲ ଶିବିରରେ ଉପସ୍ଥିତ ହେଲାକ୍ଷଣି ସେଲିମ କ୍ରୋଧଦୃଷ୍ଟିରେ ହତ ମୋଗଲସୈନିକଦ୍ୱୟଙ୍କ ବିଷୟ ଜିଜ୍ଞାସା କଲେ । ବୀରହୃଦୟ ଶୁକ୍ତସିଂହ ନିଃଶଙ୍କଚିତ୍ତ ଏବଂ ଗମ୍ଭୀରବଚନରେ ଉତ୍ତର ପ୍ରଦାନ କଲେ—"ଗୋଟିଏ ବିଶାଳ ରାଜ୍ୟର ଭାର ମୋର ଅଗ୍ରଜଙ୍କ ସ୍କନ୍ଧରେ ଅର୍ପିତ, ଶତସହସ୍ର ମନୁଷ୍ୟର ସୁଖଦୁଃଖ ତାହାଙ୍କ ହସ୍ତରେ

କିନ୍ତୁ, ଏତେବେଳେ ସେ ଯବନ, ତାହାଙ୍କୁ ଉଦ୍ଧାର ନ କରି ମୁଁ କିପରି ନିଶ୍ଚିନ୍ତ ହୋଇ ରହନ୍ତି ? ମୁଁ ପ୍ରତାପଙ୍କ ପ୍ରାଣରକ୍ଷାର୍ଥ ସେମାନଙ୍କୁ ସଂହାର କରିଅଛି ।” ସେଲିମ ଶକ୍ତସିଂହଙ୍କ ସତ୍ୟବଚନରେ ପ୍ରୀତ ହୋଇ ତାହାଙ୍କୁ କ୍ଷମା ପ୍ରଦାନ କରି ସେହି ମୁହୂର୍ତ୍ତରେ ମୋଗଲ ଶିବିର ପରିତ୍ୟାଗ କରି ଯିବାକୁ କହିଲେ ।

ଶକ୍ତ ମୋଗଲ ଶିବିରରୁ ବିଦାୟ ଗ୍ରହଣ କରି, ମୋଗଲାଧିକୃତ ଭିନ୍‌ସର ଦୁର୍ଗ ଅତର୍କିତଭାବରେ ଆକ୍ରମଣପୂର୍ବକ ଅଧିକାର କଲେ । ଉକ୍ତ ଦୁର୍ଗାଧିକାର ଭ୍ରାତାଙ୍କୁ ଉପହାରସ୍ୱରୂପ ପ୍ରଦାନ କରି ଭ୍ରାତାଙ୍କ ସହ ମିଳିତ ହେଲେ । ମାତ୍ର ଉଦାରହୃଦୟ ପ୍ରତାପ ଶକ୍ତଙ୍କୁ ଉକ୍ତ ଦୁର୍ଗ ଭୂବୃତ୍ତିସ୍ୱରୂପ ପ୍ରଦାନ କଲେ ।

ରକ୍ତବାହୁର ପରିଣାମ ।

ରକ୍ତବାହୁର ପ୍ରଣାମ ।

ପୂର୍ବକାଳରେ ଯବନ ରକ୍ତବାହୁ ପୁରୀ ଲୁଣ୍ଠନ କରି ସୋଡ଼ାସେହରଣପୂର୍ବକ ଚିଲ୍କା ମୁଖ ଦେଇ ପ୍ରତ୍ୟାଗମନ କାଳରେ ଭୀଷଣ ବାତ୍ୟା ଓ ସମୁଦ୍ରଜଳପ୍ଲାବନରେ ସସୈନ୍ୟରେ ବିନଷ୍ଟ ହୋଇଥିଲା । ନିମ୍ନରେ ତାହାକୁ ଉଦ୍ଦେଶ କରି ଉକ୍ତ ଘଟଣା ବର୍ଣ୍ଣିତ ହୋଇଅଛି ।

ରୁଦ୍ରମୂର୍ତ୍ତି ଘୋର କଣ୍ଠୁ ଘୋଷାଇ
ଦୁରନ୍ତ ଉତ୍ତାଳ-ପରିପନ୍ଥୀ ଗର୍ଜି;
ସୂର୍ଯ୍ୟକାନ୍ତ ଯଥା ପରଶେ ଶୀତଳ,
ତେଜସ୍ୱୀ ଦର୍ଶନେ ହୁଏ ଉଦ୍ଦୀପ୍ତ;
ଶତ୍ରୁ ଦେଖି ରୁଦ୍ର ସେରୂପେ ଜଳିଲା
ପ୍ରକୃତି ପ୍ରଚ୍ଛନ୍ନ ଶକ୍ତି ସମ୍ବର୍ତ୍ତିକା ।
ସେହି ମୂର୍ତ୍ତି ଘୋର ଉତ୍ତାଳ ତରଙ୍ଗ
କତି, ଦେଖିଥିଲା ଦୈତ୍ୟ ରକ୍ତବାହୁ ।

ତମୋଗୁଣେ ଭକ୍ତି ଅପୂର୍ବ-ପିପାସୀ,
ମନୁଷ୍ୟଙ୍କୁ ଯେସ୍ତୁ ମଣୁଅଛ ମାତ୍ର;
ଛିନ୍ନି-ପତ୍ରକ କର ଭସ୍ମୀଭୂତ,
ନରରକ୍ତେ ଧରା କର ପରିପ୍ଳୁତ,
ସର୍ବଗର୍ଭପ୍ରସ୍ଥ ଭାରତର ସାର,
ସ୍ୱଠେ ଲୁଟି କର ଶ୍ରୀକୋଠଭଣ୍ଡାର,
ବଳାତ୍-ଉତ୍ସାହ ମଦେ ବାହି ତରୀ
ବାହୁଡ଼ିଲ୍ଲ ଯେବେ ସ୍ୱଦେଶେ ମସ୍ତରୀ,
ତା ଉଲ୍ଲାସ ଗୀତ ତୋହର ପ୍ରତାପେ
ପରିଣତ ହେଲା ପଲକେ ବିଳାପେ !
ଛତ୍ରରେ ଯାଇ ଓଗାଳିଲୁ ବାଟ,
ଆକାଶ ଗାଗାଳ ଗୁଡ଼ିଲେ କୁହାଟ,

* * * * *

ତୋ ଇଙ୍ଗିତେ ଦଢ଼େ ଫେନ ଉର୍ଦ୍ଧିଆଠ,
ଦଉଡ଼ି ଅସିଲେ ନୀଳାମ୍ବୁ-ସମ୍ରାଟ ।
ବଣ୍ଟାଂହି-ଚ୍ଛୁଦ ପ୍ରଶାଖ-ନିଗଣ ପ
ପଲ୍ଲବେ, ବହ୍ନିଲ୍ଲ ବାହୁ ଅଣଷ୍ଟାସ;
    ବୈତାଧିନ୍ଦ୍ରା ବକ୍ତ୍ରୀ ଭ୍ରମ ବକ୍ତ୍ରଲେ
ଜୀମୂତବାହନେ ଡାକିଲେ ଅମ୍ବରେ;
ଦମ୍ଭୋଳି ସେ କାଳେ ବଳ ଘୋରଧ୍ୱନି,
ଅନ୍ଧକାର ହେଲା କର୍ମୀଙ୍କ ଅବନୀ,
ଥରହର କମ୍ପି ଅବନୀ ସଙ୍ଗତେ
ପର୍ବତଙ୍କୁ ଜାକି ଖୁଣ୍ଟିଲେ ପର୍ବତେ;
ଘଲେଗୀ କହିଲ, ଖୋଲରୀକ ସଇ,
ତମ୍ଭ ସେ ଅଶ୍ୱର ହୁଙ୍କୁ କୁଢଙ୍କ ଧାଇଁ ।

ତୋ ଉର-ଦର୍ପଣେ ଯବନେ ବର୍ମିତ
ହୋଇ ଚମକନ୍ତ ଜୀମୂତେ ତଡ଼ିତ ।
ଦେଖାଇ ଦେଉ ତୋ ସଂହାରମୂରତି
ପ୍ରକୃତିର ସେହି କରାଳ ଆକୃତି । (୧)
ଯା ଦେଖି ଅଭଙ୍ଗେ ଦୈତ୍ୟଅଖଣ୍ଡଳ
ଚପଳ ମଣ୍ଡିତ ନିଜ ଭୁଜବଳ ।
ତା କୃପାଣୁ ଅଛୁ ଶକ୍ତି ବଳବାନ
ଅକାଳେ ଏ ଛତ୍ର ଲଭିଲ ଅସ୍ଥାନ ।
ଢାଳ୍ପିଲ ତୋହର କଷାଘାତେ ଶିଖି,
ଦୈବ ନ ଡରଇ ନରବୃନ୍ଦକ ।
ତରୀ ଯଥା ଊର୍ମି ଫେଣ-ଅଟ୍ଟହାସେ,
କନ୍ଦୁକ ପରାଏ ଫିଙ୍ଗିଲେ ଅକାଶେ ।
ଚାହିଁ ଯାହିଁ ତବା ପାରି ଧର୍ମଦ୍ରୋହୀ,
କେ କାହିଁ ପଡ଼ିଲେ ଛିନ୍ନଭିନ୍ନ ହୋଇ ।
ସର୍ବେ ହୋଇଗଲେ ନିର୍ମୂଳ ନିଃଶେଷ,
କେହି ନ ରହିଲେ ଦେବାକୁ ସନ୍ଦେଶ !
କାହିଁ ଗଲା ସେହି ବିକ୍ରମ ଚତୁର ?
ଛିଡ଼ିଲା ତୋ ବକ୍ଷେ ବଜ୍ରଦ୍ଧିଙ୍କ ଖର !
ଅଛିଥିଲେ କେତେ ଡହିଳର ବନ୍ଧୁ,
ବହିଲେ ଉନ୍ନତ ଗାଉ ପ୍ରତିଷ୍ଠିତ !
ଭୂବଙ୍ଗରେ ଯାଙ୍କ କୀର୍ତ୍ତିଲ ଭୂଷଣ;
ମସି ଲଭିବାକୁ ଏବେ ନାହିଁ ବଳ !

(୧) ଲେଖକ ସ୍ୱୟଂ ଥରେ ଝଡ଼ ସମୟରେ ଚଳିବାର ଜାହାଜରେ ଏବଂ ବଙ୍ଗୋପ-ସାଗର ଅଂଶ ହାଳଡ଼ିଆ ବନ୍ଦରରେ ନୌକାଯୋଗେ ଯାଇ ଭୟଙ୍କର ଝଡ଼ିବାତ୍ୟାରେ ପ୍ରାଣସଂଶୟରେ ପଡ଼ିଥିଲେ ।

ହିଂସ୍ର ଭୁଜଗ ଯେ ମରିଲେ ଅଳ୍ପ,
ଅଗ୍ନିରେ ସେ ପୁଷ୍ପପୁଞ୍ଜର ତଳ୍ପ ।

[illegible] ବ୍ରୁସ ।

ଯେଉଁ ସମୟରେ ଇଂଲଣ୍ଡ ଓ ସ୍କଟଲଣ୍ଡର ଝଗଡ଼ା ହେଉଥିଲା, ସେହି ସମୟରେ କେତେକ [illegible] ଦେଶ ପ୍ରେମିକ ସ୍କଟଲଣ୍ଡବାସୀ ସ୍ୱଦେଶର ସ୍ୱାଧୀନତା ରକ୍ଷା [illegible] ପ୍ରାଣପଣେ ଯତ୍ନ କରୁଥିଲେ । ଏହି ସ୍ୱାଧୀନତାପ୍ରିୟ ପୁରୁଷମାନଙ୍କ [illegible] ୱାଲେସ୍ ଏବଂ ରବର୍ଟ ବ୍ରୁସ ସମଧିକ ପ୍ରସିଦ୍ଧ ଅଟନ୍ତି । [illegible] ଇଂଲଣ୍ଡପତିଙ୍କ ଦ୍ୱାରା ଧୃତ ହୋଇ ପ୍ରାଣଦଣ୍ଡରେ ଦଣ୍ଡିତ ହୋଇଥିଲେ । ତାହାଙ୍କ ଉତ୍ତାରୁ ରବର୍ଟ ବ୍ରୁସଙ୍କ ପିତା ବ୍ରୁସ ସ୍ୱଦେଶକୁ ଇଂଲଣ୍ଡର ଅଧୀନତାପାଶରୁ ମୁକ୍ତକରଣ ଉଦ୍ଦେଶ୍ୟରେ ତତ୍ପର ହେଲେ [illegible] ପ୍ରଥମତଃ ଇଂଲଣ୍ଡପତି ଏଡ୍‌ୱାର୍ଡ଼ଙ୍କ ଅଧୀନରେ [illegible] ନିଯୁକ୍ତ ଥିଲେ । ଗୋଟିଏ ଯୁଦ୍ଧରେ ସେ ଇଂରାଜସୈନ୍ୟର [illegible] ହୋଇ କେତେକ ସ୍ୱଦେଶବାସୀଙ୍କୁ ସ୍ୱହସ୍ତରେ ହତ୍ୟା କରିଥିଲେ । ଯୁଦ୍ଧ ଉତ୍ତାରୁ ହସ୍ତପ୍ରକ୍ଷାଳନ ନ କରି, ରକ୍ତଲିପ୍ତ ହସ୍ତରେ ସେ ଯେତେବେଳେ ଭୋଜନ କରୁଥିଲେ, ସେହି ସମୟରେ ଇଂଲଣ୍ଡର ଏକ ସମ୍ଭ୍ରାନ୍ତ ବ୍ୟକ୍ତି ଅନ୍ୟ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି କହିଲେ—"ଦେଖ ଏହି ସ୍କଟ୍ ଆପଣା ରକ୍ତ ଆପେ ଖାଉଅଛି ।" ବ୍ରୁସ ଏହା ଶ୍ରବଣ କରି ଅତ୍ୟନ୍ତ ଅନୁତପ୍ତ ହେଲେ ଏବଂ ସେହି ମୁହୂର୍ତ୍ତରୁ ଇଂଲଣ୍ଡପତି ଏଡ୍‌ୱାର୍ଡ଼ଙ୍କ କାର୍ଯ୍ୟ ତ୍ୟାଗ କରି ସ୍ୱଦେଶର ଅଧୀନତାପାଶ ଛିନ୍ନ କରିବାରେ ପ୍ରୟାସୀ ହେଲେ । ମାତ୍ର ଇଂଲଣ୍ଡପତିଙ୍କ ଦ୍ୱାରା କାରାରୁଦ୍ଧ ହେବାରୁ ସେ ଅଳ୍ପଦିନ ଉତ୍ତାରୁ ଭଗ୍ନହୃଦୟ ହୋଇ କାରାଗାରରେ ପ୍ରାଣତ୍ୟାଗ କଲେ ।

ରବର୍ଟ୍‌ବ୍ରୁସ ଛଦ୍ମବେଶରେ ଇଂଲଣ୍ଡରୁ ପଳାୟନ କରି ସ୍କଟଲଣ୍ଡରେ ଉପସ୍ଥିତ ହେଲେ । ସେ ସ୍ୱପକ୍ଷୀୟ ବ୍ୟକ୍ତିମାନଙ୍କୁ ଏକତ୍ରିତ କରି ରଣସଜ୍ଜାରେ ସଜ୍ଜିତ ହୋଇ, ଇଂରାଜମାନଙ୍କୁ ଯୁଦ୍ଧରେ ବାରମ୍ବାର ପରାଜୟ କରି ସ୍କଟଲଣ୍ଡରୁ ବିଦୂରିତ କରି ଦେଲେ । ଏହା ଉତ୍ତାରୁ ୧୩୦୬ ଖ୍ରୀଷ୍ଟାବ୍ଦରେ ସର୍ବସମ୍ମତିକ୍ରମେ ବ୍ରୁସ ସ୍କଟଲଣ୍ଡର ରାଜପଦରେ ଅଭିଷିକ୍ତ ହେଲେ । ଏଡ୍‌ଓ୍ୱାର୍ଡ ଏହା ଶ୍ରବଣ କରି ପେମ୍ବ୍ରୋକ ନାମକ ସେନାପତିଙ୍କ ଅଧୀନରେ ବହୁସୈନ୍ୟ ପ୍ରେରଣ କରି ବ୍ରୁସଙ୍କୁ ଯୁଦ୍ଧରେ ପୁନଃ ୨ ପରାଜିତ କଲେ । ଯୁଦ୍ଧରେ ପରାଜିତ ହୋଇ ବ୍ରୁସ ଗୋଟିଏ କ୍ଷୁଦ୍ର ଦ୍ୱୀପରେ ଆଶ୍ରୟ ଗ୍ରହଣ କଲେ ଏବଂ ପଶ୍ଚାତ୍ ଶତ୍ରୁତାଡ଼ିତ ହୋଇ ପର୍ବତ, ଦ୍ୱୀପ, ଅରଣ୍ୟାଦି ନାନାସ୍ଥାନରେ ଲୁକ୍କାୟିତ ହୋଇ ଭ୍ରମଣ କଲେ । କେତେକଜଣ ବିଶ୍ୱସ୍ତ ଅନୁଚର, ରାଜମହିଷୀ ବ୍ୟତୀତ ବ୍ରୁସଙ୍କ ଅନ୍ୟ ସଙ୍ଗୀ ନ ଥିଲେ । ସହଚରମାନେ ବ୍ରୁସଙ୍କ ସଙ୍ଗେ କେଉଁ ଦିନ ନିରଶନ, କେଉଁ ଦିନ ଅର୍ଦ୍ଧଭୋଜନରେ କାଳଯାପନ କଲେ । ଏପରି ଦୁର୍ଦ୍ଦଶାରେ ପତିତ ହୋଇ ଅନେକ ସମୟରେ ବ୍ରୁସଙ୍କୁ ଶତ୍ରୁମାନଙ୍କ ହସ୍ତଗତ ହେବାର ସମ୍ଭାବନା ହୋଇଥିଲା । ଅବଶେଷରେ ବ୍ରୁସଙ୍କ ସହଚରବର୍ଗ, ରାଣୀ ପ୍ରଭୃତି ଧୃତ ହୋଇ ଇଂରାଜମାନଙ୍କ ଦ୍ୱାରା କାରାରୁଦ୍ଧ ହେଲେ । ଇଂଲଣ୍ଡପତି ବ୍ରୁସଙ୍କ ଭ୍ରାତା ଏବଂ କେତେକଜଣ ପ୍ରଧାନ ଅନୁଚରଙ୍କ ପ୍ରାଣଦଣ୍ଡ କଲେ ।

ବ୍ରୁସ ପ୍ରବଳ ଶତ୍ରୁଦ୍ୱାରା ପଶ୍ଚାଦ୍ଧାବିତ ଏବଂ ସ୍ୱଦେଶ ଉଦ୍ଧାରର ଅବଲମ୍ବିତ ଉପାୟମାନ ସମସ୍ତ ନିଷ୍ଫଳ ଦର୍ଶନ କରି, ନିରାଶ ହୃଦୟରେ ଖ୍ରୀଷ୍ଟିୟାନମାନଙ୍କ ପୁଣ୍ୟକ୍ଷେତ୍ର ଜେରୁଜିଲମ ଯାତ୍ରାର ସଙ୍କଳ୍ପ କଲେ । ଦିନେକ ବ୍ରୁସ ଅରଣ୍ୟମଧ୍ୟସ୍ଥ ଏକ ଭଗ୍ନଗୃହରେ ଶୟନ କରି ଊର୍ଦ୍ଧ୍ୱଦୃଷ୍ଟିରେ ଅଶୁଭ ଘଟଣାମାନ ଚିନ୍ତା କରୁଅଛନ୍ତି, ଏମନ୍ତ ସମୟରେ ଦେଖିଲେ ଗୋଟିଏ ମାକଡ଼ସା ଜାଲ ବୁଣିବା ସକାଶେ ଗୋଟିଏ ଓରାରୁ ଆଉ ଗୋଟିଏ ଓରାକୁ ସୂତ୍ର ସଂଲଗ୍ନ କରୁଅଛି । ବ୍ରୁସ ନିବିଷ୍ଟ ମନରେ

ତାହା ଦର୍ଶନ କରିବାକୁ ଲାଗିଲେ । ମାକଡଶା ସ୍ୱକାର୍ଯ୍ୟ ସାଧନ ଉଦ୍ଦେଶ୍ୟରେ ଏକାଦିକ୍ରମରେ ଦ୍ୱାଦଶଥର ଚେଷ୍ଟା କଲା, ମାତ୍ର ତାହାର ଉଦ୍ୟମ ଦ୍ୱାଦଶଥର ନିଷ୍ଫଳ ହେଲା । ଅବଶେଷରେ ଉକ୍ତ କୀଟ ତ୍ରୟୋଦଶବାର ଉଦ୍ୟମ କରି କୃତକାର୍ଯ୍ୟ ହେଲା । ବ୍ରୁସ ନିକୃଷ୍ଟ କୀଟର ଏହି କାର୍ଯ୍ୟ ଦେଖି ମନେ୨ ଚିନ୍ତା କଲେ, "ଜଗଦୀଶ୍ୱର ବୋଧ ହୁଏ ମତେ ଉପଦେଶ ଏବଂ ଶିକ୍ଷା ଦେବା ନିମନ୍ତେ ଏହି କୀଟକୁ ପ୍ରେରଣ କରିଅଛନ୍ତି । ମୋର ଉଦ୍ୟମ ଦ୍ୱାଦଶଥର ନିଷ୍ଫଳ ହୋଇଅଛି, ଏହି କୀଟ ପରି ମୁଁ ଆଉ ଥରେ ସ୍ୱଦେଶ ଉଦ୍ଧାର ନିମନ୍ତେ ଉଦ୍ୟମ କଲେ ବୋଧ ହୁଏ କୃତକାର୍ଯ୍ୟ ହେବ ।" ଏହା ଚିନ୍ତା କରି ସେ ପୁଣି ସ୍ୱଦେଶ ଉଦ୍ଧାରବ୍ରତରେ ବ୍ରତୀ ହେଲେ ।

ପୁଣି ଇଂରାଜମାନଙ୍କ ସଙ୍ଗେ ବ୍ରୁସଙ୍କ ସମରାରମ୍ଭ ହେଲା । ବ୍ରୁସ ନବ ଉତ୍ସାହରେ ଉତ୍ସାହିତ ହୋଇ କେତେକ ଗୋଟି କ୍ଷୁଦ୍ର ଯୁଦ୍ଧରେ ଇଂରାଜମାନଙ୍କୁ ପରାଜିତ କଲେ । ଅଳ୍ପଦିନ ମଧ୍ୟରେ ସ୍କଟଲଣ୍ଡର କେତେକ ଅଂଶ ବ୍ରୁସଙ୍କ କର୍ତ୍ତୃତ୍ୱାଧୀନ ହେଲା । ଅଶେଷରେ ବ୍ରୁସ ଇଂରାଜସେନାପତିଙ୍କୁ ଯୁଦ୍ଧରେ ପରାଜିତ କରି ଉପର୍ଯ୍ୟୁପରି କେତେକ ଯୁଦ୍ଧରେ ଜୟଲାଭ କଲେ । ଏହି ସମୟରେ ଇଂଲଣ୍ଡପତି ବୃଦ୍ଧ ଏଡ୍‌ୱାର୍ଡଙ୍କ ମୃତ୍ୟୁ ହେବାରୁ ତଦୀୟ ପୁତ୍ର ଦ୍ୱିତୀୟ ଏଡ୍‌ୱାର୍ଡ ସିଂହାସନାରୋହଣ କଲେ । ଦୁର୍ବଳଚିତ୍ତ ଦ୍ୱିତୀୟ ଏଡ୍‌ୱାର୍ଡ ବ୍ରୁସଙ୍କ କାର୍ଯ୍ୟର ସହସା କୌଣସି ପ୍ରତିବିଧାନ କରି ପାରିଲେ ନାହିଁ । ଏଥିରେ ବ୍ରୁସ ତିନବର୍ଷ ମଧ୍ୟରେ ସମସ୍ତ ସ୍କଟଲଣ୍ଡ ସ୍ୱୀୟ ଅଧୀନ କଲେ ।

୧୩୧୪ ଖ୍ରୀଷ୍ଟାବ୍ଦରେ ଏଡ୍‌ୱାର୍ଡ ସ୍ୱୀୟ ଅଧୀନସ୍ଥ ପ୍ରଦେଶମାନଙ୍କରୁ ଏକଲକ୍ଷ ସୈନ୍ୟ ସଂଗ୍ରହପୂର୍ବକ ସ୍କଟଲଣ୍ଡ ଜୟ ଉଦ୍ଦେଶ୍ୟରେ ଯାତ୍ରା କଲେ । ବ୍ରୁସ ଅଳ୍ପସଂଖ୍ୟକ ସୈନ୍ୟ ନେଇ ଇଂରାଜମାନଙ୍କ ଅପେକ୍ଷା କରୁଥିଲେ । ଉଭୟପକ୍ଷର ଯେଉଁ ଭୀଷଣ ସମର ହେଲା ସେଥିରେ ଇଂରାଜମାନେ ସମ୍ପୂର୍ଣ୍ଣରୂପେ ପରାଜିତ ହେଲେ । ଏଡ୍‌ୱା-

ୱାର୍ଡ ଯୁଦ୍ଧକ୍ଷେତ୍ରରୁ ପଳାୟନ କଲେ ଏହି ଯୁଦ୍ଧରେ ସ୍କଟଲଣ୍ଡର ସ୍ୱାଧୀନତା ସ୍ଥିରୀକୃତ ହେଲା । ଏହା ଉତ୍ତାରୁ ଆୟାରଲେଣ୍ଡରେ ବ୍ରୁସଙ୍କ ସଙ୍ଗେ ଇଂରେଜମାନଙ୍କର ଆଉ ଗୋଟିଏ ଯୁଦ୍ଧ ହୋଇଥିଲା । ସେଥିରେ ମଧ୍ୟ ବ୍ରୁସ ଜୟଲାଭ କରିଥିଲେ ।

ବ୍ରୁସ ତେଇଶ ବର୍ଷ ଶାସନ କରି ୫୫ ବର୍ଷ ବୟଃକ୍ରମରେ ମାନବଲୀଳା ସମ୍ବରଣ କଲେ । ତାହାଙ୍କ ଇଚ୍ଛାନୁସାରେ ତାହାଙ୍କ ହୃତ୍‌ପିଣ୍ଡ ଜେରୁଜିଲମକୁ ନୀତ, ଏବଂ ସମାଧିସ୍ଥ ହୋଇ ସ୍ୱକୀୟ ଇଚ୍ଛାନୁରୂପ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହେଲା । ରବର୍ଟ ବ୍ରୁସ ଅସୀମ ସାହସୀ, ଅସାଧାରଣ ଶକ୍ତିସମ୍ପନ୍ନ, ମେଧାବୀ, ଏବଂ ସ୍ୱଦେଶପ୍ରେମିକ ବୋଲି ସର୍ବତ୍ର ବିଖ୍ୟାତ ଅଟନ୍ତି । ଏଲଗିନ ଏବଂ କିନ୍‌କାରଡ଼ାଇନ ପ୍ରଦେଶର ଭୂମ୍ୟଧିକାରୀଦ୍ୱୟ ଏହାଙ୍କର ବଂଶଧର ଅଟନ୍ତି । ଲର୍ଡ ଏଲଗିନ ଭାରତବର୍ଷର ଗବର୍ଣ୍ଣର ଜେନେରେଲ ହୋଇ ଆସିଥିଲେ ।

ଜୀବରହସ୍ୟ ।

(ତୃତୀୟ ପାଠ)

ବହୁରୂପୀ କୀଟଭୁକ୍ ଜୀବ । ଏମାନେ ଇଚ୍ଛାନୁସାରେ ଦେହର ବର୍ଣ୍ଣ ପରିବର୍ତ୍ତନ କରି ପାରନ୍ତି । ବହୁରୂପୀମାନେ କୌଣସି ସ୍ଥାନରେ ବହୁକ୍ଷଣ ନିଷ୍ପନ୍ଦଭାବରେ ରହି ପାରନ୍ତି । ଏମାନଙ୍କର ଉଭୟ ଚକ୍ଷୁର ଦୃଷ୍ଟିଶକ୍ତି ଏକଦିଗକୁ ସଞ୍ଚାଳିତ ହୁଏ ନାହିଁ, ଇଚ୍ଛାନୁସାରେ ଉଭୟ ଚକ୍ଷୁ ଭିନ୍ନ ଦିଗକୁ ଦୃଷ୍ଟି କରୁଥାଏ । ବହୁରୂପୀର ପ୍ରତ୍ୟେକ ପାଦର ପାଞ୍ଚ ଅଙ୍ଗୁଳି ସ୍ୱତନ୍ତ୍ରଭାବରେ ନ ରହି ସମ୍ମିଳିତ ହୋଇ ଦୁଇ ଗୁଚ୍ଛ ହୋଇଥାଏ । ଏମାନେ ଲାଙ୍ଗୁଳଦ୍ୱାରା ବୃକ୍ଷଶାଖା ଦୃଢ଼ରୂପେ ଧାରଣ କରି ପାରନ୍ତି । ଏମାନଙ୍କ ଦୀର୍ଘଜିହ୍ୱା ମୁଖ ମଧ୍ୟରେ ଆକୁଞ୍ଚିତ ହୋଇ

ରହୁଥାଏ । ଏମାନେ କୌଣସି କୀଟକୁ ଦେଖିବାକ୍ଷଣି ତାହାକୁ ଏପରି ବେଗରେ ଜିହ୍ୱାଦ୍ୱାରା ଜଡ଼ିତ କରି ମୁଖମଧ୍ୟକୁ ନେଇଅନ୍ତି ଯେ ଜିହ୍ୱାର ଗତି ଲକ୍ଷିତ ହୁଏ ନାହିଁ । ଏମାନେ ଦଶ ଅଙ୍ଗୁଳ ଦୂରରୁ ଜିହ୍ୱାଦ୍ୱାରା କୀଟ ଧାରଣ କରି ପାରନ୍ତି । ଷଂହ-ଦ୍ୱୀପରେ ଅତ୍ୟନ୍ତ ବୃହଦାକୃତିର ଭେକ ଅଛନ୍ତି । ଏହି ଦ୍ୱୀପରେ ବୃହଦାକୃତିର ଯେଉଁ ସ୍ଥୂଳତର କର୍କଟ ଅଛନ୍ତି, ସେମାନେ ନାରିକେଳ ବୃକ୍ଷରେ ଆରୋହଣ କରି ନାରିକେଳ ଭକ୍ଷଣ କରନ୍ତି । ମନୁଷ୍ୟମାନେ ଏମାନଙ୍କୁ ଅନାୟାସରେ ଧରି ପାରନ୍ତି ନାହିଁ । କେହି ଏମାନଙ୍କ ପଶ୍ଚାଦ୍ଧାବନ କଲେ, ଏମାନେ ପଦଦ୍ୱାରା ମୃତ୍ତିକା ଓ ଲୋଷ୍ଟ୍ର ନିକ୍ଷେପ କରି ତାହାର ଗତିରୋଧ କରନ୍ତି ।

ସମୁଦ୍ରରେ ଏକଜାତୀୟ ମତ୍ସ୍ୟ ଅଛନ୍ତି, ସେମାନଙ୍କୁ ସଙ୍ଗୀତକାରୀ ମତ୍ସ୍ୟ କହନ୍ତି । ଏମାନଙ୍କ ସ୍ୱର ମୃଦଙ୍ଗ ଘଣ୍ଟାଶବ୍ଦ ତୁଲ୍ୟ । ପୃଥିବୀର ନାନା ପ୍ରଦେଶରେ ଶିଙ୍ଗୀମାଙ୍ଗୀ ମତ୍ସ୍ୟ ଅଛନ୍ତି । କଡ୍‌ନାମକ ମତ୍ସ୍ୟର ତୈଳ ଔଷଧରୂପେ ବ୍ୟବହୃତ ହୁଏ । ପ୍ରତିବର୍ଷ ସହସ୍ର ମହଣ ଏହି ତୈଳ ପ୍ରସ୍ତୁତ ହେଉଅଛି । ଉତ୍ତରଅମେରିକାର ହାଲିବଟ୍ ନାମକ ମତ୍ସ୍ୟଦେହରୁ ଏହିପରି ମହୋପକାରକ ତୈଳ ପ୍ରସ୍ତୁତ ହୁଏ । ହଲି-ବଟ୍ ମତ୍ସ୍ୟର ଦୈର୍ଘ୍ୟ ଏକହସ୍ତରୁ ଅଧିକ ହୁଏ ନାହିଁ । କେହି କେହି ଏହି ମତ୍ସ୍ୟକୁ ଶୁଷ୍କ କରି ମଶାଲ ପରିବର୍ତ୍ତରେ ବ୍ୟବହାର କରନ୍ତି । ଅମେରିକାର ପ୍ଲାଟ ନଦୀରେ ଯମଜ ମତ୍ସ୍ୟ ମିଳୁଅନ୍ତି । ପ୍ରତ୍ୟେକ ଯମଜ ମତ୍ସ୍ୟର ଦେହ ଖଣ୍ଡିଏ ସୂକ୍ଷ୍ମଚର୍ମଦ୍ୱାରା ସଂଯୁକ୍ତ ହୋଇଥାଏ । ଏକଜାତୀୟ ମତ୍ସ୍ୟ ଅଛନ୍ତି ସେମାନଙ୍କୁ ଅଷ୍ଟପଦୀ ଜଳଦୈତ୍ୟ କହନ୍ତି । ଏମାନଙ୍କ ଦୈର୍ଘ୍ୟ ତ୍ରିଂଶତିହସ୍ତ ପର୍ଯ୍ୟନ୍ତ ହୁଏ । ଏମାନେ ନୌକାରୁ ମନୁଷ୍ୟ ନେଇଯାନ୍ତି । ଅଷ୍ଟପଦୀଦ୍ୱାରା ଧୃତ ହେଲେ ମନୁଷ୍ୟ ଅଗ୍ନି-ଦଗ୍ଧତୁଲ୍ୟ ଦାରୁଣ ଯନ୍ତ୍ରଣା ଅନୁଭବ କରେ । କନାର୍ଟ ନାମକ ମତ୍ସ୍ୟ

ଜଳ ଓ ସ୍ଥଳରେ ସମବେଗରେ ବିଚରଣ କରି ପାରନ୍ତି । ଏମାନେ ଶୁଷ୍କଭୂମି ଉପରେ ବୃକ ଉଦରଭରରେ ଗମନ କରନ୍ତି ।

କୀଟ ଓ ପତଙ୍ଗମାନଙ୍କ ମଧ୍ୟରେ ନାନା ପ୍ରକାର ଆଶ୍ଚର୍ଯ୍ୟ ଜୀବ ଅଛନ୍ତି । ପ୍ରଜାପତି, ଟଗର ଓ ରେଶମ କୀଟ ତିନି ଅବସ୍ଥାରେ ତିନି ପ୍ରକାର ଭିନ୍ନ ଭିନ୍ନ ବେଶ ଧାରଣ କରନ୍ତି । ପିପୀଲିକା, ମକ୍ଷିକା ପ୍ରଭୃତିର କୌଣସି ଶ୍ରେଣୀ ପ୍ରଥମ ଅଣ୍ଡରୂପ ଗ୍ରହଣ, ତଦନନ୍ତର ପଦଶୂନ୍ୟ ହୋଇ ଭୂମିରେ ବିଚରଣ, ଶେଷରେ ପକ୍ଷ ଧାରଣ କରି ଆକାଶରେ ଉଡ୍ଡୀନ ହୁଅନ୍ତି । ଏହି କ୍ଷୁଦ୍ର କୀଟମାନଙ୍କ ଏକତା ଅତ୍ୟନ୍ତ ବିସ୍ମୟଜନକ ଅଟେ । ଶତ୍ରୁଦ୍ୱାରା ଆକ୍ରାନ୍ତ ହେଲେ କିମ୍ବା କାହାରିକୁ ଆକ୍ରମଣ କରିବାର ପ୍ରୟୋଜନ ହେଲେ ଏମାନେ ଏକତ୍ରିତ ହୋଇ ସ୍ୱକାର୍ଯ୍ୟ ସାଧନ କରନ୍ତି । ମକ୍ଷିକାମାନେ ସ୍ୱୀୟ କ୍ଷୁଦ୍ର ଶରୀରାପେକ୍ଷା ସହସ୍ରଗୁଣ ବୃହତ୍ତର ଯେଉଁ ବାସଗୃହ ନିର୍ମାଣ କରନ୍ତି ତାହା କାହାର ଅବିଦିତ ନାହିଁ । ମକ୍ଷିକାମାନଙ୍କ ପର ମଧୁମକ୍ଷିକାମାନେ ମଧୁ ଗୃହ ନିର୍ମାଣ-ଭଙ୍ଗୀ ଓ ନିପୁଣତାର ପରିଚୟ ପ୍ରଦାନରେ ନ୍ୟୂନ ନୁହନ୍ତି । ଉର୍ଣ୍ଣନାଭମାନେ ଉର୍ଣ୍ଣାଜାଲ ନିର୍ମାଣରେ ସାମାନ୍ୟ ଶିଳ୍ପନୈପୁଣ୍ୟ ଓ ଧୈର୍ଯ୍ୟ ପ୍ରଦର୍ଶନ କରନ୍ତି ନାହିଁ । ଏଦେଶରେ ଉର୍ଣ୍ଣାଜାଲରେ କୀଟ ପତଙ୍ଗାଦି ପତିତ ହେଲେ ନିଷ୍କୃତି ଲଭିବା କଠିନ ହୁଏ । ସିଂହଳ ଓ ମାଲାଗାସ୍କର ଦ୍ୱୀପରେ କେତେକ ଅଦ୍ଭୁତ ବୃହତ୍ କାୟର ଏକଜାତୀୟ ଉର୍ଣ୍ଣନାଭ ଅଛନ୍ତି, ସେମାନଙ୍କ ଜାଲରେ ବହୁରୂପ, ଗୃହଗୋଧିକା, କ୍ଷୁଦ୍ରପକ୍ଷୀ ଓ ମୂଷିକ ପତିତ ହେଲେ ନିଷ୍କୃତି ଲଭନ୍ତି ନାହିଁ । ମଧ୍ୟ-ଆଫ୍ରିକାରେ ଏକଜାତୀୟ ପିପୀଲିକା ଅଛନ୍ତି ସେମାନଙ୍କୁ ବାସିଭେବ୍ କହନ୍ତି । ପୃଥିବୀର ଅନ୍ୟ କୌଣସି ଜୀବଙ୍କୁ ବାହରକୋଟିଏ ପିପୀଲିକାଙ୍କ ପରି ଅଧିକ ସଂଖ୍ୟାରେ ଦଳବଦ୍ଧ ହେବାର ଦେଖା ଯାଏ ନାହିଁ । ଏମାନେ ସୈନ୍ୟମାନଙ୍କ ତୁଲ୍ୟ ଦଳବଦ୍ଧ ହୋଇ ଗମନ କରନ୍ତି । କୌଣସି ଭ୍ରମଣକାରୀ ଏହି ଜାତୀୟ ଏକଦଳ ପିପୀଲିକାଙ୍କୁ ୩।୪ କୋଶ ସ୍ଥାନ

ବ୍ୟାପି ଗମନ କରିବାର ଦେଖିଅଛନ୍ତି । ଅନ୍ୟ ଏକ ଭ୍ରମଣକାରୀ ପ୍ରାତଃକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏକଦଳକୁ ଗମନ କରିବାର ଦେଖିଥିଲେ । ଆଫ୍ରିକାର ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ ପ୍ରଭୃତି ଜୀବ ଏମାନଙ୍କୁ ଅତ୍ୟନ୍ତ ଭୟ କରନ୍ତି । ଏମାନେ ଏକସ୍ଥାନରୁ ସ୍ଥାନାନ୍ତରକୁ ଗମନ କଲେ ହସ୍ତୀ, ସିଂହ, ହରିଣାଦି ପଶୁ ଊର୍ଦ୍ଧ୍ୱଶ୍ୱାସରେ ପଳାୟନ ଏବଂ ପକ୍ଷୀ ପତଙ୍ଗ ପ୍ରଭୃତି ଆକାଶମାର୍ଗରେ ଉଡ୍ଡୀନ ହୁଅନ୍ତି । ଏମାନେ ବହିର୍ଗତ ହେଲେ ଅରଣ୍ୟସ୍ଥ ତାବତ୍ ପଶୁ ମହାଭୀତ ହୁଅନ୍ତି । ଏମାନଙ୍କ ସମ୍ମୁଖରେ କୌଣସି ପଶୁ ଅବା ମନୁଷ୍ୟ ପତିତ ହେଲେ ଏମାନେ ମୁହୂର୍ତ୍ତ ମଧ୍ୟରେ ତାହାର ସର୍ବାଙ୍ଗ ଆବୃତ କରି ପକାନ୍ତି, ଏବଂ ଅତ୍ୟଳ୍ପ ସମୟ ମଧ୍ୟରେ ତାହାକୁ ଦଂଶନପୂର୍ବକ ମାଂସ ଭକ୍ଷଣ କରି ତାହାର କଙ୍କାଳମାତ୍ର ଅବଶେଷ ରଖନ୍ତି । ଅନେକେ ମନରେ କରନ୍ତି ଗ୍ରୀଷ୍ମମଣ୍ଡଳରେ ଯେପରି କୀଟ ପତଙ୍ଗାଦିର ଆଧିକ୍ୟ ହିମମଣ୍ଡଳରେ ସେପରି ନାହିଁ । ବର୍ତ୍ତମାନ ଅବଗତ ହୋଇଅଛୁ, ଉତ୍ତର ହିମମଣ୍ଡଳର କୌଣସି କୌଣସି ସ୍ଥାନରେ ମଶକର ଆଧିକ୍ୟ ହେତୁରୁ ଅନ୍ୟ ଜୀବ ବାସ କରି ପାରନ୍ତି ନାହିଁ । ଏକ ଅନ୍ୱେଷୀ ଭ୍ରମଣ କରୁ କରୁ ହଠାତ୍ ଏହିପରି ଏକ ସ୍ଥାନରେ ଉପସ୍ଥିତ ହେବାକ୍ଷଣି ଅଶ୍ୱ ଓ ଅନ୍ୱେଷୀ ତତ୍କ୍ଷଣାତ୍ ମଶକମାନଙ୍କଦ୍ୱାରା ଆବୃତ ହୋଇଗଲେ । ମାତ୍ର ଅନ୍ୱେଷୀଙ୍କୁ ଅଶ୍ୱ ବେଗରେ ଘେନି ପଳାଇ ଆସିବାରୁ ରକ୍ଷା ପାଇଲେ ।

କେତେ ଜୀବ ଅଛନ୍ତି ସେମାନେ ଅନ୍ୟ ଜୀବ ଶରୀରରେ ବାସ କରନ୍ତି, ଏମାନଙ୍କୁ ଉପଜୀବ କହନ୍ତି । ଉପଜୀବମାନେ କ୍ଷୁଦ୍ର ବୃହତ୍ ନାନା ଆକୃତିର ହୁଅନ୍ତି । ଏମାନଙ୍କ ମଧ୍ୟରୁ କେତେକ ଶରୀରଅଭ୍ୟନ୍ତରରେ କେତେକ ଅବା ଶରୀରର ବହିର୍ଭାଗରେ ବାସ କରନ୍ତି । ମନୁଷ୍ୟ, ପଶୁ, ପକ୍ଷୀ, ସରୀସୃପ ପ୍ରଭୃତି ବିଭିନ୍ନ ଜୀବ ଶରୀରରେ ବିଭିନ୍ନ ପ୍ରକାର ଉପଜୀବ ବାସ କରନ୍ତି । ଉପଜୀବମାନଙ୍କଦ୍ୱାରା ଜୀବର

ଅବସ୍ଥା ବ୍ୟତୀତ କୌଣସି ପ୍ରକାର ହିତ ସାଧିତ ହୁଏ ନାହିଁ । ଉପଜୀବମାନଙ୍କ ହେତୁ ମନୁଷ୍ୟଶରୀରରେ ନାନାପ୍ରକାର ରୋଗ ଉତ୍ପନ୍ନ ହୁଏ । ମାଂସାଶୀ ପ୍ରାଣିମାନେ ମାଂସସହ ତଦଧିବାସୀ ଉପଜୀବମାନଙ୍କୁ ଭକ୍ଷଣ କରନ୍ତି । ଉପଜୀବମାନେ ଏକ ଜୀବ ଦେହରୁ ଅନ୍ୟ ଜୀବ ଦେହରେ ପ୍ରବିଷ୍ଟ ହୋଇ ରୂପାନ୍ତର ପ୍ରାପ୍ତ ହୁଅନ୍ତି । ଏକଜାତିର କୀଟାଣୁ ଅଛନ୍ତି, ସେମାନେ ଏକପ୍ରକାର କ୍ଷୁଦ୍ର ରକ୍ତବର୍ଣ୍ଣ ଶମ୍ବୁକ ଦେହରେ ସଂଲଗ୍ନ ହୋଇ ଏବଂ ତାହାର ଶରୀରସ୍ଥ ରସ ପାନ କରି ବର୍ଦ୍ଧିତ ହୁଅନ୍ତି । କୌଣସି୨ ପକ୍ଷୀ ଏହି ଶମ୍ବୁକ ଭକ୍ଷଣ କରନ୍ତି । କୀଟାଣୁ ପକ୍ଷୀ ଶରୀରରେ ପ୍ରବିଷ୍ଟ ହୋଇ ତାହାର ଅନ୍ତ୍ର ମଧ୍ୟରେ ବର୍ଦ୍ଧିତ ହୁଏ । ତଦନନ୍ତର ଏହାର ଚତୁଷ୍କୋଣାକାର ଗ୍ରନ୍ଥିଯୁକ୍ତ ଗୋଟିଏ ପୁଚ୍ଛ ବହିର୍ଗତ ହୁଏ ଏବଂ ତାହା କ୍ରମଶଃ ବର୍ଦ୍ଧିତ ହୋଇ ଫିତା ଭଳି କୃମିରେ (ଇଂରାଜୀରେ ଟେପ୍ ୱଅର୍ମ କହନ୍ତି) ପରିଣତ ହୁଏ । ସେହି ଚତୁଷ୍କୋଣାକାର ପ୍ରତ୍ୟେକ ଗ୍ରନ୍ଥିରୁ ଅସଂଖ୍ୟ ଡିମ୍ବ ପ୍ରସୂତ ହୁଏ । ଉକ୍ତ ଡିମ୍ବ ଜଳରେ ନିକ୍ଷିପ୍ତ ହେଲେ ସେଥିରୁ ପୁଣି ଅସଂଖ୍ୟ କୀଟାଣୁ ଜନ୍ମନ୍ତି । ଶୂକରମାନେ ଖାଦ୍ୟସହ ଏହି ଡିମ୍ବ ଭକ୍ଷଣ କଲେ ଶୂକରଦେହରେ ଏହା ପ୍ରବିଷ୍ଟ ହୋଇ ବର୍ଦ୍ଧିତ ହୁଏ । ମନୁଷ୍ୟମାନେ ଶୂକରମାଂସସହ ଏହି ଜାତୀୟ କୀଟାଣୁ ଭକ୍ଷଣ କଲେ, ଏହା ମନୁଷ୍ୟଶରୀରରେ ପ୍ରବିଷ୍ଟ ହୋଇ ବୃହତ୍ କୃମିରେ ପରିଣତ ହୁଏ । ଏହି କୀଟାଣୁ ଅଧିକ ଉତ୍ତାପରେ ବିନଷ୍ଟ ହୁଏ, ମାତ୍ର ଅଳ୍ପ ଉତ୍ତାପରେ ଏହାର କୌଣସି ଅନିଷ୍ଟ ହୁଏ ନାହିଁ । ଏକ ଜାତୀୟ ଉପଜୀବର ଡିମ୍ବ ମନୁଷ୍ୟରକ୍ତସହ ମିଶ୍ରିତ ହୋଇ ଧମନୀ ଏବଂ ଶିରାରେ ଭ୍ରମିତ ହୁଏ । ଡିମ୍ବ ପୁଷ୍ଟ ହୋଇ ସେଥିରୁ ଶାବକ ନିର୍ଗତ ହେଲେ ଉକ୍ତ ଶାବକ ହୃତ୍ପିଣ୍ଡ ମଧ୍ୟରେ ବାସ କରି ଚତୁଃପାର୍ଶ୍ୱବର୍ତ୍ତୀ ପଦାର୍ଥମାନ ଭକ୍ଷଣ କଲେ କ୍ରମ୍ବା ବର୍ଦ୍ଧିତ ହୋଇ ଶିରାର ମୁଖ ରୁଦ୍ଧ କରଦିଏ । ଏହି ଜାତୀୟ ଉପଜୀବକୁ ମନୁଷ୍ୟ ଏବଂ ଘୋଟକ ଉଭୟରେ ମଧ୍ୟ ଦେଖାଯାଏ । କୌଣସି୨

ଉପଜୀବ ଜୀବଶରୀରସ୍ଥ ଚର୍ମର ଅବ୍ୟବହିତ ନିମ୍ନରେ ବାସ କରନ୍ତି । ଏହିଜାତୀୟ ଉପଜୀବ ମନୁଷ୍ୟ ଶରୀରରେ ବାସ କରି ନାରୁ ଘୁଣ୍ଡିଆ ପ୍ରଭୃତି ରୋଗ ଉତ୍ପନ୍ନ କରନ୍ତି ।

ଦକ୍ଷିଣ-ଆମେରିକାର ପଶ୍ଚିମଭାରତୀୟ-ଦ୍ୱୀପପୁଞ୍ଜରେ ଚଗୋ ନାମକ ମକ୍ଷିକାଜାତୀୟ ଏକପ୍ରକାର ପତଙ୍ଗ ଅଛନ୍ତି । ଏମାନେ ଅଲକ୍ଷିତଭାବ-ରେ ମନୁଷ୍ୟ ଶରୀରରେ ପ୍ରବିଷ୍ଟ ହୋଇ ବାସ କରନ୍ତି । ହସ୍ତ ଅବା ପଦାଙ୍ଗୁଳିର ନଖ ମଧ୍ୟ ଦେଇ ଗମନ କରି, କ୍ରମଶଃ ଚର୍ମଭେଦପୂର୍ବକ ଅଙ୍ଗୁଳି ମଧ୍ୟରେ ପ୍ରବେଶ କରନ୍ତି । ଏହି ପତଙ୍ଗ ଯେତେବେଳେ ଚର୍ମଭେଦ କାର୍ଯ୍ୟରେ ବ୍ୟାପୃତ ଥାଏ ମନୁଷ୍ୟର କଷ୍ଟ ବୋଧ କରିବା ତେଣିକି ଥାଉ ବରଂ ସୁଖାନୁଭବ କରେ । ଯେଉଁମାନେ ଚଗୋର ମନୁଷ୍ୟଶରୀରରେ ପ୍ରବେଶ ବିଷୟ ଅବଗତ ଥାନ୍ତି ସେମାନେ ସତର୍କ ହୁଅନ୍ତି, ମାତ୍ର ଅଜ୍ଞଙ୍କ ଲୋକେ ସାବଧାନ ହୁଅନ୍ତି ନାହିଁ । ସାଧାରଣତଃ ସ୍ତ୍ରୀଚଗୋ ଗର୍ଭବତୀ ହେଲେ ମନୁଷ୍ୟ ଶରୀରରେ ପ୍ରବେଶ କରେ । ତାହାର ଉଦର ବହୁସଂଖ୍ୟକ କ୍ଷୁଦ୍ର ଡିମ୍ବରେ ପୂର୍ଣ୍ଣ ଥାଏ । ଅଙ୍ଗୁଳି ମଧ୍ୟରେ ପ୍ରବେଶ ଉତ୍ତାରୁ ଏହାର ଆକାର ବୃଦ୍ଧି ସଙ୍ଗେ ଅଙ୍ଗୁଳି କ୍ରମଶଃ ସ୍ଫୀତ ହୋଇ ବିଶେଷ ଯନ୍ତ୍ରଣାଦାୟକ ହୁଏ । ବିହିତ ଚିକିତ୍ସା ନ କଲେ ହସ୍ତର ନାନାସ୍ଥାନରେ କ୍ଷତ ହୁଏ ଏବଂ ମନୁଷ୍ୟ ଭୟଙ୍କର ଯନ୍ତ୍ରଣା ଭୋଗ କରି ଅବଶେଷରେ ମୃତ୍ୟୁମୁଖରେ ପତିତ ହୁଏ ।



ଚିଲିକାକୁ ଉଦ୍ଦେଶ କରି ଅନନ୍ତତା
ସମ୍ବନ୍ଧରେ ଉକ୍ତି ।

ତୋ ଦର୍ପଣେ କ୍ଷୁଦ୍ର ମନୁଷ୍ୟର ଚକ୍ଷୁ
ଦେଖେ କାଳେ ହୁଏ ଦୂର-ବିସ୍ତାରିତ ।
ଅଗଣିତ ଭୁଞ୍ଜି ସାକ୍ଷୀ ପୁରାତନ,
ଦେଖିଲୁ ନରର ଉତ୍ଥାନ ପତନ ।
କେତେ ରାଜଧାନୀ ତୋ ତଟରେ ଉଦିତ
ହୋଇ ରହିଁ ପୁଣି ହେଲେ ଅସ୍ତମିତ ।
ଧୋଉଅଛୁ ତୋର ନୀଳ ଉର୍ମ୍ମିମାଳ
ଏବେ ତାଙ୍କ କାଳ-ଚର୍ବିତ କଙ୍କାଳ ।
କେତେ ରାଜା କେତେ ଦିଗ୍‌ବିଜୟୀ ବୀର
ଅନେଇଥିଲେ ତୋର ସ୍ନିଗ୍ଧ-ନୀଳ-ନୀର,
ତୋ ଆକାଶ ପଟୁ ଇନ୍ଦ୍ର-ଚାପ-ଶେଷେ,
ଉଡ଼ାଇ ବାନା ତୋ ପବନହିଲ୍ଲୋଳେ,
ସଦମ୍ଭେ ବାନ୍ଧିଲେ ତୋର ବକ୍ଷେ ତରୀ,
ଅକ୍ଷୟ ଯଶର ଆଶା ବକ୍ଷେ ଧରି,
ଅଭିଯାନେ ତାଙ୍କ ତରୀ ମେରୁଦଣ୍ଡେ
ଯେ ରେଖା ପଡ଼ିଲା ତୋର ନୀଳଗଣ୍ଡେ,
ସେହି ରେଖା ପ୍ରାୟେ ତାଙ୍କ ଯଶମାନ
ଛାଡ଼ ମାତ୍ରେ କିବା ହେଲା ଅନ୍ତର୍ଦ୍ଧାନ ।
ବୃଥା ସ୍ପର୍ଦ୍ଧା, ଅହୋ ! ଲକ୍ଷ ଲକ୍ଷ ମଥା,
କେତେ ଦିନ ପାଇଁ କଲେ କେତେ କଥା ।

ଯକ୍ଷରଙ୍କ ହୋଇ, ପଦାଙ୍କ ସେ ହାରେ
ରକ୍ଷି ପାରିଲେ କି ଯକ୍ଷ-ପଦହାରେ ?
ସୁଲଭ ଯେ ଲକ୍ଷେ ରତ୍ନ-କୁଳ-ଯକ୍ଷଃ,
କାଳ କି ସେ ଲକ୍ଷେ ଦେବେ ତୁଏ ରକ୍ଷ ?

ଦସ୍ୟୁ ଓ ଦିଗ୍ବିଜୟୀ ।

ସୁପ୍ରସିଦ୍ଧ ଦିଗ୍ବିଜୟୀ ମହାବୀର ଅଲେକଜାଣ୍ଡରଙ୍କ ରାଜତ୍ୱକାଳରେ ଥ୍ରେସ ଦେଶରେ ଏକ ପରାକ୍ରାନ୍ତ ଦସ୍ୟୁ ଥିଲା । ତାହାର ଦୌରାତ୍ମ୍ୟରେ ଥ୍ରେସ ଏବଂ ତତ୍ପାର୍ଶ୍ୱବର୍ତ୍ତୀ ପ୍ରଦେଶମାନ କମ୍ପିତ ହେଉଥିଲା । ସେ ଧୃତ ହୋଇ ଅଲେକଜାଣ୍ଡରଙ୍କ ସମ୍ମୁଖକୁ ନୀତ ହେବାରୁ ଦସ୍ୟୁ ଏବଂ ଦିଗ୍ବିଜୟୀର ଯେଉଁ କଥୋପକଥନ ହୋଇଥିଲା ତାହା ନିମ୍ନରେ ପ୍ରଦତ୍ତ ହେଲା ।

ଅଲେକଜାଣ୍ଡର—ଦୁରାତ୍ମା ଥ୍ରେସଦେଶୀୟ ଦସ୍ୟୁ ! ମୁଁ ତୋର ନାନାପ୍ରକାର ଅତ୍ୟାଚାରର କଥା ଶୁଣିଅଛି, ତୋର ପରିଚୟ ଦେ ।

ଦସ୍ୟୁ—ମୁଁ ଥ୍ରେସଦେଶନିବାସୀ ଜଣେ ଯୋଦ୍ଧା ।

ଅ—ତୁ ଜଣେ ଯୋଦ୍ଧା ! ତୁ ଚୋର, ତୁ ଦସ୍ୟୁ, ତୁ ଲୁଣ୍ଠନ-ବ୍ୟବସାୟୀ, ତୁ ନରହନ୍ତା, ତୁ ଦେଶର କଣ୍ଟକ । ତୋର ସାହସ ପ୍ରଶଂସାର୍ହ ସତ୍ୟ, ମାତ୍ର ତୁ ନୃଶଂସ ଦୁରାଚାରୀ, ମୁଁ ତୋତେ ସମୁଚିତ ଦଣ୍ଡ ଦେବି ।

ଦ—ମୁଁ କଅଣ କରିଅଛି ? ଆପଣ ମୋତେ ଏହିପରି ଭର୍ତ୍ସନା କରୁଅଛନ୍ତି ?

ଅ—ତୁ ମୋର ପ୍ରଭୁତ୍ୱର ଅବମାନନା କରୁଅଛୁ । ଅନ୍ୟ ପ୍ରକାର ପ୍ରାଣିହିଂସା ଓ ସର୍ବସ୍ୱ ଲୁଣ୍ଠନ କରି ରାଜ୍ୟର ଶାନ୍ତିଭଙ୍ଗ କରୁଅଛୁ ।

ଦ—ଅଲେକଜାଣ୍ଡର ! ମୁଁ ତୁମ୍ଭର ବନ୍ଦୀ; ତୁମ୍ଭର ଇଚ୍ଛାନୁରୂପ ଚିରସ୍ଥିର କଡ଼ା ଶାସ୍ତି ପ୍ରଦାନ ସମସ୍ତ ସମ୍ଭବ କରନ୍ତୁ; ମାତ୍ର ମୋର ଆତ୍ମା ବିଚଳିତ ହୋଇ ନାହିଁ, ତୁମ୍ଭର ଦର୍ପିତ ବାକ୍ୟମାନଙ୍କର ଉତ୍ତର ଦେବାକୁ ହେଲେ ମୁଁ ସ୍ୱାଧୀନଭାବରେ ନିର୍ଭୟ ହୋଇ ଦେବି ।

ଅ—ତୁ ଯାହା କହିବୁ ସ୍ୱାଧୀନଭାବରେ ନିର୍ଭୟ ହୋଇ କହ, ମୋର ବଶକୁ ଯେହେତୁ ଆସିଅଛୁ ବୋଲି ମୁଁ ତାହାକୁ ନିର୍ଭୟରେ କଥା କହିବାକୁ ନ ଦେବି, ମୋର ସେପରି ପ୍ରକୃତି ନୁହେ ।

ଦ—ତୁମ୍ଭେ ପ୍ରଥମ ମୋର ପ୍ରଶ୍ନର ଉତ୍ତର ଦିଅ, ପଶ୍ଚାତ୍ ମୁଁ ତୁମ୍ଭ ପ୍ରଶ୍ନର ଉତ୍ତର ଦେବି । ତୁମ୍ଭେ କିପରି କାଳଯାପନ କରୁଅଛ ?

ଅ—ବୀରପୁରୁଷ ତୁଲ୍ୟ, କୀର୍ତ୍ତିଦେବୀ ମୋହର ସାକ୍ଷ୍ୟ ପ୍ରଦାନ କରିବେ । ମୋହପରି ସାହସୀ ପୁରୁଷ, ମହାନ୍ ସମ୍ରାଟ୍, ପରାକ୍ରାନ୍ତ ଦିଗ୍‌ବିଜୟୀ, ପୃଥିବୀରେ ଦ୍ୱିତୀୟ ନାହିଁ ।

ଦ—କୀର୍ତ୍ତିଦେବୀଙ୍କଠାରେ ମୋହର ନାମ ମଧ୍ୟ ଅଜ୍ଞାତ ନୁହେଁ । ମୋହପରି ସାହସୀ ସେନାପତି ଆଉ କିଏ ଅଛି ? ମାତ୍ର ମୁଁ ଆତ୍ମଶ୍ଳାଘା କରିବାକୁ ଘୃଣା କରେ । ମୁଁ ଅଳ୍ପ ଅସ୍ତ୍ରରେ ବିଚଳିତ ହୋଇ ନାହିଁ, ଏହା ତୁମ୍ଭଙ୍କୁ ଅବିଦିତ ନାହିଁ ।

ଅ—ତୁ ଯାହା କହୁ ପଛକେ, ତୋତେ କେହି ଦୁର୍ବୃତ୍ତ ନୀଚ ଦସ୍ୟୁ ବ୍ୟତୀତ ଆଉ କିଛି କହିବେ ନାହିଁ ।

ଦ—ଦିଗ୍‌ବିଜୟୀ କାହାକୁ କହନ୍ତି ? ତୁମ୍ଭେ ଅତୃପ୍ତର ରାଜ୍ୟ-ଲାଭ ତୃଷ୍ଣାଗ୍ରସ୍ତ ହୋଇ, ପୃଥିବୀର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ପିଶାଚ ତୁଲ୍ୟ ଅନ୍ୟାୟମାର୍ଗ ଅବଲମ୍ବନପୂର୍ବକ, ଶିଳ୍ପ ଓ ଶାନ୍ତିର ରମଣୀୟ ଉଦ୍ୟାନ ବିଧ୍ୱଂସ କରି, ଅବଶେଷରେ ମାନବମଣ୍ଡଳୀର

ପ୍ରାଣବଧ, ସର୍ବସ୍ୱ ଲୁଣ୍ଠନ ପ୍ରଭୃତି ବିଶେଷ ଉତ୍ପାତାଚରଣ କର ନାହିଁ ? ମୁଁ ଶତଦ୍ରୁତଟର ସମଭିବ୍ୟାହାରେ ଏକେ କୋଟିଏ ପ୍ରଦେଶର ଯାହା କରୁଅଛୁ, ତୁମ୍ଭେ ଶତସହସ୍ର ସମଭିବ୍ୟାହାରରେ ସମସ୍ତ ମାନବଜାତିର ତାହା କରୁଅଛ । ମୁଁ କେତେକଙ୍କ ସାମାନ୍ୟବ୍ୟକ୍ତିର ଅନିଷ୍ଟ କରୁଅଛୁ, ତୁମ୍ଭେ କେତେ ଭୂପତିର ସର୍ବନାଶ କରୁଅଛ । ମୁଁ କେତେକ ସାମାନ୍ୟ ଗୃହ ଦଗ୍ଧ କରୁଅଛୁ, ତୁମ୍ଭେ କେତେ ସମୃଦ୍ଧିଶାଳୀ ରାଜ୍ୟ ଓ କେତେ ସମୃଦ୍ଧତମ ନଗରର ଉଚ୍ଛେଦନା ନ କରିଅଛ । ତେବେ ଉଭୟ ମଧ୍ୟରେ ଅନ୍ତର ଏହି, ମୁଁ ସାମାନ୍ୟକୁଳରେ ଜନ୍ମ ହୋଇଅଛୁ, ତୁମ୍ଭେ ରାଜକୁଳରେ ଜନ୍ମଗ୍ରହଣ କରିଥିବାରୁ ମୋଠାରୁ ପ୍ରବଳ ଓ ପରାକ୍ରାନ୍ତ ଦସ୍ୟୁ ହୋଇଅଛ ।

ଅ—ମୁଁ ରାଜ୍ୟ ଗ୍ରହଣ କରିଅଛୁ ସତ୍ୟ, ମୁଁ ରାଜତୁଲ୍ୟ ଦାନ ମଧ୍ୟ କରୁଅଛୁ । ମୁଁ କେତେକ ସାମ୍ରାଜ୍ୟର ଉଚ୍ଛେଦସାଧନ କରୁଅଛୁ । ସତ୍ୟ, ମାତ୍ର ତଦପେକ୍ଷା ସମୃଦ୍ଧତର ସାମ୍ରାଜ୍ୟ ସଂସ୍ଥାପନ କରୁଅଛୁ ମୁଁ ଶିଳ୍ପ, ବାଣିଜ୍ୟ ଓ ଦର୍ଶନଶାସ୍ତ୍ରର ଉନ୍ନତିସାଧନ କରିଅଛୁ ।

ଦ—ମୁଁ ଅନେକ ଧନବାନର ଧନ ହରଣ କରୁଅଛୁ ସତ୍ୟ, ମୁଁ ସେହି ଧନ ଦରିଦ୍ରଙ୍କୁ ଅକାତରରେ ଦାନ କରିଅଛୁ । ମୁଁ ଦୁଷ୍ଟଙ୍କୁ ଦମନ, ବିପନ୍ନଙ୍କୁ ବିପନ୍ମୁକ୍ତ, ଏବଂ ଶରଣାର୍ଥୀଙ୍କୁ ଆଶ୍ରୟପ୍ରଦାନ କରିଅଛୁ । ତୁମ୍ଭେ ଦର୍ଶନଶାସ୍ତ୍ରାଦିର ଯାହା ଉଲ୍ଲେଖ କଲ, ମୁଁ ତାହାର କିଛି ଅବଗତ ନୁହେଁ ସତ୍ୟ, ମାତ୍ର ଏହା ମୁଁ ଜାଣେ, ତୁମ୍ଭଦ୍ୱାରା ତଥା ମୋଦ୍ୱାରା ଜଗତର ଯେଉଁ ଅନିଷ୍ଟ ହୋଇଅଛି, କୌଣସି କାର୍ଯ୍ୟ ଦ୍ୱାରା ତହିଁର କ୍ଷତିପୂରଣ ହେବ ନାହିଁ ।

ଅଲେକଜାଣ୍ଡର ଦସ୍ୟୁର ଏହିପରି ଉକ୍ତି ଶ୍ରବଣରେ ତାହାକୁ ବନ୍ଧନମୁକ୍ତ ଏବଂ ସମୁଚିତ ପରିଚର୍ଯ୍ୟା କରିବାର ଆଦେଶ ପ୍ରଦାନ କରି, ଦସ୍ୟୁ ଏବଂ ଦିଗ୍ବିଜୟୀ ଉଭୟ ମଧ୍ୟରେ କି ପ୍ରଭେଦ ଚିନ୍ତା କରିବାରେ ନିମଗ୍ନ ହେଲେ ।

———:୦:———

ଭାରତବର୍ଷର ପ୍ରାଚୀନ ଧର୍ମାଧିକରଣ ଓ ବ୍ୟବସ୍ଥାଶାସ୍ତ୍ର ।

ରାଜା କ୍ରୋଧ ଏବଂ ଦ୍ୱେଷଶୂନ୍ୟ ହୋଇ ବିଦ୍ୱାନ୍ ବ୍ରାହ୍ମଣମାନଙ୍କ ସହିତ ଧର୍ମଶାସ୍ତ୍ରାନୁସାରେ ବିଚାରକାର୍ଯ୍ୟ ସମାଧା କରୁଥିଲେ । ଶାସ୍ତ୍ରଜ୍ଞ, ଧାର୍ମିକ ସତ୍ୟବାଦୀ ଏବଂ ପକ୍ଷପାତଶୂନ୍ୟ ବ୍ରାହ୍ମଣମଣ୍ଡଳୀ ଏବଂ କତି-ପୟ ବଣିକ ଧର୍ମାଧିକରଣର ସଭାସଦ୍ ହେଉଥିଲେ । ଅନ୍ୟାନ୍ୟ କାର୍ଯ୍ୟ ହେତୁ ରାଜା ସ୍ୱୟଂ ବ୍ୟବହାର ଦର୍ଶନରେ ଅକ୍ଷମ ହେଲେ, ପୂର୍ବୋକ୍ତ ସଭ୍ୟମାନଙ୍କ ମଧ୍ୟରୁ ସର୍ବଧର୍ମଜ୍ଞ ଏକ ବ୍ରାହ୍ମଣ ବ୍ୟବହାରଦର୍ଶନରେ ନିଯୁକ୍ତ ହେଉଥିଲେ । ପୂର୍ବୋକ୍ତ ସଭ୍ୟମଣ୍ଡଳୀ ହିଁ, ଲୋଭ ଅଥବା ଭୟପ୍ରଯୁକ୍ତ ଧର୍ମଶାସ୍ତ୍ରବିରୁଦ୍ଧ କିମ୍ବା ଅସଦ୍ବିଚାର କଲେ, ରାଜା ସଭ୍ୟମାନଙ୍କୁ, ମୁକ୍ତ ବ ହେଲେ ପରାଜିତ ବ୍ୟକ୍ତିର ବିହିତ ଦଣ୍ଡର ଦ୍ୱିଗୁଣ ଦଣ୍ଡରେ ଦଣ୍ଡିତ କରୁଥିଲେ । ବର୍ତ୍ତମାନ ସୁସଭ୍ୟ ଇଂରାଜ ବିଚାରାଳୟରେ ଯେପରି ବାଦୀ, ପ୍ରତିବାଦୀ, ସାକ୍ଷୀ, ସେମାନଙ୍କ ଉକ୍ତି ଏବଂ ଲିଖିତ ପ୍ରମାଣଦ୍ୱାରା ବିଚାରକାର୍ଯ୍ୟ ସମ୍ପନ୍ନ ହୁଏ, ପ୍ରାଚୀନ-କାଳରେ ତାହାର ତିଳମାତ୍ର ବ୍ୟତିକ୍ରମ ହେଉ ନ ଥିଲା । ବାଦୀର ଅଭିଯୋଗ ମିଥ୍ୟା ପ୍ରମାଣିତ ହେଲେ ବର୍ତ୍ତମାନକାଳ ତୁଲ୍ୟ ପ୍ରାଚୀ-ନକାଳରେ ବାଦୀ ଦଣ୍ଡିତ ହେଉଥିଲା । ଅଭିଯୋଗ କିମ୍ବା ଆରୋପିତ ଅପରାଧ ମୀମାଂସିତ ନ ହେଲେ ପ୍ରତିବାଦୀ ବାଦୀ ବିରୁଦ୍ଧରେ ଅଭି-ଯୋଗ ଉପସ୍ଥିତ କରିବାକୁ ସକ୍ଷମ ହେଉ ନ ଥିଲା । ବର୍ତ୍ତମାନ କାଳ ତୁଲ୍ୟ ପ୍ରାଚୀନ କାଳରେ ବାଦୀ ଓ ପ୍ରତିବାଦୀର ବାଦ ପ୍ରତିବାଦ ପରସ୍ପର ସମକ୍ଷରେ ଲିପିବଦ୍ଧ ହେଉଥିଲା । ବିଚାରକ ସମକ୍ଷରେ ଯେଉଁ ବ୍ୟକ୍ତି ଅସ୍ଥିରଭାବାପନ୍ନ, ଘର୍ମାକ୍ତଲଲାଟ, ବିବର୍ଣ୍ଣମୁଖ, କ୍ଷୀଣ-କଣ୍ଠସ୍ୱର, ପୂର୍ବାପର ବିରୁଦ୍ଧବାଦୀ, ଏବଂ ବକ୍ରଓଷ୍ଠାଧର ହେଉଥିଲା, ବିଚାରକମାନେ ତାହାର ଉକ୍ତିପ୍ରତି ସନ୍ଦିଗ୍ଧଚିତ୍ତ ହେଉଥିଲେ । ବର୍ତ୍ତ-

ମାନ କାଳର ବ୍ୟବସ୍ଥାରଜୀବୀ (ଉକୀଲ) ତୁଲ୍ୟ ପ୍ରାଚୀନ କାଳର ରାଜନିଯୁକ୍ତ ବ୍ୟବସ୍ଥାରଜୀବିଦ୍ୱୟ ବାଦୀ ଓ ପ୍ରତିବାଦୀ ପକ୍ଷ ସମର୍ଥନ କରୁଥିଲେ । ପ୍ରାଡ୍‌ବିବାକ ପ୍ରଥମ ବାଦୀ ପକ୍ଷର ସାକ୍ଷ୍ୟ ଗ୍ରହଣ କରି ତଦନନ୍ତର ପ୍ରତିବାଦୀ ପକ୍ଷର ସାକ୍ଷ୍ୟ ଗ୍ରହଣ କରୁଥିଲେ । ମାଦକସେବୀ, ଉନ୍ମତ୍ତ, ପାଷଣ୍ଡ, କୁତନ୍ତ୍ରୀ, ବିକଳେନ୍ଦ୍ରିୟ, ପତିତ, ବନ୍ଧୁ, ଅର୍ଥସମ୍ବନ୍ଧୀ (ଅର୍ଥାତ୍ ଯାହା ସଙ୍ଗେ କୌଣସି ପକ୍ଷର ସ୍ୱାର୍ଥ ସମ୍ବନ୍ଧ ଅଛି), ସନ୍ନ୍ୟାସୀ, ଶତ୍ରୁ, ଚୋର ପ୍ରଭୃତି ବ୍ୟକ୍ତିଙ୍କ ସାକ୍ଷ୍ୟ ଗୃହୀତ ହେଉ ନ ଥିଲା । ଉଭୟ ପକ୍ଷ ସାକ୍ଷ୍ୟଦାନ କଲେ, ଅଧିକାଂଶ ଲୋକ ଯେଉଁ କଥା କହୁଥିଲେ, ତାହା ଗ୍ରାହ୍ୟ ହେଉଥିଲା । ଉଭୟ ପକ୍ଷର ସାକ୍ଷୀସଂଖ୍ୟା ସମାନ ହେଲେ, ଯେଉଁ ପକ୍ଷରେ ଗୁଣବାନ୍ ବ୍ୟକ୍ତି ଏବଂ ଉଭୟ ପକ୍ଷର ସମାନସଂଖ୍ୟକ ଗୁଣବାନ୍ ବ୍ୟକ୍ତି ଥିଲେ, ଯେଉଁ ପକ୍ଷରେ ଅଧିକ ଗୁଣବାନ୍ ବ୍ୟକ୍ତି ସାକ୍ଷ୍ୟଦାନ କରୁଥିଲେ, ସେହି ପକ୍ଷ ଜୟଲାଭ କରୁଥିଲେ । ଏକ ପକ୍ଷୀୟ ସାକ୍ଷୀ ଯେଉଁ ସାକ୍ଷ୍ୟଦାନ କରୁଥିଲେ, ଅନ୍ୟ ପକ୍ଷୀୟ ଗୁଣବାନ୍ ସାକ୍ଷୀ ତାହାର ବିପରୀତ ସାକ୍ଷ୍ୟଦାନ କଲେ, ପ୍ରଥମୋକ୍ତ ସାକ୍ଷିମାନଙ୍କ କୂଟସାକ୍ଷ୍ୟ ଗୃହୀତ ହେଉଥିଲା ।

ପ୍ରାଚୀନ କାଳରେ ବିଶୁଦ୍ଧି ହେତୁ ତୁଳା, ଅଗ୍ନି, ଜଳ, ବିଷ, ଏବଂ କୋଷ ଏହି ପଞ୍ଚପ୍ରକାର ଶପଥ ପ୍ରଚଳିତ ଥିଲା । ଅଭିଯୁକ୍ତ ବ୍ୟକ୍ତି ସ୍ୱେଚ୍ଛାରେ କିମ୍ବା ଅଭିଯୋକ୍ତା ବିଶେଷ ପଣବଦ୍ଧ ହେଲେ ଶପଥ ଗ୍ରହଣ ହେଉଥିଲା । ପୂର୍ବଦିବସରୁ ଉପବାସୀ, କୃତସ୍ନାନ, ଆର୍ଦ୍ରବାସ ଶପଥାଭିଳାଷୀ ପୁରୁଷକୁ ପ୍ରାଡ୍‌ବିବାକ ସୂର୍ଯ୍ୟୋଦୟକାଳରେ ଆହ୍ୱାନ କରି ରାଜା ଏବଂ ସଭ୍ୟ ବ୍ରାହ୍ମଣମାନଙ୍କ ସମକ୍ଷରେ ଶପଥ କରାଉଥିଲେ । ସ୍ତ୍ରୀ, ବାଳକ, ବୃଦ୍ଧ, ଅନ୍ଧ, ପଙ୍ଗୁ, ବ୍ରାହ୍ମଣ, ଏବଂ ରୋଗୀମାନଙ୍କ ପକ୍ଷରେ ତୁଳା (ତୁଳାଦଣ୍ଡଦ୍ୱାରା ଶପଥ), କ୍ଷତ୍ରୀୟ ପକ୍ଷରେ ଅଗ୍ନି, ବୈଶ୍ୟ ପକ୍ଷରେ ଜଳ, ଏବଂ ଶୂଦ୍ର ପକ୍ଷରେ ବିଷ ଶପଥ ପ୍ରଶସ୍ତ ଥିଲା । ଶପଥାର୍ଥୀ ତୁଳାଦଣ୍ଡରେ ପାଷାଣବିପକ୍ଷ ତୁଳିତ ହୋଇ କହୁଥିଲେ—"ହେ

ତୁଲେ ! ତୁମ୍ଭେ ସତ୍ୟ, ସତ୍ୟର ଅବାସହେତୁ ଦେବଗଣ ତୁମ୍ଭର ନିର୍ମିତ ଅଛନ୍ତି, ଅତଏବ ହେ କଲ୍ୟାଣି ! ସତ୍ୟ ପ୍ରକାଶ କର । ଆମ୍ଭପ୍ରତି ସାଧାରଣଙ୍କ ସନ୍ଦେହ ଦୂର କର । ହେ ମାତଃ ! ଅମ୍ଭେ ଯଦ୍ୟପି ଅପରାଧୀ ହୋଇଥାଉଁ, ତାହାହେଲେ ଅମ୍ଭଙ୍କୁ ଗୁରୁଭାରାକ୍ରାନ୍ତ କରି ପ୍ରତିମାନରୁ ନିମ୍ନଗାମୀ କର; ଯଦ୍ୟପି ଶୁଦ୍ଧ ହୋଇଥାଉଁ ତାହା-ହେଲେ ପ୍ରତିମାନରୁ ଊର୍ଦ୍ଧ୍ୱରେ ଉତ୍ଥାପିତ କର ।"

ଅଗ୍ନିଶପଥଦ୍ୱାରା ଶୁଦ୍ଧ୍ୟର୍ଥୀ ସ୍ୱହସ୍ତରେ ସପ୍ତ ଅଶ୍ୱତ୍ଥପତ୍ର ସ୍ଥାପନ କରି କହୁଥିଲେ—"ହେ ଅଗ୍ନେ ! ତୁମ୍ଭେ ସର୍ବଭୂତର ଅନ୍ତରରେ ବିଚରଣ କରୁଅଛ । ହେ ପାବକ ! ହେ କବେ ! ସାକ୍ଷୀତୁଲ୍ୟ ମୋର ପାପ ପୁଣ୍ୟ ପରିଦର୍ଶନ କରି ଯାହା ସତ୍ୟ ତାହା ପ୍ରକାଶ କର ।" ତଦନନ୍ତର ପ୍ରାଡ୍‌ବିବାକ ଶୁଦ୍ଧ୍ୟର୍ଥୀର ଅଶ୍ୱତ୍ଥପତ୍ରାଚ୍ଛାଦିତ ହସ୍ତରେ ପଞ୍ଚାଶତ୍‌ପଲପରିମିତ ସମତଳ ଜ୍ୱଳନ୍ତ ଲୌହପିଣ୍ଡ ସ୍ଥାପନ କରୁଥିଲେ । ଅଭିଯୋକ୍ତା ସେହି ଲୌହପିଣ୍ଡ ଗ୍ରହଣ କରି ସପ୍ତମଣ୍ଡଳ ଅତିକ୍ରମ କରୁଥିଲେ । ଷୋଡ଼ଶଅଙ୍ଗୁଳପରିମିତ ପ୍ରତିମଣ୍ଡଳ ଷୋଡ଼ଶାଙ୍ଗୁଳ-ଦୂରରେ ଅଙ୍କିତ ହେଉଥିଲା । ତତ୍ପରେ ଶୁଦ୍ଧ୍ୟର୍ଥୀ ଲୌହପିଣ୍ଡ ପରି-ତ୍ୟାଗ କରି ହସ୍ତରେ ବ୍ରୀହି ମର୍ଦ୍ଦନ କରୁଥିଲେ । ହସ୍ତ ଦଗ୍ଧ ହୋଇ ନ ଥିଲେ ସେ ଶୁଦ୍ଧି ଲାଭ କରୁଥିଲେ ।

ଜଳଦ୍ୱାରା ଶୁଦ୍ଧ୍ୟର୍ଥୀ—"ହେ ବରୁଣ ! ତୁମ୍ଭେ ଅମ୍ଭଙ୍କୁ ସତ୍ୟଦ୍ୱାରା ରକ୍ଷା କର", କହି ନାଭିପ୍ରମାଣ ଜଳରେ ଅବସ୍ଥିତ ପୁରୁଷାନ୍ତରର ଊରୁ ଅବଲମ୍ବନପୂର୍ବକ ଜଳନିମଗ୍ନ ହେଉଥିଲେ । ନିମଗ୍ନକାଳରେ ଏକ ବେଗବାନ୍ ବ୍ୟକ୍ତି, ପୂର୍ବମୁକ୍ତ ବାଣ ଯେଉଁ ସ୍ଥାନରେ ନିପତିତ ହୋଇଥିଲା, ସେହି ସ୍ଥାନକୁ ଗମନ କରି ଶରଗ୍ରହଣପୂର୍ବକ ପୁନର୍ବାର ପୂର୍ବସ୍ଥାନକୁ ପ୍ରତ୍ୟାବୃତ୍ତ ହେଉଥିଲେ । ଶେଷୋକ୍ତ ବ୍ୟକ୍ତିଙ୍କ ପ୍ରତ୍ୟା-ଗମନ ପର୍ଯ୍ୟନ୍ତ ଶୁଦ୍ଧ୍ୟର୍ଥୀ ଜଳନିମଗ୍ନ ରହି ଶୁଦ୍ଧିଲାଭ କରୁଥିଲେ । ଅନ୍ୟଥା ହେଲେ ସେ ଅପରାଧୀ ବିବେଚିତ ହେଉଥିଲେ ।

ବିଷଦ୍ୱାରା ଶୁଦ୍ଧ୍ୟର୍ଥୀ,—"ହେ ବିଷ ! ତୁମ୍ଭେ ବ୍ରହ୍ମାଙ୍କ ପୁତ୍ର ଏବଂ ସତ୍ୟଧର୍ମରେ ଅବସ୍ଥିତ, ଏହି ଅପବାଦରୁ ମୋତେ ପରିତ୍ରାଣ କର, ସତ୍ୟ ପ୍ରକାଶ କର ଅମ୍ଭ ପକ୍ଷରେ ଅମୃତତୁଲ୍ୟ ହୁଅ," କହି ସପ୍ତଯବ ପରିମିତ ଦ୍ୱିଭାଗ ବିଷ ଭକ୍ଷଣ କରୁଥିଲେ । ଶରୀରବିକାର ବ୍ୟତୀତ ବିଷ ଯାହାଙ୍କର ଜୀର୍ଣ୍ଣ ହେଉଥିଲା, ସେ ଶୁଦ୍ଧିଲାଭ କରୁଥିଲେ ।

କୋଷଶୁଦ୍ଧ୍ୟର୍ଥୀଙ୍କୁ ପ୍ରାଡ୍‌ବିବାକ ଦୁର୍ଗା ପ୍ରଭୃତି ଉଗ୍ରଦେବତାଙ୍କ ପୂଜା କରି ଦେବତାଙ୍କ ସ୍ନାନୀୟ ଜଳ ପାନ କରିବାକୁ ଦେଉଥିଲେ । ଚତୁର୍ଦ୍ଦଶ ଦିବସ ମଧ୍ୟରେ ଶୁଦ୍ଧ୍ୟର୍ଥୀର ଦେବକୃତ କିମ୍ବା ରାଜକୃତ ଘୋର ବିପଦ ଉପସ୍ଥିତ ନ ହେଲେ ସେ ଶୁଦ୍ଧିଲାଭ କରୁଥିଲେ ।

ଶ୍ରୀକୃଷ୍ଣଙ୍କ ମୃତ୍ୟୁସମ୍ବାଦରେ ଯୁଧିଷ୍ଠିରଙ୍କ ଖେଦୋକ୍ତି ।

ଯଦୁବଂଶ ଧ୍ୱଂସ ଶୁଣି କୁରୁକୁଳମଣି
ଯୁଧିଷ୍ଠିର କିରୀଟିଙ୍କି କହିଲେ ସମ୍ବୋଧି
"ହେ ବୀର, ଦୁସ୍ତର-କୁରୁସମର-ସାଗରେ
(ତିମି ତିମିଙ୍ଗିଳ-ରୂପେ ଭ୍ରମିଲେ ଭୈରବେ
ଯହିଁ ମହା-ରଥପତି ଭୀଷ୍ମ ଦ୍ରୋଣ ଆଦି) (୧)
ଯେ ମହାପୁରୁଷ ନିଜ କୃପା-ତରଣୀରେ,

(୧) ଭୀଷ୍ମ, ଦ୍ରୋଣ, କର୍ଣ୍ଣ ପ୍ରଭୃତି ଦୁର୍ଯ୍ୟୋଧନପକ୍ଷୀୟ ପ୍ରଧାନ ଯୋଦ୍ଧା ଏଠାରେ ରଣସମୁଦ୍ରର ତିମିଙ୍ଗିଳରୂପେ ବର୍ଣ୍ଣିତ ହୋଇଅଛନ୍ତି

ଯାର ବଳେ ପାଣ୍ଡବଙ୍କୁ କର୍ଣ୍ଣଧାର-ରୂପେ,
ଚଳୁଥିଲେ ଅନୁକ୍ଷଣ ଶ୍ରୀକରେ ଯାଙ୍କର
ନଦାସ୍ତୃକଳ-କଳ-ରୂପେ କୋଟି କୋଟି ପ୍ରାଣୀ, (୧)
ଗଲେ ମର୍ତ୍ତ୍ୟ-ଧାମ ଛାଡ଼ି, ନିଜ ଧାମେ ସେହି
କେଶବ, କି ସୁଖେ ଆଉ ରହିବା ସଂସାରେ ?
ସଂସାରର ଲୀଳା ଖେଳା ସରିଲା ଅମ୍ଭର;
ସଂସାର ସମୁଦ୍ର-ବକ୍ଷେ ଜରଜର ହୋଇ
ସାରସତ୍ ପାପୋହରଣ, ପାଇଲୁଁ ଅମୃତ;
ଦୁଃଖମୟ ଭବ ସିନା, ମହାସୁଖ ବୋଲି
ବୋଲୁଥିବା ଜଗତେ ଯାକୁ, ଜଡ଼ିତ ସେ ସଦା
ମହାଦୁଃଖେ, ଅନେକ ସେ ଜଡ଼ିତ ଭ୍ରମରେ;
ହତ ହେଲେ ସୁଯୋଧନ କୁରୁକ୍ଷେତ୍ର ରଣେ, (୨)
ଜୟୀ ହୋଇ ଅମ୍ଭେ ତହିଁ ହେଲୁଁ ଜୀବନ୍ମୃତ; (୩)
ପୁତ୍ର-ମିତ୍ର-ବନ୍ଧୁ-ସ୍ନେହେ ସନ୍ତପ୍ତ ସନ୍ତାପେ,
ସନ୍ତାପର ସିଂହାସନ ହେଲା ସିନା ଲାଭ;
ଲଭୁଁର ଭବର, ସ୍ନେହ, ସୁଖ ଏହିପରି ।

* * * * * * *

ଏ ଜୀବ ନୁହଇ ସ୍ଥିର ସ୍ଥିରଟି ମରଣ,
ମାଟିର ଏ ଘଟ ଜନ୍ମେ ମିଶିବ ମାଟିରେ,

---

(୧) ନଦାସ୍ତୃକଳକଳ—ଶତରଞ୍ଜ ଖେଳର ପୁତ୍ତଳିକା ।

(୨) ସୁଯୋଧନ—ଦୁର୍ଯ୍ୟୋଧନ ।

(୩) ପାଣ୍ଡବପକ୍ଷ ଜୟୀ ହୋଇଥିଲେ ସତ୍ୟ, ମାତ୍ର ସେ ଜୟ ମଧ୍ୟ ଶୋଚନୀୟ ହୋଇଥିଲା । ପାଣ୍ଡବମାନଙ୍କର ପ୍ରଧାନ ଅସ୍ତ୍ର ଯଥା ଦ୍ରୁପଦ, ବିରାଟ, ଧୃଷ୍ଟଦ୍ୟୁମ୍ନ, ଶିଖଣ୍ଡୀ, ଅଭିମନ୍ୟୁ, ଘଟୋତ୍କଚ, ଦ୍ରୌପଦୀଙ୍କର ପଞ୍ଚପୁତ୍ର ପ୍ରଭୃତି କୁରୁକ୍ଷେତ୍ରରେ ହତ ହୋଇଥିବାରୁ ଜୟୀ ପାଣ୍ଡବମାନେ ଦୁଃଖୀ ଜୀବନ୍ମୃତ ପ୍ରାୟ ହୋଇଥିଲେ । ତେଣୁ ଯୁଧିଷ୍ଠିରଙ୍କ ସିଂହାସନ "ସନ୍ତାପର ସିଂହାସନ" ହୋଇଥିଲା ।

ସ୍ୱବନ୍ଧୁର କାଳ ମହାବଳଠାରୁ ବଳ !
କଠୋର ଏ ଧନୁ ତୋର, କଠୋର ସ୍ୱାମର
ମହାଗଦା, ଗ୍ରାସଇ ଯେ ପଦ୍ମରମ୍ଭା ଘର !
ଲଗାଉଛୁ ଫାଶ ଯେତ୍ତୁ ସମସ୍ତଙ୍କ ଗଳେ—
କି ରାଜା, କି ପ୍ରଜା, କିବା ବୀର, କିବା ଭୀରୁ,
ଗୁଣୀ, ଗୁଣହୀନ ଅବା ସୁନ୍ଦର, କୁତ୍ସିତ,
ଧନିକ, ନିର୍ଦ୍ଧନ, ଅବା ପ୍ରବଳ, ଦୁର୍ବଳ,
ସେ ଗୃପତ ଫାଶୁଁ କେହି ନୁହନ୍ତି ମୁକତ,
ଛନ୍ଦିବା ଅଗରୁ ସେହି ଫାଶ ଗ୍ରନ୍ଥି ଗଳେ
ଭୂମିଷ୍ଠ ହୁଅଇ ଜୀବ ଜନନୀ ଜଠରୁ;
ନିଜ ଦିନ କ୍ଷଣ ଦେଖି ଦୁରନ୍ତ ସଂହାରୀ
ଅତର୍କିତେ ସଂହାରକ ଟାଣଇ ସେ ଫାଶ, (୧)
କାହାର ବେଳକୁ କାଳ ଅନାଇ ନ ବସେ,
ଯାଚ୍ଛୋଡଲେ ତାକୁ କେହି କେବେ ନ ପାଛୋଡେ,
ଅଦ୍ଭୁତ ସେ ଶୂର—ତାକୁ ଯୋଝିଲେ ତେ ରଣ,
ପାତେର ଲଙ୍ଘିଣ ପୂରେ ପଦେ ଅନାୟାସେ,
ତାଲିକ-ଖାଳତ ଗୃହେ ପକ୍ଷେ ଅଲୁଣିତେ (୨)
ନ ଫିଟାଇ ସେ ତାଲିକ, କ୍ଷଣ୍ଣିରେମଣି;
ସେ ଅଛି ଖୋଜିବା ଆଗୁଁ ଏ ଭବର ମାୟା
ତେଜି, ହେ ବୀରେନ୍ଦ୍ର, ଚାଲ ଖୋଜିବା କାଳକୁ ।"

(୧) କାଳ କାହାର ସୁବିଧା ଅସୁବିଧା ସମୟ ଅସମୟ ପ୍ରତି ଦୃକ୍‌ପାତ କରେ ନାହିଁ । ନିଜର ସମୟ ହେଲେ ପ୍ରାଣୀମାନଙ୍କୁ କବଳିତ କରେ ।

(୨) ତାଲିକ-ଖାଳତ—ତାଗଦାର ବନ୍ଦ ।

—୦*୦—

କେନଉଟ୍ ଏବଂ ପାରିଷଦବର୍ଗ । *

କେନଉଟ୍—ବନ୍ଧୁବର୍ଗ ! ତୁମ୍ଭେମାନେ ମତେ ଇଙ୍ଗଲଣ୍ଡେଶ୍ୱର ଆଖ୍ୟା ଦେଇଅଛ, ଏହା କଣ ସତ୍ୟ ?

ଓଫା—ସମ୍ପୂର୍ଣ୍ଣ ସତ୍ୟ ମହିମା, ଯେତେ ନରପତି ଅଛନ୍ତି, ମହିମା ସର୍ବାପେକ୍ଷା କ୍ଷମତାଶାଳୀ ଅଟନ୍ତି ।

ଅସ୍‌ଓଅଲ୍‌ଡ—ଆମ୍ଭେମାନେ ସମସ୍ତେ ମହିମାଙ୍କ ଦାସ ଅଟୁଁ, ଆମ୍ଭେମାନେ ମହିମାଙ୍କ ଚରଣଧୂଳିକୁ ସରୁ ନୋହୁଁ ।

ଓଫା—କେବଳ ଆମ୍ଭେମାନେ କାହିଁକି ? ପ୍ରକୃତି ମଧ୍ୟ ମହିମାଙ୍କ ଦାସ ଅଟେ । ଧରା [?] ଏକସ୍ଥାନରୁ ଅନ୍ୟସ୍ଥାନ ପର୍ଯ୍ୟନ୍ତ ଏବଂ ସମୁଦ୍ର ସୁଦ୍ଧା ମହିମାଙ୍କ ଆଦେଶ ପାଳନ କରୁଅଛୁ ।

କେନ—କଅଣ ସମୁଦ୍ର ! ଏହି ଘୋଷଣକାରୀ ପ୍ରଚଣ୍ଡତରଙ୍ଗ-ଯୁକ୍ତ [?] ସମୁଦ୍ର ମୋର ଆଜ୍ଞାକାରୀ ? ମୋ ଆଜ୍ଞାରେ ଏହି ଭୀଷଣ ପ୍ରକୃତି ଶାନ୍ତଭାବ ଧାରଣ କରିବ ?

ଓଫା—ଆଜ୍ଞା ହଁ, ଏହି ସମୁଦ୍ର ମହିମାଙ୍କ ଦାସ ଅଟେ, ମହିମାଙ୍କ ରତ୍ନସମୂହ [?] ସ୍ୱବକ୍ଷରେ ଧାରଣ ଏବଂ ପୃଥିବୀର ଏକଚ୍ଛତ୍ରାଧିପତି ମହିମାଙ୍କ ଶ୍ରୀଚରଣରେ ଅର୍ପଣ ଉଦ୍ଦେଶ୍ୟରେ ଏହା ଦୃଷ୍ଟ ହୋଇଅଛି । ଏହାର ଭୀଷଣ ନିନାଦ ମହିମାଙ୍କ ଶତ୍ରୁ ହୃଦୟରେ ଭୀତି ଉତ୍ପାଦନ କରେ, ମାତ୍ର ମହିମାଙ୍କୁ ସ୍ୱୀୟ ଏକମାତ୍ର ଅଧୀଶ୍ୱର ବୋଲି ଜାଣେ ।

କେନ—ବର୍ତ୍ତମାନ କି [?] ଜୁଆର ଆସୁଅଛି ?

---

* ବାଲକରେ [?] ଇଂଲଣ୍ଡର ଅଧିପତି କେନଉଟ୍ ଏବଂ ଅସ୍‌ଓଅଲ୍‌ଡ୍ ଓ ଓଫା ନାମକ ଉଭୟ ତୋଷାମୋଦକାରୀ ପାରିଷଦଦ୍ୱୟର ସମ୍ମୁଖରେ ଯେଉଁ କଥୋପକଥନ ହୋଇଥିଲା, ସେହି ବୃତ୍ତାନ୍ତ ପ୍ରଦତ୍ତ ହୋଇଅଛି ।

ଅନୁ—ଆଜ୍ଞା ହଁ ମହିମା, ଏହା ଏହିକ୍ଷଣି ଉତ୍ତର ପଡ଼ିବ ।

କେନ—ତାହାହେଲେ ଖଣ୍ଡିଏ ଚୌକୀ ଆଣି ଏହିଠାରେ ବାଲି ଉପରେ ରଖ ।

ଓଫା—ଯେଉଁଠାକୁ ଜୁଆର ଆସୁଅଛି, ସେହିଠାରେ ମହିମା ?

କେନ—ହଁ ସେହିଠାରେ ।

ଅନୁ—(ଜନାନ୍ତିକରେ) ଏ କଅଣ କରୁବାକୁ ଯାଉଅଛନ୍ତି, ମୁଁ ତ କିଛି ବୁଝି ପାରୁ ନାହିଁ ।

ଓଫା—(ଜନାନ୍ତିକରେ) ସେ ଆମ୍ଭମାନଙ୍କ କଥାରେ ବିଶ୍ୱାସ କରିବେ ଏତେ ନିର୍ବୋଧ ନୁହନ୍ତି ।

କେନ—(ଚୌକୀରେ ଉପବିଷ୍ଟ ହୋଇ) ହେ ମହାସାଗର ! ମୋର ପାରିଷଦମାନେ କହୁଅଛନ୍ତି, ତୁମ୍ଭେ ମୋର ଆଜ୍ଞାଧୀନ ପ୍ରଜା; ଏବଂ ମୋର ଆଦେଶପାଳନ ତୁମ୍ଭର ଏକାନ୍ତ କର୍ତ୍ତବ୍ୟକାର୍ଯ୍ୟ । ଅତଏବ ତୁମ୍ଭୋପରେ ମୋର ଏହି ରାଜଦଣ୍ଡ ବିସ୍ତାର କରି ଆଦେଶ କରୁଅଛି, ତୁମ୍ଭେ ଏହିଠାରୁ ପ୍ରତ୍ୟାବର୍ତ୍ତନ କର । ତୁମ୍ଭ ଅଧୀଶ୍ୱରଙ୍କ ପାଦଦ୍ୱୟ ଆର୍ଦ୍ର ନ କର ତୁମ୍ଭର ଶୀତଳତରଙ୍ଗମାନଙ୍କୁ ପ୍ରତ୍ୟାବର୍ତ୍ତନ କରିନିଅ ।

ଅନୁ—(ଜନାନ୍ତିକରେ) ଏହାଙ୍କ ରାଜାଜ୍ଞାକୁ ସମୁଦ୍ର ଭ୍ରୂକ୍ଷେପ କରିବ ନାହିଁ, ଏଥିରେ ସନ୍ଦେହ ନାହିଁ ।

ଓଫା—ଦେଖ, ଜୁଆର କେତେ ବେଗରେ ଆସୁଅଛି ।

ଅନୁ—(ଜନାନ୍ତିକରେ) ଏହାର ପରବର୍ତ୍ତୀ ତରଙ୍ଗ ଆସନ ପର୍ଯ୍ୟନ୍ତ ଆସିବ । ନିର୍ବୋଧ ତୁଲ୍ୟ ଏଠାରେ ରହିଲେ ଲବଣାକ୍ତ ଜଳରେ ସମସ୍ତେ ଆର୍ଦ୍ର ହୋଇଯିବୁଁ ।

କେନ—ଦେଖିଲ ! ସମୁଦ୍ର ମୋର ଆଦେଶ ପାଳନ କଲା କି ? ଏ ପ୍ରଜା ହୋଇଥିଲେହେଁ ଅବଶ୍ୟ ଅତ୍ୟନ୍ତ ବିଦ୍ରୋହଭାବାପନ୍ନ ଅଟେ । ଦେଖ, ସମୁଦ୍ର କିପରି ଶୀଘ୍ର ଏବଂ କ୍ରୁଦ୍ଧ ହୋଇ ମୋର ପବିତ୍ର ଶ୍ରୀଅ-

ଙ୍କୁ ଫେନରାଶି ଓ ଲବଣାକ୍ତ ଜଳକଣାରେ କଳଙ୍କିତ କରୁଅଛ ; ଘୃଣ୍ୟ ତୋଷାମଦକାରିବୃନ୍ଦ ! ମୁଁ ତୁମ୍ଭମାନଙ୍କ ମିଥ୍ୟା ଉକ୍ତିରେ ପ୍ରତାରିତ ହୋଇଅଛି ବୋଲି କିଅଣ ମନେ କରୁଅଛ ? ମୁ କିଅଣ ତୁମ୍ଭର ଘୃଣ୍ୟ ତୋଷାମଦକୁ ବିଶ୍ୱାସ କରେଁ ? ଏହି ଜଗତରେ ଏକମାତ୍ର ଅଦ୍ୱିତୀୟ ବ୍ୟକ୍ତି ଅଛନ୍ତି, ସମୁଦ୍ର କେବଳ ତାହାଙ୍କ ଆଦେଶ ପାଳନ କରେ । ସେ ସ୍ୱର୍ଗ ମର୍ତ୍ତ୍ୟର ଅଧୀଶ୍ୱର, ଦେବାଦିଦେବ ଜଗଦୀଶ୍ୱର ଅଟନ୍ତି । ଏକମାତ୍ର ସେ ସମୁଦ୍ରକୁ ଆଦେଶ କରି ପାରନ୍ତି, "ତୁମ୍ଭେ ସେହିଠାରେ ସ୍ଥିର ହୁଅ, ଆଉ ଅଗ୍ରସର ହୁଅ ନାହିଁ, ତୁମ୍ଭର ଉତ୍ତାଳ ତରଙ୍ଗ ଏହିଠାରୁ କ୍ଷାନ୍ତ ହେଉ ।" ରାଜା ମନୁଷ୍ୟ ମାତ୍ର ଏବଂ ମନୁଷ୍ୟ କୀଟ ମାତ୍ର ଅଟେ । କୀଟରେ କିଅଣ ସର୍ବଶକ୍ତିସମ୍ପନ୍ନ ପରମେଶ୍ୱରଙ୍କ କ୍ଷମତା ସମ୍ଭବ ହୋଇପାରେ ? କିମ୍ବା ଏହି ପ୍ରକୃତି କି କୀଟର ଆଜ୍ଞାଧୀନ ହେବ ? ମୋର ଏହି ରାଜମୁକୁଟ ଗ୍ରହଣ କର, ମୁ ଆଉ ଏହା ଧାରଣ କରିବି ନାହିଁ । ମୋର ଏହି ଦୃଷ୍ଟାନ୍ତରୁ ନରପତିମାନେ ବିନୟୀ ଏବଂ ପାରିଷଦବର୍ଗ ତୁମ୍ଭର ଅବମାନନାରୁ ସତ୍ୟାଶ୍ରୟୀ ହୋଇପାରନ୍ତି ।

ମହାନୁଭବର ପ୍ରତିହିଂସା ।

ଯେଉଁ ସମୟରେ ଇଟାଲୀର ଫ୍ଲୋରେନ୍ସ ପ୍ରଦେଶରେ ସାଧାରଣତନ୍ତ୍ର ଶାସନ ପ୍ରଚଳିତ ଥିଲା, ସେହି ସମୟରେ ଜବାର୍ଟୋ ନାମକ ଏକ ନିମ୍ନକୁଳୋଦ୍ଭବ ସଦାଶୟ ଯୁବକ ପ୍ରକୃତିପୁଞ୍ଜର ଅଧିନେତା ହୋଇ

ରାଜ୍ୟଶାସନ ସମ୍ବନ୍ଧରେ ପ୍ରାଧାନ୍ୟ ସ୍ଥାପନ କରୁଥିଲେ । ମେଧାବୀ ଉବାର୍ଟୋ ବାଣିଜ୍ୟାଶ୍ରୟ କରି ବିପୁଳ ଧନ ସଞ୍ଚୟ କରୁଥିଲେ ।

କେତେକ ବର୍ଷ ପରେ ଫ୍ଲୋରେନ୍ସର ସମ୍ଭ୍ରାନ୍ତମଣ୍ଡଳୀର କ୍ଷମତାବଳ ଅସ୍ପୃହରେ ପ୍ରକୃତିପୁଞ୍ଜର ପ୍ରାଧାନ୍ୟ ବିଲୁପ୍ତ ହୋଇ ସମ୍ଭ୍ରାନ୍ତମଣ୍ଡଳୀର ପ୍ରାଧାନ୍ୟ ସ୍ଥାପିତ ହେଲା । ଉବାର୍ଟୋ ସ୍ୱଦେଶଦ୍ରୋହୀ ବୋଲି ସମ୍ଭ୍ରାନ୍ତ-ମଣ୍ଡଳୀଦ୍ୱାରା ଅଭିଯୁକ୍ତ ହୋଇ ବିଚାରାଳୟକୁ ଆନୀତ ହେଲେ । ବିଚାରାଳୟରେ ସେ ଅପରାଧୀ ପ୍ରମାଣିତ ହେବାରୁ ବିଚାରକମାନେ ତାହାଙ୍କୁ ପଦସ୍ଥାନ୍ତ କରି ନିର୍ବାସନ ଦଣ୍ଡ ପ୍ରଦାନ କଲେ । ଫ୍ଲୋରେନ୍-ସର ସର୍ବପ୍ରଧାନ ପ୍ରାଡ୍‌ବିବାକ ଅଟର୍ଣ୍ଣୋ, ଅପରାଧଦଣ୍ଡାଜ୍ଞାଦାନ କାଳରେ ତାଙ୍କଲକ୍ଷ୍ୟର ପ୍ରକାଶ କରି କର୍କଶବଚନରେ ଉବାର୍ଟୋଙ୍କୁ କହିଲେ "ରେ ନୀଚ ଦୂରାଧମପୁତ୍ର ! ତୁ ଫ୍ଲୋରେନ୍ସର ଯେଉଁ ସମ୍ଭ୍ରାନ୍ତ-ମଣ୍ଡଳୀର ମସ୍ତକରେ ପଦାଘାତ କରିବାକୁ ସମୁଦ୍ୟତ ହୋଇଥିଲୁ, ସେମାନେ କୃପାପରବଶ ହୋଇ, ଗୁରୁଦଣ୍ଡ ପରିବର୍ତ୍ତରେ ଲଘୁଦଣ୍ଡ ବିଧାନପୂର୍ବକ, ତୋତେ ସ୍ୱଦେଶାନ୍ତ କରି ଯେଉଁ ଅବସ୍ଥାକୁ ତୁ ଉପଭୋଗ କରିଥିଲୁ ପୁଣି ତୋତେ ସେହି ଅବସ୍ଥାରେ ସ୍ଥାପିତ କରୁଅଛନ୍ତି ।"

ଉବାର୍ଟୋ ବିଚାରାଳୟର ଅବଜ୍ଞା ନ କରି ଅବନତ ମସ୍ତକରେ ବିଚାରପତିଙ୍କ ଆଦେଶ ଶ୍ରବଣ କଲେ, ମାତ୍ର ତାହାଙ୍କ ଗର୍ବାବିଷ୍ଟର କର୍କଶବଚନ ସହ୍ୟ କରି ନ ପାରି, ବିଚାରପତିଙ୍କୁ କହିଲେ "ଆପ-ଣଙ୍କର ସମସୁଖଦୁଃଖାନୁଭବୀ ବ୍ୟକ୍ତି ପ୍ରତି ଏପରି ଉକ୍ତି ଅବିଧେୟ ଅଟେ । ଏଥି ନିମନ୍ତେ ଆପଣଙ୍କୁ ଦିନେ ଅନୁତାପ କରିବାକୁ ହେବ" । ତଦନନ୍ତର ବିନୀତ ମସ୍ତକରେ ପ୍ରାଡ୍‌ବିବାକଙ୍କଠାରୁ ବିଦାୟ ଗ୍ରହଣ କରି ବିଚାରାଳୟରୁ ବହିର୍ଗତ ହେଲେ । ଉବାର୍ଟୋ ବନ୍ଧୁ ବାନ୍ଧ-ବଙ୍କଠାରୁ ବିଦାୟ ଗ୍ରହଣପୂର୍ବକ, ପୂର୍ବପ୍ରଦତ୍ତ କେତେକ ଋଣ ସଂଗ୍ରହ କରି ଭିନ୍ନ ସାଧାରଣତନ୍ତ୍ରର ଶାସନାଧୀନ ଏକ ଦ୍ୱୀପରେ ଆସି ବାସ

କଲେ । ଏହି ଅବସ୍ଥାନରେ ବାଣିଜ୍ୟ ବ୍ୟବସାୟଦ୍ୱାରା ପୂର୍ବାପେକ୍ଷା ପ୍ରଚୁର ଧନ ସଞ୍ଚୟ କରି ସାଧାରଣରେ ସମଧିକ ମାନ୍ୟାସ୍ପଦ ହେଲେ ।

ଉବାର୍ଟୋ ବାଣିଜ୍ୟାର୍ଥେ ନାନାଦେଶକୁ ଗମନ କରୁଥିଲେ । ପରେ ଫ୍ଲୋରେନ୍ସର ସାଧାରଣତନ୍ତ୍ରର ପ୍ରଥମ ଶତ୍ରୁସ୍ୱରୂପ ଟିଉନିସ ନଗରରେ ଉପସ୍ଥିତ ହେଲେ । ତନ୍ନଗରରେ ଟିଉନିସର ଏକ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ସଙ୍ଗେ ସାକ୍ଷାତ୍ କରିବାକୁ ଯାଇ, ମାର୍ଗରେ ଶୃଙ୍ଖଳବଦ୍ଧ ଏକ ଶ୍ରୀମ୍ଳାନ ଯୁବକଦାସକୁ କଠିନ ପରିଶ୍ରମ କରିବାର ଦେଖି ତଦୀୟ ହୃଦୟ କୃପାକୃଷ୍ଟ ହେଲା । ଯୁବକ ସ୍ୱୀୟ କୋମଳାଙ୍ଗର ଅନୁପଯୋଗୀ ଅନଭ୍ୟସ୍ତ କଠିନ ପରିଶ୍ରମ କରିବାକୁ ଅକ୍ଷମ ହୋଇ ହୃଦୟର ଅନ୍ତଃସ୍ଥଳରୁ ଘନ ଘନ ଦୀର୍ଘଶ୍ୱାସ ନିକ୍ଷେପପୂର୍ବକ ଅଶ୍ରୁଧାରରେ ଗଣ୍ଡଦେଶ ପ୍ଲାବିତ କରୁଥିଲେ । ଉବାର୍ଟୋ ଯୁବକକୁ ଇଟାଲୀୟ ଭାଷାରେ ସମ୍ବୋଧନ କରିବାରୁ, ଯୁବକ ସ୍ୱଦେଶୀୟ ଭାଷା ଶ୍ରବଣରେ ପୁଲକିତ ହୋଇ ତଦୀୟ ପ୍ରଶ୍ନର ଉତ୍ତରଦାନପୂର୍ବକ, ଅପଣାକୁ ଫ୍ଲୋରେନ୍ସଅଧିବାସୀ ବୋଲି ପରିଚୟ ଦାନ କଲେ । ଉବାର୍ଟୋ କହିଲେ—"ଯୁବକ ତୁମ୍ଭର ନାମ କି ? ତୁମ୍ଭେ ନିର୍ଦ୍ଦୟହସ୍ତରେ ସ୍ୱୀୟ ଜନ୍ମ ଓ ଦୁରବସ୍ଥାର ବୃତ୍ତାନ୍ତ ବର୍ଣ୍ଣନ କର ।" ଯୁବକ କହିଲେ—"ମୋର ବନ୍ଦୀକର୍ତ୍ତାଙ୍କୁ ଭୟ ହୁଏ, ଅନ୍ୟ କାହା ଠାରେ ମୋର ଭୟ ନାହିଁ । ସେ ପ୍ରଭୂତ ଧନ ପ୍ରାପ୍ତ ନ ହେଲେ ମତେ ମୁକ୍ତିଦାନ କରିବେ ନାହିଁ । ମୁଁ ଫ୍ଲୋରେନ୍ସର ଜଣେ ମାନ୍ୟତମ ବ୍ୟକ୍ତିଙ୍କ ଏକମାତ୍ର ପୁତ୍ର, ମୋର ପିତୃନାମ ଅଜର୍ଣ୍ଣୋ ।" "ଅଜର୍ଣ୍ଣୋ", ଏହା ଧୀରେ ଉଚ୍ଚାରଣ କରି ଉବାର୍ଟୋ ମନେ ମନେ ଚିନ୍ତା କଲେ "ଈଶ୍ୱରଙ୍କୁ ଧନ୍ୟବାଦ, ମୁଁ ପ୍ରତିହିଂସା ଗ୍ରହଣ କରିବି" ।

ଉବାର୍ଟୋ ଯୁବକଠାରୁ ବିଦାୟ ଗ୍ରହଣପୂର୍ବକ ତଦୀୟ ପ୍ରଭୁଙ୍କୁ ପଞ୍ଚସହସ୍ରାଧିକ ମୁଦ୍ରା ଦାନ କରି ଯୁବକର ମୁକ୍ତି କ୍ରୟ କଲେ । ତଦନନ୍ତର "ଭୃତ୍ୟ ଏବଂ ଅଶ୍ୱଦ୍ୱୟ ଯୁବକ ସନ୍ନିକଟରେ ଉପସ୍ଥିତ ହୋଇ, ସ୍ୱହ-

ସ୍ତରେ ଯୁବକର ଶୃଙ୍ଖଳ ମୁକ୍ତ କରି, ସ୍ୱହସ୍ତରେ ବାସଭୂବେଶ ପରି-ବର୍ତ୍ତରେ ସମ୍ଭ୍ରାନ୍ତ ପରିଚ୍ଛଦ ପରିଧାନ କରାଇ ଅଶ୍ୱପୃଷ୍ଠରେ ସ୍ୱବାସକୁ ନେଇ ଆସିଲେ । ଯୁବକ ଏହି ଘଟଣାକୁ ସ୍ୱପ୍ନତୁଲ୍ୟ ମଣି ଏପରି ହର୍ଷ-ବିହ୍ୱଳଚିତ୍ତ ହେଲେ ଯେ, ଉପକାରକର୍ତ୍ତାଙ୍କଠାରେ କୃତଜ୍ଞତା ପ୍ରକାଶ କରିବାକୁ ତାହାଙ୍କର ବାକ୍ୟ ସ୍ଫୁରଣ ହେଲା ନାହିଁ ।

ଉବାର୍ଟୋ ଟିଉନିସରେ କେତେକ ଦିନ ଅବସ୍ଥାନପୂର୍ବକ ଅବଶ୍ୟ-କୀୟ କାର୍ଯ୍ୟ ସମ୍ପନ୍ନ କରି, ଯୁବକ ଅଡର୍ଣ୍ଣୋଙ୍କ ସହ ଗୃହପ୍ରତ୍ୟାଗମନ କଲେ । ସେ ନବୀନ ଅଡର୍ଣ୍ଣୋଙ୍କୁ, ସ୍ୱୀୟ ପ୍ରିୟତମ ମିତ୍ରର ପୁତ୍ରତୁଲ୍ୟ ସତ୍କାର କଲେ । ତଦନନ୍ତର ତାହାଙ୍କୁ ସ୍ୱଦେଶ ପ୍ରେରଣରେ ଉଦ୍ୟୋଗୀ ହେଲେ । ଉବାର୍ଟୋ ଯୁବକ ଅଡର୍ଣ୍ଣୋଙ୍କ ସମଭିବ୍ୟାହାରରେ ଜଣେ ବିଶ୍ୱାସୀ ଭୃତ୍ୟ, ଏକହସ୍ତରେ ପାଥେୟ ସ୍ୱରୂପେ ପ୍ରଚୁର ସ୍ୱର୍ଣ୍ଣମୁଦ୍ରା, ଅପରହସ୍ତରେ ଖଣ୍ଡିଏ ପତ୍ର ଦେଇ କହିଲେ,—

"ପ୍ରିୟ ଯୁବକ ! ମୋର ଏହି ଦୀନ କୁଟୀରରେ ତୁମ୍ଭଙ୍କୁ ଅଧିକ ଦିନ ରଖି ସୁଖାନୁଭବ କରନ୍ତି, ମାତ୍ର ତୁମ୍ଭେ ତୁମ୍ଭର ଆତ୍ମୀୟ ସ୍ୱଜନଙ୍କୁ ସନ୍ଦର୍ଶନ ନିମନ୍ତେ ଏକାନ୍ତ ଉତ୍ସୁକ ହୋଇଅଛ । ଏପରି ସ୍ଥଳରେ ତୁମ୍ଭର ସ୍ୱଦେଶଗମନରେ ପ୍ରତିବନ୍ଧକାଚରଣ କଲେ ନିଷ୍ଠୁରତାର କାର୍ଯ୍ୟ ହେବ । ତୁମ୍ଭର ପାଥେୟ ସ୍ୱରୂପେ ଏହି ଅର୍ଥ ଦାନ କଲି, ଗ୍ରହଣ କରିବାକୁ କୁଣ୍ଠିତ ହେବ ନାହିଁ । ପତ୍ରଖଣ୍ଡିକ ତୁମ୍ଭର ପିତାଙ୍କୁ ଦେବ, ପତ୍ର ପାଠ କଲେ ମୋ କଥା ତାହାଙ୍କ ସ୍ମରଣରେ ଆସିବ । ମୁଁ ତୁମ୍ଭଙ୍କୁ ବିସ୍ମୃତ ହେବି ନାହିଁ, ତୁମ୍ଭେ ମଧ୍ୟ ମତେ ସ୍ମରଣରେ ରଖିବ । ବର୍ତ୍ତମାନ ବିଦାୟ ହୁଅ ।" ଏହା ଉତ୍ତାରୁ ପରସ୍ପର ପରସ୍ପରଙ୍କୁ ଆଲିଙ୍ଗନ କରି ସାଶ୍ରୁନୟନରେ ବିଦାୟ ଗ୍ରହଣ କଲେ ।

ଯୁବକଙ୍କ ଜନକଜନନୀ ହୃତପୁତ୍ରକୁ ପ୍ରାପ୍ତ ହୋଇ ଅପରିସୀମ ଆନନ୍ଦ ସାଗରରେ ନିମଗ୍ନ ହେଲେ । ପୁତ୍ର ଟିଉନିସରେ ବନ୍ଦୀ ହୋଇଥିଲେ ଅବଗତ ହୋଇ ପିତା, ପୁତ୍ରଙ୍କୁ ଜିଜ୍ଞାସା କଲେ—"କିଏ

ତୁମ୍ଭଙ୍କୁ ମୁକ୍ତ କଲେ ? ମୁଁ କାହାଠାରେ ଏହି ଅପରିଶୋଧନୀୟ ଋଣ-ରେ ଋଣୀ ହେଲି ?" ଯୁବକ କହିଲେ "ଆପଣ ଏହି ପତ୍ରରୁ ସମସ୍ତ ଅବଗତ ହେବେ ।" ବୃଦ୍ଧ ପତ୍ର ଉନ୍ମୁକ୍ତ କରି ନିମ୍ନଲିଖିତ ବିଷୟ ପାଠ କଲେ,—

"ଯେଉଁ ଜାତ ସୂତ୍ରଧରପୁତ୍ର, ଆପଣଙ୍କୁ କହିଥିଲା, ଏହିପରି ତାଚ୍ଛଲ୍ୟଭାବ ପ୍ରକାଶ ନିମନ୍ତେ ଆପଣଙ୍କୁ ଦିନେ ଅନୁତାପ କରିବାକୁ ହେବ, ସେହି ଭବିଷ୍ୟଦ୍‌ବାଣୀ ସଫଳ ହେବାରୁ ଅଦ୍ୟ ସେ ସନ୍ତୋଷଲାଭ କରୁଅଛି । ଗର୍ବିତ ସମ୍ଭ୍ରାନ୍ତପୁରୁଷ ! ଆପଣଙ୍କ ଏକମାତ୍ର ପୁତ୍ର ନବା-ବିତ ଉବାର୍ଟୋକର୍ତ୍ତୃକ ମୁକ୍ତିଲାଭ କରିଅଛନ୍ତି ।"

ବୃଦ୍ଧ ଅଡର୍ଣ୍ଣୋ ଏହା ପାଠ କରି ହସ୍ତଦ୍ୱୟରେ ସ୍ୱୀୟ ମୁଖ ଆବୃତ କରି ଖେଦତପରାୟଣ ହେଲେ । ସେହି ସମୟରେ ଯୁବକ ଅଡର୍ଣ୍ଣୋ କୃତଜ୍ଞତାସୂଚକ ଉଦ୍ଦୀପ୍ତବାକ୍ୟରେ, ଉବାର୍ଟୋଙ୍କ ଧର୍ମପରାୟଣତା ଓ ତାହାଙ୍କପ୍ରତି ପୁତ୍ରତୁଲ୍ୟ ବ୍ୟବହାର ବିଷୟ କୀର୍ତ୍ତନ କଲେ । ବୃଦ୍ଧ ଅଡର୍ଣ୍ଣୋ ପ୍ରତ୍ୟୁପକାରସ୍ୱରୂପ ଅନେକାନେକ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କୁ ପ୍ରବର୍ତ୍ତିତ କରାଇ, ଉବାର୍ଟୋଙ୍କ ଦଣ୍ଡର ପରିବର୍ତ୍ତନ ସଂଘଟନ କଲେ । ଉବାର୍ଟୋ ପୁଣି ସ୍ୱଦେଶ ପ୍ରତ୍ୟାଗମନର ଆଦେଶ ପ୍ରାପ୍ତ ହେଲେ । ସେ ସ୍ୱଦେଶ ପ୍ରତ୍ୟାଗମନ କରି ବୃଦ୍ଧ ଅଡର୍ଣ୍ଣୋଙ୍କ ସହ ଚିରବନ୍ଧୁତ୍ୱସୂତ୍ରରେ ଆବଦ୍ଧ ହୋଇ ପରମସୁଖରେ ବାସ କଲେ ।

ପୃଥିବୀ ।

ସ୍ଥଳ ଓ ଜଳଭାଗ ।

ଭୂଗୋଳରେ ଲେଖା ଅଛି ପୃଥିବୀର ଆକୃତି କମଳାଲେମ୍ବୁ ପରି ଗୋଲ ଅଟେ । କେହିଂ ଏପରି ମନରେ କରି ପାରନ୍ତି ଯେ ହିମାଳୟ, ଆଣ୍ଡିସ, ରକି ପ୍ରଭୃତି ସମୁନ୍ନତ ପର୍ବତମାଳା ଏବଂ ଗଭୀରତମ ସାଗରସମୂହ ପୃଥିବୀପୃଷ୍ଠରେ ବିଦ୍ୟମାନ ଥାଇଂ, ଏହା କିପରି କମଳାଲେମ୍ବୁ ପରି ଗୋଲ ବୋଲି ଉକ୍ତ ହୋଇ ପାରେ । ପୃଥିବୀର ଉଚ୍ଚତମ ପର୍ବତଶୃଙ୍ଗର ଉଚ୍ଚତା ୩୦,୦୦୦ ଫୁଟରୁ ନ୍ୟୂନ ଅଟେ, ଏବଂ ନିମ୍ନତମ ସାଗରସମୂହର ଗଭୀରତା ୩୦,୦୦୦ ଫୁଟର ଅଧିକ ନୁହେ । ପୃଥିବୀ ଏତେ ବୃହତ୍ ପଦାର୍ଥ ଯେ ପର୍ବତଶୃଙ୍ଗର ଉଚ୍ଚତା ଏବଂ ସାଗରର ଗଭୀରତାର ପରିମାଣ ଏକତ୍ର କଲେ ସୁଦ୍ଧା ପୃଥିବୀ ପୃଷ୍ଠରେ ଏହା ସୁଗୋଲ କମଳାଲେମ୍ବୁର ଉପରିଭାଗରେ ଯେଉଁ ବନ୍ଧୁର ଆଚ୍ଛାଦନ ଥାଏ ତାହା ସଙ୍ଗେ ସମତୁଲ୍ୟ ହେବ । କମ୍ବା ଗୋଟିଏ ଲେମ୍ବୁ ସଙ୍ଗେ ଏହି ପୁସ୍ତକର ଗୋଟିଏ ପୃଷ୍ଠାର ସ୍ଥୂଳତାର ଯେଉଁ ଅନୁପାତ, ପୃଥିବୀ ସଙ୍ଗେ ଉକ୍ତ ୬୦,୦୦୦ ଫୁଟର ସେହି ଅନୁପାତରୁ ଅଧିକ ନୁହେ ।

ପୃଥିବୀର ଉପରିଭାଗର ପରିମାଣ ୧୯ କୋଟୀ ୭୦ ଲକ୍ଷ ବର୍ଗମାଇଲ । ତନ୍ମଧ୍ୟରୁ ୫ କୋଟୀ ୨୦ ଲକ୍ଷ ବର୍ଗମାଇଲ ସ୍ଥଳ ଏବଂ ୧୪ କୋଟୀ ୫୦ ଲକ୍ଷ ବର୍ଗମାଇଲ ଜଳ ଅଟେ । ଅର୍ଥାତ୍ ଜଳଭାଗ ସ୍ଥଳଭାଗଠାରୁ ତିନଗୁଣ ବୃହତ୍ତର ଅଟେ । ପଶ୍ଚିମଠାରୁ ପୂର୍ବ ଗୋଲାର୍ଦ୍ଧରେ ଏବଂ ଦକ୍ଷିଣଠାରୁ ଉତ୍ତରଗୋଲାର୍ଦ୍ଧରେ ସ୍ଥଳର ପରିମାଣ ଅଧିକ ଅଟେ । ବିଷୁବରେଖାର ଉତ୍ତରସ୍ଥିତ ସ୍ଥଳଭାଗ ଦକ୍ଷିଣସ୍ଥିତ ସ୍ଥଳଭାଗର ତିନି ଗୁଣ । ସ୍ଥଳଭାଗର ପ୍ରାୟ ସମସ୍ତ ଅଂଶ ଦକ୍ଷିଣ କେନ୍ଦ୍ରାଭିମୁଖରେ ପ୍ରସାରିତ ହୋଇ ରହିଅଛି । ଯେମନ୍ତ ଦକ୍ଷିଣ

ଆମେରିକା, ଆଫ୍ରିକା, ଭାରତବର୍ଷ, ମଲକ୍କା, କାମସ୍କଟ୍କା, କୋରିଆ, ଫ୍ଲୋରିଡା, ସୁଇଡେନ-ନରୱେ, ଗ୍ରିନଲଣ୍ଡ, ଅଷ୍ଟ୍ରେଲିଆର ଦକ୍ଷିଣାଂଶ ପ୍ରଭୃତି ।

ସ୍ଥଳଭାଗ ପୂର୍ବମହାଦ୍ୱୀପ ଓ ପଶ୍ଚିମମହାଦ୍ୱୀପ ଏହି ପ୍ରଧାନ ଦୁଇ-ଭାଗରେ ବିଭକ୍ତ । ଆସିଆ ଏବଂ ଇଉରୋପ ଭିନ୍ନ ନାମ ପ୍ରାପ୍ତ ହୋଇ-ଥିଲେହେଁ ଏମାନ ପ୍ରକୃତରେ ଗୋଟିଏ ମହାଦେଶ । ଜିବ୍ରାଲ୍ଟର, ସିସିଲି, ବାବଲମାଣ୍ଡବ, ଏବ ୧୭ ବର୍ଷ ପୂର୍ବରେ ସୁଏଜଠାରେ କେ-ନେଲଦ୍ୱାରା ବିଚ୍ଛିନ୍ନ ହୋଇ ଥିଲେହେଁ ଅଫ୍ରିକା ଉକ୍ତ ମହାଦେଶର ଏକ ଅଂଶ ଅଟେ । ଅଷ୍ଟ୍ରେଲିଆ ଉକ୍ତ ମହାଦେଶର ସର୍ବପ୍ରଧାନ ଦ୍ୱୀପ । ପଶ୍ଚିମ ମହାଦ୍ୱୀପ ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ଅବିଚ୍ଛିନ୍ନ ହୋଇ ବିସ୍ତୃତ ହୋଇଅଛି । ପୂର୍ବ ମହାଦ୍ୱୀପ ଆଫ୍ରିକାର ଉତ୍ତ ଅନ୍ତରୀପଠାରୁ ଆସିଆ ପୂର୍ବ ଅନ୍ତରୀପ ପର୍ଯ୍ୟନ୍ତ ବିସ୍ତୃତ ହୋଇ ପୃଥିବୀର ଉପରିଭାଗର ପ୍ରାୟ ଅର୍ଦ୍ଧାଂଶ ବେଷ୍ଟନ କରିଅଛି । ସ୍ଥଳଭାଗର ଏକପ୍ରାନ୍ତରୁ ଅନ୍ୟପ୍ରାନ୍ତ ପର୍ଯ୍ୟନ୍ତ ପର୍ବତଶ୍ରେଣୀ ମେରୁଦଣ୍ଡରୂପେ ବିସ୍ତୃତ । ଏହି ପର୍ବତଶ୍ରେଣୀ ଆଟଲାଣ୍ଟିକ ମହାସାଗରର ଉପକୂଳ ଆଟଲାସ ଏବଂ ପିରେନିସ ପର୍ବତରୁ ଆରମ୍ଭ ହୋଇ ଆଲପସ୍, କାରପେଥିଆନ, କକେସସ, ଏଲବର୍ଜ, ହିନ୍ଦୁକୁଶ ନାମ ଧାରଣ କରି ପାମିରର ଉଚ୍ଚ ମାଳଭୂମିରେ ମିଳିତ ହୋଇଅଛି । ପାମିର ପୃଥିବୀର ଉଚ୍ଚତମ ମାଳଭୂମି । ଏହା ୧୦ ସହସ୍ରରୁ ୧୫ ସହସ୍ର ଫୁଟ ପର୍ଯ୍ୟନ୍ତ ଉନ୍ନତ । ଏହା ଉତ୍ତରରୁ ପର୍ବତଶ୍ରେଣୀ ଉକ୍ତ ମାଳଭୂମିକୁ ତିବ୍ବତର ମାଳଭୂମି ସଙ୍ଗେ ସଂଯୁକ୍ତ କରିଅଛି । ତିବ୍ବତ ମାଳଭୂମିର ଉତ୍ତର ସୀମା କୁଏନଲୁନ ପର୍ବତ ଓ ଦକ୍ଷିଣ ସୀମା ହିମାଳୟ ପର୍ବତ । ତିବ୍ବତ ମାଳଭୂମିରୁ ପର୍ବତଶ୍ରେଣୀ ନିର୍ଗତ ହୋଇ ଇଏନଲିଙ୍ଗ, ଇବଲାନ, ଷ୍ଟାନୋଭସ୍ ନାମ ଗ୍ରହଣ କରି ପ୍ରଶାନ୍ତମହାସାଗରର ବେରିଂ ପ୍ରଣାଳୀ ପର୍ଯ୍ୟନ୍ତ ଅଗ୍ରସର ହୋଇଅଛି । ମେରୁଦଣ୍ଡର ଉଭୟପାର୍ଶ୍ୱସ୍ଥ ଅସ୍ଥିମାନଙ୍କ ପରି ଏହି ଦୀର୍ଘ ପର୍ବତ-

ଶ୍ରେଣୀର ଉଭୟ ପାର୍ଶ୍ୱରେ ଅସଂଖ୍ୟ ପର୍ବତଶ୍ରେଣୀ ଉତ୍ତର ଓ ଦକ୍ଷିଣକୁ ପ୍ରସାରିତ ହୋଇଅଛି । ଏହି ଦୀର୍ଘ ପର୍ବତପ୍ରାଚୀରର ଦକ୍ଷିଣରେ ଚୀନ, ପୂର୍ବୋପଦ୍ୱୀପ, ଭାରତବର୍ଷ, ପାରସ୍ୟ, ଆରବ, ମିସର, ଗ୍ରୀସ, ଇଟାଲୀ, ସ୍ପେନ ପ୍ରଭୃତି ପୁରାକାଳୀୟ ସଭ୍ୟପ୍ରଦେଶ-ମାନ ବସ୍ତୃତ । ଏହାର ଉତ୍ତର ଦିଗରେ ଅସଭ୍ୟ ତୁର୍କୀ, ଭେଣ୍ଡଲ, ଗଥ, ହୁନ, ସିଥୀୟ, ମିଡ ପ୍ରଭୃତି ଜାତିମାନଙ୍କ ପ୍ରଦେଶ । ଅସିଆ ମଧ୍ୟସ୍ଥ ଭୂମିସ୍ଥାନ ଅତ୍ୟନ୍ତ ନିମ୍ନପ୍ରଦେଶ ହେବାରୁ ଅକ୍ସସ୍ ଏବଂ ଜଗ-ଜାରଟିସ ନଦୀଦ୍ୱୟ ସମୁଦ୍ରରେ ପତିତ ନ ହୋଇ ଆରଲ ହ୍ରଦରେ ପତିତ ହୋଇଅଛି । ଆରଲ ହ୍ରଦ ସମୁଦ୍ରସମତଳସହ ସମୋଚ୍ଚ ଏବଂ କାସ୍ପିଅନସାଗର ସମୁଦ୍ରସମତଳରୁ ନିମ୍ନତର ଅଟେ ।

ପଶ୍ଚିମ ମହାଦ୍ୱୀପର ଦକ୍ଷିଣ ପ୍ରାନ୍ତରୁ ଅତ୍ୟୁଚ୍ଚଶୃଙ୍ଗସଙ୍କୁଳ ଆଣ୍ଡିସ ପର୍ବତଶ୍ରେଣୀ ମେରୁଦଣ୍ଡରୂପେ ଉତ୍ଥିତ ହୋଇ ଉତ୍ତରାଭିମୁଖରେ, କେଉଁ ସ୍ଥାନରେ ଦୁଇ, କେଉଁ ସ୍ଥାନରେ ଅବା ତିନ ସମାନ୍ତର ଶ୍ରେଣୀରେ ବିଭକ୍ତ ହୋଇ, ସମୁଦ୍ର କୂଳରେ ଚାରି ସହସ୍ର ମାଇଲ ପାନେମା ଯୋଜକ ପର୍ଯ୍ୟନ୍ତ ବିସ୍ତୃତ ହୋଇଅଛି । ପାନେମା ଯୋଜକର ଉତ୍ତରରୁ ପର୍ବତଶ୍ରେଣୀ ରକି ନାମ ଧାରଣପୂର୍ବକ ଉତ୍ତର ମହାସାଗର ପର୍ଯ୍ୟନ୍ତ ଅଷ୍ଟସହସ୍ର ମାଇଲ ବିସ୍ତୃତ ହୋଇଅଛି । ଏପରି ଦୀର୍ଘ ଏବଂ ଅଗ୍ନେୟଗିରିପୂର୍ଣ୍ଣ ପ୍ରକାଣ୍ଡ ପର୍ବତ ପୃଥିବୀରେ ଦ୍ୱିତୀୟ ନାହିଁ । ପର୍ବତ ପରି ନଦୀ ସମ୍ବନ୍ଧରେ ମଧ୍ୟ ପଶ୍ଚିମ ମହାଦ୍ୱୀପ ପୂର୍ବ ମହାଦ୍ୱୀପଠାରୁ ଶ୍ରେଷ୍ଠ ଅଟେ । ଦକ୍ଷିଣ ଅମେରିକାର ଓରିନକୋ, ଅମେଜନ, ଲାପ୍ଲାଟା ପ୍ରଶାନ୍ତ ମହାସାଗରର ଉପକୂଳସ୍ଥ ଆଣ୍ଡିସ ପର୍ବତରୁ ନିର୍ଗତ ହୋଇ ସହସ୍ର ମାଇଲ ଗମନ ପୂର୍ବକ ଆଟଲା-ଣ୍ଟିକ ମହାସାଗରରେ ମିଳିତ ହୋଇଅଛି । ଉତ୍ତର ଅମେରିକାର ମିସିସିପି ଏବଂ ମିସୋରୀ ନଦୀ ପୃଥିବୀର ଦୀର୍ଘତମ ନଦୀ ଅଟେ । ଅମେରିକାର ନଦୀମାନଙ୍କ ସୁନାବ୍ୟତା ହେତୁ ଜାହାଜମାନ ମହାଦେଶର ଅଭ୍ୟନ୍ତ-ରିକ ପ୍ରଦେଶମାନଙ୍କୁ ଅନାୟାସରେ ଗମନାଗମନ କରି ପାରେ ।

ଉତ୍ତର ଆମେରିକାର ମଧ୍ୟସ୍ଥଳର ବୃହତ୍ ହ୍ରଦମାନଙ୍କ ପରି ହ୍ରଦ ପୃଥିବୀର ଅନ୍ୟ କୌଣସି ମହାଦେଶରେ ଦୃଷ୍ଟିଗୋଚର ହୁଏ ନାହିଁ । ସେମାନଙ୍କ ମଧ୍ୟରୁ ବୃହତ୍ ସ୍ଲେଭ, ବୃହତ୍ ବେଅର, ଉଇନିପେଗ, ସୁପେରିଅର, ହିଉରନ, ମିଚିଗେନ, ଇରୀ, ଅଣ୍ଟେରିଓ ପ୍ରଧାନ ଅଟେ । ଏହି ହ୍ରଦମାନଙ୍କ ମଧ୍ୟରେ ସୁପିରିଅର ସର୍ବାପେକ୍ଷା ବୃହତ୍ । ଏହା ୯୦୦ ଫିଟ ଗଭୀର ଏବଂ ସମୁଦ୍ର ସମତଳରୁ ୬୨୭ ଫୁଟ ଉଚ୍ଚରେ ଅବସ୍ଥିତ ।

ମନୁଷ୍ୟର ସୁଖୋନ୍ନତି ସମୁଦ୍ରକୂଳର ପ୍ରାକୃତିକ ଧର୍ମ ଉପରେ ବହୁପରିମାଣରେ ନିର୍ଭର କରେ । ଯେଉଁ ପ୍ରଦେଶରେ ଉପସାଗର, ପ୍ରଣାଳୀ, ଅନ୍ତରୀପ ପ୍ରଭୃତି ଯେଉଁ ପରିମାଣରେ ଅଛି, ସେହି ପ୍ରଦେଶବାସୀ ସେହି ପରିମାଣରେ ସୁଖୀ ଏବଂ ଉନ୍ନତ ହୁଅନ୍ତି । କୂଳ ଅଧିକ ବନ୍ଧୁରିତ ହେଲେ ପୋତାଶ୍ରୟ ଏବଂ ପୋତନିର୍ମାଣସ୍ଥାନର ଆଧିକ୍ୟ ହେତୁ ବାଣିଜ୍ୟର ଉନ୍ନତିସାଧନ ଏବଂ ବନ୍ଦରମାନଙ୍କ ସଂଖ୍ୟା ବୃଦ୍ଧି ହୁଏ । ସମୁଦ୍ରରେ ପତିତ ନଦୀମାନ ନାବ୍ୟ ହେଲେ ପ୍ରଦେଶାଭ୍ୟନ୍ତରସ୍ଥ ଦ୍ରବ୍ୟମାନ ସମୁଦ୍ର କୂଳକୁ ଏବଂ ବହୁ ଦୂରରୁ ଆନୀତ ବାଣିଜ୍ୟ ପଦାର୍ଥ ସବୁ ଅନାୟାସେ ପ୍ରଦେଶାଭ୍ୟନ୍ତରକୁ ନୀତ ହୁଏ । କୂଳର ପ୍ରାକୃତିକ ଅବସ୍ଥା ଦେଖି ବିଚାର କରିବାକୁ ଗଲେ ପୂର୍ବ ମହାଦ୍ୱୀପକୁ ଆଫ୍ରିକା, ଆସିଆ, ଏବଂ ଇଉରୋପ ଏହି ତିନିଭାଗରେ ବିଭକ୍ତ ଦେଖାଯିବ । ଆଫ୍ରିକାର କୂଳ ବନ୍ଧୁରିତ ନ ହେବାରୁ ଏହା ବାଣିଜ୍ୟର ସମ୍ପୂର୍ଣ୍ଣ ପ୍ରତିକୂଳ ଅଟେ; ମାତ୍ର ଆସିଆ ସେପରି ନୁହେ । ଆସିଆର ଚୀନ, ପୂର୍ବଉପଦ୍ୱୀପ, ଭାରତବର୍ଷ ପ୍ରଭୃତି ଦେଶର କୂଳ କେତେକ ପରିମାଣରେ ବନ୍ଧୁରିତ ଏବଂ ନଦୀମାନଙ୍କ ନାବ୍ୟତା ହେତୁ ଏହି ଦେଶମାନ ବହୁ ପରିମାଣରେ ବାଣିଜ୍ୟାନୁକୂଳ ଅଟେ । ମାତ୍ର ଆରବ, ପାରସ୍ୟ ପ୍ରଭୃତି ଦେଶ ସେପରି ନୁହେ । ତିବ୍ବତ ଏବଂ ମଙ୍ଗୋଲିଆ, ସମୁଦ୍ରକୂଳ ଓ ନାବ୍ୟନଦୀ ଅଭାବରୁ ବାଣିଜ୍ୟାନୁକୂଳ ନୁହଇ । ସାଇବେରିଆର କୂଳ ବନ୍ଧୁରିତ ଏବଂ ସାଇବେରିଆରେ ବହୁ ନାବ୍ୟନଦୀ

ଥିଲେହେଁ, ଜଳବାୟୁ ସ୍ୱାସ୍ଥ୍ୟପ୍ରଦ ନ ହେବାରୁ ଉକ୍ତ ପ୍ରଦେଶରେ ଅଣିଅଳ୍ପ ଲୋକସଂଖ୍ୟାର ଲୋକବସତି ଦୃଷ୍ଟିଗୋଚର ହୁଏ ।

ଇଉରୋପ ପରି ଅନ୍ୟ କୌଣସି ମହାଦେଶର କୂଳ ବକ୍ରୁରିତ ନୁହେ । ଇଉରୋପର ଅଧିକାଂଶ ନଦୀ ନାବ୍ୟ । ଏହି କାରଣରୁ ଇଉରୋପୀୟମାନେ ଅଧିକ ବାଣିଜ୍ୟପ୍ରିୟ, ପରିଶ୍ରମୀ, ଉନ୍ନତିଶୀଳ ଓ ସ୍ୱାଧୀନତାପ୍ରିୟ ଅଟନ୍ତି । ଦକ୍ଷିଣ ଅମେରିକାଠାରୁ ଉତ୍ତର ଅମେରିକାର କୂଳ ଯେଉଁ ପରିମାଣରେ ବକ୍ରୁରିତ ଅଧିବାସିଙ୍କ ଅବସ୍ଥା ମଧ୍ୟ ସେହି ପରିମାଣରେ ଉନ୍ନତ । ଉତ୍ତର ଅମେରିକାର ମିସୋରି ନଦୀ ସମୁଦ୍ର କୂଳରୁ ୪,୫୦୦ ମାଇଲ ପର୍ଯ୍ୟନ୍ତ ନାବ୍ୟ । ପୃଥିବୀର ଅନ୍ୟ କୌଣସି ନଦୀ ଏପରି ନାବ୍ୟ ନୁହେ ।

ସମୁଦ୍ର ଅବଚ୍ଛିନ୍ନ ଗୋଟିଏ ଜଳଖଣ୍ଡ ହେଲେହେଁ ଏହା ମାନଚିତ୍ରରେ ଅଟଲାଣ୍ଟିକ, ପ୍ରଶାନ୍ତ, ଭାରତ, ଉତ୍ତର, ଓ ଦକ୍ଷିଣ ମହାସାଗର, ଏହି ପ୍ରଧାନ ପଞ୍ଚ ନାମରେ ବିଭକ୍ତ ହୋଇଅଛି । ଅଟଲାଣ୍ଟିକ ମହାସାଗରର ଏକଦିଗରେ ଇଉରୋପ ଓ ଆଫ୍ରିକା ଏବଂ ଅନ୍ୟ ଦିଗରେ ଅମେରିକା । ଏହାର ବିସ୍ତାର ୧୮୦୦ ମାଇଲରୁ ୪,୩୦୦ ମାଇଲ ଅଟେ ।

ଯେଉଁ ମହାସାଗରରେ, ସାଗର, ଉପସାଗର, ପ୍ରଣାଳୀ, ଓ ପତିତ ନାବ୍ୟ ନଦୀମାନଙ୍କର ସଂଖ୍ୟା ଯେତେ ଅଧିକ ଉକ୍ତ ମହାସାଗର ସେହି ପରିମାଣରେ ମନୁଷ୍ୟମାନଙ୍କ ସୁଖ ସ୍ୱଚ୍ଛନ୍ଦତାର ହେତୁ ଅଟେ । ଏହି ବିଷୟରେ ଅଟଲାଣ୍ଟିକ ମହାସାଗର ଅନ୍ୟାନ୍ୟ ମହାସାଗରଠାରୁ ଶ୍ରେଷ୍ଠ । ଆମେରିକା, ଇଉରୋପ, ଓ ଆଫ୍ରିକାର ଅଧିକାଂଶ ନଦୀ ଏହି ମହାସାଗରରେ ପତିତ ହୋଇଅଛି । ଅଟଲାଣ୍ଟିକ ମହାସାଗରରେ ପତିତ ନଦୀମାନଙ୍କ ଅବବାହିକ ପ୍ରଦେଶ ପ୍ରଶାନ୍ତ ମହାସାଗରରେ ପତିତ ନଦୀମାନଙ୍କ ଅବବାହିକା ପ୍ରଦେଶଠାରୁ ଦୁଇଗୁଣରୁ ଅଧିକତର ଅଟେ । ପ୍ରଶାନ୍ତ ମହାସାଗର ଅନ୍ୟାନ୍ୟ

ମହାସାଗରଠାରୁ ବୃହତ୍ତମ । ପୃଥିବୀର ସମସ୍ତ ସ୍ଥଳଭାଗଠାରୁ ଏହାର ପରିମାଣ ଅଧିକତର ଅଟେ । ପ୍ରଶାନ୍ତମହାସାଗରର ପ୍ରାୟ ଚତୁର୍ଦ୍ଦିଗ ସ୍ଥଳବେଷ୍ଟିତ ଅଟେ । ପଶ୍ଚିମରେ ଅସିଆ, ଉତ୍ତରରେ ଅସିଆ ଓ ଅମେରିକା, ପୂର୍ବରେ ଅମେରିକା, ଏବଂ ଦକ୍ଷିଣରେ ଦ୍ୱୀପଶ୍ରେଣୀ ଏହାକୁ ବେଷ୍ଟନ କରି ରହିଅଛି । ବିଷୁବରେଖାଠାରେ ଏହାର ବିସ୍ତାର ଦଶସହସ୍ର ମାଇଲରୁ ଅଧିକ ଅଟେ । ପୃଥିବୀର ବର୍ତ୍ତମାନ ସଜୀବ ୨୭୨ ଗୋଟି ଅଗ୍ନେୟଗିରି ମଧ୍ୟରେ ୨୪୨ ଗୋଟି ଏହାର ଚତୁଃପାର୍ଶ୍ୱରେ ଅବସ୍ଥିତ । ଭାରତମହାସାଗର ଉପରୋକ୍ତ ଦୁଇ ମହାସାଗରଠାରୁ କ୍ଷୁଦ୍ରତର ଅଟେ । ଫଳତଃ ଏହା ଗୋଟିଏ ବୃହତ୍ ଉପସାଗର । ଭାରତ ମହାସାଗରରେ ମଉସୁମ ବାୟୁ ପ୍ରବାହିତ ହୁଏ । ଏହି ମହାସାଗରରେ ବେଳେ୨ ଯେପରି ଭୟାନକ ଅନିଷ୍ଟକର ଝଟିକା ହୁଏ ଅନ୍ୟ କୌଣସି ମହାସାଗରରେ ସେପରି ଦୃଷ୍ଟିଗୋଚର ହୁଏ ନାହିଁ । ୧୮୬୪ ସାଲର ଏହିପରି ଏକ ଝଟିକାରେ ମେଦନୀପୁର ଜିଲ୍ଲାରେ ୩୦୦୦ ଏବଂ ୧୮୭୬ ସାଲର ତୋଫାନରେ ବାଖରଗଞ୍ଜ ଜିଲ୍ଲାରେ ୨୧୫୦୦୦ ମନୁଷ୍ୟ କାଳଗ୍ରାସରେ ପତିତ ହୋଇଥିଲେ । ୧୮୮୫ ସାଲର ତୋଫାନ ଏବଂ ସମୁଦ୍ରଜଳପ୍ଲାବନରେ ଓଡ଼ିଶାର ପ୍ରାୟ ଦଶସହସ୍ର ଲୋକ ବିନଷ୍ଟ ହୋଇଅଛନ୍ତି । ଉତ୍ତର ଏବଂ ଦକ୍ଷିଣ ମହାସାଗରର ଅଧିକାଂଶ ସବୁବେଳେ ବରଫାବୃତ ଥିବାରୁ ଏହି ଦୁଇ ମହାସାଗରର ସମ୍ପୂର୍ଣ୍ଣ ତତ୍ତ୍ୱ ଅବଗତ ହୋଇ ନାହିଁ ।

ଜର୍ମାନ, ଅମେରିକ, ଓ ଇଂରାଜମାନେ ବହୁ ପରୀକ୍ଷା କରି ଅଟଲାଣ୍ଟିକ ମହାସାଗରର ତଳ ଅବସ୍ଥାର ଏକ ମାନଚିତ୍ର ପ୍ରକାଶ କରିଅଛନ୍ତି । ଅଟଲାଣ୍ଟିକ ମହାସାଗର ଶୁଷ୍କ ହୋଇଗଲେ ତାହାର ଶଯ୍ୟା ଯେମନ୍ତ ଦିଶିବ ଉକ୍ତ ମାନଚିତ୍ରରେ ତାହା ପ୍ରଦର୍ଶିତ ହୋଇଅଛି । ଗୋଟିଏ ଉନ୍ନତ ପ୍ରାଚୀର ମହାସାଗରର ଉଭୟ ପାର୍ଶ୍ୱସ୍ଥ ସ୍ଥଳଭାଗର ବକ୍ରଗତି ସଙ୍ଗେ ବକ୍ର ହୋଇ ବିସ୍ତୃତ ହୋଇଅଛି ।

ଉକ୍ତ ପ୍ରାଚୀରର ଉଚ୍ଚତା ୮୫୦୦ ଫୁଟରୁ ୧୦୦୦୦ ଫୁଟ ପର୍ଯ୍ୟନ୍ତ ଅଟେ । ପ୍ରାଚୀରର ଉଭୟ ପାର୍ଶ୍ୱରେ ଯେଉଁ ଉପତ୍ୟକାମାନ ବିସ୍ତୃତ ହୋଇଅଛି ସେସବୁ ସମୁଦ୍ର ଜଳର ସମତଳର କୌଣସି ସ୍ଥାନରୁ ୧୯ ସହସ୍ର, କୌଣସି ସ୍ଥାନରୁ ୨୧ ସହସ୍ର, କୌଣସି ସ୍ଥାନରୁ ଅବା ୨୩ ସହସ୍ର ଫୁଟ ଗଭୀର ଅଟେ । ଯେଉଁ ଟେନେରିଫ ପର୍ବତର ଉଚ୍ଚତା ୧୨୦୦୦ ଫୁଟ, ସାଗର ଶୁଷ୍କ ହେଲେ ତାହା ସମୁଦ୍ର ତଳରୁ ୩୫୦୦୦ ଫୁଟ ଉଚ୍ଚ ଦୃଷ୍ଟ ହେବ । ସମୁଦ୍ରର ଗଭୀରତାର ଯେଉଁ ସମସ୍ତ ପ୍ରମାଣ ମିଳିଅଛି ସେଥିରୁ ଏହା ପ୍ରତିପନ୍ନ ହୋଇଅଛି ଯେ ସମୁଦ୍ରର ଗଭୀରତମ ପ୍ରଦେଶ ୩୦,୦୦୦ ଫୁଟରୁ ଅଧିକ ନିମ୍ନ ନୁହେଁ । ଆଟଲାଣ୍ଟିକ ମହାସାଗର ପରି ପ୍ରଶାନ୍ତ ମହାସାଗରର ସମୁଦ୍ରଶଯ୍ୟାର ମାନଚିତ୍ର ଆଜି ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନାହିଁ ।

—୦:୦✻୦:୦—

ଗ୍ରୀକଜାତି ।

ମାନଚିତ୍ରରେ ଗ୍ରୀସ ଦେଶ ବର୍ତ୍ତମାନ ଗୋଟିଏ କ୍ଷୁଦ୍ର ରାଜ୍ୟ ବୋଲି ପ୍ରତୀୟମାନ ହେଲେହେଁ, ପ୍ରାଚୀନକାଳରେ ଏହା ବହୁବିସ୍ତୃତ ଥିଲା । ଗ୍ରୀକମାନେ ଆସିଆ ଏବଂ ମିସରରୁ ସଭ୍ୟତାଲୋକ ପ୍ରାପ୍ତ ହୋଇଥିଲେ ।

ପିଲାସ୍‌ଜିଏନ ନାମକ ଆର୍ଯ୍ୟଜାତିର ଏକ ପ୍ରାଚୀନଶାଖା ଅତି ପ୍ରାଚୀନ କାଳରେ ଗ୍ରୀସଦେଶରେ ଉପନିବେଶନ ସ୍ଥାପନ କରିଥିଲେ । ସେମାନଙ୍କ ଉତ୍ତାରୁ ହେଲେନ୍ସ ନାମଧାରୀ ଆର୍ଯ୍ୟଜାତିର ଆଉ ଗୋଟିଏ ଶାଖା ପିଲାସ୍‌ଜିଏନମାନଙ୍କୁ ପରାଜିତ କରି ଗ୍ରୀସ ଦେଶରେ ବ୍ୟାପ୍ତ ହେଲେ । ପ୍ରାଚୀନ ଗ୍ରୀକମାନଙ୍କ କୀର୍ତ୍ତିଯାତ୍ରା ମଧ୍ୟରୁ ଅର୍ଗନଟିକ,

ଏବଂ ଟ୍ରୟଯାତ୍ରା ପ୍ରସିଦ୍ଧ ଅଟେ । ଗ୍ରୀକମାନେ କୃଷ୍ଣସାଗର ଉପକୂଳକୁ ଯେଉଁ ସମରଯାତ୍ରା କରିଥିଲେ, ଅର୍ଗ ନାମକ ସମରପୋତର ନାମାନୁସାରେ ସେହିଯାତ୍ରାର ନାମ ଅର୍ଗନଟିକ ପ୍ରବନ୍ଧ ହୋଇଥିଲା । ଆସିଆ-ମାଇନରସ୍ଥ ଟ୍ରୟ ନଗର ବିରୁଦ୍ଧରେ ପ୍ରାଚୀନ ଗ୍ରୀକମାନଙ୍କ ସମରଯାତ୍ରା ସର୍ବାପେକ୍ଷା ପ୍ରସିଦ୍ଧ ଅଟେ । ଟ୍ରୟର ଏକ ରାଜକୁମାର ଗ୍ରୀସର ଏକ ରାଜ୍ଞୀଙ୍କୁ ସ୍ୱରାଜ୍ୟକୁ ନେଇ ଆସିବାରୁ, ଗ୍ରୀସର ରାଜନ୍ୟ-ମଣ୍ଡଳୀ ସମବେତ ହୋଇ ଏକାଦିକ୍ରମେ ଦଶବର୍ଷ ପର୍ଯ୍ୟନ୍ତ ଟ୍ରୟ ନଗର ଅବରୋଧ କରି ପଶ୍ଚାତ୍ ବିଶ୍ୱାସଘାତକତାଦ୍ୱାରା ନଗରଗ୍ରହଣପୂର୍ବକ ତାହାର ଧ୍ୱଂସସାଧନ କଲେ । ଟ୍ରୟଯୁଦ୍ଧ ଖ୍ରୀଷ୍ଟଜନ୍ମର ପ୍ରାୟ ୧୨୦୦ ବର୍ଷ ପୂର୍ବରେ ସଂଘଟିତ ହୋଇଥିଲା । ଏହାର ପ୍ରାୟ ତିନିଶତବର୍ଷ ଉତ୍ତାରୁ ମହାକବି ହୋମର ଟ୍ରୟଯୁଦ୍ଧର ବିବରଣ ସ୍ୱରଚିତ ଇଲିଏଡ୍ ନାମକ ମହାକାବ୍ୟରେ ଲିପିବଦ୍ଧ କରିଥିଲେ । ଗ୍ରୀକମାନଙ୍କ ଅନ୍ଧକବି ହୋମର ସ୍ମର୍ଣା ପ୍ରଦେଶର ଏକ ଗ୍ରୀକ ଉପନିବେଶରେ ଜନ୍ମଗ୍ରହଣ କରିଥିଲେ । ଓଡେସି ନାମକ ହୋମରପ୍ରଣୀତ ଆଉ ଗୋଟିଏ ମହା-କାବ୍ୟ ଅଛି; ସେଥିରେ ଏକ ଗ୍ରୀକବୀରର ଟ୍ରୟରୁ ସ୍ୱଦେଶ ପ୍ରତ୍ୟାଗମନ ବର୍ଣ୍ଣିତ ହୋଇଅଛି । ରାମାୟଣ ଓ ମହାଭାରତରେ ବୀରମାନଙ୍କ ଅଲୌକିକ ବୀରତ୍ୱ ବର୍ଣ୍ଣନା ପରି ଇଲିଏଡ୍ ଓ ଓଡେସିରେ ବୀରମାନଙ୍କ ଅମାନୁଷିକ ବୀରତ୍ୱ ବର୍ଣ୍ଣିତ ହୋଇଅଛି । ଯେଉଁ ସମୟରେ ଭାରତରେ କୁରୁପାଣ୍ଡବଙ୍କ ଯୁଦ୍ଧ ସଂଘଟିତ ହୋଇଥିଲା ପ୍ରାୟ ସେହି ସମୟରେ ଅର୍ଥାତ୍ ଖ୍ରୀଷ୍ଟପ୍ରତିଜନ୍ମ ତ୍ରୟୋଦଶ ଶତାବ୍ଦୀରେ ଟ୍ରୟ ଯୁଦ୍ଧ ମଧ୍ୟ ସଂଘଟିତ ହୋଇଥିଲା । ଏହି ସମୟରେ ଚୀନରେ ପ୍ରସିଦ୍ଧ ସମ୍ରାଟ୍ "ଉ" ଚୌରାଜବଂଶର ସ୍ଥାପନ ପ୍ରତିଷ୍ଠିତ, ଏବଂ ମିସରରେ ରାମେସିସ୍ ଓ ସିସୋଷ୍ଟ୍ରିସ ନାମକ ପ୍ରବଳ ପରାକ୍ରାନ୍ତ ସମ୍ରାଟଦ୍ୱୟ ଦିଗ୍ବିଜୟ ବିସ୍ତାର କରିଥିଲେ । ଏହି ସମୟରେ ଆସିରିଆ ସାମ୍ରାଜ୍ୟ ପ୍ରବଳପରାକ୍ରାନ୍ତ ହୋଇ ଭୂମଧ୍ୟସାଗର ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର ଏବଂ ଫିନିସିଆନମାନେ

ଆଟ୍ଲାଣ୍ଟିକ ମହାସାଗର ପର୍ଯ୍ୟନ୍ତ ପୋତଚାଳନା କରୁଥିଲେ । ଯେଉଁ ସମୟରେ ଆସିଆମାଇନରରେ ଟ୍ରୟର ପତନ ହେଲା ତାହାର ଅବ୍ୟବହିତ ପରେ ପାଲେଷ୍ଟାଇନରେ ଜେଭସ୍ ଇହୁଦୀୟ ସାମ୍ରାଜ୍ୟ ସ୍ଥାପନ କରିଥିଲେ ।

ହେଲେନ୍ସମାନେ କ୍ଷୁଦ୍ରଶାଖାରେ ବିଭକ୍ତ ହୋଇ ଆଥେନ୍ସ, କରିନ୍ଥ, ସ୍ପାର୍ଟା ଓ ଉତ୍ତରଗ୍ରୀସରେ ରାଜ୍ୟସ୍ଥାପନ କରିଥିଲେ । ଏମାନଙ୍କ ମଧ୍ୟରୁ ସ୍ପାର୍ଟାନମାନେ ପ୍ରଥମତଃ ପ୍ରସିଦ୍ଧି ଲାଭ କରିଥିଲେ । ଲାଇକରଗସ୍ ନାମକ ସ୍ପାର୍ଟାର ପ୍ରସିଦ୍ଧ ବ୍ୟବସ୍ଥାପକ ଖ୍ରୀଷ୍ଟପ୍ରତିଲୋମ ଅଷ୍ଟମ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ସେ ସ୍ୱଦେଶବାସୀଙ୍କୁ ଅସ୍ତ୍ରଶିକ୍ଷାରେ ସୁଶିକ୍ଷିତ କରାଇ ଏବଂ ସମରନିପୁଣ ଜାତିରେ ପରିଣତ କରାଇଥିଲେ । ତାହାଙ୍କ ବ୍ୟବସ୍ଥାନୁସାରେ ବାଳକବାଳିକାମାନେ ବାଲ୍ୟକାଳରୁ ବାଧ୍ୟ ହୋଇ ବ୍ୟାୟାମଶିକ୍ଷା କରୁଥିଲେ । ବୀରହୃଦୟା ସ୍ପାର୍ଟାର ରମଣୀମାନେ ଯୁଦ୍ଧଯାତ୍ରା କାଳରେ ବୀରପୁତ୍ରମାନଙ୍କୁ ଉପଦେଶ ଦେଉଥିଲେ—"ସମରରେ ପ୍ରାଣତ୍ୟାଗ ପଛକେ କରିବ, ମାତ୍ର ପୃଷ୍ଠପ୍ରଦର୍ଶନ କରିବ ନାହିଁ ।" ସ୍ପାର୍ଟାବାସୀ ଏହିପରି ପୁରୁଷାନୁକ୍ରମେ ସମରକୁଶଳ ହୋଇ ଖ୍ରୀଷ୍ଟପ୍ରତିଲୋମ ଷଷ୍ଠ ଶତାବ୍ଦୀର ପ୍ରାନ୍ତଭାଗରେ ସୁଦୀର୍ଘ ସମର ଫଳରୁ ଦକ୍ଷିଣ ଗ୍ରୀସରେ ଆତ୍ମପ୍ରାଧାନ୍ୟ ସ୍ଥାପନ କଲେ ।

ସ୍ପାର୍ଟାନ୍‌ମାନଙ୍କ ତୁଲ୍ୟ ଆଥେନ୍ସର ଅଧିବାସୀମାନେ ମଧ୍ୟ ପ୍ରସିଦ୍ଧିଲାଭ କଲେ । ଖ୍ରୀଷ୍ଟପ୍ରତିଲୋମ ଷଷ୍ଠ ଶତାବ୍ଦୀରେ ଜ୍ଞାନୀ ସୋଲନ ଆଥେନ୍ସର ବ୍ୟବସ୍ଥା ପ୍ରଣୟନ କରିଥିଲେ । ଏ ଅସିଆର ନାନାଦେଶ ପର୍ଯ୍ୟଟନ କରି ଅଭିଜ୍ଞତା ଲାଭ କରିଥିଲେ । ପରନ୍ତୁ ସ୍ପାର୍ଟାନ ଏବଂ ଅଧିବାସୀମାନେ ସମବେତ ହୋଇ ଖ୍ରୀଷ୍ଟପ୍ରତିଲୋମ ପଞ୍ଚମଶତାବ୍ଦୀର ପ୍ରାରମ୍ଭରେ ପ୍ରବଳ ପାରସିକମାନଙ୍କ ଆକ୍ରମଣରୁ ସ୍ୱଦେଶର ସ୍ୱାଧୀନତା ରକ୍ଷା କରିଥିଲେ । ସେନାପତି ମିଲଟିଏଡସ୍‌ଙ୍କ ଅଧୀନରେ ଅଧିବାସୀମାନେ ଖ୍ରୀଷ୍ଟପ୍ରତିଲୋମ ୪୯୦ ଅବ୍ଦରେ ମାରାଥନ ନାମକ ସ୍ଥାନରେ

ଦଶଗୁଣାଧିକ ପାରସ୍ୟସୈନ୍ୟଙ୍କୁ ଯୁଦ୍ଧରେ ପରାଜିତ କରିଥିଲେ । ଏହାର ଦଶବର୍ଷ ଉତ୍ତାରୁ ସେନାପତି ଲିଓନିଡାସ୍‌ଙ୍କ ଅଧୀନରେ ସ୍ପାର୍ଟାନମାନେ ଅଲୌକିକ ବୀରତ୍ୱ ପ୍ରଦର୍ଶନ କରି ଥର୍ମପଲି ନାମକ ଗିରିସଙ୍କଟରେ ପାରସ୍ୟସମ୍ରାଟ ଜରକ୍ସିସ୍‌ଙ୍କ ବିପୁଳବାହିନୀର ଗତିରୋଧ କଲେ । ଉକ୍ତ ବର୍ଷରେ ଆଥେନ୍ସର ନୌସେନାପତି ଥେମିଷ୍ଟକ୍ଲିସ୍ ସେଲାମିସ୍ ନାମକ ସ୍ଥାନରେ ନୌଯୁଦ୍ଧରେ ପାରସିକମାନଙ୍କୁ ପରାଜିତ କଲେ । ଜରକ୍ସିସ୍ ଗ୍ରୀସ ଭୂମି ପରିତ୍ୟାଗ କରି ସ୍ୱଦେଶକୁ ପ୍ରତ୍ୟାଗମନ କରିବାର ଏକବର୍ଷ ଉତ୍ତାରୁ ତାହାଙ୍କ ସେନାପତି ଯୁଦ୍ଧରେ ପରାଜିତ ହୋଇ ନିହତ ହେଲେ ।

ପାରସ୍ୟ ସମର ଉତ୍ତାରୁ ଆଥେନ୍ସ ଗ୍ରୀସ ମଧ୍ୟରେ ବିଦ୍ୟାଲୋଚନା ଓ ସଭ୍ୟତାର କେନ୍ଦ୍ରସ୍ଥଳୀ ହେଲା । କବି ପିଣ୍ଡାର, ଏସ୍କାଇଲସ୍, ସଫୋକ୍ଲିସ୍, ଇଉରିପାଇଡସ୍, ଏବଂ ଏରିଷ୍ଟୋଫେନ ସମସ୍ତେ ଖ୍ରୀଷ୍ଟପୂର୍ବାବ୍ଦ ପଞ୍ଚମ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ପ୍ରଥମ ଓ ଦ୍ୱିତୀୟ ଗ୍ରୀକ ଦାର୍ଶନିକ ଥେଲ୍ସ ଓ ପିଥାଗୋରସ୍ ଖ୍ରୀଷ୍ଟପୂର୍ବାବ୍ଦ ଷଷ୍ଠ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ ସତ୍ୟ, ମାତ୍ର ସର୍ବପ୍ରଧାନ ଗ୍ରୀକ ଦାର୍ଶନିକ ସକ୍ରେଟିସ ଖ୍ରୀଷ୍ଟପୂର୍ବାବ୍ଦ ୪୬୯ ଅବ୍ଦରେ ଆଥେନ୍ସ ସନ୍ନିକଟରେ ଜନ୍ମଗ୍ରହଣ କରିଥିଲେ । ତାହାଙ୍କ ଶିଷ୍ୟ ପ୍ଲେଟୋ ଖ୍ରୀଷ୍ଟପୂର୍ବାବ୍ଦ ୪୨୯ ଅବ୍ଦରେ ଏବଂ ପ୍ଲେଟୋଙ୍କ ଶିଷ୍ୟ ଏରିଷ୍ଟଟଲ ଖ୍ରୀଷ୍ଟପୂର୍ବାବ୍ଦ ୩୮୪ ଅବ୍ଦରେ ଜନ୍ମଗ୍ରହଣ କରିଥିଲେ । ଇତିହାସର ଜନ୍ମଦାତା ହିରୋଡୋଟସ୍ ଖ୍ରୀଷ୍ଟପୂର୍ବାବ୍ଦ ପଞ୍ଚମ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ଥେଲ୍ସ ଏବଂ ହୋମରଙ୍କ ତୁଲ୍ୟ ହିରୋଡୋଟସ୍ ଗ୍ରୀକ ଉପନିବେଶ ଏସିଆ ମାଇନରରେ ଜନ୍ମଗ୍ରହଣ କରିଥିଲେ । ଏହାଙ୍କ ପରବର୍ତ୍ତୀ ଇତିହାସଲେଖକ ଥୁସିଡାଇଡ୍ସ ଓ ଜେନୋଫନ୍ ଖ୍ରୀଷ୍ଟପୂର୍ବାବ୍ଦ ପଞ୍ଚମ ଶତାବ୍ଦୀରେ ଜୀବିତ ଥିଲେ । ସୁପ୍ରସିଦ୍ଧ ସ୍ଥପତି ଓ ଭାସ୍କର ଫିଡିଅସ୍ ଏହି ସମୟରେ ଜନ୍ମଗ୍ରହଣ କରିଥିଲେ । ଯେଉଁ ସମୟରେ

ଆଥେନ୍ସର ଏହି ଉତ୍କୃଷ୍ଟତମ ରତ୍ନମାନଙ୍କ ଆଲୋକରେ ଦଶଦିଗନ୍ତର ଆଲୋକିତ ହେଉଥିଲା ସେହି ସମୟରେ ରାଜନୀତିବିଶାରଦ ଗୁଣଗ୍ରାହୀ ବାଗ୍ମୀ ପେରିକ୍ଲିସ ଆଥେନ୍ସର ଶାସନଦଣ୍ଡ ପରିଚାଳନା କରୁଥିଲେ । ଗ୍ରୀସର ସର୍ବଶ୍ରେଷ୍ଠ ବାଗ୍ମୀ ଡିମସ୍ଥେନିସ୍ ଖ୍ରୀଷ୍ଟପ୍ରତିଲ୍ଲେମ ଚତୁର୍ଥ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ ।

ଗ୍ରୀସ ଭିନ୍ନ ଅନ୍ୟାନ୍ୟ ସଭ୍ୟଦେଶରେ ମଧ୍ୟ ଖ୍ରୀଷ୍ଟପ୍ରତିଲ୍ଲେମ ପଞ୍ଚମ ଓ ଷଷ୍ଠ ଶତାବ୍ଦୀରେ ମହାପୁରୁଷମାନେ ଜନ୍ମଗ୍ରହଣ କରି ଯୁଗାନ୍ତର ଉପସ୍ଥିତ କରିଥିଲେ । ଏହି ଷଷ୍ଠ ଶତାବ୍ଦୀରେ ଗୌତମ ଭାରତରେ ଏବଂ କନଫୁସିଅସ୍ ଚୀନରେ ଧର୍ମ ପ୍ରଚାର, ମିସରବାସୀ ଏହି ସମୟରେ ପ୍ରାଚୀନ ସାହିତ୍ୟ ସଂଗ୍ରହ ଏବଂ ଅଫ୍ରିକାର ଉପକୂଳ ପ୍ରଦକ୍ଷିଣ, ସାଇରସ୍ ପାରସ୍ୟ ସାମ୍ରାଜ୍ୟ ସ୍ଥାପନ, ଏବଂ ପ୍ରଥମ ଜେର୍କ୍ସସ୍ ଜୋରାଷ୍ଟରଙ୍କ ଧର୍ମଶାସ୍ତ୍ର ସଙ୍କଳନ କରିଥିଲେ । ଏହି ସମୟରେ ବାବିଲନର ଅଭ୍ୟୁଦୟ ହୋଇଥିଲା । ଖ୍ରୀଷ୍ଟପ୍ରତିଲ୍ଲେମ ୪୫୮ ଅବ୍ଦରେ ଇହୁଦିମାନଙ୍କ ଧର୍ମଶାସ୍ତ୍ର (ବାଇବେଲର ଅର୍ଦ୍ଧାଂଶ) ସଙ୍କଳିତ ହୋଇ ପୁସ୍ତକାକାରରେ ଲିପିବଦ୍ଧ ହେଲା ।

ଆଥେନ୍ସର ଏହି ଅଭାବନୀୟ ଉନ୍ନତି ଗ୍ରୀସର ଅନ୍ୟାନ୍ୟ ନଗରବାସୀମାନଙ୍କ, ବିଶେଷତଃ ସ୍ପାର୍ଟାନମାନଙ୍କ ଈର୍ଷାନଳରେ ଆହୁତି ପ୍ରଦାନ କଲା । ଖ୍ରୀଷ୍ଟପ୍ରତିଲ୍ଲେମ ୪୩୧ ଅବ୍ଦରେ ଆଥେନୀୟମାନଙ୍କ ସଙ୍ଗେ ସ୍ପାର୍ଟାନମାନଙ୍କ ବହୁବର୍ଷବ୍ୟାପୀ ଏକ ମହାସମର ଆରମ୍ଭ ହେଲା । ଏହା ଇତିହାସରେ ପିଲପନିସିଏନ ସମର ନାମରେ ଖ୍ୟାତ ଅଛି । ଏହି ସମର ଫଳରୁ ଆଥେନ୍ସ ସମସ୍ତ ଅଧିକାରଚ୍ୟୁତ ଓ ନତଶିର ହେଲା ।

ପିଲପନିସିଏନ ସମର ଫଳରୁ ସ୍ପାର୍ଟା ଗ୍ରୀସ ମଧ୍ୟରେ ସମଧିକ କ୍ଷମତାପନ୍ନ ହେବାରୁ ଗ୍ରୀସର ଅନ୍ୟାନ୍ୟ ନଗରବାସୀମାନେ ବିଦ୍ୱେଷପରବଶ ହେଲେ । ସ୍ପାର୍ଟାର ବିନାଶସାଧନ ଉଦ୍ଦେଶ୍ୟରେ ଆଥେନ୍ସ,

କରନ୍ଥ, ଅର୍ଗସ୍ ଓ ଥିବସ୍ ନଗରବାସିମାନେ ଖ୍ରୀଷ୍ଟପ୍ରତିଲ୍ଲେମ ୩୯୪ ଅବ୍ଦରେ ସମ୍ମିଳିତ ହୋଇ ବହୁବତ୍ସରବ୍ୟାପୀ ମହାସମରରେ ପ୍ରବୃତ୍ତ ହେଲେ । ଅବଶେଷରେ ଥିବସ୍‌ର ସେନାପତି ପିଲୋପିଡ୍ରାସ୍ ଓ ଇପା-ମିଣ୍ଡାନ୍ସଙ୍କ ଦ୍ୱାରା ସ୍ପାର୍ଟାର ପ୍ରାଧାନ୍ୟ ଲୁପ୍ତ ହେଲା । ଖ୍ରୀଷ୍ଟପ୍ରତିଲ୍ଲେମ ୩୭୧ ଅବ୍ଦରେ ଇପାମିଣ୍ଡାସ୍ ଏକାକୀ ସ୍ପାର୍ଟାର ସୈନ୍ୟମାନଙ୍କୁ ଲ୍ୟୁକଟ୍ରାର ଯୁଦ୍ଧ-ରେ ପରାଜିତ କରି ପରବର୍ଷ ସ୍ପାର୍ଟା ଅଧିକାର କରିବାକୁ ଉଦ୍ୟତ ହେଲେ । ସ୍ପାର୍ଟାର ପ୍ରାଧାନ୍ୟ ଲୁପ୍ତ ହେବାରୁ ଗ୍ରୀସରେ ଥିବସ୍‌ର ପ୍ରାଧାନ୍ୟ ସ୍ଥାପିତ ହେଲା ।

ପିଲୋପିଡାସ୍ ଥେସିଲି ଯୁଦ୍ଧରେ ଏବଂ ତାହାଙ୍କ ବନ୍ଧୁ ଇପାମିଣ୍ଡାସ୍ ତାହାର ଦୁଇବର୍ଷ ଉତ୍ତାରୁ ସ୍ପାର୍ଟାନମାନଙ୍କ ଯୁଦ୍ଧରେ ନିହତ ହେଲେ । ସ୍ପାର୍ଟାର ଅଧିପତି ଆଗେସିଲସ୍ ବହୁକାଳ ଥିବସ୍‌ମାନଙ୍କ ସଙ୍ଗେ ସମରରେ ବ୍ୟାପୃତ ଥିଲେ, ସେ ଏହି ସମୟରେ ମାନବଲୀଳା ସମ୍ବରଣ କଲେ । ଆଥେନ୍ସ, ସ୍ପାର୍ଟା, ଓ ଥିବସ୍ କ୍ରମଶଃ ସ୍ୱ ସ୍ୱ ପ୍ରାଧାନ୍ୟ ସ୍ଥାପନ କରି ପଶ୍ଚାତ୍ ପରସ୍ପର ସଙ୍ଗେ ପରସ୍ପର ସମର କରି ହୀନବଳ ହେବାରୁ ଉତ୍ତର-ଗ୍ରୀସାନ୍ତର୍ଗତ ପ୍ରବଳ ମାସିଡୋନମାନଙ୍କ କବଳରେ ପତିତ ହେଲେ ।

ମାସିଡୋନର ଅଧିପତି ଫିଲିପ୍ ଥେସେଲି ଅଧିକାର କରି ଅତଏବ ଦୁର୍ଦ୍ଦାନ୍ତ ହେଲେ । ସୁପ୍ରସିଦ୍ଧ ବାଗ୍ମୀଶ୍ରେଷ୍ଠ ଡିମସ୍ଥିନସ୍ ଫିଲିପଙ୍କ ବିପ-କ୍ଷରେ ସମଗ୍ର ଗ୍ରୀସକୁ ସମ୍ମିଳିତ କରିବାର ଚେଷ୍ଟା କରି ବିଫଳପ୍ରଯତ୍ନ ହେଲେ । ଫିଲିପ ଏବଂ ତାହାଙ୍କ ଜଗଦ୍ୱିଖ୍ୟାତ ପୁତ୍ର ଅଲେକଜାଣ୍ଡ-ରଙ୍କ ବାହୁବଳ ପ୍ରଭାବରେ ଗ୍ରୀକମାନେ କେରୋନିଅର ମହାଯୁଦ୍ଧରେ ପରାଜିତ ହେଲେ । ଏହି ଯୁଦ୍ଧରେ ଡିମସ୍ଥିନସ୍ ଫିଲିପଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଆଗମନ କରିଥିଲେ, ମାତ୍ର ପରାଜିତ ହୋଇ ଯୁଦ୍ଧ-କ୍ଷେତ୍ରରୁ ପଳାୟନ କଲେ । ସମସ୍ତ ଗ୍ରୀସ ମାସିଡୋନର ପ୍ରାଧାନ୍ୟ ସ୍ୱୀକାର କରି, ଫିଲିପଙ୍କୁ ପାରସ୍ୟାକ୍ରମଣ ନିମନ୍ତେ ସେନାପତିପଦରେ ବରଣ କଲେ । ଖ୍ରୀଷ୍ଟପ୍ରତିଲ୍ଲେମ ୩୩୬ ଅବ୍ଦରେ ଫିଲିପ ନିହତ

ହେବାରୁ ତାହାଙ୍କ ପୁତ୍ର ଆଲେକଜାଣ୍ଡର ଉକ୍ତ ସେନାପତିପଦ ଗ୍ରହଣ କଲେ ।

ଆଲେକଜାଣ୍ଡର ତିନି ମହାଯୁଦ୍ଧରେ ପାରସିକମାନଙ୍କୁ ପରାଜିତ କରି ପାରସ୍ୟ ଅଧିକାର କଲେ । ପାରସ୍ୟ ଅଧିକାର କରିବାରୁ ଆଲେକଜାଣ୍ଡରଙ୍କ ୭ ବର୍ଷ ଅତିବାହିତ ହେଲା । ତାହା ଉତ୍ତାରୁ ସେ ମିସର ଜୟ କରି ତଦନନ୍ତର ଭାରତାକ୍ରମଣ କଲେ । ଆଲେକଜାଣ୍ଡରଙ୍କ ଭାରତରୁ ପାରସ୍ୟକୁ ପ୍ରତ୍ୟାଗମନର ଅଳ୍ପଦିନ ଉତ୍ତାରୁ ମୃତ୍ୟୁ ହେଲା । ଏହା ଉତ୍ତାରୁ ଗ୍ରୀସର ଅଧିବାସିମାନେ ଦୁଇ ପକ୍ଷରେ ବିଭକ୍ତ ଏବଂ ପରସ୍ପର ପରସ୍ପର ସଙ୍ଗେ ବିବାଦରେ ପ୍ରବୃତ୍ତ ହୋଇ କ୍ରମଶଃ ହୀନବଳ ହେଲେ । ଏକପକ୍ଷ ପରାକ୍ରାନ୍ତ ରୋମକମାନଙ୍କ ସାହାଯ୍ୟପ୍ରାର୍ଥୀ ହେବାରୁ ରୋମକମାନେ ପ୍ରଥମ ବିପକ୍ଷମାନଙ୍କୁ ପଶ୍ଚାତ୍ ସ୍ୱପକ୍ଷମାନଙ୍କୁ ପରାଜୟ କରି ସମଗ୍ର ଗ୍ରୀସ ସ୍ୱାଧୀକାରଭୁକ୍ତ କଲେ । ରୋମକମାନେ ଗ୍ରୀସର ଏକ ପ୍ରଦେଶରୁ ଦେଢଲକ୍ଷ ଅଧିବାସିଙ୍କୁ ଦାସସ୍ୱରୂପେ ବିକ୍ରୟ କରିଥିଲେ । ରୋମସାମ୍ରାଜ୍ୟର ପତନ ଉତ୍ତାରୁ ଗ୍ରୀସ ମଣ୍ଡଳମାନ ତୁର୍କମାନଙ୍କ ଅଧିକାରଭୁକ୍ତ ହେଲା । ଅବଶେଷରେ ଖ୍ରୀଷ୍ଟ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଇଂଲଣ୍ଡ ରୁଷିଆ ପ୍ରଭୃତିର ସମବେତ ରାଜନୀୟମଣ୍ଡଳୀ, ତୁରସ୍କର ଅଧୀନତାପାଶରୁ ଗ୍ରୀସକୁ ମୁକ୍ତ କରି ସ୍ୱାଧୀନତା ପ୍ରଦାନ କରିଅଛନ୍ତି । ବହୁଶତାବ୍ଦୀର ପରାଧୀନତା ଉତ୍ତାରୁ ଗ୍ରୀକମାନେ ବର୍ତ୍ତମାନ ଶନୈଃ ଶନୈଃ ଉନ୍ନତିସୋପାନରେ ଆରୋହଣ କରୁଅଛନ୍ତି ।

——:O:——

ଋଷି ଓ ଅଲେକଜାଣ୍ଡର ।

ଗ୍ରୀକବୀର ଅଲେକଜାଣ୍ଡର ବା ସେକେନ୍ଦର ଭାରତଯୁଦ୍ଧରେ ଜୟଲାଭ କରି * ଭାରତୀୟ ରାଜନୈତିକ, ସାମାଜିକ ଏବଂ ଭୌଗୋଳିକ ତତ୍ତ୍ୱ ସଂଗ୍ରହ କରିବାରେ ପ୍ରବୃତ୍ତ ହେଲେ । ସେ ଶୁଣି ପାରିଲେ ଯେ, ଏତଦ୍ଦେଶରେ "ଋଷି" ନାମକ ଧ୍ୟାନପରାୟଣ ଏକ ଶ୍ରେଣୀର ଲୋକ ଅଛନ୍ତି, ଯେଉଁମାନେ ସଂସାରର ବିଷୟରୁ ବିରତ ହୋଇ ପର୍ବତଗୁହା ବା ନିର୍ଜନ ଅରଣ୍ୟରେ ଲୋକଚକ୍ଷୁର ଅଗୋଚରରେ ବାସ କରି ଈଶ୍ୱରସାଧନାରେ ସର୍ବଦା ନିମଗ୍ନ ଥାନ୍ତି । ଏପରି କୌଣସି ଋଷିଙ୍କି ଦେଖିବା ପାଇଁ ଅଲେକଜାଣ୍ଡର ଅଗ୍ରହାନ୍ୱିତ ହେଲେ । ସେ ଶ୍ରୁତି-ପରମ୍ପରାରେ ଜାଣି ପାରିଲେ ଯେ, ଅଦୂରରେ ଅରଣ୍ୟ ମଧ୍ୟରେ ଦନମୀସ୍ ନାମକ ଜଣେ ଋଷି ବାସ କରୁଅଛନ୍ତି । ଅଲେକଜାଣ୍ଡର ସ୍ୱୀୟ ଅନୁଚର ଓନେସିକ୍ରିଟାସ୍ ନାମକ ଦାର୍ଶନିକ ପଣ୍ଡିତଙ୍କୁ ଉକ୍ତ ଋଷିଙ୍କି ଆନୟନ କରିବା ନିମିତ୍ତ ପ୍ରେରଣ କଲେ ।

ଓନେହିକ୍ରିଟାସ୍ ଋଷିଙ୍କ ଆଶ୍ରମରେ ଉପସ୍ଥିତ ହୋଇ ଗ୍ରୀକସଜକର୍ମି-ସ୍ପୃହାସୁଲଭ ଗର୍ବିତସ୍ୱରରେ କହିଲେ—"ଜୁପିଟରଦେବଙ୍କ ପୁତ୍ର, ସମସ୍ତ ମାନବମଣ୍ଡଳୀର ଈଶ୍ୱର, ଆପଣଙ୍କୁ ତାଙ୍କ ନିକଟକୁ ଯିବା ନିମିତ୍ତ ଆଦେଶ କରୁଅଛନ୍ତି । ଆପଣ ରାଜସମୀପରେ ଉପସ୍ଥିତ ହେଲେ ଯଥୋଚିତ ଧନରତ୍ନ ପାଇବେ । ଉପସ୍ଥିତ ନ ହେଲେ, ଆପଣଙ୍କର ଶିରଚ୍ଛେଦ ହେବ ।"

ଜଣେ ଦ୍ୱିଭାଷୀ ଓନେସିକ୍ରିଟାସ୍‌ଙ୍କ ଏହି ସବୁ କଥା ଋଷିଙ୍କି ବୁଝାଇ ଦେଲେ । ଋଷିପ୍ରବର ଓନେସିକ୍ରିଟାସ୍‌ଙ୍କ ପ୍ରତି ଦୃଷ୍ଟିପାତ କରି କହିଲେ—"ଅଲେକଜାଣ୍ଡର କ ନିମନ୍ତେ ଏତେଦୂର ଆସିଅଛନ୍ତି ?" ଋଷିଙ୍କ ଶାନ୍ତୋଜ୍ଜ୍ୱଳ କଟାକ୍ଷପାତ ଏବଂ ବାକ୍ୟର ଗାମ୍ଭୀର୍ଯ୍ୟ ଅନୁଭବ କରି ଓନେସିକ୍ରିଟାସ୍ ସ୍ତମ୍ଭିତ ହେଲେ ।

* ୩୨୭ ଖ୍ରୀଷ୍ଟାବ୍ଦ ପୂର୍ବେ ଅଲେକଜାଣ୍ଡର ଭାରତ ଆକ୍ରମଣ କରିଥିଲେ ।

ଋଷି କହିଲେ,—"ଜଗତ୍ପତି ଜଗଦୀଶ୍ୱର ଅମଙ୍ଗଳର କଦାଚ ନୁହନ୍ତି, ସେ ତେଜ, ଜଳ, ଦେହ, ଜୀବନ ଏବଂ ଆତ୍ମାକୁ ସୃଷ୍ଟି କରିଅଛନ୍ତି । ଯେତେବେଳେ ମୃତ୍ୟୁ ଏହି ସବୁକୁ ଛିନ୍ନଭିନ୍ନ କରିଦିଏ, ତେତେବେଳେ ସେ ତାହା ପୁନର୍ବାର ଗ୍ରହଣ କରନ୍ତି । ସେ କୌଣସି ପ୍ରକାର ଅମଙ୍ଗଳ ବାଞ୍ଛା କରନ୍ତି ନାହିଁ । ସେହି ଏକମାତ୍ର ସର୍ବଶକ୍ତିମାନ୍ ପରମେଶ୍ୱର ଆମ୍ଭର ଈଶ୍ୱର । ସେ କୌଣସି ଜୀବକୁ ଅତ୍ୟାଚାରରେ ଖଣ୍ଡଖଣ୍ଡ କରନ୍ତି ନାହିଁ କିମ୍ବା ଯୁଦ୍ଧକ୍ଷେତ୍ର ଜୀବରୁଧିରରେ ପ୍ଲାବିତ କରନ୍ତି ନାହିଁ ।"

"ଅଲେକ୍‌ଜାଣ୍ଡର ଜନ୍ମମୃତ୍ୟୁର ଅଧୀନ, ଜଣେ ସାମାନ୍ୟ ମନୁଷ୍ୟ । ସେ ଅଦ୍ୟ ପର୍ଯ୍ୟନ୍ତ ଏହି ପୃଥିବୀକୁ ସୁଦ୍ଧା ଏକଚ୍ଛତ୍ର ଅଧୀନ କରି ପାରି ନାହାନ୍ତି । ଏହି ଦେଖ, ଆକାଶରେ ଅନନ୍ତ ଗ୍ରହ ଉପଗ୍ରହ ଭ୍ରାମ୍ୟମାନ ରହିଅଛି, ଯେଉଁଠାରେ ଅଲେକ୍‌ଜାଣ୍ଡରଙ୍କର ପଦମାତ୍ର କ୍ଷମତା ନାହିଁ । ସେ "ସମସ୍ତ ମାନବମଣ୍ଡଳୀର ଈଶ୍ୱର" ଏହି ଅନୃତବାକ୍ୟ ତାଙ୍କର ଅନୁଗତ ସ୍ତୁତିପରାୟଣ ଲୋକର ମୁଖରେ ଶୋଭା ପାଏ ।"

"ଅଲେକ୍‌ଜାଣ୍ଡର ଆମ୍ଭଙ୍କୁ ଯେ ସବୁ ପଦାର୍ଥ ଦେବାକୁ ଇଚ୍ଛା କରୁଅଛନ୍ତି, ସେଥିରେ ଆମ୍ଭର କୌଣସି ପ୍ରୟୋଜନ ମଧ୍ୟ ନାହିଁ । ଜୀବନଧାରଣ ପାଇଁ ଆମ୍ଭର ଯାହା ପ୍ରୟୋଜନ, ତାହା ଏହି ଗୃହର ଚତୁଷ୍ପାର୍ଶ୍ୱରେ ପ୍ରଚୁର ପରିମାଣରେ ରହିଅଛି । ଅଲେକ୍‌ଜାଣ୍ଡର ଆମ୍ଭଙ୍କୁ ଯେଉଁ ସବୁ ଦ୍ରବ୍ୟ ପ୍ରଦାନ କରିବେ ବୋଲି ପ୍ରଲୋଭନ ଦେଖାଇଅଛନ୍ତି, ସେହି ସବୁ ପଦାର୍ଥ ନେଇ ସେ ତୃପ୍ତିଲାଭ କରନ୍ତୁ । ବନରେ ଫଳ ଓ କନ୍ଦମୂଳ ଅଛି, ସ୍ରୋତସ୍ୱତୀରେ ସୁନିର୍ମଳ ପାନୀୟ ଅଛି, ଆମ୍ଭର କିଛି ଅଭାବ ନାହିଁ । ପୃଥିବୀ ମାତା ତୁଲ୍ୟ ସବୁ ଯୋଗାଉଅଛନ୍ତି । ଆମ୍ଭେ ଯଥେଚ୍ଛା ବିଚରଣ କରୁ । ଏ ଜଗତରେ ଏପରି କୌଣସି ପଦାର୍ଥ ନାହିଁ, ଯାହା କି ଆମ୍ଭଙ୍କୁ ଆମ୍ଭର ଇଚ୍ଛା ବିରୁଦ୍ଧରେ ନେଇ ଯାଇ ପାରିବ ।"

"ଆମ୍ଭେ ଅଲେକଜାଣ୍ଡରଙ୍କର ଆଦେଶ ପ୍ରତିପାଳନ କଲୁଁ ନାହିଁ ବୋଲି, ସେ ଯେବେ ଆମ୍ଭର ମସ୍ତକ ଛେଦନ କରନ୍ତି, ତହିଁରେ ବା ଦୁଃଖ କଣ ? ମୃତ୍ୟୁ ହେଲେ କଷ୍ଟଯୁକ୍ତ ହେବ । ଅସାର ଶରୀର ଧ୍ୱଂସ ହେବ; କିନ୍ତୁ ଅବିନାଶୀ ଆତ୍ମାର ଧ୍ୱଂସ ନାହିଁ । ଆମ୍ଭର ଜିହ୍ୱା ନୀରବ ହେବ, କିନ୍ତୁ ଆମ୍ଭର ଆତ୍ମା ପଞ୍ଚଭୂତକୁ ଛିନ୍ନବସ୍ତ୍ର ପରି ଏହି ମାଟିର ଦେହକୁ ମାଟିରେ ପକାଇ ଦେଇ ପରବ୍ରହ୍ମ ନିକଟକୁ ଗମନ କରିବ । ଆମ୍ଭର କ୍ଷୀଣଜ୍ୟୋତି ଜ୍ୟୋତିର୍ମୟଙ୍କ ସହିତ ମିଳିତ ହେବ । ଯେଉଁମାନେ ମୃତ୍ୟୁକୁ ଭୟ କରନ୍ତି, କିମ୍ବା ଧନରତ୍ନର ଅଭିଳାଷୀ, ଅଲେକଜାଣ୍ଡର ସେମାନଙ୍କୁ ଭୟ ଓ ପ୍ରଲୋଭନ ଦେଖାଇ ପାରନ୍ତି । କିନ୍ତୁ ତାହାଙ୍କ ଅସି ଏବଂ ଧନ ଆମ୍ଭର କିଛି କରି ପାରିବ ନାହିଁ । ତୁମ୍ଭେ ଅଲେକଜାଣ୍ଡରଙ୍କୁ ଯାଇ କହ,—"ଦନ୍ଦମୀଶ ତୁମ୍ଭ ନିକଟକୁ ଆସିବାକୁ ପ୍ରସ୍ତୁତ ନୁହେ । ତୁମ୍ଭର କୌଣସି ପ୍ରୟୋଜନ ଥିଲେ, ତୁମ୍ଭେ ତାଙ୍କ ନିକଟକୁ ଯାଇ ପାର । ଆଉ ଏହା ମଧ୍ୟ କହ, ଜଗଦୀଶ୍ୱରଙ୍କ ନିକଟରେ ଅବଶ୍ୟ ଶୁଭାଶୁଭ କର୍ମର ବିଚାର ହେବ । ବିଚାର ସମୟରେ ଉଦ୍ଧତପ୍ରକୃତି ଦୁର୍ବୃତ୍ତମାନଙ୍କୁ ଅବଶ୍ୟ ଦୁଷ୍କର୍ମର ଦଣ୍ଡଭୋଗ କରିବାକୁ ହେବ ।"

ଓନିସିକ୍ରିଟାସ ଋଷିମୁଖନିସୃତ ସମୁଦାୟ କଥା ଅଲେକଜାଣ୍ଡରଙ୍କୁ ଯାଇ କହିଲେ । ଋଷି ଆଦେଶ ଅମାନ୍ୟ କରିଅଛନ୍ତି ବୋଲି ଦଣ୍ଡାଜ୍ଞା ପ୍ରଦାନ କରିବାକୁ ଅଲେକଜାଣ୍ଡରଙ୍କର ସାହସ ହେଲା ନାହିଁ । ସେ ସ୍ୱୟଂ ପାରିଷଦବର୍ଗ ସହ ଦନ୍ଦମୀଶଙ୍କ ତପୋବନରେ ଉପସ୍ଥିତ ହୋଇ ସାକ୍ଷାତ କଲେ । ଋଷିଙ୍କି ଗ୍ରୀସ ଦେଶକୁ ନେଇ ଯିବା ନିମିତ୍ତ ଅଲେକଜାଣ୍ଡର ଅନେକ ସ୍ତୁତି ମିନତି କଲେ; କିନ୍ତୁ ଋଷି ଘୃଣାର ସହିତ ଏହି ସ୍ୱାର୍ଥମୟ ପ୍ରସ୍ତାବରେ ଅସମ୍ମତ ହେଲେ ।

ମହାବୀର ଅଲେକଜାଣ୍ଡର ସ୍ୱଦେଶରେ ଆଉ ଜଣେ ସାଧୁଙ୍କ ନିକଟରେ ଏହିପରି ଅପ୍ରତିଭ ହୋଇଥିଲେ । ସେହି ସାଧୁଙ୍କ ନାମ

ଡାୟୋଜେନିସ୍ । ଦିନେ ଅଲେକଜାଣ୍ଡର ତାହାଙ୍କ ନିକଟରେ ଉପ-ସ୍ଥିତ ହୋଇ କହିଲେ,—"ଆପଣଙ୍କର ଯ ଅଭାବ ଅଛି କହନ୍ତୁ, ଅଲେକଜାଣ୍ଡର ଏହିକ୍ଷଣି ତାହା ପୂର୍ଣ୍ଣ କରି ଦେବାକୁ ପ୍ରସ୍ତୁତ ଅଛନ୍ତି ।" କଠୋରସ୍ୱାଧୀନଚିତ୍ତ ଡାୟୋଜେନିସ ସେତେବେଳେ କୁଟିରର ପ୍ରାନ୍ତଭାଗରେ ସୂର୍ଯ୍ୟାଲୋକରେ ଉପବିଷ୍ଟ ଥିଲେ । ଅଲେକ-ଜାଣ୍ଡର ତାହାଙ୍କ ନିକଟରେ ଦଣ୍ଡାୟମାନ ହେବାରୁ ଆଲୋକର ଗତି ରୋଧ ହୋଇଥିଲା । ଡାୟୋଜେନିସ କହିଲେ,—"ତୁମ୍ଭଠାରେ ଆମ୍ଭର ଅନ୍ୟ ପ୍ରାର୍ଥନା କିଛି ନାହିଁ, କେବଳ ଏହାହିଁ ପ୍ରାର୍ଥନା ଯେ, ତୁମ୍ଭେ ଟିକିଏ ଘୁଞ୍ଚି ଠିଆ ହୁଅ, ଆମ୍ଭେ ନିର୍ବିଘ୍ନରେ ରୌଦ୍ର ଉପଭୋଗ କରୁଁ ।

କବିତାଂଶର ଟୀକା ।

—○*○—

ଊଷା ବର୍ଣ୍ଣନା ।

କଳ୍ପଳପତ୍ରିର ପ୍ରବନ୍ଧ ନିଃସ୍ୱନ—ଊଷାକାଳରେ ସଙ୍ଗୀତକାରୀ ପକ୍ଷିମାନଙ୍କ ମଧ୍ୟରେ ଏହି ପକ୍ଷୀ ସର୍ବପ୍ରଥମ ରବ କରେ ।

ପ୍ରାଚୀନଭ—ପୂର୍ବାକାଶ ।

ଅଗ୍ନକଳୀ—ପୂର୍ବାକାଶର ଉଦୟସ୍ଥାନରେ ଉଦୟପୂର୍ବ ସୂର୍ଯ୍ୟ କିରଣ ଗାଡ଼ି ଚକ୍ରର ଅରମାନଙ୍କତୁଲ୍ୟ ଦୃଷ୍ଟ ହୁଏ ।

ଖଚର—ଦ୍ୱିଜ ।

କୌଶିକ—ପେଚକ, ଯାହାକୁ ଲୋକେ ଲକ୍ଷ୍ମୀପେଚା କହନ୍ତି ।

ତୌର୍ଯ୍ୟତ୍ରିକ—ନୃତ୍ୟ ଗୀତ ବାଦ୍ୟ ।

ପ୍ରଦୋଷ ବର୍ଣ୍ଣନା ।

ସମୀରହେଳା—ପବନଦ୍ୱାରା ଆନ୍ଦୋଳିତ ।

ଗୋଧୂଳିଗଗନ—ଗୋଧୂଳି ଅର୍ଥାତ୍ ସୂର୍ଯ୍ୟାସ୍ତସମୟର ଆକାଶ ।

ବାରୁଣୀଦର୍ପଣ—ପଶ୍ଚିମଦିଗ-ଦର୍ପଣ ।

ଅମରତରଙ୍ଗ—ଚରମତରଙ୍ଗ ।

ଶୁକ୍ତିତାରକଖଚସୈକତବେଳେ—ଆକାଶ ଯେପରି ତାରକାଦ୍ୱାରା ଶୋଭିତ ହୋଇଥାଏ, ବାଲୁକାମୟ ଉପକୂଳ ସାମୁକାଦ୍ୱାରା ସେହିପରି ଶୋଭିତ ।

ଚୂଡ଼ାଙ୍କ—ତୃଣଫଳବିଶେଷ ।

ତରଙ୍ଗଦୃଷ୍ଟାଣି—ଚଞ୍ଚଳଦୃଷ୍ଟି ।

ବର୍ଷା ।

ଶିଳାବନ୍ଧୁର-କ୍ଷେପେ—ଉଚ୍ଚ-ନୀଚ ପ୍ରସ୍ତରମୟ ଶଯ୍ୟାରେ ।

ଝର-ଶିଖର—ଝରକୂଳ ଶିଖର-ଯୁକ୍ତ

ମେଦୁର—ସ୍ନିଗ୍ଧ, ଚିକ୍କଣ ।

ବିତାନ—ଆକାଶ ।

ଜୀବନ—ଜଳ ।

ଚପଳା—ବିଜୁଳି, ଅସ୍ଥିର ।

ଅମ୍ବୁଦ—ମେଘ ।

କୋଟି—ଧନୁର ଅଗ୍ରଭାଗ ।

ତ୍ରିବର୍ଣ୍ଣ-ଜ୍ୟୋତିଃସ୍ରୋତ—ତିନି ବର୍ଣ୍ଣର ଜ୍ୟୋତିଧାରା ।

ଜୀମୂତ-ଜାଲ—ପର୍ବତଲଗ୍ନ ।

ଶକ୍ର-କାର୍ମୁକ—ଇନ୍ଦ୍ରଧନୁ ।

ସାତ୍ତ୍ୱିକ ଗୁଣ—ଯେଉଁ ଗୁଣ ଥିଲେ ମନରେ ସତ୍ୟ ଜ୍ଞାନ ଧର୍ମ ଭକ୍ତି ମହତ୍ତ୍ୱ ପବିତ୍ରତା ପ୍ରଭୃତି ଜନ୍ମଇ ।

ସ୍ୱଚ୍ଛନ୍ଦ-ଚାରୀ—ସ୍ୱେଚ୍ଛାଚାରିଣୀ ସ୍ତ୍ରୀ ।

କୋକ—ଚକ୍ରବାକ ।

ଊଷର—ଲୁଣାଭୂମି ।

ଗୁପ୍ତ—ଲୁଚିତ ।

— ✻ —

ଚୌରଙ୍ଗଙ୍କ ଶିବିର ବର୍ଣ୍ଣନା ।

ଶିବିର—ଛାଉଣି ।

ପ୍ରଦୋଷ—ସନ୍ଧ୍ୟା ।

ବାଦିତ୍ର—ବାଜଣା ।

ସୌରକର—ସୂର୍ଯ୍ୟକିରଣ ।

ଉପଳ—ନଦୀର ମଧ୍ୟସ୍ଥିତ ଶିଳାଖଣ୍ଡମାନ ।

ସ୍କନ୍ଧାବାର—ଶିବିର, ଛାଉଣି ।

— ୦ —

ଚନ୍ଦ୍ରାଲୋକରେ ନାଠଯୋଗୀ ସ୍ୱର ।

ଉଜାଳନ୍ତି...ଫଣାମଣି—ଯଦି ଫଣିପତି ଫଣାମଣି ଉଜାଳନ୍ତି ଅନ୍ଧକାର ଭେଦିଣ ଉର୍ଦ୍ଧ୍ୱେ ଉଠେ ଅର୍ଥାତ୍ ଉଠଇ କି ?

ପାପୀହୃଦେ—ପାପୀ ହୃଦୟ ଏବଂ ପର୍ବତକନ୍ଦରରୁ ଅନ୍ଧକାର କଲୁଷ ହୁଏ ନାହିଁ ।

ଜ୍ୟୋତିଷ୍ପୁର—ଜ୍ୟୋତିଷ୍ପ୍ରବାହ ବା ସମୂହ ।

—୫—

ଶରତ୍ ।

କାନ୍ତି-ବାସ—ଜ୍ୟୋତିର୍ବସନ ।

ଜରଠ—ବୃଦ୍ଧା ।

ଖରରଶ୍ମି-କିରଣ—ସୂର୍ଯ୍ୟକିରଣ-

ସାତ୍ତ୍ୱିକ—ସତ୍ତ୍ୱଗୁଣଯୁକ୍ତ ଲୋକ ।

ହଂସ—ହଂସ ।

ଅବିଦ୍ୟା—ଅଜ୍ଞାନ, ମାୟା ।

ଛାୟାପଥ—ଆକାଶର ଶୁଭ୍ର ନକ୍ଷତ୍ରପୁଞ୍ଜ ଅଂଶବିଶେଷ, ଯାହା ଅତି ସୂକ୍ଷ୍ମ ଶୁଭ୍ରମେଘଖଣ୍ଡର ଲମ୍ବ-ରେଖା ପରି ଦକ୍ଷିଣୋତ୍ତରଭାବରେ ନିର୍ମଳ ଆକାଶରେ ଦେଖାଯେ ,

ବେଶାଯାଏ, ସେତେବେ ଯାହାକୁ ଆକାଶବାଣୀ କହନ୍ତି ।

ଜ୍ୟୋତିଷ୍କବର୍ଗ—ଜ୍ୟୋତିର୍ମୟ ଗ୍ରହ ନକ୍ଷତ୍ର ଦିର ଅନେକ ।

ବଙ୍ଗ-ଦେବାଙ୍ଗିନୀ—ସଂସାରଦୀପ୍ତି-କାରିଣୀ ।

ଦିବ୍ୟଧୂପଦିମାଳିନୀ—ଦିବ୍ୟ-ଅନେକମାଳାଧାରିଣୀ ।

ପରଜ୍ୟୋତି—ଭଗବାନ୍ ।

ପୁଟନ—ଘର, ଠର ।

କୁଟ୍ଟନକା—କୁଟ୍ଟିନି ।

ବସନ୍ତ ବର୍ଣ୍ଣନା ।

ଆତ ଇନ୍ଦ୍ରଧନୁବର୍ଣ୍ଣେ—ଇନ୍ଦ୍ର-ଧନୁବର୍ଣ୍ଣରେ ଆନ କହୁଥିଲ ପର ଦିଶୁଛନ୍ତି ।

ସ୍କନ୍ଧରୁ ପୁଷ୍ପିତ—ଜୁଆଅଟା ବୃକ୍ଷ କାଣ୍ଡରୁ ପୁଷ୍ପିତ ହୁଏ ।

ସ୍ୱର୍ଣ୍ଣଦୀ—ମନ୍ଦାକିନୀ, ଆକାଶ-ଗଙ୍ଗା ।

କଟୁଳ—ହିଞ୍ଜଳ । ଏହାର ଫୁଲ ଲାଲ ।

କିଂଶୁକ—ପଳାଶ । ଶୁକପକ୍ଷୀ ତୁଣ୍ଡ ତୁଲ୍ୟ ହେବାରୁ କିଂଶୁକ ନାମ ହୋଇଅଛି ।

ପଥିକ—ବୈଦେଶିକ ।

ତିନ୍ଦୁକ—ଗବ ବା କେନ୍ଦୁ ଗଛ

ଅଲଠ—ସଜଚନ୍ଧବିଶେଷ ।

ପଥିକଧୈର୍ଯ୍ୟବାଭଙ୍ଗୀ—ବିର-ହିଙ୍କର ଧୈର୍ଯ୍ୟନଷ୍ଟକାରିଣୀ ।

ଗଙ୍ଗେଶ୍ୱର ଦେବଙ୍କ ବିଭବ ବର୍ଣ୍ଣନା ।

ଉପାନ୍ତ—ଉପହାର, ଭେଟ ।

ଶୁଭ୍ରକୋଳେ—ବାଲୁକାମୟ ହେତୁ ଶୁଭ୍ରବର୍ଣ୍ଣ ନଦୀଷପାରେ ।

ଶିଞ୍ଜା—ଶବ୍ଦକାରିଣୀ ।

ତରଙ୍ଗ—ଢିଚା ।

ଉଶୀର—ବେଣାଚେର ।

ଅଞ୍ଜନାଭ—କୃଷ୍ଣବର୍ଣ୍ଣ ।

ଶୈବାଳ—ଭୁଶଠାଳିଆ, ବାଲୁ-ଙ୍ଗାଥାନ ।

ମକରଧ୍ୱଜବାନ—ପ୍ରମୋଦୋ-ଦ୍ୟାନ ।

କାଳ ସର୍ବଗ୍ରାସୀ ।

ଅଭ୍ରଭସ୍ମ ଯାଇ—ଶୀତଳର କାର୍ଯ୍ୟ କର ।

କଳିକଲୁଷ-ପର୍ବତ-ପକ୍ଷ—କଳିଯୁଗର-ପାପ-ପର୍ବତକୁ ବଜ୍ରାସ

କଟକା ଓଷ୍ୟରେ ହିନ୍ଦୁମତରେ କନ୍ଦ୍ରସ୍ଥିତ ଜଗନ୍ନାଥଦେବ ମନ୍ଦିର ।

ପାଷାଣଭେଦୀ—ପ୍ରସ୍ତରବିଦୀର୍ଣ୍ଣରେ ଜନ୍ମିବା ଗୁଳ୍ମବିଶେଷ ।

କୃମିତଗୁଚ୍ଛାଳି—ଭୁଡ଼ିଆଣି-ବସା ।

ଏବେ ସେହି ଦୁର୍ଗ......

ତାତ୍ପ—ଏହି ପଦ୍ୟଟି ଗଙ୍ଗେଶ୍ୱର ଦେବଙ୍କ ସମୟକୁ ଉଲ୍ଲେଖ କରି ଲିଖିତ ହୋଇଅଛି । ସେହି ସମୟରେ ପ୍ରାଚୀନ ଚଉଦୁଆରର ଦୁର୍ଗର ଭଗ୍ନାବସ୍ଥା ଉପସ୍ଥିତ ହୋଇଥିଲା ।

ନିର୍ବିଶେଷ—ସମାନଭାବରେ

କାଳସ୍ୱଣ—ଯମ, ମୃତ୍ୟୁ ।

ଦଗ୍ଧି କ୍ଷୟ ବାଞ୍ଛା—ଦେଶକ୍ଷୟ ଛଳନା ।

ମସ୍ତରୀ—ହିଂସାକାରୀ ।

ଚିଲ୍କାହ୍ରଦ ।

ଛରଯକତର—ତରଶାଖା ।

ମୁଖର—ଶବ୍ଦାୟମାନ ।

ଶ୍ୱେତପ୍ରାସାଦ—ଶୁକ୍ଳବର୍ଣ୍ଣ ଅଟ୍ଟାଳିକା ।

ନିକ୍ୱଣ—ଧ୍ୱନି ।

ଶୁକ୍ତି—ଶାମୁକା ।

ଶଲ୍କାବୃତ-ବପୁ—କାତିରେ ଆବୃତ ଦେହ ।

କଷବଦ୍ଧଷଣ୍ଡ—କଷଲଗ୍ନ ଦଣ୍ଡ ।

କମଳାବିଳାସଭୂମି—ଲକ୍ଷ୍ମୀଙ୍କର କ୍ରୀଡ଼ାଭୂମି ।

ପୁଗ—ଗୁଆ ।

ବସନ୍ତ-ବିଭବ-ବିକାଶୀ—ବସନ୍ତ ସମ୍ପଦ-ପ୍ରକାଶକାରୀ ବା ଯେ ବସନ୍ତ କାଳରେ ସମ୍ପଦକୁ ପ୍ରକାଶ କରେ ଅର୍ଥାତ୍ ବସନ୍ତକାଳରେ ପୁଷ୍ପିତ ।

ଜଳଦ-ଡମ୍ବର-ବିଳାସୀ—ମେଘାଡମ୍ବର ସମୟରେ କ୍ରୀଡ଼ାକାରୀ ଅର୍ଥାତ୍ ବର୍ଷାକାଳରେ ପ୍ରସ୍ଫୁଟିତ ।

ଶ୍ରୀଫଳ—ବେଲ ।

ଚଳଦଳ—ଚଞ୍ଚଳପତ୍ର ।

ପିପ୍ପଳ—ଅଶ୍ୱତ୍ଥ ।

ଶ୍ୟେନ—ବାଜପକ୍ଷୀ ।

ମଣ୍ଡପ-କପାଳ—ମଣ୍ଡପର ଚନ୍ଦୁଆ ପର ।

ଉପକଣ୍ଠ—ସମୀପ ।

ଚଷକ—ମଦ୍ୟପାନପାତ୍ର ।

ମଧୁପ—ଭ୍ରମର, ମଦ୍ୟପାୟୀ ।

କର୍ଣ୍ଣପୂର—କର୍ଣ୍ଣଭୂଷଣ ।

ଅମଳ-କପୋଳ—ନିର୍ମଳ ଗଣ୍ଡସ୍ଥଳ ।

ବୈଦୂର୍ଯ୍ୟ—କୃଷ୍ଣପୀତବର୍ଣ୍ଣ ମଣି-ବିଶେଷ ।

କିରୀଟ—ମୁକୁଟ ।

ମରକତ—ହରିତ୍‌ବର୍ଣ୍ଣ ମଣିବିଶେଷ ।

ପଦ୍ମରାଗ—ରକ୍ତବର୍ଣ୍ଣ ମଣିବିଶେଷ ।

ରକ୍ତବୀଜର ପରିଣାମ ।

ପଶୁପତି—ଶମ୍ଭୁ ।

ଉର୍ଦ୍ଧ୍ୱସ୍ୱନ—ଚେଚଧ୍ୱନି, ଚଳବାଜ ।

ପ୍ରଚ୍ଛନ୍ନ—ଗୁପ୍ତ, ଅଚ୍ଛାଦିତ ।

ତମୋଗୁଣ—ଯେଉଁ ଗୁଣର ଅଧିକ୍ୟ ହେତୁ ମନୁଷ୍ୟ କାମ କ୍ରୋଧାଦି ନୀଚବୃତ୍ତିର ବଶୀଭୂତ ହୁଏ ।

ଆୟୁଧ-ପିଶାଚୀ—ପିଶାଚ ତୁଲ୍ୟ ଅସ୍ତ୍ରଶସ୍ତ୍ର ।

ରକ୍ତସ୍ରୁ—ରକ୍ତପ୍ରସ୍ରବିଣୀ ।

ଉଲ୍ଲାସ—ଆନନ୍ଦ ।

ମଦ—ଗର୍ବ ।

ମତ୍ସରୀ—ପରଶ୍ରୀକାତର, ହିଂସୁକ ।

ଉତ୍ତରଳ—ଉଚ୍ଛୁଳିତ ।

ଉର୍ମିଠାଟ—ଲହରୀସୈନ୍ୟ ।

ନୀଳାମ୍ବୁସମ୍ରାଟ୍—ଜଳପତି, ବରୁଣ ।

ରୁଦ୍ର—ଶିବ ।

ବଜ୍ରୀ—ଇନ୍ଦ୍ର ।

ଜୀମୂତ—ମେଘ ।

ଦମ୍ଭୋଳି—ବଜ୍ର ।

ଆରବ—ଶବ୍ଦ ।

କରାଳ—ଭୀଷଣ ।

ଦୈତ୍ୟ-ଅଖଣ୍ଡଳ—ଅସୁରେନ୍ଦ୍ର ରକ୍ତବୀଜ ।

କୃପାଣ—ଖଡ୍ଗ ।

କଷାଘାତ—ଚାବୁକ ପ୍ରହାର ।

କନ୍ଦୁକ—ପେଣ୍ଡୁ ।

ତ୍ରିସପ୍ତଭୁବନ—ଚଉଦଭୁବନ ।

ତଳ୍ପ—ଶଯ୍ୟା ।

ଚିଲିକାକୁ ଉଦ୍ଦେଶ କରି ଅନ୍ତ—ଭଙ୍ଗୀ ସମ୍ଭନରେ ଉକ୍ତି ।

ଦୂର-ବିସ୍ତାରିତ—ବହୁଦୂର ପ୍ରସାରିତ ।

ଅସ୍ତମିତ—ବିଲୁପ୍ତ ।

ଉର୍ମ୍ମିମାଳି—ଲହରୀସମୂହ ।

କଙ୍କାଳ—ଅସ୍ଥିମାତ୍ର, ଧ୍ୱଂସାବଶିଷ୍ଟ ମାତ୍ର ।

ଆଲୋଡ଼ନ—ମନ୍ଥନ, ଆଲୋଚନ ।

ସ୍ୱେଳ—ଝଢ ।

ଅଭିଯାନ—ଯୁଦ୍ଧଯାତ୍ରା ।

ପଦାଙ୍କ—ପାଦଚିହ୍ନ ।

ଯକ୍ଷପ୍ରବନ୍ଧ—ଯକ୍ଷର ମାର୍ଗ ।

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକ ସଂଶୋଧିତ ହୋଇ ସୁଲଭମୂଲ୍ୟରେ ବିକ୍ରୟ ହେଉଅଛି । କ୍ରେତାମାନେ ନଗଦ ମୂଲ୍ୟରେ ପୁସ୍ତକ କ୍ରୟ କଲେ ଅଧିକ କମିଶନ ପାଇବେ ।

ମୃଗୁଣୀସ୍ତୁତି	ଟ ୦ ୵୦
ଗଜେନ୍ଦ୍ରତାରଣ	ଟ ୦ ୵୨
ମନବୋଧ ଚଉତିଶା	ଟ ୦ ୵୨
ଭାନୁମତୀ ଚଉତିଶା	ଟ ୦ ୵୦
ଗର୍ଭତ୍ରାଣ ଚଉତିଶା	ଟ ୦ ୵୧
ଦ୍ରୁପଦ ଚୌତିଶା	ଟ ୦ ୵୦
ହନୁମାନ ଚଉତିଶା	ଟ ୦ ୵୨
ବୋଲାହୁଲ ଚଉତିଶା	ଟ ୦ ୵୨
ମଥୁରବଙ୍କେ ଚଉତିଶା	ଟ ୦ ୵୨
ବୈଦେହୀ ଚଉତିଶା	ଟ ୦ ୨
କମଳାକାନ୍ତ ଚଉତିଶା	ଟ ୦ ୵୧
ଲବକ ଚଉତିଶା	ଟ ୦ (୧
ବିଷ୍ଣୁସହସ୍ରନାମ	ଟ ୦ ୵୧
ଗୋପାଳସହସ୍ରନାମ	ଟ ୦ ୵୧
ଅର୍ତ୍ତଧ୍ୱଂସନ	ଟ ୦ ୵୧
ଧ୍ରୁବଚରିତ	ଟ ୦ /
ବୈଷ୍ଣବବନ୍ଦନା	ଟ ୦ ୵୨
ଅଳଙ୍କାରବୋଧ	ଟ ୦ ୵୨
ଶୋଷାବଚା	ଟ ୦ ୵୨
ଲବଣ୍ୟନିଧି	ଟ ୦ ୵୨
ଅବତ୍ରଂଶତବୋଧ	ଟ ୦ ୵୨
କପଟପାଶା	ଟ ୦ ୵୧
ପ୍ରଭାତ ଅବକାଶ	ଟ ୦ ୵୨
କେଶବ କୋଇଲି	ଟ ୦ ୵୨
କାନ୍ତ କୋଇଲି	ଟ ୦ ୵୦
କ୍ଷିରୋଦଧି କୋଇଲି	ଟ ୦ ୵୨
ନବଗ୍ରହସ୍ତୋତ୍ର	ଟ ୦ ୵୨
ନାମସଙ୍କୀର୍ତ୍ତନ ଓ କୃଷ୍ଣଙ୍କ ଅଷ୍ଟୋତ୍ତରଶତନାମ	ଟ ୦ ୵୨
ନହୁଷରଜା ସୁଆଙ୍ଗ	ଟ ୦ /୦
ବାଡପଡନ ସୁଆଙ୍ଗ	ଟ ୦ /୦
ଧନୁର୍ଭଙ୍ଗ ସୁଆଙ୍ଗ	ଟ ୦ /୦
କଂସବଧ ସୁଆଙ୍ଗ	ଟ ୦ /୦
ପ୍ରହ୍ଲାଦଚରିତ ସୁଆଙ୍ଗ	ଟ ୦ /୨
ଚନ୍ଦ୍ରାବଳୀ ହରଣ	ଟ ୦ /୨
ସୁରଣମଙ୍ଗଳ	ଟ ୦ ৶
ସଚିତ୍ର ଗୀତଗୋବିନ୍ଦ	ଟ ୦ ।
ମଥୁରାମଙ୍ଗଳ	ଟ ୦ ।/
କଶୋରଚନ୍ଦ୍ରାନନ୍ଦଚମ୍ପୂ	ଟ ୦ /୨
ନାବକେଳି	ଟ ୦ ୵୨
ଗୁଣସାଗର	ଟ ୦ ৶
ଲକ୍ଷ୍ମୀପୁରାଣ	ଟ ୦ /୨

ଶ୍ରୀ ସୀତାନାଥ ସିଂହ,

ସତ୍ୟପ୍ରେସ, କଟକ ।